

କେଶ ଦାନ ଓ ୨୫ ଇ-ବସ୍ ଦାନ କଲେ ଅନନ୍ତ

ପୃଷ୍ଠା ୫

ସଂଚାର
THE SANCHAR
Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17
Vol. 34 | ISSUE 98 ଭାଗ ୩୪ | ସଂଖ୍ୟା ୯୮ | Monday 29 June 2026 | Page 8 Rs. 5.00 | ● ଭୁବନେଶ୍ୱର ସୋମବାର, ୨୯ ଜୁନ୍ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

# 'ଗାର୍ଡିଆନ୍ ଅଫ୍ ଦି ବ୍ଲୁ ହରାଇଜନ୍'

**ମୋଦିଙ୍କୁ ସିସେଲ୍ସର ସର୍ବୋଚ୍ଚ ସମ୍ମାନ**

**ଏକାଧିକ ଏମ୍ଓୟୁ ସ୍ୱାକ୍ଷରିତ**

**ଭିକ୍ଟୋରିଆ,୨୮।୬:** ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସିସେଲ୍ସ ସରକାରଙ୍କ ପକ୍ଷରୁ ଦେଶର ସର୍ବୋଚ୍ଚ ସମ୍ମାନ 'ଗାର୍ଡ଼ିଆନ୍ ଅଫ୍ ଦି ବ୍ଲୁ ହରାଇଜନ୍'ରେ ସମ୍ମାନିତ କରାଯାଇଛି। ସିସେଲ୍ସ ପକ୍ଷରୁ ଏହି ପୁରସ୍କାର ପରିବେଶ ସଂରକ୍ଷଣ ଓ ସ୍ଥାୟୀ ବିକାଶ ଲାଗି କାର୍ଯ୍ୟରତ ବିଦେଶ ମୁଖ୍ୟଙ୍କୁ ପ୍ରଦାନ କରାଯାଇଥାଏ। ପ୍ରଧାନମନ୍ତ୍ରୀ ଏହି ପୁରସ୍କାର ଗ୍ରହଣ କରିବା ସହିତ ବୈଶ୍ୱିକ ସହଯୋଗ, ପରିବେଶ ସୁରକ୍ଷା ପାଇଁ ପ୍ରତିବଦ୍ଧ ତଥା ଜଳବାୟୁ ପରିବର୍ତ୍ତନ ବିରୁଦ୍ଧରେ ଲଢ଼େଇ କରୁଥିବା ଦେଶଗୁଡ଼ିକୁ ଏହାକୁ ଉତ୍ସର୍ଗ କରିଛନ୍ତି। ସମ୍ମାନୀତ ହେବା ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ସମ୍ମାନଜନକ 'ଗାଡ଼ିଆନ୍ ଅଫ୍ ଦି ବ୍ଲୁ ହରାଇଜନ' ଟାଇଟଲ୍



ଲାଭ କରିବା ମୋ ପାଇଁ ତଥା ୧୪୭ କୋଟି ଭାରତୀୟଙ୍କ ପାଇଁ ଖୁସୀ ଓ ଗର୍ବର ବିଷୟ। ମୁଁ ଏହାକୁ ବିନମ୍ରତାର ସହ ଗ୍ରହଣ କରୁଛି। ଏଥିସହିତ ଯେଉଁମାନେ ପରବର୍ତ୍ତୀ ପିଢ଼ି ଲାଗି ଜଳବାୟୁ ପରିବର୍ତ୍ତନ ବିରୁଦ୍ଧରେ ଲଢ଼େଇ କରୁଛନ୍ତି ତଥା ପରିବେଶ ସୁରକ୍ଷା କାର୍ଯ୍ୟରେ ଲାଗିଛନ୍ତି ସେମାନଙ୍କ ଉଦ୍ଦେଶ୍ୟରେ ➪ପୃଷ୍ଠା-୬

# ଆଜି ପବିତ୍ର ସ୍ନାନଯାତ୍ରା | ହାତୀବେଶରେ ଦର୍ଶନ ଦେବେ ଶ୍ରୀଜିଉ

- ଚାତକ ଭଳି ଚାହିଁ ରହିଛନ୍ତି ଜଗନ୍ନାଥପ୍ରେମୀ
- ଧାର୍ଯ୍ୟ ସମୟରେ ରୀତିନୀତି ପାଳନକୁ ଗୁରୁତ୍ୱ
- ଭକ୍ତଙ୍କ ପାଇଁ ପୁଲିସ୍‌ର ଗାଇଡଲାଇନ ଜାରି
- ୭୯ ପ୍ଲାଟୁନ୍ ପୁଲିସ୍ ବଳ ମୁତୟନ



**ପୁରୀ,୨୮।୬(ସଂଚାର ବ୍ୟୁରୋ):** ଆସନ୍ତାକାଲି ପବିତ୍ର ସ୍ନାନପୂର୍ଣ୍ଣିମା। ଏହି ପୂର୍ଣ୍ଣିମାରେ ହାତୀ ବେଶରେ ଦର୍ଶନ ଦେବେ ଶ୍ରୀଜିଉ। ମହାପ୍ରଭୁଙ୍କୁ ହାତୀ ବେଶରେ ଦର୍ଶନ ପାଇଁ ଧାଇଁ ଆସିଥାନ୍ତି ଶ୍ରଦ୍ଧାଳୁ। ଏଥିପାଇଁ ସମସ୍ତ ପ୍ରସ୍ତୁତ କରିଥାନ୍ତି ପୁରୀର ରାଘବଦାସ ମଠ ଓ ଗୋପାଳତୀର୍ଥ ମଠ। ବହୁ ପୁରାତନ କାଳରୁ ଚାଲିଆସୁଥିବା ଏହି ପରମ୍ପରାକୁ ମଠ ପକ୍ଷରୁ ବଜାୟ ରହିଛି। ସେଥିପାଇଁ ହାତୀବେଶର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଧାର୍ଯ୍ୟ ସମୟରେ ସମସ୍ତ ନୀତି ଅର୍ଥାତ୍ ପହଣ୍ଡି, ଛେରା ପହଁରା ଓ ହାତୀବେଶ ନୀତି ସମ୍ପାଦନ ସକାଶେ ସମସ୍ତ ପ୍ରକାର ପ୍ରସ୍ତୁତି ସରିଛି। ଛତିଶା ନିଯୋଗ, ନୀତି ସବ୍‌କମିଟି ଓ ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି (ଏସ୍‌ଜେଟିଏମ୍‌ସି) ଧାର୍ଯ୍ୟ ସମୟରେ ସମସ୍ତ ନୀତିକାନ୍ତି ସମ୍ପନ୍ନ ଉପରେ ଗୁରୁତ୍ୱ ଦେଇଛନ୍ତି। ନୀତି ସମ୍ପନ୍ନ ସକାଶେ ଏସ୍‌ଓପି ଜାରି କରାଯାଇଛି ବୋଲି ଏସ୍‌ଜେଟିଏ ମୁଖ୍ୟ ପ୍ରଶାସନ ଅରବିନ୍ଦ ପାଢ଼ୀ କହିଛନ୍ତି। ତାଙ୍କ କହିବାନୁସାରେ, ସ୍ନାନ ପୂର୍ଣ୍ଣିମା ଅବସରରେ ଭକ୍ତମାନେ ମନ୍ଦିର ଭିତରେ ସିଂହଦ୍ୱାର ଦେଇ ପ୍ରବେଶ କରିବେ ଓ ଅନ୍ୟ ତିନି ଦ୍ୱାର ଦେଇ ପ୍ରସ୍ଥାନ କରିବେ। ସେହିପରି ଯେଉଁ ଭକ୍ତଙ୍କ ପାଖରେ ପହଣ୍ଡି ଟିକେଟ୍ ଥିବ, ସେମାନେ ଦକ୍ଷିଣ ଦ୍ୱାର ଦେଇ ସକାଳେ ପ୍ରବେଶ କରିବେ।

ସ୍ନାନ ମଣ୍ଡପରେ ସୁବାସିତ ଜଳରେ ସ୍ନାନ କରିବା ପରେ ହାତୀବେଶ ବା ଗଜାନନ ବେଶରେ ଦର୍ଶନ ଦେବେ ମହାପ୍ରଭୁ। ସ୍ନାନ ବେଦୀରେ ମହାପ୍ରଭୁଙ୍କ ଏହି ଦିବ୍ୟ ବେଶ ଦର୍ଶନ ପାଇଁ ଚାତକ ଭଳି ଚାହିଁ ରହିଛନ୍ତି କୋଟି କୋଟି ଜଗନ୍ନାଥପ୍ରେମୀ। ବେଶ ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ➪ପୃଷ୍ଠା-୬

# ଆମେରିକା ଉପରେ ଇରାନର ଜବାବୀ ହମ୍‌ଲା



- ଆମେରିକୀୟ ବେସ୍‌ରେ ମିସାଇଲ ମାଡ଼
- ୩୦ ଦିନ ହର୍ମୁଜରେ ଇରାନ୍‌ର ନିୟନ୍ତ୍ରଣ
- ବିଶ୍ୱ ମ୍ୟାପରୁ ହଜିଯିବ ଇରାନ:ଟ୍ରମ୍ପ୍

**ତେହରାନ/ୱାଶିଂଟନ୍,୨୮।୬:** ଷ୍ଟ୍ରେଟ୍ ଅଫ୍ ହର୍ମୁଜକୁ ନେଇ ଇରାନ୍ ଓ ଆମେରିକା ମଧ୍ୟରେ ତିକ୍ତତା ରବିବାର ଆକାଶଛୁଆଁ ହୋଇଛି। ଶନିବାର ଷ୍ଟ୍ରେଟ୍ ଅଫ୍ ହର୍ମୁଜରେ ପାନାମା ପତାକାଧାରୀ ଏକ କାର୍ଗୋସିପ୍‌କୁ ଇରାନ ଟାର୍ଗେଟ୍ କରିବା ଘଟଣାକୁ ନେଇ ଆମେରିକା ଇରାନ୍ ଉପରେ ଆକ୍ରମଣ କରିଛି। ବାଣିଜ୍ୟିକ ଜାହାଜ ଚଳାଚଳ ବିରୋଧରେ ଇରାନ୍‌ର ନିୟମିତ ଆକ୍ରମଣକୁ ପ୍ରତିବାଦ କରି ଆମେରିକା ବାୟୁସେନା ଇରାନର ଅତିକମ୍‌ରେ ୫ଟି ଟାର୍ଗେଟ୍ ଉପରେ ବୋମାମାଡ଼ କରିଥିବା ଆମେରିକା ସେଣ୍ଟ୍ରାଲ୍ କମାଣ୍ଡ (ସେଣ୍ଟକମ୍) ସୂଚନା ଦେଇଛି।

ଜବାବରେ ଇରାନ କୁଏତ୍ ଓ ବାହାରିନ୍ ଆଦି ଦେଶରେ ଥିବା ଆମେରିକାର ସାମରିକ ଭିତ୍ତିଭୂମି ଉପରେ ମିସାଇଲ୍ ଓ ଡ୍ରୋନ୍ ଆକ୍ରମଣ କରିଛି। କୁଏତରେ ଥିବା ଆମେରିକାର ଅଲି ଅଲ ସାଲେମ୍ ବାୟୁସେନା ଘାଟି ଏବଂ ବାହାରିନର ପୋର୍ଟ ସଲମାନରେ ଥିବା ଆମେରିକାର ପଞ୍ଚମ ନୌସେନା କ୍ଷେତ୍ର ଉପରେ ରବିବାର ବାଲିଷ୍ଟିକ୍ ମିସାଇଲ୍ ଓ ଡ୍ରୋନ୍ ମାଡ଼ କରିଛି ବୋଲି ଇରାନର ଇସଲାମିକ୍ ରିଭଲ୍ୟୁସନାରି ଗାର୍ଡ କର୍ପସ ସ୍ପଷ୍ଟ କରିଛି। ଉଭୟ କୁଏତ ଓ ବାହାରିନ ପକ୍ଷରୁ ଇରାନର ଆକ୍ରମଣକୁ ନିନ୍ଦା କରାଯିବା ସହ ଏହା ଆଞ୍ଚଳିକ ସ୍ଥିରତା ତଥା ଉତ୍ତେଜନା ପ୍ରଶମନର ପରିପନ୍ଥୀ ବୋଲି କୁହାଯାଇଛି। ସଦ୍ୟତମ ତଥ୍ୟ ଅନୁଯାୟୀ, ଆଜି ଦ୍ୱିତୀୟ ଦିନରେ ବି ଆମେରିକା ଇରାନର କ୍ୱେଶମ ଦ୍ୱୀପ ସମେତ ସିରିକ ଓ ବନ୍ଦର-ଏ-ଲେଙ୍ଗେର ବିଭିନ୍ନ ସହର ଉପରେ ବୋମା ମାଡ଼ ଜାରି ରଖିଛି। ଏହାମଧ୍ୟରେ ହର୍ମୁଜ ଉପରେ ହସ୍ତକ୍ଷେପ ନକରିବାକୁ ଇରାନ୍ ଆମେରିକାକୁ ଚେତାଇ ଦେଇଛି। ଇରାନର ବୈଦେଶିକ ମନ୍ତ୍ରୀ ଆବ୍ବାସ ଆରାଘଚି ଏକ ବିବୃତ୍ତିରେ କହିଛନ୍ତି ଯେ, ଆଗାମୀ ୩୦ ଦିନ ହର୍ମୁଜ ଜଳପଥ ସମ୍ପୂର୍ଣ୍ଣ ଇରାନର ନିୟନ୍ତ୍ରଣରେ ରହିବ। ଆଉ ଏହି ସମୟ ମଧ୍ୟରେ ଆମେରିକାର କୌଣସି ବି ଆକ୍ରମଣ ବର୍ତ୍ତମାନର ସଂକଟଜନକ ସ୍ଥିତିକୁ ଆହୁରି ଖରାପ କରିବ। ଅପରପକ୍ଷରେ, ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଇରାନକୁ ଚେତାବନୀ ଦେଇ କହିଛନ୍ତି ଯେ, ଇରାନ ଯଦି ନିଜକୁ ସଂଯତ ନକରେ ତା'ହେଲେ ଏହା ଆଗାମୀ ଦିନରେ ଆହୁରି ଭୟଙ୍କର ଆକ୍ରମଣକୁ ସାମ୍ନା କରିବ। ଆବଶ୍ୟକ ହେଲେ ଇରାନ୍ ବିଶ୍ୱମ୍ୟାପରୁ ହଜିଯିବ ବୋଲି ଟ୍ରମ୍ପ୍ କହିଛନ୍ତି।

## 'ମନ୍ କୀ ବାତ୍' ଶୁଣିଲେ କେନ୍ଦ୍ରମନ୍ତ୍ରୀ

# ସମାଜରେ ସକାରାତ୍ମକ ପରିବର୍ତ୍ତନର ଜନଆନ୍ଦୋଳନ



**ଭୁବନେଶ୍ୱର,୨୮।୬(ସଂଚାର ବ୍ୟୁରୋ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି କେନ୍ଦ୍ରାପଡ଼ାରେ ସାମାଜିକ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ଗାଡ଼ିରେ ଯାଉଥିବା ସମୟରେ ମୋବାଇଲ୍ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାସିକିଆ ରେଡିଓ କାର୍ଯ୍ୟକ୍ରମ 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ଶୁଣିଛନ୍ତି। ଏନେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ଆଜିର କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଯୋଗ, ପରିବେଶ ସୁରକ୍ଷା ପାଇଁ ଜନଭାଗିଦାରୀ, ନାଳନ୍ଦା ବିଶ୍ୱବିଦ୍ୟାଳୟର ପ୍ରାଚୀନ ଜ୍ଞାନ ପରମ୍ପରା, ମହିଳାମାନଙ୍କ ଦ୍ୱାରା ପ୍ଲାଷ୍ଟିକ୍ ବର୍ଜ୍ୟରୁ 'ଇକୋ-ବ୍ରିକ୍ସ' ନିର୍ମାଣ ଓ ଗଣେଶ ଉତ୍ସବ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ପ୍ରେରଣାଦାୟୀ ବିଚାର ଉପରେ ଆଲୋଚନା କରିଛନ୍ତି। 'ମନ୍ କୀ ବାତ୍' ଆଜି କେବଳ ଏକ ରେଡ଼ିଓ କାର୍ଯ୍ୟକ୍ରମ ହୋଇ ରହିନାହିଁ, ବରଂ ଏକ ସଶକ୍ତ ଜନଆନ୍ଦୋଳନର ରୂପ ନେଇଛି, ଯାହା ସମାଜରେ ସକାରାତ୍ମକ ପରିବର୍ତ୍ତନ ପାଇଁ ପ୍ରତ୍ୟେକ ନାଗରିକଙ୍କୁ ପ୍ରେରିତ କରୁଛି। ପ୍ରଧାନମନ୍ତ୍ରୀଙ୍କ ଏହି ବାର୍ତ୍ତା ଆମ ସମସ୍ତଙ୍କୁ ମିଳିମିଶି 'ବିକଶିତ ଓଡ଼ିଶା' ଓ 'ବିକଶିତ ଭାରତ'ର ସଂକଳ୍ପ ସିଦ୍ଧି ପାଇଁ କାର୍ଯ୍ୟ କରିବାକୁ ଏକ ନୂଆ ଶକ୍ତି ପ୍ରଦାନ କରିଛି। ➪ପୃଷ୍ଠା-୬

## ମାଲକାନଗିରି ପୁଲିସକୁ ଆଉ ଏକ ସଫଳତା

# ବିପୁଳ ପରିମାଣର ମାଓ ଅସ୍ତ୍ରଶସ୍ତ୍ର ଜବତ

**ମାଲକାନଗିରି,୨୮।୬(ସଂଚାର ବ୍ୟୁରୋ):** ମାଲକାନଗିରି ଜିଲ୍ଲା ପୁଲିସକୁ ଆଜି ମିଳିଛି ଆଉ ଏକ ସଫଳତା। ମାଓବାଦୀଙ୍କ ଡମ୍ପ୍ ଠାବ କରିବା ସହ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। ଆଜି ସକାଳୁ ଡିବିଏଫ୍ ଯବାନମାନେ କାଲିମେଲା ଥାନା ଅନ୍ତର୍ଗତ ଗୁଣ୍ଠାବେଡ଼ା ଓ କଦମଗୁଡ଼ା ନିକଟସ୍ଥ ଜଙ୍ଗଲରେ ସର୍ଚ୍ଚ ଅପରେଶନ କରୁଥିବା ସମୟରେ ଓଡ଼ିଶା-ଆନ୍ଧ୍ର ସୀମାନ୍ତ ଆଲୁରି ସୀତାରାମାରାଜୁ ଜିଲ୍ଲାର ମୋଡୁଗୁଡେମ ଓ ଡଙ୍କରାଇ ଥାନାଞ୍ଚଳରେ ଏକ ଡମ୍ପ ଠାବ



କରିଥିଲେ। ଉକ୍ତ ଡମ୍ପରୁ ପୁଲିସ୍ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରିଛନ୍ତି।

ଏ ସମ୍ବନ୍ଧରେ ମାଲକାନଗିରି ଏସ୍‌ପି ବିନୋଦ ପାଟିଲ ଏକ ସାମ୍ବାଦିକ ସମ୍ମିଳନୀରେ ଦେଇଥିବା ତଥ୍ୟ ଅନୁଯାୟୀ, କାଲିମେଲା ଥାନା ଅନ୍ତର୍ଗତ ଗୁଣ୍ଠାବେଡ଼ା ଓ କଦମଗୁଡ଼ା ଜଙ୍ଗଲରେ ଡିବିଏଫ୍ ଯବାନମାନେ ସର୍ଚ୍ଚ ଅପରେଶନ କରୁଥିବା ସମୟରେ ଆନ୍ଧ୍ର-ଓଡ଼ିଶା ସୀମାନ୍ତ ଆଲୁରି ସୀତାରାମାରାଜୁ ଜିଲ୍ଲାର ମୋଡୁଗୁଡେମ ଓ ଡଙ୍କରାଇ ଥାନାଞ୍ଚଳରୁ ମାଓବାଦୀ ଡମ୍ପ ଜବତ କରିଛନ୍ତି। ଏହି ଡମ୍ପରୁ ଦୁଇଟି ଏସ୍‌ଏଲ୍‌ଆର୍, ଦୁଇଟି ପିସ୍ତଲ, ଗୋଟିଏ ୩୦୩ ବ୍ୟାରେଲ, ଦୁଇଟି ଆଇଇଡି, ଗୋଟିଏ କ୍ଲେମର ମାଇନ୍, ୪ଟି ବିଜିଏଲ ➪ପୃଷ୍ଠା-୬

## ତାମିଲନାଡୁ ଗ୍ୟାସ୍ ଟ୍ରାଜେଡି

# ମୃତ୍ୟୁସଂଖ୍ୟା ୧୩କୁ ବୃଦ୍ଧି



- ଆଖି ବୁଜିଲେ ଆଉ ଜଣେ ଜୁଆଙ୍ଗ ଯୁବତୀ
- ୬୬ ଜଣଙ୍କୁ ଫେରାଇ ଆଣିଛନ୍ତି ସରକାର

**ତେଲକୋଇ,୨୮।୬(ସଂଚାର ବ୍ୟୁରୋ):** ତାମିଲନାଡୁ ଆମୋନିଆ ଗ୍ୟାସ ଲିକ ଟ୍ରାଜେଡିରେ କେନ୍ଦୁଝର ଜିଲ୍ଲାର ଆଉ ଜଣେ ଜୁଆଙ୍ଗ ଯୁବତୀଙ୍କ ମୃତ୍ୟୁ ଘଟିଛି। ଏଥିସହ ଏହି ଅଘଟଣଜନିତ ମୃତ୍ୟୁସଂଖ୍ୟା ୧୩କୁ ବୃଦ୍ଧି ପାଇଛି। ଚିକିତ୍ସାଧୀନ ଅବସ୍ଥାରେ ଆଜି ଆଖି ବୁଜିଛନ୍ତି ଅନ୍ଧାରି ସାହିର ଜୁଆଙ୍ଗ ଯୁବତୀ ବୁଧୁବାରୀ ନାଏକ। ଶନିବାର ବିଳମ୍ବିତ ରାତିରେ ଗାଁରେ ପହଞ୍ଚିଛି ତାଙ୍କ ମରଶରୀର। ପୂର୍ବ ୧୨ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ରବିବାର ବୁଧୁବାରୀଙ୍କର ମୃତ୍ୟୁ ହୋଇଛି।

ଏଥିସହ ଏହି ଭୟାବହ ଘଟଣା ପରେ ସେଠାରେ କାମ କରୁଥିବା ଓଡ଼ିଶାର ୬୬ ଜଣଙ୍କୁ ରାଜ୍ୟ ସରକାର ସୁରକ୍ଷିତ ଭାବେ ରାଜ୍ୟକୁ ଫେରାଇ ଆଣିଛନ୍ତି। ଏହି ଶ୍ରମିକମାନଙ୍କୁ ନେଇ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି। ହରିଚନ୍ଦପୁର ଥାନାଞ୍ଚଳର ଜଣେ ମହିଳା ଦଲାଲ ଓ କାଳିଆହୋତା ଗ୍ରାମର ଶ୍ରୀକାନ୍ତ ଜୁଆଙ୍ଗ ସେମାନଙ୍କୁ ଆର୍ଥିକ ପ୍ରଲୋଭନ ଦେଇ ତାମିଲନାଡୁସ୍ଥିତ ସି-ଫୁଡ୍ କମ୍ପାନୀ ଚିଙ୍ଗୁଡ଼ି ଫ୍ୟାକ୍ଟ୍ରିକୁ କାର୍ଯ୍ୟ କରିବାକୁ ନେଇଥିଲେ। ତାମିଲନାଡୁ ପୁଲିସ ଦ୍ୱାରା ଶ୍ରୀକାନ୍ତ ଅଟକ ରହିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ କେନ୍ଦୁଝର ଜିଲ୍ଲାର ତେଲକୋଇ, ➪ପୃଷ୍ଠା-୬

## ● ଆଇସିସି ମହିଳା ଟି-୨୦ ବିଶ୍ୱକପ୍

# ବିଦା ହେଲା ଭାରତ

**ଲର୍ଡ୍ସ,୨୮।୬:** ଚଳିତ ଆଇସିସି ମହିଳା ଟି-୨୦ ବିଶ୍ୱକପ୍‌ରେ ଭାରତ ଲିଗ୍ ପର୍ଯ୍ୟାୟରୁ ବିଦାୟ ନେଇଛି। ଅନ୍ତିମ ଲିଗ୍ ମ୍ୟାଚ୍‌ରେ ଭାରତ ପାଇଁ ବିଜୟ ଆବଶ୍ୟକ ଥିଲା। କିନ୍ତୁ ଦଳ ଅଷ୍ଟ୍ରେଲିଆଠାରୁ ୬ ୱିକେଟ୍‌ରେ ପରାସ୍ତ ହେବା ଫଳରେ ଦକ୍ଷିଣ ଆଫ୍ରିକା ଗ୍ରୁପ୍-ଏ'ରୁ ଦ୍ୱିତୀୟ ଦଳ ଭାବେ ସେମିରେ ପ୍ରବେଶ କରିଛି। ଏହି ଗ୍ରୁପ୍‌ରେ ଅପରାଜେୟ ରହି ଅଷ୍ଟ୍ରେଲିଆ ବି ସେମିରେ ପ୍ରବେଶ କରିଛି। ଆସନ୍ତା ୩୦ରୁ ସେମି ପର୍ଯ୍ୟାୟ ଆରମ୍ଭ ହେଉଥିବା ବେଳେ ପ୍ରଥମ ସେମିରେ ଅଷ୍ଟ୍ରେଲିଆ ୱେଷ୍ଟଇଣ୍ଡିଜ୍‌କୁ ଏବଂ ଆସନ୍ତା ୨ରେ ଇଂଲଣ୍ଡ ଦକ୍ଷିଣ ଆଫ୍ରିକାକୁ ଭେଟିବ।ପ୍ରଥମେ ବ୍ୟାଟିଂ କରି ଭାରତ ୪ ୱିକେଟ୍‌ରେ ୧୭୦ ରନ୍ କରିଥିଲା। ଦଳ ପକ୍ଷରୁ ଅଧିନାୟିକା ହରମନପ୍ରୀତ୍ କୌର୍ ମାତ୍ର ୨୭ ବଲ୍‌ରେ ୬ଟି ଚୌକା ଓ ୩ଟି ଛକା ସହ ୫୬ ରନ୍ କରିଥିଲେ। ଏହାଛଡ଼ା ଉପଅଧିନାୟିକା ସ୍ମୃତି ମନ୍ଧାନା ୩୮, ଶେଫାଲୀ ବର୍ମା ଓ ଜେମିମା ରଡରିଗ୍ସ ୩୪ ରନ୍ ଲେଖାଏଁ କରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଅଧିନାୟିକା ସୋଫି ମୋଲିନିକ୍ସ ୨ଟି ୱିକେଟ୍ ନେଇଥିଲେ। ବ୍ୟାଟିଂରେ ଦଳ ୧୯ତମ ଓଭରର ଅନ୍ତିମ ବଲ୍‌ରେ ଚୌକା ଜରିଆରେ ୪ ୱିକେଟ୍ ବିନିମୟରେ ୧୭୨ ରନ୍ କରି ସହଜ ବିଜୟ ହାସଲ କରିଥିଲା। ଦଳ ପକ୍ଷରୁ ଏଲିସ ପେରୀ ସର୍ବାଧିକ ୫୬ ରନ୍ କରିଥିବା ବେଳେ ଆଶ୍‌ଲି ଗାର୍ଡନର୍ ୩ଟି ଲେଖାଏଁ ଚୌକା ଓ ଛକା ଜରିଆରେ ୫୩ ରନ୍‌ରେ ଅପରାଜିତ ଥିଲେ। ଭାରତ ପକ୍ଷରୁ ଶ୍ରୀ ଚରନୀ ୨ଟି ୱିକେଟ୍ ନେଇଥିଲେ।

# ୧,୪୩୦କୁ ବଢ଼ିଲା ମୃତ୍ୟୁସଂଖ୍ୟା

**କାରାକାସ,୨୮।୬:** ରବିବାର ସୁଦ୍ଧା ଭେନେଜୁଏଲାରେ ଭୂକମ୍ପଜନିତ ମୃତ୍ୟୁସଂଖ୍ୟା ୧,୪୩୦ ରେ ପହଞ୍ଚିଛି। ୬୮,୯୦୦ ଲୋକ ନିଖୋଜ ଥିବା ସେମାନଙ୍କର ପରିବାର ଜଣାଇଛନ୍ତି। ଉଦ୍ଧାର କାର୍ଯ୍ୟ ଜରୁରିକାଳିନ ଭିତ୍ତିରେ ଜାରି ରହିଥିବା ବେଳେ ଆଗାମୀ ୪୮ରୁ ୭୨ ଘଣ୍ଟା ମାଟିତଳେ ଥିବା ଜୀବିତ ଲୋକଙ୍କ ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ ବୋଲି ସହାୟକ ସଂସ୍ଥାଗୁଡ଼ିକ କହିଛନ୍ତି। ତେବେ ଯଦି ମାଟିତଳେ ଥିବା ଲୋକଙ୍କ ନିକଟରେ ଖାଦ୍ୟ ଓ ପାଣି, ବିଶେଷ କରି ପାଣି ମହଜୁଦ ଥିବ ତା'ହେଲେ ହୁଏତ ସେମାନଙ୍କୁ ଉଦ୍ଧାର କରିବା ସମ୍ଭବ ହୋଇପାରେ ବୋଲି ସେମାନେ କହିଛନ୍ତି। ସୂଚନାଯୋଗ୍ୟ ଯେ, ଭୂକମ୍ପକୁ ଇତିମଧ୍ୟରେ ୭୨ ଘଣ୍ଟା ବିତିସାରିଛି। ପାଖାପାଖି ୭ ଲକ୍ଷ ଶିଶୁ ଭୂକମ୍ପରେ ପ୍ରଭାବିତ ହୋଇଥିବା ବେଳେ ସେମାନଙ୍କ ଲାଗି ତୁରନ୍ତ ମାନବିକ ସହାୟତା ଆବଶ୍ୟକ ବୋଲି ୟୁନିସେଫ୍ ସୂଚନା ଦେଇଛି।

# ଦେଶକୁ ଫେରିବେ ଶେଖ୍ ହାସିନା

**ନୂଆଦିଲ୍ଲୀ, ୨୮।୬:** ବାଂଲାଦେଶର ବିତାଡ଼ିତ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ଚଳିତ ବର୍ଷ ସ୍ୱଦେଶ ଫେରିବେ ବୋଲି ଘୋଷଣା କରିଛନ୍ତି। ଦେଶର ଏକ ଘରୋଇ ଟ୍ରିବ୍ୟୁନାଲ ତାଙ୍କର ମୃତ୍ୟୁଦଣ୍ଡ ଘୋଷଣା କରିଥିଲେ ମଧ୍ୟ ଭାରତରେ ଶରଣାର୍ଥୀ ଭାବେ ଆଶ୍ରୟ ନେଇଥିବା ଆୱାମି ଲିଗ୍‌ର ଏହି ନେତ୍ରୀ ଦେଶକୁ ଫେରିବା ଲାଗି ଯୋଜନା କରୁଥିବା ଏନଡିଟିଭିକୁ ସାକ୍ଷାତକାର ଦେଇ କହିଛନ୍ତି। ସେ କହିଛନ୍ତି ଯେ, ମୁଁ ମୃତ୍ୟୁକୁ ଡରେନା। ୧୯୭୫ରେ ମୁଁ ମୋର ସମଗ୍ର ପରିବାରକୁ ହରାଇ ସାରିଛି। ଅଗଷ୍ଟରେ ମତେ ହତ୍ୟା କରିବାକୁ ଯୋଜନା ହୋଇଥିଲା। ସବୁ ଭୟ ସବୁ ସମ୍ଭାବନାକୁ ଦୂର କରି ମୁଁ ଚଳିତ ବର୍ଷ ମୋ ଦେଶକୁ ଫେରିବି ବୋଲି ହାସିନା ଦୃଢ଼ତାର ସହ କହିଛନ୍ତି।

# ପାଠ୍ୟପୁସ୍ତକରେ ତ୍ରୁଟି ପଛରେ ଷଡ଼ଯନ୍ତ୍ର: ମନୋଜ କିଙ୍ଗପିନ୍!



**ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ ୧୫ ବିଧାୟକ**

**ଭୁବନେଶ୍ୱର,୨୮।୬(ସଂଚାର ବ୍ୟୁରୋ):** ପ୍ରଥମରୁ ଅଷ୍ଟମ ଶ୍ରେଣୀର ନୂତନ ପାଠ୍ୟପୁସ୍ତକରେ ୨ ହଜାରରୁ ଊର୍ଦ୍ଧ୍ୱ ତ୍ରୁଟି ରହିଥିବା ବେଳେ ଏହାକୁ ନେଇ ସରକାର ପ୍ରବଳ ସମାଲୋଚନାର ଶିକାର ହେଉଛନ୍ତି। ଏହି ଘଟଣାର ତଦନ୍ତ ସକାଶେ ମୁଖ୍ୟମନ୍ତ୍ରୀ ଉନ୍ନୟନ କମିଶନର୍‌ଙ୍କ ନେତୃତ୍ୱରେ ଏକ ତିନିଜଣିଆ କମିଟି ଗଠନ କରିଥିଲେ ଓ ଉକ୍ତ କମିଟିର ସୁପାରିସ୍ କ୍ରମେ ୪ ଜଣ ବରିଷ୍ଠ ଅଧିକାରୀଙ୍କୁ ନିଲମ୍ବନ କରିଛନ୍ତି। ସେମାନଙ୍କ ମଧ୍ୟରେ ରାଜ୍ୟ ଶିକ୍ଷା ନିର୍ଦ୍ଦେଶାଳୟ ଓ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ଟିଇଆଣ୍ଡ୍‌ଏସ୍‌ସିଇଆର୍‌ଟି)ର ତତ୍କାଳୀନ ନିର୍ଦ୍ଦେଶକ ମନୋଜ ପାଢ଼ୀ ମଧ୍ୟ ଅଛନ୍ତି। ସରକାରଙ୍କୁ ବଦନାମ କରିବା ସକାଶେ ପାଠ୍ୟପୁସ୍ତକରେ ଜାଣିଶୁଣି ହଜାର ହଜାର ଭୁଲ୍ କରାଯାଇଛି ବୋଲି ଚର୍ଚ୍ଚା ହେଉଥିବା ବେଳେ ଏଥିରେ ମନୋଜ କିଙ୍ଗପିନ୍ ବୋଲି ଚର୍ଚ୍ଚା ହେଉଛି। କାରଣ ମନୋଜ ନିଲମ୍ବିତ ହେବା ପରେ ତାଙ୍କର ଗୋଟିଏ ପରେ ଗୋଟିଏ କଳାକାରନାମା ପଦାକୁ ଆସିବାରେ ଲାଗିଛି। ସେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟପୁସ୍ତକ ଛପାରେ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ। ତାଙ୍କ ଅବହେଳା ପାଇଁ ଜାତୀୟ ଶିକ୍ଷା ନୀତି-୨୦୨୦ ଆଧାରରେ ପାଠ୍ୟପୁସ୍ତକରେ ମାଳ ମାଳ ତ୍ରୁଟି ଆଜି ରାଜ୍ୟ ସରକାର ଓ ଓଡ଼ିଶାର ଶିକ୍ଷା ବ୍ୟବସ୍ଥାକୁ ଜାତୀୟ ସ୍ତରରେ ନିନ୍ଦିତ କରିଛି। କିନ୍ତୁ ଏଭଳି ଜଣେ ବଦନାମ ଅଧିକାରୀଙ୍କ ବିରୋଧରେ ସରକାର ଆଗରୁ କାହିଁକି କାର୍ଯ୍ୟାନୁଷ୍ଠାନ ନେଇନଥିଲେ, ସେନେଇ ଏବେ ପ୍ରଶ୍ନ ଉଠିଛି। କାରଣ ମନୋଜଙ୍କ ବିରୋଧରେ ବିଭିନ୍ନ ଅଭିଯୋଗ ଏବର ନୁହେଁ, ବରଂ ଦୁଇ ବର୍ଷ ତଳୁ ତାଙ୍କ ବିରୋଧରେ ମାଳ ମାଳ ଅଭିଯୋଗ ରହିଛି। ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ପାଖରେ ୧୫ ଜଣ ବିଧାୟକ ଓ ଜଣେ ସାଂସଦ ତାଙ୍କ ବିରୋଧରେ ସାଂଘାତିକ ➪ପୃଷ୍ଠା-୬

# ବଜ୍ରାଘାତରେ ମା'-ଝିଅ ମୃତ

**କୋଳି ତୋଳିବାକୁ ଯାଇଥିବା ବେଳେ ଅଘଟଣ**

**ଉମରକୋଟ,୨୮।୬(ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକରେ ଘଟିଛି ଏକ ଦୁଃଖଦ ଘଟଣା। କୋଳି ତୋଳିବାକୁ ଯାଇ ମା'-ଝିଅଙ୍କର ଜୀବନ ଚାଲିଯାଇଛି। ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକ ଅନ୍ତର୍ଗତ ମୁଣ୍ଡିବେଡ଼ା ପଞ୍ଚାୟତର ନିନାଶପାଣି ଗ୍ରାମର ଦୟମନ୍ତୀ ମୁଦୁଲି (୪୫) ଓ ତାଙ୍କ ଝିଅ ଚମ୍ପା (୨୨) ବଜ୍ରାଘାତରେ ମୃତ୍ୟୁବରଣ କରିଛନ୍ତି। ମିଳିଥିବା ସୂଚନାନୁସାରେ, ଦମୟନ୍ତୀ ଓ ଚମ୍ପା ନିଜ ଜମିରେ ଥିବା ଏକ କୁସୁମ ଗଛରୁ ଆଜି କୋଳି ତୋଳିବାକୁ ଯାଇଥିଲେ। ତେବେ ଅପରାହ୍ନ ପ୍ରାୟ ୩ଟା ସମୟରେ ହଠାତ୍ ପାଗ ବଦଳିଯିବା ସହ ବର୍ଷା ଓ ଘଡ଼ଘଡ଼ି ଆରମ୍ଭ ହୋଇଯାଇଥିଲା। ଏଥିସହ ବଜ୍ରପାତ ହେବାରୁ ମା' ଓ ଝିଅ ଗୁରୁତର ଭାବେ ହୋଇଥିଲେ। ପରେ ଘଟଣାସ୍ଥଳରେ ହିଁ ସେମାନଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତ ଚମ୍ପା ମୁଦୁଲି ସ୍ଥାନୀୟ ବିଦ୍ୟାଳୟରେ ଶିଶୁ ସେବିକା ➪ପୃଷ୍ଠା-୬



## କାନ ଡେରିଥା

ମାଳିକା ବଚନ ସତ ହେଉଅଛି
ଅଜ୍ଞାନଠୁ କିଛି ଶିଖ
ନିମ୍ଭୁଡା ଶବ୍ଦ ଟା ଅଧୁରା ଲାଗିଲା
ଫିଲିମଟା ପୁରା ରଖ
ବିଦ୍ୱାନ ହେଲେ ଚାଲାଖ ...
ଇଂଲିଶ ସ୍କୁଲରେ ନିଜ ପିଲା ପଢେ
ଓଡ଼ିଆ ହେବେ ମୂରୁଖ ।।

▌ଦେବାଶିଷ

# କ୍ରସ୍ ଭୋଟିଂ କରିଥିବା ବିଧାୟକ ଏବେ ଅଲୋଡ଼ା









- ନିଜ ଇଲାକାରେ ବିରୋଧର ସମ୍ମୁଖୀନ
- ଦୂରେଇ ଯାଉଛନ୍ତି ଘନିଷ୍ଠ କର୍ମୀ

**ଭୁବନେଶ୍ୱର,୨୮।୬(ସଂଚାର ବ୍ୟୁରୋ):** ଗତ ରାଜ୍ୟସଭା ନିର୍ବାଚନରେ କ୍ରସଭୋଟିଂ କରି ଦଳରୁ ନିଲମ୍ବିତ ହୋଇଥିବା ବହୁ ବିଧାୟକ ଏବେ ଅଲୋଡ଼ା ହେବାରେ ଲାଗିଛନ୍ତି। ନିଜ ଅଞ୍ଚଳରେ ବିରୋଧର ସମ୍ମୁଖୀନ ହେବା ସହ କର୍ମୀମାନେ ବି ଧିରେ ଧିରେ ସେମାନଙ୍କ ନିକଟରୁ ଦୂରେଇଯାଉଛନ୍ତି। ଅବସ୍ଥା ଏଭଳି ହେଲାଣି ଯେ ଆଗାମୀ ପଞ୍ଚାୟତ ନିର୍ବାଚନରେ ଏହି ବିଧାୟକମାନେ କ'ଣ କରିବେ, ତାହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି।

ଗତ ରାଜ୍ୟସଭା ନିର୍ବାଚନ ସମୟରେ ବିଜେଡି ଓ କଂଗ୍ରେସର ୧୧ ଜଣ ବିଧାୟକ କ୍ରସଭୋଟିଂ କରିଥିଲେ। ଏମାନଙ୍କ ମଧ୍ୟରୁ କଂଗ୍ରେସର ୩ ଜଣ ଥିବା ବେଳେ ବିଜେଡିର ସର୍ବାଧିକ ୮ ଜଣ ରହିଥିଲେ। କ୍ରସ ଭୋଟିଂ କରିବା ଜଣାପଡ଼ିବା ପରେ ଦଳ ସେମାନଙ୍କୁ ତତ୍କାଳ ନିଲମ୍ବିତ କରିଥିଲା। ନିଲମ୍ବିତ ଏହି ବିଧାୟକମାନେ ବିଧାନସଭାରେ ଭିନ୍ନ ଆସନ ପାଇଥିବା ବେଳେ ଏବେ ନିଜ ନିର୍ବାଚନମଣ୍ଡଳୀରେ ବିରୋଧର ସମ୍ମୁଖୀନ ହେବାରେ ଲାଗିଛନ୍ତି। ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇଙ୍କୁ ନିଜ ନିଜ ନିର୍ବାଚନମଣ୍ଡଳୀରେ ଦଳୀୟ କର୍ମୀମାନେ ବିରୋଧ କରୁଛନ୍ତି। ବିରୋଧୀ ଦଳ ବି ମଉକା ଦେଖି ଚଉକା ମାରିବା ନୀତିରେ ଏହି ନିଲମ୍ବିତ ବିଧାୟକଙ୍କୁ କଡ଼ା ବିରୋଧ କରୁଛନ୍ତି।

କ୍ରସ ଭୋଟିଂ କରି ନିଲମ୍ବିତ ହୋଇଥିବା ବିଧାୟକମାନଙ୍କ ମଧ୍ୟରୁ ଅଧିକାଂଶ ଯୁବ ବିଧାୟକ ହୋଇଥିବା ବେଳେ ଏମାନଙ୍କର ଲମ୍ବା ରାଜନୈତିକ ଭବିଷ୍ୟତ ରହିଛି। ହେଲେ ଗୋଟିଏ ପଟେ କର୍ମୀଙ୍କ ବିରୋଧ ଓ ଅନ୍ୟପଟେ ଦଳରେ ଅଲୋଡ଼ା ଏବେ ଏହି ବିଧାୟକମାନଙ୍କୁ ଚିନ୍ତାରେ ପକାଇଛି। କାରଣ ଦଳ ହାତ ଛାଡ଼ିଦେବା ପରେ ଏମାନେ କୌଣସି ରାଜନୈତିକ କାର୍ଯ୍ୟକଳାପରେ ସାମିଲ ହୋଇପାରୁନାହାନ୍ତି। ନିଜ ନିଜ ଅଞ୍ଚଳରେ ବି ସଭା ସମିତିଟିଏ କରିବା ସେମାନଙ୍କ ପକ୍ଷେ କଷ୍ଟକର ହୋଇପଡୁଛି।

ପ୍ରଥମ ନିର୍ବାଚନରେ ବିଜୟୀ ହୋଇ ଚର୍ଚ୍ଚାରେ ରହିଥିବା କଂଗ୍ରେସ ବିଧାୟିକା ସୋଫିଆ ଫିରଦୋସ ଏବେ ସବୁଠାରୁ ଅଡୁଆରେ ପଡ଼ିଥିବା ଲକ୍ଷ୍ୟ କରାଯାଇଛି। କଂଗ୍ରେସ ତାଙ୍କୁ ନିଲମ୍ବନ କରିଥିବାରୁ ସେ ଦଳର କୌଣସି ➪ପୃଷ୍ଠା-୬

# ଗୁରୁମନ୍ତ୍ର

ଡ.ଚନ୍ଦ୍ରକଳା ନାୟକ





ମହାବିଦ୍ୟାଳୟର ପ୍ରେକ୍ଷାଳୟରେ ଅବସର ସଭା ଆରମ୍ଭ ହୋଇଥାଏ। ଅନେକ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ରହିଥାନ୍ତି। ଏହି ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଦୟାନିଧି ଦାସଙ୍କ ଚାକିରୀ ଜୀବନର ଶେଷ ଦିବସର ଅବସର କାଳୀନ ସଭା। ସ୍ମୃତିର ଫର୍ଦ୍ଦ ସବୁ ଧୀରେ ଧୀରେ ଏହି ସଭାରେ ଖୋଲୁଥାଏ। ଜଣକ ପରେ ଜଣେ ନିଜର ସ୍ମୃତିକୁ ବଖାଣୁଥାନ୍ତି। ଖୁବ ଭାବଗର୍ଭକ ଥିଲା ଏହି ସଭା। ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ମଦନ ରାଉତ ତାଙ୍କର ସ୍ମୃତି ଚାରଣ ଉଦ୍ଦେଶ୍ୟରେ କହିଥିଲେ- ସାର ଆପଣ, ଆପଣଙ୍କ ନାମର ସାର୍ଥକତାକୁ ପ୍ରତିପାଦିତ କରିଛନ୍ତି। ଆପଣ ଦୁଃଖୀ ମଣିଷର ବନ୍ଧୁ। ଦୀର୍ଘ ୩୫ ବର୍ଷର ଜୀବନକାଳ ମଧ୍ୟରେ ଆପଣ କାହାକୁ କେବେ ପଦେ ବଡ ପାଟିରେ କଥା କହି ନାହାନ୍ତି। ସର୍ବଦା ହସ ହସ ମୁଖ, ମଧୁର ବାକ୍ୟ। ଏତିକି କହି ମଦନ କାନ୍ଦି ପକାଇଲେ। ତା ପରେ ଇଂରାଜୀ ବିଭାଗ ମୁଖ୍ୟ ବିନୟ ମିଶ୍ର ଅତ୍ୟନ୍ତ କୌତୁହଳପ୍ରଦ ଭାବେ ପଚାରିଲେ - ସାର ଆପଣଙ୍କ ନିକଟରେ ଏତେ ଧୈର୍ଯ୍ୟ କୋଉଠୁ ଆସେ। ମୁଁ ତ ଅନ୍ୟ କନିଷ୍ଠ ଅଧ୍ୟାପକଙ୍କ ଉପରେ ସର୍ବଦା ମୋର କ୍ରୋଧ ପ୍ରକାଶ କରେ। ଆଜି ଶେଷ ଦିନରେ ଏହି ଧୈର୍ଯ୍ୟର ଗୁରୁମନ୍ତ୍ରଟି କଣ, ସମସ୍ତଙ୍କ ଉଦ୍ଦେଶ୍ୟରେ ପ୍ରକାଶ କରନ୍ତୁ।

ଶେଷରେ ଦୟାନିଧି ସାର ମାଇକ୍ରୋ ଫୋନ ସାମନାରେ ଉପସ୍ଥିତ ଥିଲେ। ମୁଖରେ ସେମିତି ମନ୍ଦ ମନ୍ଦ ହସ। ସାଧା ସରଳ ବ୍ୟକ୍ତିତ୍ୱ। ମହାବିଦ୍ୟାଳୟର ଅଧ୍ୟକ୍ଷ ବୋଲି ସାମାନ୍ୟତମ ବଡ଼ିମା ନାହିଁ। ଆରମ୍ଭ କଲେ ତାଙ୍କ ଗୁରୁମନ୍ତ୍ର। ମୋ ବାପା ଜଣେ ସାଧାରଣ ଶିକ୍ଷକ ଥିଲେ। ଗାନ୍ଧିବାଦୀ ମଣିଷ। ସାହିତ୍ୟର ସୁଦକ୍ଷ ଗୁରୁ। ପ୍ରାଇମେରୀ ବିଦ୍ୟାଳୟର ସାହିତ୍ୟ ଶିକ୍ଷକ। ମୋର ମନେ ଅଛି, ମୁଁ ପଞ୍ଚମ ଶ୍ରେଣୀର ଛାତ୍ର ଥାଏ। ବାପା ସବୁଦିନ ପରି ଧାର୍ଯ୍ୟ ସମୟର ଯଥେଷ୍ଟ ପୂର୍ବରୁ ଘରୁ ବାହାରି ଯାନ୍ତି। ତାଙ୍କ ସାଇକେଲ ତାଙ୍କ ଜୀବନ ଧନ। ଦୁଇଟି ପୁସ୍ତକ ସାଇକେଲର କ୍ୟାରିୟରରେ ରଖା ଯାଇଥାଏ। ସେଦିନ ଥାଏ ଗୁରୁବାର। ମୋ ମାଆର ଦେହ ଅସୁସ୍ଥ ଥାଏ। ମୋ ମାଆ ସ୍ୱାସ୍ଥ୍ୟର ଯତ୍ନ ନେବା ପାଇଁ ବାପାଙ୍କ ନିର୍ଦ୍ଦେଶ ଥାଏ। ଠିକ ଦି ପ୍ରହର ବେଳକୁ ମାଆର ତାତି କମିବାର ନାଁ ଧରି ନଥିଲା। ମାଆ ଖାଲି ବାଉଳି ଚାଉଳି ହେଉଥିଲା। ଓଦା କପଡ଼ାରେ ଶରୀରକୁ ଯେତେ ପୋଛିଲେ ବି, ଦେହର ତାପ କମିବାର ନାଁ ନେଉ ନଥାଏ। ମୁଁ ଅଗତ୍ୟା ହୋଇ ବାପାଙ୍କ ପାଖକୁ ସ୍କୁଲ ଧଉଡ଼ିଲି। ଦୂରରୁ ଦେଖିଲି ସ୍କୁଲର ବରଗଛ ନିକଟରେ ବାପା ସ୍ଥାଣୁ ପରି ଦଣ୍ଡାୟମାନ ଅଛନ୍ତି। ଭାବିଲି, ଏହା ତ ଖେଳଛୁଟିର ସମୟ। ବାପା ତ ବିଦ୍ୟାଳୟ ଭିତରେ ରହିବା କଥା। କିନ୍ତୁ ବାହାରେ ଠିଆ ହୋବାର କାରଣ କଣ ? ବାପାଙ୍କ ପାଖରେ ପହଞ୍ଚି ଦେଖିଲି, ବାପାଙ୍କ ଆଖି ଦୁଇଟି ପୁରା ଲାଲ, ନାକ ପୁଡା ଦିଟା ଫୁଲି ଯାଇଛି, ଗୋରା ତକ ତକ ମୁହଁରେ ଲମ୍ବା ଭୁଲତା ଦୁଇଟି ଦୋଳାୟମାନ। ମୋତେ ଦେଖି ବାପା ଅପ୍ରସ୍ତୁତ ହୋଇଗଲେ। ମୁଁ କିନ୍ତୁ ବାପାଙ୍କ ଆଖିର ଲୁହକୁ ଦେଖୁଥିଲି। ଆଶ୍ଚର୍ଯ୍ୟ ହେଲି। ବାପା ମୋର ଦମ୍ଭ ଓ ସାହସର ବଟବୃକ୍ଷ ବୋଲି ମୁଁ ସର୍ବଦା ଗର୍ବ କରେ। କିନ୍ତୁ ଏପରି ପରିସ୍ଥିତି କାହିଁକି ଘଟିଲା, କିଛି ବୁଝି ବି ହେଉ ନଥିଲା।

ମାଆର ଦେହ କଥା, ବାପାଙ୍କୁ କିଛି ନଜଣାଇ ସିଧା ପ୍ରଧାନ ଶିକ୍ଷକଙ୍କ ନିକଟକୁ ଧଉଡିଲି। ପଚାରିଲି- ସାର ମୋ ବାପାଙ୍କୁ କଣ ଏମିତି କହିଲେ ? ମୋ ବାପା ପ୍ରଥମ ଥର ପାଇଁ ଜୀବନରେ ପୁରା ଭାଙ୍ଗି ପଡ଼ିଛନ୍ତି। ପ୍ରଧାନ ଶିକ୍ଷକ ଖୁବ ଅହଂକାରୀ ଥିଲେ। ତାଙ୍କ ଦୋଷକୁ ଢାଙ୍କି ମୋ ସାମନାରେ ବାପାଙ୍କ ଭୁଲକୁ ସମୀକ୍ଷା କଲେ। କିନ୍ତୁ ତାହା ମୋ ପାଇଁ ଗ୍ରହଣୀୟ ନଥିଲା। ବାପା, ତତକ୍ଷଣାତ ମୋତେ ସେହିଠାରୁ ବୁଝାଇ ଘରକୁ ନେଇ ଆସିଥିଲେ। ସେତେବେଳେ ମାଆର ଜର ବି ସମ୍ପୂର୍ଣ୍ଣ କମି ଯାଇଥିଲା। ବାପା ମୋତେ ପାଖରେ ବସି ବୁଝାଇଥିଲେ, ମଣିଷ ଜୀବନର ଗୁଢ ରହସ୍ୟ। କହିଥିଲେ ଶୁଣୁ ଦୟା- କେହି କେବେ ଅନ୍ୟକୁ କଷ୍ଟ ଦେଇ ଶାନ୍ତି ପାଇପାରେନା। ତାର ବିଚାର ସୃଷ୍ଟିକର୍ତ୍ତା ନିଶ୍ଚେ କରିବେ। ମୋ ଦୁଃଖର କାରଣ, ମୋ ବାପା ମାଆଙ୍କୁ ନେଇ ପ୍ରଧାନ ଶିକ୍ଷକ ମୋ ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରିଥିଲେ। ମୁଁ କାଳେ ସଂସ୍କାର ଶିଖିନାହିଁ। ସେଥିପାଇଁ ଇଙ୍ଗିତ ଦେଇଥିଲେ। ତାହା ହିଁ ମୋ ଦୁଃଖର କାରଣ ଥିଲା। କିନ୍ତୁ ତୁ ଦେଖ୍, ସାରା ବିଦ୍ୟାଳୟରେ କେହି ଜଣେ ବି ତାଙ୍କୁ ଭଲ ପାଆନ୍ତି ନାହିଁ। ସେ ଅହଂକାରୀ ବୋଲି ସର୍ବଦା ନିସଙ୍ଗ। ତୁ ତୋ ଜୀବନରେ ଯେଉଁଠି ବି ରହ, ସମସ୍ତଙ୍କୁ ଭଲ ପାଇବୁ। ମିଠା କଥା କହିବୁ। ନିରାଡମ୍ବର ଜୀବନ ବିତାଇବୁ। ଦେଖିବୁ ଜୀବନଟା କେତେ ସରଳ ହୋଇଯିବ।

ସେହି ଦିନଠାରୁ ମୁଁ ସ୍ଥିର କଲି, ମୁଁ ଭଲ ପାଠ ପଢ଼ିବି, ଜଣେ ଭଲ ମଣିଷ ହେବି। କାହା କନରେ କଷ୍ଟ ଦେବିନାହିଁ। କୌଣସି ମଣିଷର ପରିଚୟ ତା କର୍ମ ସ୍ଥଳରେ ସୀମିତ ନୁହେଁ। ସେ କାହାର ପୁଅ କାହାର ସ୍ୱାମୀ, କାହାର ବାପା, ଆଉ କାହାର ଭାଇ ହୋଇଥାନ୍ତି। ସେମାନଙ୍କ ପରିବାର ପାଇଁ ସେହି କର୍ମଚାରୀଟିଏ ସାହସର ଉତ୍ସ ହୋଇଥାଏ। ସେହି ଉତ୍ସଟିକୁ ଯଦି ମାନସିକ ଆଘାତ ଦିଆଯାଏ, ସେ କଷ୍ଟ ସାରା ପରିବାର ଭୋଗିଥାନ୍ତି। ସାମାନ୍ୟ ତ୍ରୁଟିକୁ ଧରି ଗୋଟିଏ ଅନୁଷ୍ଠାନ ପ୍ରତି କର୍ମଚାରୀଟିର ଥିବା ଅର୍ଙ୍ଗୀକାରବଦ୍ଧତାକୁ ଆଦୌ ଭୁଲିଯିବା ଉଚିତ ନୁହେଁ। ଗୋଟିଏ ଶିକ୍ଷାନୁଷ୍ଠାନରେ ସମସ୍ତଙ୍କ ସହଯୋଗ ଓ ଆନ୍ତରିକ ଶ୍ରଦ୍ଧା ବିନା ତାହା ବିଦ୍ୟାର ମନ୍ଦିର ହୋଇ ପାରେନା। ମଣଁ ତାର କ୍ରୋଧକୁ ନିୟନ୍ତ୍ରଣ କରି ନପାରିବା ଅର୍ଥ ନୁହେଁ ଅନ୍ୟ ପ୍ରତି ନିର୍ଦ୍ଦୟ ଆଚରଣ କରିବା। ଏପରି ସ୍ଥଳେ ବୁଝାବଣା ହିଁ ସମସ୍ୟାର ସମାଧାନ କରେ। ମଣିଷ ସମସ୍ତଙ୍କୁ ଭଲ ପାଇ ପାରିଲେ ଇଶ୍ୱର ସୁଷ୍ଟ ହୁଅନ୍ତି। କାହାକୁ କଷ୍ଟ ଦେବା..... ଏତିକି କହୁ କହୁ ଦୟାନିଧିବାବୁଙ୍କ କଣ୍ଠ ବାଷ୍ପରୁଦ୍ଧ ହୋଇ ଯାଇଥିଲା। ଏହି ଅନୁଷ୍ଠାନରେ ତାଙ୍କର ଦୀର୍ଘ ୩୫ ବର୍ଷ କାର୍ଯ୍ୟର କର୍ମ'ଳ ତାଙ୍କ କାର୍ଯ୍ୟକ୍ଷେତ୍ରରେ ବିଦାୟ ଦିବସରେ ତାଙ୍କୁ ଚରମ ଶାନ୍ତି ଦେଇଛି। ବାସ୍ତବରେ ପଦପଦବୀ ଆସେ କେବଳ ଯିବାପାଇଁ। ଏହା କେବେ ବି ଚିରସ୍ଥାୟୀ ନୁହେଁ। ପଦପଦବୀର ଠିକ ଭାବେ ବ୍ୟବହାର କରୁଥିବା ମଣିଷଟି ଈଶ୍ୱରଙ୍କ ଅମୃତ ସନ୍ତାନ। ବାପାଙ୍କ ଠାରୁ ପାଇଥିବା ଏହି ଗୁରୁମନ୍ତ୍ରକୁ ଦୟାନିଧିବାବୁ ଅକ୍ଷରେ ଅକ୍ଷରେ ପାଳନ କରିଛନ୍ତି। ସଭା ସ୍ଥଳର ସମସ୍ତ ଅ୍ଧ୍ୟାପକ, କର୍ମଚାରୀ ବନ୍ଧୁମାନେ ଆବେଗପୂର୍ଣ୍ଣ ଭାବେ ମନ୍ତ୍ରମୁଗ୍ଧ ହୋଇ ଦୟାନିଧିବାବୁଙ୍କୁ ଅନାଇ ରହିଥିଲେ। ତାଙ୍କ ବିଦାୟ କାଳୀନ ଦୃଶ୍ୟରୁ ସ୍ପଷ୍ଟ ହେଉଥିଲା ସେ ଖୁବ ଆତ୍ମ ସନ୍ତୋଷର ସହ କର୍ମକ୍ଷେତ୍ରରୁ ଘରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ।

**ଅଧ୍ୟାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ, ଛତିଆ, ଯାଜପୁର, ମୋବାଇଲ୍‌: ୯୪୩୭୯୫୭୬୧୭**

# ହୃଦବୋଧ

ସତ୍ୟନାରାୟଣ ପ୍ରଧାନ



ପିଲାଟି ଦିନରୁ ବାପା ମାଆକୁ କେବେ ଦେଖି ନ ଥିବା ରୂପାର ଏବେ କେବଳ ସାହା ଭରଷା ନିଜର ଭାବି ଆଶ୍ରୟ ଦେଇଥିବା ଜମିଦାର ବାବୁ। ସେ ଜୀବନରେ କେବେ କାହାକୁ ଖାଲି ହାତରେ ଯିବାକୁ ଦେଇ ନାହାଁନ୍ତି । ଯେ କୌଣସି ସମସ୍ୟା ନେଇ ଆସିଥିବା ଲୋକଟିର ଦୁଃଖ କଥା ବୁଝନ୍ତି। ଏତେ ସବୁ ଲୋକଙ୍କ ଆପଣାର ପାଲଟି ଯାଇଥିବା ଲୋକଟି ମନରେ ଅକୁହା ଦୁଃଖ ଶାନ୍ତିରେ ବଞ୍ଚିବାକୁ ଦେଉ ନ ଥିଲା। ତାହା ହେଉଛି ତାଙ୍କର ଏକମାତ୍ର ପୁଅ ଯିଏ କି କେବେ ଭଲ ବାଟରେ ଚାଲିବା ଆଜି ପର୍ଯ୍ୟନ୍ତ ଶିଖି ପାରିଲା ନାହିଁ। ଘରେ ଟଙ୍କାର ଅଭାବ ନ ଥିବାରୁ ସାଙ୍ଗସାଥୀରେ ପଡି ଖରାପ ବାଟକୁ ଆପଣେଇ ନେଇଥିଲା। ଲୋକମାନଙ୍କର ଇଚ୍ଛା ନ ଥିଲେ ବି ଜମିଦାର ବାବୁଙ୍କ ନିକଟରେ ପୁଅକୁ ଭଲ ବାଟରେ ଚାଲିବାକୁ ଶିଖାଇବା ପାଇଁ କହି ଫେରି ଯାଉଥିଲେ। ପୁଅ ରାତିରେ ବୁଲା ସାରି ଘରକୁ ଫେରିଲା। ସେତେ ବେଳକୁ ସମସ୍ତେ ଶୋଇ ପଡ଼ିଥିଲେ। ରୂପା ମଧ୍ୟ ତା ଶୋଇବା ଘରେ ଶୋଇଥାଏ। ସେ ପରିବାର ସଦସ୍ୟଙ୍କ ଭଳି ରହି ଆସୁଥିବାରୁ ସମସ୍ତଙ୍କ ଉପରେ ତାର ଭାରି ବିଶ୍ୱାସ। ମନରେ ତାର କାହା ପ୍ରତି ଡର ଭୟ କି ଘୃଣା ଭାବନା ନ ଥିଲା।

ନିଶାରେ ବୁଡ଼ି ରହିଥିବା ସାନ ବାବୁଙ୍କ ନଜର ଅଚାନକ ତଳୁ ଉପର ମହଲାକୁ ଗଲା ବେଳେ ତା ଉପରେ ପଡିଲା। କାହାର କିଛି କାଳେ ଦରକାର ପଡିବ ସେଥିପାଇଁ ଘର କବାଟ ଖୋଲା ରଖି ସେ ସବୁଦିନ ଶୋଇଥାଏ। ଅନ୍ୟ ଦିନ ମାନଙ୍କ ଅପେକ୍ଷା ସେଦିନ ସାନବାବୁଙ୍କ ମନକୁ କେଜାଣି କାହିଁକି ପାପ ଛୁଇଁଲା। ସେ ସିଧା ଯାଇ ତା ପାଖରେ ଯାଇ ବସି ପଡ଼ିଲେ। ସେ ଅଚିନ୍ତା ନିଦରେ ବିନା କୌଣସି ଭାବନାରେ ଆରାମରେ ଶୋଇ ପଡ଼ିଥିଲା। ସାନବାବୁ ତାକୁ ଦେଖି ମନରେ ଉଙ୍କି ମାରିଥିବା ଭାବନାରେ କିଛି ସମୟ ପାଇଁ ହଜି ଯାଇଥିବା ବେଳେ ପୁଣି ପୂର୍ବ ଅବସ୍ଥାକୁ ଫେରି ଆସିଲେ। ସେ ସମାଜ ପାଇଁ ଖରାପ ହୋଇ ପାରନ୍ତି । ହେଲେ ଆଜି ଯାଏ ସେ ରୂପା ପାଇଁ ସେଇ ସାନବାବୁ। ସେ ତାର ସରଳ ଆଉ ନିରୀହ ମୁହଁକୁ ଦେଖି କେତେ ବଡ଼ ଭୁଲ ହୋଇ ଯାଇଥାନ୍ତା ଭାବି ହେଉଥିଲେ।

ସେଇଦିନଠାରୁ ତାକୁ ଭଲ ପାଇବା ଆରମ୍ଭ କରି ଦେଇଥିଲେ। ରୂପା ଗୋଟେ ବଢ଼ିଲା ଝିଅ ହୋଇ ଥିବାରୁ ତାର ମଧ୍ୟ ମନରେ ପ୍ରେମରେ ପଡ଼ିବା ସ୍ୱାଭାବିକ ଥିଲା। ସେ ଭଲ ପାଇବା ଦିନ ଠାରୁ ଖରାପ ବାଟରୁ ବାହାରି ଭଲ ମଣିଷ ପାଲଟି ଯାଇଥିଲା। ଗାଁ ଗଣ୍ଡାରେ ତାର ସ୍ୱଭାବ ବଦଳିବା ଦେଖି ତାର କାରଣ ଖୋଜି ପାଇବାକୁ ବେଶି ଦିନ ଲାଗି ନ ଥିଲା। ଗାଁ ଗଣ୍ଡାରେ ଲୋକ ମାନେ ସାନ ବାବୁ ସତରେ ଘରେ କାମ କରୁଥିବା ଝିଅକୁ ଭଲ ପାଇ ୱିଵାହ କରିବେ ତାହା ଦେଖିବା ବାକି ରହି ଯାଇଥିଲା। ଜମିଦାର ବାବୁଙ୍କ କାନକୁ ଏ କଥା ଯାହା ହେଲେ ବି ପହଞ୍ଚି ଯାଇଥିଲା। ଲୋକ ମାନଙ୍କର ଯାହା ଦେଖିବା ବାକି ଆଗକୁ କି ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି। ଜମିଦାର ବାବୁ ଘଟଣାକୁ ଆଉ କାହାକୁ ଅଛପା ନ



ରଖି ଯାହା ପାଇଁ ପୁଅ ତାଙ୍କର ବଦଳି ଯିବାକୁ ପଛାଇଲା ନାହିଁ ତା ସହିତ ୱିଵାହ କରି ତାକୁ ବୋହୂର ଅଧିକାର ଦେବାରେ ପୂଣ୍ୟ ଲେଖା ଅଛି ଅନୁଭବ କରିଥଲେ। ସେ ସମାଜକୁ ଜଣାଇ ଦେବାକୁ ଚାହିଁଥିଲେ କ୍ଷଣ ଭଙ୍ଗୁର ଦୁନିଆରେ ସଂପର୍କକୁ ସମ୍ମାନ ଦେଲେ ଆଉ ଶାନ୍ତିରେ ବଞ୍ଚିବା ପାଇଁ ରାତିରେ ନିଦର ବଟିକା ଖାଇବାକୁ ପଡିବ ନାହିଁ। କେବଳ ଭଲ ପାଇବାର ରାସ୍ତାରେ ସମଗ୍ର ଏକତ୍ର ହୋଇ ଚାଲିବା ଶିଖିଲେ ଆଉ ଛୋଟ ବଡ ଧନୀ କି ଗରିବର ଭେଦଭାବ ମନକୁ ଛୁଇଁ ପାରିବ ନାହିଁ ବୋଲି ସେ କେଜାଣି କାହିଁକି ହୃଦବୋଧ କରୁଥିଲେ।

**ଅଣ୍ଡିଆ, ଜେନାପୁର, ଯାଜପୁର
ମୋବାଇଲ୍‌:୯୧୭୮୩୧୩୬୪୪**

ସମୟର ଛାୟାଚିତ୍ର

# ଜୀବନର ପ୍ରତ୍ୟେକ ସ୍ପନ୍ଦନରେ ଈଶ୍ୱର ଅଛନ୍ତି



ଡକ୍ଟର ଲକ୍ଷ୍ମଣ ସାହୁ



ମଣିଷ ଏ ମର ଜଗତରେ ଏପରି ଏକ ପ୍ରାଣୀ ଯିଏ କେବଳ ବଞ୍ଚେ ନାହିଁ , ବରଂ ନିଜ ଅସ୍ତିତ୍ୱ ଉପରେ ମଧ୍ୟ ପ୍ରଶ୍ନ ଉଠାଏ। ନିର୍ଜିବ ଓ ସଜିବ ଜଗତରେ ପଥର, ଗଛ, ପଶୁ ଇତ୍ୟାଦି ଅଛି। କିନ୍ତୁ ସେମାନେ ସେମାନଙ୍କର ଅସ୍ତିତ୍ୱ ଉପରେ ପ୍ରତିଫଳିତ କରନ୍ତି ନାହିଁ। ତଥାପି ମଣିଷ ଭିନ୍ନ। କାରଣ ସେ ଜାଣେ ଯେ ସେ ଅସ୍ତିତ୍ୱ ରଖିଛି। ସେ ଏହା ମଧ୍ୟ ଜାଣେ ଯେ ଗୋଟିଏ ଦିନ ସେ ଅସ୍ତିତ୍ୱ ପାଇବ ନାହିଁ। ଏହା ଏକ ଅନନ୍ତ ସତ୍ୟ ଯାହାକୁ ମଣିଷ ସାଧାରଣତଃ ଖସିଯିବାକୁ ଚେଷ୍ଟା କରେ। ସେ ନିଜ ଜୀବନକୁ ଏପରି ସଂଗଠିତ କରେ ଯେପରି ସମୟ ଅନନ୍ତ। ସେ ଯୋଜନା କରେ ଇଚ୍ଛାକୁ ପାଳନ କରେ, ମହତ୍ତ୍ୱାକାଂକ୍ଷାକୁ ପାଳନ କରେ, ଏସବୁ ମଧ୍ୟରେ ସେ ଭୁଲିଯାଏ ଯେ ତା'ର ସମୟ ସୀମିତ।

ଏଠାରେ ଏକ ଅଜବ ପରିସ୍ଥିତି ସୃଷ୍ଟି ହୁଏ। ମଣିଷ ଜୀବନରେ ଅଛି , କିନ୍ତୁ ପ୍ରକୃତରେ ବଞ୍ଚି ନାହିଁ। କେବଳ ସେ ଲୋକଙ୍କ ଚିନ୍ତାଧାରା ଦ୍ୱାରା ପ୍ରଭାବିତ ହୁଏ। ସମାଜର ଆଶା ଅନୁଯାୟୀ ନିଜ ଜୀବନକୁ ଗଢ଼ିବାକୁ ଆରମ୍ଭ କରେ। କିନ୍ତୁ ଏପରି ଏକ ମୁହୂର୍ତ୍ତ ଆସେ ଯେତେବେଳେ ମଣିଷ ଅନୁଭବ କରେ ଯେ ମୃତ୍ୟୁ ଏପରି କିଛି ନୁହେଁ ଯାହା କେବଳ ଅନ୍ୟମାନଙ୍କ ସହିତ ଘଟିବ; ଏହା ତା' ପାଇଁ ମଧ୍ୟ ଏକ ସମ୍ଭାବନା। ଏହି ଅନୁଭବ ତା' ଭିତରେ ଗଭୀର ଭୟ ସୃଷ୍ଟି କରେ। ଯଦି ମଣିଷ ଏହି ଭୟରୁ ଦୌଡ଼ିବା ପରିବର୍ତ୍ତେ ଏହାର ସମ୍ମୁଖୀନ ହୁଏ , ସାମ୍ନା ସାମ୍ନି ହୁଏ , ପ୍ରତିହତ କରିବା ପାଇଁ ନିଜକୁ ଦୃଢ଼ କରେ, ତେବେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ସମ୍ଭବ ହୋଇପାରେ। ଯେତେବେଳେ ବୁଝିପାରେ ମୋର ସମୟ ସୀମିତ, ସେତେବେଳେ ଜୀବନର ଅର୍ଥ ପରିବର୍ତ୍ତନ ହେବା ଆରମ୍ଭ ହୁଏ। ତା'ପରେ ସେ ନିଜକୁ ପଚାରେ - ମୁଁ କ'ଣ ପ୍ରକୃତରେ ଏକ ନିଜର ଜୀବନ ନେଇ ବଞ୍ଚିଛି ? ମୋର ଇଚ୍ଛା କ'ଣ ପ୍ରକୃତରେ ମୋର ? ମୋର ନିଷ୍ପତ୍ତି କ'ଣ ପ୍ରକୃତରେ ମୋର, ନା ମୁଁ କେବଳ ଅନ୍ୟମାନଙ୍କ ଆଶାକୁ ଅନୁସରଣ କରୁଛି ? ମର୍ତ୍ତ୍ୟ ମଣ୍ଡଳେ ଦେହ ବୋହି, ଦେବତା ହୋଇ ବି ମରଇ ' ଏପ୍ରକାର ଅନୁଭବ ପ୍ରଶ୍ନଗୁଡ଼ିକୁ ଜନ୍ମ ଦିଏ। ସବୁ ପ୍ରଶ୍ନଗୁଡ଼ିକ ଜଣେ ବ୍ୟକ୍ତିକୁ ସତ୍ୟତା ଆଡ଼କୁ ନେଇଯାଏ।

ପ୍ରକୃତ ଜୀବନର ଅର୍ଥ ହେଉଛି ନିଜର ସୀମାକୁ ଗ୍ରହଣ କରିବା। ଜାଣିବା ଯେ ପ୍ରତ୍ୟେକ ଦିନ ଏପରି ଏକ ଦିନ ଯାହା କେବେ ଫେରିବ ନାହିଁ। ଯେତେବେଳେ ଏହି ବୁଝାମଣା ଗଭୀର ହୁଏ, ସେତେବେଳେ ବର୍ତ୍ତମାନର ମୁହୂର୍ତ୍ତ ସାଧାରଣ ହୋଇ ରହିଯାଏ। ଏହା ବିଶ୍ୱ ପରିବର୍ତ୍ତନ ହୋଇଛି ବୋଲି ନୁହେଁ, ବରଂ ଯିଏ ଏହାକୁ ଅନୁଭବ କରେ ସେ ପରିବର୍ତ୍ତନ ହୋଇଛି। ଯିଏ ନିଜର ଅନ୍ତ ଜାଣେ ସେ ସମୟକୁ ହାଲୁକା ଭାବରେ ଗ୍ରହଣ କରେ ନାହିଁ। ସେ ବୁଝେ ଯେ ଜୀବନ ଏକ ଅସୀମ ସମ୍ପତ୍ତି ନୁହେଁ, ବରଂ ଏକ ସୀମିତ ସୁଯୋଗ। ଏହି ସୀମା ହିଁ ଜୀବନକୁ ମୂଲ୍ୟବାନ କରିଥାଏ। ଯେପରି ଗୋଟିଏ କବିତାର ସୌନ୍ଦର୍ଯ୍ୟ କେବଳ ଏହାର ଶବ୍ଦରେ ନୁହେଁ ବରଂ ଏହାର ଅନ୍ତରେ ମଧ୍ୟ ରହିଛି, ସେହିପରି ଜୀବନର ଅର୍ଥ ଏହାର ଅନ୍ତର ସମ୍ଭାବନା ସହିତ ଜଡିତ। ପ୍ରତ୍ୟହ ଅସ୍ତଗାମୀ ସୂର୍ଯ୍ୟ ଆମକୁ ଏହାହିଁ ଶିଖାଏ। ସୂର୍ଯ୍ୟାସ୍ତ କେବେ ଦୁଃଖର ଦୃଶ୍ୟ ନୁହେଁ, ଏହା ପୂର୍ଣ୍ଣତାର ଦୃଶ୍ୟ। ଦିନ ଶେଷ ହେଉଛି, ସେଥିପାଇଁ ଏହାର ସୌନ୍ଦର୍ଯ୍ୟ ଆହୁରି ତୀବ୍ରତର ହୁଏ। ଯଦି ଦିନ କେବେ ଶେଷ ନ ହୁଏ, ତେବେ ଆମେ ହୁଏତ ତା'ର ସୌନ୍ଦର୍ଯ୍ୟ କେବେ ଅନୁଭବ କରିପାରନ୍ତେ ନାହିଁ। ମାନବ ଜୀବନ ମଧ୍ୟ ସେହିପରି। ଆମର ନିଜସ୍ୱ ଅନ୍ତ ବିଷୟରେ ଜ୍ଞାନ ଆମକୁ ହତାଶ କରିବା ପାଇଁ ନୁହେଁ। ଏହାର ଉଦ୍ଦେଶ୍ୟ ଆମକୁ ଅଧିକ ଭାବରେ ଜାଗ୍ରତ କରିବା। ଏହା ଆମକୁ ମନେ ପକାଇ ଦିଏ ଯେ ସମୟ ପ୍ରବାହିତ ହେଉଛି, ତେଣୁ ବର୍ତ୍ତମାନର ମୁହୂର୍ତ୍ତଟି ଅଧିକ ମୂଲ୍ୟବାନ।

ଏହି ସତ୍ୟକୁ ଗ୍ରହଣ କରିବା ଆବଶ୍ୟକ ରହିଛି।ମୃତ୍ୟୁର ଜ୍ଞାନ ଆମକୁ ହତାଶ କରିବା ପାଇଁ ନୁହେଁ, ବରଂ ଜାଗ୍ରତ କରିବା ପାଇଁ। ଏହା ଆମକୁ ମନେ ପକାଇ ଦିଏ ଯେ ସମୟ ତାର ଗତିପଥରେ ପ୍ରବାହିତ ହୁଏ, ତେଣୁ ବର୍ତ୍ତମାନର ମୁହୂର୍ତ୍ତ ମୂଲ୍ୟବାନ। ଯେତେବେଳେ ଜଣେ ବ୍ୟକ୍ତି ଜୀବନର ଏହି ସତ୍ୟକୁ ଗ୍ରହଣ କରିନିଏ , ସେତେବେଳେ ସେ ଭବିଷ୍ୟତର ଅନନ୍ତ ସ୍ୱପ୍ନ ଓ ଅତୀତର ସ୍ମୃତିରେ କମ୍ ହଜିଯାଏ। ହୁଏତ ସେତେବେଳେ, ପ୍ରଥମ ଥର ପାଇଁ, ସେ ପ୍ରକୃତରେ ମୁକ୍ତ ହୁଏ। ଏଠାରେ କହିରଖେ "ବୟସ ତ ଗୋଟେ ସଂଖ୍ୟା। ବୟସ ଅଠର ହେଉ କି ଅଠାଅଶୀ ହେଉ, ଯେତେବେଳେ ଜଣେ ଶିଖିବା ଛାଡ଼ିଦିଏ, ସେ ବୁଢା ହୋଇଯାଏ। ଦାର୍ଶନିକ ସକ୍ରେଟିସ୍ ବିଷ ପିଇବାର କେଇ ଘଣ୍ଟା ଆଗରୁ କେହି ଜଣେ ଗୀତ ଗାଉଥିବାର ଶୁଣିଲେ। ସେ ସେହି ଲୋକଟିକୁ ଡାକିବା ପାଇଁ ତାଙ୍କ ଶିଷ୍ୟମାନଙ୍କୁ କହିଲେ। କାରଣ ସକ୍ରେଟିସ୍ ସେ ଲୋକ ଠାରୁ ଗୀତ ଶିଖିବାକୁ ଚାହିଁଲେ। ଶିଷ୍ୟମାନେ ଆବାକାବା , ବିସ୍ମିତ ହୋଇ ଭାବିଲେ। ଘଣ୍ଟାକ ପରେ ଗୁରୁଦେବ ମୃତ୍ୟୁ ବରଣ କରିବେ , ଅଥଚ ଗୀତ ଶିଖିବାକୁ ଆଗ୍ରହ ! ସକ୍ରେଟିସ୍ ଶିଷ୍ୟମାନଙ୍କୁ ବୁଝାଇଦେଲେ - ଜୀବନସାରା ସେ ଶିଖି ଆସିଛନ୍ତି; ମରିବା ଆଗରୁ ଶିଖିବାର ଆଦତ୍ ଟା ଛାଡ଼ି ଦେବେ କାହିଁକି ?"

"ତେଣୁ ମୁଁ ଚାହେଁ ମହାଭାରତରେ ଥିବା ସଂଜୟଙ୍କ ଭଳି ଦିବ୍ୟ ଚକ୍ଷୁ, ଯାହା ଫଳରେ ମୁଁ ସବୁକିଛି ଘଟୁଥିବା ଦୃଶ୍ୟମାନ ଜଗତରୁ ଶିଖିପାରିବି।" ଶେଷରେ କହିବି ନିଜ କର୍ମ ହିଁ ନିଜର ପରିଚୟ। ମହର୍ଷି ଅରୋବିନ୍ଦଙ୍କ ଦୃଷ୍ଟିରେ , ଏସୃଷ୍ଟିରେ ଏପରି କିଛି ନାହିଁ ଯାହାକୁ ଈଶ୍ୱର ସୃଷ୍ଟି କରି ପରିତ୍ୟାଗ କରିଛନ୍ତି। ତେଣୁ, ଆଧ୍ୟାତ୍ମିକତାର ଲକ୍ଷ୍ୟ ଏହି ଜଗତରୁ ବହୁତ ଦୂରରେ ସ୍ୱର୍ଗ ପାଇବା ନୁହେଁ, ବରଂ ପୃଥିବୀରେ ସ୍ୱର୍ଗର ସମ୍ଭାବନା ଅଛି କି ନାହିଁ ତାହା ଦେଖିବା।

ଏ ମଣିଷ ଶତାବ୍ଦୀ ଶତାବ୍ଦୀ ଧରି ଈଶ୍ୱରଙ୍କୁ ଖୋଜୁଛି। ଏଥିପାଇଁ ସେମାନେ ମନ୍ଦିର ନିର୍ମାଣ କରିଛନ୍ତି, ତୀର୍ଥଯାତ୍ରା କରିଛନ୍ତି ଓ ଗୁମ୍ଫାରେ ଧ୍ୟାନ କରନ୍ତି। ସେମାନଙ୍କ କଳ୍ପନାରେ, ଈଶ୍ୱର ଏହି ଜଗତ ବାହାରେ ଅନ୍ୟ କୌଣସି କ୍ଷେତ୍ରରେ ବାସ କରନ୍ତି, ଯେପରି ସେ ଜୀବନରୁ ପୃଥକ ଏକ ପ୍ରାଣୀ, ଦୂରରୁ ଏହି ବ୍ରହ୍ମାଣ୍ଡକୁ ପରିଚାଳନା କରୁଛନ୍ତି। ପ୍ରଶ୍ନ ଆସେ, ଯଦି ଈଶ୍ୱର ଅନନ୍ତ, ତେବେ ତାଙ୍କୁ କିପରି କୌଣସି ଗୋଟିଏ ସ୍ଥାନରେ ସୀମିତ କରାଯାଇପାରିବ ? ଯଦି ସେ ସର୍ବବ୍ୟାପୀ, ତେବେ ସେ କେବଳ ସ୍ୱର୍ଗରେ କାହିଁକି ରହିବେ ଓ ପୃଥିବୀରେ କାହିଁକି ରହିବେ ନାହିଁ ? ଯଦି ସେ ସମସ୍ତ ଅସ୍ତିତ୍ୱର ଉତ୍ସ, ତେବେ ଏ ଜୀବନ ତାଙ୍କଠାରୁ କିପରି ପୃଥକ ହୋଇପାରିବ ?

ମଣିଷର ସବୁଠାରୁ ବଡ଼ ଭୁଲ ହେଉଛି ଯେ ସେ ଈଶ୍ୱର ଓ ଜୀବନକୁ ପୃଥକ ବୋଲି ଭାବିଛି। ଏହି ଭ୍ରମ ଯୋଗୁଁ, ସେ ଆଧ୍ୟାତ୍ମିକତାକୁ ଜୀବନରୁ ପୃଥକ କରିଛି। ସେ ବିଶ୍ୱାସ କରେ ଯେ ସତ୍ୟ ଆବିଷ୍କାର କରିବାକୁ ହେଲେ, ଜୀବନ ତ୍ୟାଗ କରିବାକୁ ପଡିବ, ନିଜକୁ ଜଗତରୁ ଦୂରେଇ ରଖିବାକୁ ପଡିବ, ସମ୍ପର୍କ ଓ କାର୍ଯ୍ୟ ପରିତ୍ୟାଗ କରିବାକୁ ପଡିବ। କିନ୍ତୁ ସୃଷ୍ଟିର ରହସ୍ୟ



ଏହାଠାରୁ ବହୁତ ଗଭୀର। ଈଶ୍ୱର ଜୀବନ ବାହାରେ ଠିଆ ହୁଅନ୍ତି ନାହିଁ। ସେ ନିଜକୁ ଜୀବନ ଭିତରୁ ପ୍ରକାଶ କରୁଛନ୍ତି। ତେଣୁ ଯେତେବେଳେ ମୁଁ କହେ ଯେ ଈଶ୍ୱର ଜୀବନ ଭିତରେ କାର୍ଯ୍ୟ କରୁଛନ୍ତି, ମୋର ଅର୍ଥ କେବଳ ଏହା ନୁହେଁ ଯେ ସେ ମଣିଷକୁ ସହାୟତା କରନ୍ତି। ମୋର ଅର୍ଥ ଏହାଠାରୁ ବହୁତ ଗଭୀର କିଛି। ମୁଁ କହୁଛି ଯେ ଜୀବନ ନିଜେ ତାଙ୍କର କର୍ମଶାଳା। ଇତିହାସ, ସଂସ୍କୃତି, ସଂଘର୍ଷ, ପ୍ରେମ, ଜ୍ଞାନ, କଳା - ଏସବୁ ସେହି ମହାନ ପ୍ରକ୍ରିୟାର ଅଂଶ ଯାହା ମାଧ୍ୟମରେ ଈଶ୍ୱରତ୍ୱ ପ୍ରକାଶ ପାଉଛି।

ପ୍ରାୟତଃ ମଣିଷ ଜଗତର ଦୁଃଖ ଦେଖି ପଚାରେ, "ଯଦି ଈଶ୍ୱର ଅଛନ୍ତି, ତେବେ ଏତେ ସଂଘର୍ଷ କାହିଁକି ?" ଏହି ପ୍ରଶ୍ନ ସ୍ୱାଭାବିକ। ତଥାପି ଆମକୁ ବୁଝିବାକୁ ପଡିବ ଯେ ବୃଦ୍ଧି ପ୍ରକ୍ରିୟା ସର୍ବଦା ଧୀରେ ଧୀରେ ହୁଏ। ଏକ ବୀଜ ଗୋଟିଏ ମୁହୂର୍ତ୍ତରେ ଗଛ ହୁଏ ନାହିଁ। ଏହାକୁ ମାଟି, ଅନ୍ଧକାର, ବର୍ଷା, ସୂର୍ଯ୍ୟ କିରଣ ଓ ସମୟ ଆବଶ୍ୟକ। ସେହିପରି ଚେତନାର ବିକାଶ ମଧ୍ୟ ଧୀରେ ଧୀରେ ହୁଏ। ତେଣୁ ଯଦି ଈଶ୍ୱର ଜୀବନ ଭିତରେ କାମ କରୁଛନ୍ତି, ତେବେ ଜୀବନକୁ କାହିଁକି ବଳିଦାନ ଦେବେ ? ଯେତେବେଳେ ତୁମେ ସମ୍ପୂର୍ଣ୍ଣ ସମର୍ପିତ ଭାବରେ କାମ କର, ସେତେବେଳେ ଈଶ୍ୱର କାମ କରନ୍ତି। ଯେତେବେଳେ ତୁମେ ସତ୍ୟ ପାଇଁ ଠିଆ ହୁଅ, ସେତେବେଳେ ତୁମେ ଭଲ ପାଅ ଓ ଯେତେବେଳେ ତୁମେ ଅନ୍ଧାର ମଧ୍ୟରେ ମଧ୍ୟ ଆଶା ବଜାୟ ରଖ, ସେତେବେଳେ ମଧ୍ୟ ସେ କାମ କରନ୍ତି। ଈଶ୍ୱରଙ୍କୁ ବହୁତ ଦୂରରେ ଖୋଜନ୍ତୁ ନାହିଁ। ସେ କେବଳ ମନ୍ଦିର ଓ ଧ୍ୟାନର ନୀରବତାରେ ନାହାନ୍ତି; ସେ ସର୍ବତ୍ର ଅଛନ୍ତି। ସେ ଜୀବନର ପ୍ରତ୍ୟେକ ସ୍ପନ୍ଦନରେ ଅଛନ୍ତି। ସୃଷ୍ଟିରେ ଏପରି କିଛି ନାହିଁ ଯାହାକୁ ଈଶ୍ୱର ଅକୃତ ଛାଡି ଦେଇଛନ୍ତି। ତେଣୁ ଆଧ୍ୟାତ୍ମିକତାର ଲକ୍ଷ୍ୟ ଦୁନିଆଠାରୁ ଦୂରରେ ଏକ ସ୍ୱର୍ଗ ପ୍ରାପ୍ତ କରିବା ନୁହେଁ, ବରଂ ପୃଥିବୀରେ ସ୍ୱର୍ଗର ସମ୍ଭାବନା ଅଛି ତାହା ଦେଖିବା। ଦିବ୍ୟତା ବାହାରେ କୌଣସି ସ୍ଥାନରେ ଅପେକ୍ଷା କରିନାହିଁ; ଏହା ଜୀବନର ହୃଦୟରେ ଅଛି। ଯେଉଁଦିନ ମଣିଷ ଏହି ସତ୍ୟକୁ ଅନୁଭବ କରିବ, ସେହି ଦିନ ଜଗତ ଓ ଈଶ୍ୱରଙ୍କ ମଧ୍ୟରେ ବିଭାଜନ ତା' ପାଇଁ ଅଦୃଶ୍ୟ ହୋଇଯିବ। ତା'ପରେ ସେ ଜାଣିବ ଯେ ତା'ର ନିଜର। ଈଶ୍ୱରଙ୍କୁ ପାଇବାର ଚାବିକାଠି ହେଉଛି ଜୀବନରୁ ଖସିଯିବା ନୁହେଁ, ବରଂ ଏହାକୁ ସମ୍ପୂର୍ଣ୍ଣ ସଚେତନତାର ସହିତ ଖୋଜିବା। ଯେତେବେଳେ ଆମେ ପ୍ରତ୍ୟେକ କାର୍ଯ୍ୟକୁ ଆନ୍ତରିକତା, ପ୍ରେମ ଓ ଭକ୍ତିର ସହିତ ବ୍ୟବହାର କରୁ, ସାଧାରଣ କାର୍ଯ୍ୟଗୁଡ଼ିକ ମଧ୍ୟ ଆଧ୍ୟାତ୍ମିକ ଅଭ୍ୟାସରେ ପରିଣତ ହୁଏ। ଅନ୍ୟତ୍ର ଈଶ୍ୱରଙ୍କୁ ଖୋଜିବାର କୌଣସି ଆବଶ୍ୟକତା ନାହିଁ। ସେ ପୂର୍ବରୁ ଆପଣଙ୍କ କରୁଣା, ସାଧୁତା, ସେବା, ପ୍ରେମ ଓ ଆଶାରେ ପ୍ରକାଶିତ ହୋଇଥାନ୍ତି।

ଏସବୁ ଦିବ୍ୟ ଜ୍ଞାନ ଦ୍ୱାରା ପାଠ ଜୀବନ ପରିବର୍ତ୍ତନ ଭିତରୁ ଆରମ୍ଭ ହୁଏ। ଜଣେ ବ୍ୟକ୍ତିର ଜୀବନର ସବୁଠାରୁ ବଡ଼ ଶକ୍ତି ତାଙ୍କ ଭିତରର ଚିନ୍ତାଧାରା ଉପରେ ଥାଏ। ଅଧିକାଂଶ ଲୋକ ବିଶ୍ୱାସ କରନ୍ତି ଯେ ପରିସ୍ଥିତି ତାଙ୍କ ଭବିଷ୍ୟତ ନିର୍ଣ୍ଣୟ କରେ। କିନ୍ତୁ ମୋର ଦୀର୍ଘ ଅଭିଜ୍ଞତାରେ ଦେଖିଛି ଯେ ଆମେ ନିଜ ଭିତରେ ଯେଉଁ ମାନସିକ ପ୍ରତିଛବି ରଖିଥାଉ ତାହା ପରିସ୍ଥିତି ଅପେକ୍ଷା ଆହୁରି ଶକ୍ତିଶାଳୀ। ଆପଣ ନିଜ ବିଷୟରେ କ'ଣ ଭାବନ୍ତି ତାହା ହିଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ମୁଁ କହୁନାହିଁ ଯେ କେବଳ ସକାରାତ୍ମକ ଚିନ୍ତା କରିବା ଜୀବନର ସମସ୍ୟାଗୁଡ଼ିକୁ ଦୂର କରିବ। ଜୀବନ ସଂଘର୍ଷ, ନିରାଶା ଓ ବିଫଳତା ଆଣିବ। ତଥାପି ଏଠାରେ ପ୍ରଶ୍ନ ହେଉଛି ଅସୁବିଧା ସୃଷ୍ଟି ହେବ କି ନାହିଁ, ବରଂ ଆପଣ ଯେଉଁ ମାନସିକ ସ୍ଥିତି ସହିତ ସେଗୁଡ଼ିକୁ ସମ୍ମୁଖୀନ ହୁଅନ୍ତି , ତାହା ପ୍ରତିହତ କରିବା ପାଇଁ କେଉଁଠି ନା କେଉଁଠି ବାଟ ଫିଟିଯିବ। କେହି କେହି ବ୍ୟକ୍ତି ଏକ ପ୍ରତିବନ୍ଧକକୁ ଦେଖି କୁହନ୍ତି, "ଏହା ଅସମ୍ଭବ।" ସମାନ ପ୍ରତିବନ୍ଧକକୁ ଦେଖି ଅନ୍ୟ ଜଣେ କୁହନ୍ତି, "ଏହା କଷ୍ଟକର, କିନ୍ତୁ ଏକ ଉପାୟ ନିଶ୍ଚିତ ଭାବରେ ମିଳିବ।" ଉଭୟଙ୍କ ପରିସ୍ଥିତି ସମାନ ହୋଇପାରେ, କିନ୍ତୁ ସେମାନଙ୍କର ଫଳାଫଳ ଅନିବାର୍ଯ୍ୟ ଭାବରେ ଭିନ୍ନ ହେବ। କାରଣ ହେଉଛି ସେମାନଙ୍କର ଚିନ୍ତାଧାରା ଓ ଚିନ୍ତା କରିବାର ଶୈଳୀ ଭିନ୍ନ। ମନେରଖନ୍ତୁ ମନରେ ବାରମ୍ବାର ଆସୁଥିବା ଏକ ଚିନ୍ତାଧାରା ଚରିତ୍ର ହୋଇଯାଏ। ଚରିତ୍ର କାର୍ଯ୍ୟକୁ ଜନ୍ମ ଦିଏ ଓ କାର୍ଯ୍ୟ ଜୀବନର ଦିଗ ନିର୍ଣ୍ଣୟ କରେ। ମୁଁ ଅନେକ ଲୋକଙ୍କୁ ଦେଖିଛି ଯେଉଁମାନେ ବର୍ଷ ବର୍ଷ ଧରି ବିଫଳତା ଓ ସମାଲୋଚନାକୁ ଭୟ କରି ନିଜର ସମ୍ଭାବନାକୁ ପୂରଣ କରିପାରି ନାହାନ୍ତି। ଏପରିକି ସେମାନେ ଭବିଷ୍ୟତକୁ ଭୟ କରୁଥିଲେ। ଧୀରେ ଧୀରେ ସେମାନେ ନିଜ ପାଇଁ ସୀମାବଦ୍ଧତା ସୃଷ୍ଟି କଲେ। ତା'ପରେ ସେଗୁଡ଼ିକୁ ବାସ୍ତବତା ଭାବରେ ଗ୍ରହଣ କଲେ। କିନ୍ତୁ ମୁଁ ଏହା ମଧ୍ୟ ଦେଖିଛି ଯେ ଯେତେବେଳେ ଏପରି ଲୋକମାନେ ସେମାନଙ୍କର ଚିନ୍ତାଧାରା ପରିବର୍ତ୍ତନ କରିବାକୁ ଆରମ୍ଭ କରନ୍ତି, ସେତେବେଳେ ସେମାନଙ୍କର ଜୀବନ ପରିବର୍ତ୍ତନ ହେବା ଆରମ୍ଭ କରେ।

ମାନବ ମନ ଏକ ପ୍ରକାର ଆଭ୍ୟନ୍ତରୀଣ କର୍ମଶାଳା। ସେଠାରେ ସର୍ବଦା କିଛି ସୃଷ୍ଟି ହେଉଛି। ଯଦି ସେଠାରେ ନିରାଶା, ଭୟ ଓ ନକାରାତ୍ମକତାର ଭାବନା ସୃଷ୍ଟି ହୁଏ, ତେବେ ସେଗୁଡ଼ିକ ଜୀବନରେ ପ୍ରକାଶିତ ହେବ। ଯଦି ସେଠାରେ ଆଶା, ସାହସ ଓ ବିଶ୍ୱାସ ସୃଷ୍ଟି ହୁଏ, ତେବେ ଜୀବନର ପ୍ରକୃତି ସେହି ଅନୁସାରେ ପରିବର୍ତ୍ତନ ହେବା ଆରମ୍ଭ କରିବ। ତେଣୁ ଆପଣଙ୍କ ମନକୁ ସତର୍କତାର ସହିତ ତାଲିମ ଦିଅନ୍ତୁ। ଆପଣଙ୍କ ଚିନ୍ତାଧାରାକୁ ଲକ୍ଷ୍ୟହୀନ ଭାବରେ ବିଚରଣ କରିବାକୁ ଦିଅନ୍ତୁ ନାହିଁ। ସେମାନଙ୍କୁ ଆଶାର କିରଣ ଦେଖାନ୍ତୁ। ପ୍ରତିଦିନ କିଛି ଚିନ୍ତାଧାରା ପୁନରାବୃତ୍ତି କରନ୍ତୁ ଯାହା ଆପଣଙ୍କୁ ପ୍ରତ୍ୟେକ ଦିଗରେ ଶକ୍ତିଶାଳୀ କରେ। ନିଜକୁ କୁହନ୍ତୁ, ମୁଁ ଭୟଠାରୁ ମହାନ, ମୁଁ ବିଫଳତାରୁ ଶିଖିପାରେ, ମୋ ଭିତରେ ଏବେ ବି ସମ୍ଭାବନା ଅଛି। କାରଣ ମୁଁ ଈଶ୍ୱର ବିଶ୍ୱାସୀ , ଯାହାଙ୍କ ଅଦୃଶ୍ୟ ନିର୍ଦ୍ଦେଶନାରେ ଜଗତ ପରିଚାଳିତ। ସକାରାତ୍ମକ ଚିନ୍ତାଧାରା ବାସ୍ତବତା ପ୍ରତି ଆଖି ବୁଜି ଦେବା ନୁହେଁ। ଏହାର ଅର୍ଥ ସମସ୍ୟାଗୁଡ଼ିକୁ ଅଣଦେଖା କରିବା ନୁହେଁ। ଏହାର ଅର୍ଥ ସେଗୁଡ଼ିକୁ ସ୍ୱୀକାର କରିବା, କିନ୍ତୁ ଆଶା ହରାଇବା ନୁହେଁ। ଯେପରି ଗୋଟିଏ ଜାହାଜର କ୍ୟାପ୍ଟେନ୍ ଝଡ଼କୁ ଅଟକାଇ ପାରିବେ ନାହିଁ, ସେ ଦିଗକୁ ବଜାୟ ରଖିପାରିବେ। ସେହିପରି ଆପଣ ଜୀବନର ସମସ୍ତ ପରିସ୍ଥିତିକୁ ନିୟନ୍ତ୍ରଣ କରିପାରିବେ ନାହିଁ, କିନ୍ତୁ ଆପଣ ନିଶ୍ଚିତ ଭାବରେ ଆପଣଙ୍କର ମାନସିକ ପ୍ରତିକ୍ରିୟା ଗୁଡ଼ିକୁ ନିୟନ୍ତ୍ରଣ କରିପାରିବେ। କିନ୍ତୁ ଆଶା ଯେପରି ଅସ୍ପଷ୍ଟ ଓ ଅଦୃଶ୍ୟ ସେପରି ଈଶ୍ୱରଙ୍କ ସୃଷ୍ଟିରେ ଈଶ୍ୱର ସେପରି ଅସ୍ପଷ୍ଟ ଓ ରହସ୍ୟମୟ, ବିଶ୍ୱାସେ ମିଳଇ ହରି ତର୍କେ ବହୁ ଦୂର। ପରିସ୍ଥିତି ନିୟନ୍ତ୍ରଣ ପାଇଁ ସକାରାତ୍ମକ ଭାବନା ଓ ଦୃଢ଼ ଆତ୍ମ ବିଶ୍ୱାସ ଯାହା ଈଶ୍ୱରଙ୍କ ପ୍ରତି ବିଶ୍ୱାସ ଯେତେବେଳେ ଠୁଳ ହୁଏ ସବୁ ପରିସ୍ଥିତି ସହଜ ହୋଇଯାଏ। ଜଣେ ବ୍ୟକ୍ତିଙ୍କ ଜୀବନ ପରିସ୍ଥିତି ଦ୍ୱାରା ନୁହେଁ, ବରଂ ତାଙ୍କ ପ୍ରତି ଥିବା ମନୋଭାବ ଦ୍ୱାରା ଗଢ଼ା ହୋଇଥାଏ। ସମୟର ଛାୟାଚିତ୍ର ପ୍ରତ୍ୟେକ ଚ୍ୟାଲେଞ୍ଜ ପାଇଁ ଏକ ସୁଯୋଗ ଆଣିଥାଏ, କିନ୍ତୁ ଯେଉଁମାନେ ଆଶା ଓ ବିଶ୍ୱାସ ବଜାୟ ରଖନ୍ତି , ସେମାନେ ହିଁ ଏହାକୁ ଦେଖିପାରିବେ ଓ ବୁଝି ପାରିବେ। ମନେ ରଖିବାକୁ ହେବ ଭୟ, ସନ୍ଦେହ ଓ ନକାରାତ୍ମକତା ଭାବନା ଆମର କ୍ଷମତାକୁ ସୀମିତ କରିଥାଏ, ଯେତେବେଳେ ସାହସ, ଆତ୍ମବିଶ୍ୱାସ ଓ ସକାରାତ୍ମକ ଚିନ୍ତାଧାରା ମନରେ ଉଦ୍ରେକ ହୁଏ ସେତେବେଳେ ଆମକୁ ଅଗ୍ରଗତି ଆଗକୁ ବଢ଼ିବାକୁ ଶକ୍ତି ପ୍ରଦାନ କରିଥାଏ...!!!

**ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪
ମୋବାଇଲ୍‌: ୯୦୪୦ ୧୫୧୪ ୭୫**



କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ବଳଦେବଜୀଉଙ୍କ ଦର୍ଶନ କଲେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

# ଏସ୍‌ସିବିରେ ପ୍ରଭାତ ବିଶ୍ୱାଳଙ୍କୁ ଭେଟିଲେ ସାଂସଦ ଦିଲ୍ଲୀପ

## ଫୋନରେ କଥାହେଲେ ମୁଖ୍ୟମନ୍ତ୍ରୀ



କଟକ, ୨୮।୬ (ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏସସିବିରେ ଚିକିତ୍ସିତ ହେଉଥିବା କଟକ ଚୌଦ୍ୱାରର ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ମୁଖ୍ୟମନ୍ତ୍ରୀ ଟେଲିଫୋନ ଯୋଗେ ପ୍ରଭାତଙ୍କ ପୁତ୍ର ବିଧାୟକ ସୌଭିକ ବିଶ୍ୱାଳଙ୍କ ସହିତ କଥା ହେବା ସହିତ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିଥିଲେ। ଏଥିସହିତ ପ୍ରଭାତଙ୍କୁ ଭେଟିବା ଲାଗି ବିଜେଡି ଉପସଭାପତି ଦେବୀପ୍ରସାଦ ମିଶ୍ର, କଟକ ମେୟର ସୁଭାଷ ସିଂ, ବିଜେଡ଼ି ବରିଷ୍ଠ ନେତ୍ରୀ ସ୍ମୃତି ପଟ୍ଟନାୟକ, ପୂର୍ବତନ ବିଜେଡ଼ି ନଗର ସଭାପତି ମଧୁସୂଦନ ସାହୁ, ବିଜେପିର ବରିଷ୍ଠ ନେତା ଶ୍ରୀତମ ଦାସ, ଟେଟ୍ରା ହାଇଡ୍ରୋନ କଲେଜର ଅଧକ୍ଷ ତ୍ରିଦେବ ବେହେରା ଓ ଶନିବାର ସନ୍ଧ୍ୟାରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏସସିବି ମେଡିକାଲକୁ ଆସି ପ୍ରଭାତଙ୍କୁ ସାକ୍ଷାତ କରିଛନ୍ତି। ସେହିପରି ରବିବାର ସନ୍ଧ୍ୟାରେ ରାଜ୍ୟସଭା ସାଂସଦ ଦିଲ୍ଲୀପ ରାୟ ମଧ୍ୟ ପ୍ରଭାତଙ୍କୁ ଭେଟି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ଖବର ନେବା ସହ ତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ପ୍ରଭାତଙ୍କ ଅସୁସ୍ଥ ଖବର ଶୁଣି କଟକ ଏସସିବି ମେଡ଼ିକାଲକୁ ବହୁ ରାଜନେତା, କର୍ପୋରେଟରଙ୍କ ସମେତ ବହୁ ଶୁଭେଚ୍ଛୁଙ୍କ ସୁଅ ଛୁଟୁଛି। ଶରୀରରୁ ହେମୋଗ୍ଲୋବିନ, ଆଇରନ ଓ ଭିଟାମିନର ସ୍ତର ହ୍ରାସ ପାଇବା ଫଳରେ ଅସୁସ୍ଥ ଅନୁଭବ କରିବାରୁ ପ୍ରଭାତଙ୍କୁ ଶୁକ୍ରବାର ଏସ୍‌ସିବିରେ ଆଡମିଟ୍ କରାଯାଇଛି। ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ଆସିବା ପାଇଁ ଆହୁରି ଦୁଇରୁ ତିନିଦିନ ଲାଗିବ ବୋଲି ଡାକ୍ତର କହିଛନ୍ତି।

# ତୃଣମୂଳସ୍ତରର ଉଦ୍ୟୋଗୀଙ୍କୁ ସଶକ୍ତ କରିବାକୁ ସରକାର ପ୍ରତିବଦ୍ଧ




ବାରିପଦା, ୨୮।୬(ସଂଚାର ବ୍ୟୁରୋ): ଅନ୍ତର୍ଜାତୀୟ ବିଶ୍ୱ ଏମଏସଏମଇ ଦିବସ ଅବସରରେ ମୟୂରଭଞ୍ଜ ଜିଲ୍ଲା ଶିଳ୍ପ କେନ୍ଦ୍ର ପକ୍ଷରୁ 'ଉଦ୍ୟମୀ ଓଡ଼ିଶା ଏମଏସଏମଇ କାର୍ଯ୍ୟକ୍ରମ' ଅଧୀନରେ ଏକ ସ୍ୱତନ୍ତ୍ର ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। 'ଉଦ୍ୟୋଗୀ ସଚେତନତା ଓ ଋଣ ସୁବିଧା' ବିଷୟବସ୍ତୁକୁ ନେଇ ଆୟୋଜିତ ଏହି ଆଲୋଚନାଚକ୍ରର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସ୍ଥାନୀୟ ଆଶାୟୀ ଉଦ୍ୟୋଗୀଙ୍କୁ ସଶକ୍ତ କରିବା ଓ ଏହି ଅଞ୍ଚଳରେ ଥିବା ସୂକ୍ଷ୍ମ ଉଦ୍ୟୋଗଗୁଡ଼ିକର ବିକାଶ କରିବା। ଏହି କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।

ନୂତନ ଉଦ୍ୟୋଗୀ, ସ୍ୱୟଂ ସହାୟକ ଗୋଷ୍ଠୀ ଓ ସ୍ଥାନୀୟ ବ୍ୟବସାୟୀଙ୍କ ସମାବେଶକୁ ସମ୍ବୋଧନ କରି ଡ. ମହାପାତ୍ର ଏମଏସଏମଇ କ୍ଷେତ୍ର ପାଇଁ ଏକ ସୁଦୃଢ଼ ଓ ଆତ୍ମନିର୍ଭରଶୀଳ ବ୍ୟବସ୍ଥା ଗଠନ କରିବା ନେଇ ରାଜ୍ୟ ସରକାରଙ୍କ ସମ୍ପୂର୍ଣ୍ଣ ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ ଆର୍ଥିକ ସାକ୍ଷରତାର ପ୍ରସାର ଓ ସଂସ୍ଥାଗତ ଋଣ ପ୍ରକ୍ରିୟାକୁ ସହଜ କରିବା ଦ୍ୱାରା ମୟୂରଭଞ୍ଜର ବିପୁଳ ତଥା ଅପ୍ରକାଶିତ ଉଦ୍ୟୋଗୀ ପ୍ରତିଭାକୁ ସାମ୍ନାକୁ ଅଣାଯାଇପାରିବ। ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ ମାର୍ଗଦର୍ଶନ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଗତିଶୀଳ ନେତୃତ୍ୱରେ ସରକାର ଏମଏସଏମଇ କ୍ଷେତ୍ରକୁ ବ୍ୟାପକ ଭାବେ ପ୍ରୋତ୍ସାହିତ କରୁଛନ୍ତି, କାରଣ ଏହା ଆମ ଅର୍ଥନୀତିର ମେରୁଦଣ୍ଡ।

ମହିଳା-କୈନ୍ଦ୍ରିକ ବିକାଶ ପାଇଁ ରାଜ୍ୟ ସରକାରଙ୍କ ପ୍ରମୁଖ ପଦକ୍ଷେପଗୁଡ଼ିକ ଉପରେ ଆଲୋକପାତ କରି ନଗର ଉନ୍ନୟନ ମନ୍ତ୍ରୀ ନୀତି ଆୟୋଗଙ୍କ ସହଯୋଗରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ନିକଟରେ ଆରମ୍ଭ ହୋଇଥିବା ମହିଳା ଉଦ୍ୟୋଗୀ ମଞ୍ଚର ଓଡ଼ିଶା ଚାପ୍ଟର ବିଷୟରେ ଆଲୋଚନା କରିଥିଲେ। ଏହି ସମନ୍ୱିତ ମଞ୍ଚ ସହଜ ଆର୍ଥିକ ସହାୟତା, ମାର୍ଗଦର୍ଶନ ଓ ବଜାର ସଂଯୋଗୀକରଣ ସୁନିଶ୍ଚିତ କରିବ, ଯାହା ମହିଳାମାନଙ୍କୁ ଓଡ଼ିଶାର ବିକାଶ ଗାଥାର ପ୍ରମୁଖ ନେତୃତ୍ୱ ଭାବେ ଦୃଢ଼ ଭାବେ ପ୍ରତିଷ୍ଠିତ କରିବ ବୋଲି ଡ. ମହାପାତ୍ର କହିଥିଲେ।

# ରକ୍ତରଞ୍ଜିତ ହେଲା ନାଇଟ୍ ପାର୍ଟି

■ 'ଡିସିପିଙ୍କ ଭଣଜା' କହି ତାରକା ହୋଟେଲରେ ଆତଙ୍କ

■ ୩ ବି.ଟେକ୍ ଇଞ୍ଜିନିୟରଙ୍କୁ ଗିରଫ କଲା ପୁଲିସ

ଭୁବନେଶ୍ୱର, ୨୮।୬(ସଂଚାର ବ୍ୟୁରୋ): ରାଜଧାନୀ ଭୁବନେଶ୍ୱରର ଏକ ପ୍ରତିଷ୍ଠିତ ତାରକା ହୋଟେଲରେ ଚାଲିଥିବା ରଙ୍ଗିନ ନାଇଟ୍ ପାର୍ଟି ଶେଷରେ ରକ୍ତରଞ୍ଜିତ ହୋଇଛି। ନିଜକୁ 'ଡିସିପିଙ୍କ ଭଣଜା' ଓ ବଡ଼ବଡ଼ିଆ ପୁଲିସ ବାବୁଙ୍କ ସମ୍ପର୍କୀୟ କହି ହୋଟେଲ ଭିତରେ ଆତଙ୍କ ଖେଳାଇଥିବା ୩ ଜଣ ଉଚ୍ଚଶିକ୍ଷିତ ଯୁବକଙ୍କୁ ବାନ୍ଧିଛି କମିଶନରେଟ ପୁଲିସ। ଗିରଫ ହୋଇଥିବା ଏହି ୩ ଅଭିଯୁକ୍ତ ହେଉଛନ୍ତି ବିଟେକ୍ ପାସ୍‌ଆଉଟ୍ ଯୁବକ। ନୟାପଲ୍ଲୀ ଥାନା ପୁଲିସ ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପୁଣ୍ୟ ପ୍ରସନ୍ନ ମହାନ୍ତି, ଆଶୀର୍ବାଦ ଧୀର ଓ ନିଖିଲ କୁମାର ସାହୁ।

ସୂଚନାନୁଯାୟୀ, ଗତକାଲି ବିଳମ୍ବିତ ରାତିରେ ନୟାପଲ୍ଲୀ ଥାନା ଅଞ୍ଚଳରେ ଥିବା ଏକ ପ୍ରତିଷ୍ଠିତ ହୋଟେଲରେ ନାଇଟ୍ ପାର୍ଟି ଚାଲିଥିଲା। ଏହି ସମୟରେ କୌଣସି ଏକ ସାମାନ୍ୟ କଥାକୁ ନେଇ ସେଠାରେ ଉପସ୍ଥିତ ଅନ୍ୟ ତିନି ଜଣ ଯୁବକଙ୍କ ସହ ଏମାନଙ୍କର ବଚସା ହୋଇଥିଲା। ଗଣ୍ଡଗୋଳ ଏତେ ବଢ଼ିଯାଇଥିଲା ଯେ ଅଭିଯୁକ୍ତମାନେ ଅତି ନିର୍ମମ ଭାବେ ଅନ୍ୟ ପକ୍ଷର ତିନି ଜଣଙ୍କୁ ଆକ୍ରମଣ କରିଥିଲେ। ମାଡ଼ ମାରି ସେମାନଙ୍କ ମୁଣ୍ଡ ଫଟାଇ ଲହୁଲୁହାଣ କରିଦେଇଥିଲେ। ହୋଟେଲ ଭିତରେ ରକ୍ତରଞ୍ଜିତ ହେବା ସହ ପାର୍ଟିର ମାହୋଲ ସମ୍ପୂର୍ଣ୍ଣ ବିଗିଡ଼ିଯାଇଥିଲା।

ମାରପିଟ୍ କରିବା ପରେ ଘଟଣାସ୍ଥଳରୁ ଖସିଯିବା ପାଇଁ ଅଭିଯୁକ୍ତମାନେ ନିଜକୁ କମିଶନରେଟ୍ ପୁଲିସର ଜଣେ ଡିସିପି ପାହ୍ୟାର ଅଧିକାରୀଙ୍କ ଭଣଜା ଓ ସମ୍ପର୍କୀୟ ବୋଲି ପରିଚୟ ଦେଇ ଭାଉ ଦେଖାଇଥିଲେ। ହେଲେ ନୟାପଲ୍ଲୀ ଥାନା ପୁଲିସ ତୁରନ୍ତ ଆକ୍ସନ ମୋଡ୍‌କୁ ଆସି ତିନି ଜଣଙ୍କୁ କାବୁ କରିଥିଲା। ତଦନ୍ତରୁ ଜଣାପଡ଼ିଛି ଯେ ଗିରଫ ହୋଇଥିବା ଯୁବକମାନେ କୌଣସି ସାଧାରଣ ଅପରାଧୀ ନୁହନ୍ତି, ବରଂ ସେମାନେ ସଫ୍ଟୱେର୍ କମ୍ପାନୀରେ କାମ କରନ୍ତି। ଏହି ପୂରା ଗଣ୍ଡଗୋଳର ମାଷ୍ଟରମାଇଣ୍ଡ ହେଉଛି ପୁଣ୍ୟ ପ୍ରସନ୍ନ ମହାନ୍ତି, ଯିଏକି ଜଣେ ଇଭେଣ୍ଟ ଅର୍ଗାନାଇଜର ଭାବେ କାମ କରେ। ତା' ନାଁରେ ପୂର୍ବରୁ ବିଭିନ୍ନ ଥାନାରେ ୧୨ରୁ ଅଧିକ ଅପରାଧିକ ମାମଲା ରହିଛି। ବିଶେଷକରି ଇନଫୋସିଟି ଥାନା ଅଞ୍ଚଳରେ ତା'ର ଏକାଧିକ କାରନାମା ଥିବା ସୂଚନା ମିଳିଛି। ବାକି ଅନ୍ୟ ଦୁଇ ଅଭିଯୁକ୍ତ ମଧ୍ୟ ସଫ୍ଟୱେର୍ କମ୍ପାନୀରେ ଚାକିରି କରୁଛନ୍ତି। ପୁଲିସ ଏହି ଘଟଣାରେ ଅଧିକ ତଦନ୍ତ ଚଳାଇଛି।

## ଜୁନ ୨୯କୁ ଓଡ଼ିଆ ଅସ୍ମିତା ଦିବସ ପାଳନ ଦାବି

ଭୁବନେଶ୍ୱର, ୨୮।୬(ସଂଚାର ବ୍ୟୁରୋ): ୧୪୩୫ ମସିହା ଜୁନ ୨୯ ତାରିଖରେ କପିଳେନ୍ଦ୍ର ଦେବ ସିଂହାସନ ଆରୋହଣ କରିଥିଲେ। ସିଂହାସନ ଆରୋହଣ ମାତ୍ରେ ସେ ଦୃଢ଼ କଣ୍ଠରେ ଘୋଷଣା କରିଥିଲେ ଯେ ମୋ ଅଧୀନ ରାଜ୍ୟର ନାଁ ହେଉଛି ଓଡ଼ିଶା, ସେ ରାଜ୍ୟର ଭାଷା ଓଡ଼ିଆ ଓ ଜଗନ୍ନାଥ ମୋ ରାଜ୍ୟର ରାଷ୍ଟ୍ର ଦେବତା। ଆଜିକୁ ୧୦୯୧ ବର୍ଷ ବିତିଯାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ଆମେ ଏହାକୁ 'ଅସ୍ମିତା ଦିବସ' ଭାବେ ପାଳନ କରିବାରେ ସମର୍ଥ ହୋଇ ନ ଥିବାରୁ ଉଦବେଗ ପ୍ରକାଶ କରିଛି ଓଡ଼ିଶା ଅସ୍ମିତା ପରିଷଦ। ଆସନ୍ତାକାଲି ରାଜ୍ୟ ସଂସ୍କୃତି ବିଭାଗ ଏହାକୁ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ 'ଗଜପତି ଦିବସ' ଭାବେ ପାଳନ ପାଇଁ ନିଷ୍ପତ୍ତି ନିଆଯାଇଛି। କିନ୍ତୁ ଜୁନ ୨୯ ତାରିଖକୁ ପ୍ରତିବର୍ଷ ଓଡ଼ିଶା ସରକାର ଓଡ଼ିଆ ଅସ୍ମିତା ଦିବସ ଭାବେ ପାଳନ କରିବାକୁ ଓଡ଼ିଆ ଅସ୍ମିତା ପରିଷଦର ଆବାହକ ରବି ବେହେରା ଦାବି କରିବା ସହ ଏ ଦିଗରେ ପଦକ୍ଷେପ ନେବା ସକାଶେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖିଛନ୍ତି।

### ଠାକୁରଙ୍କୁ ବି ଛାଡ଼ିଲେନି

## ଲୁଟିନେଲେ ଲକ୍ଷାଧିକ ଟଙ୍କାର ସାମଗ୍ରୀ



ବାଲେଶ୍ୱର, ୨୮।୬(ସଂଚାର ବ୍ୟୁରୋ): ଠାକୁରଙ୍କୁ ବି ଛାଡ଼ିଲେନି ଚୋର। ତାଲା ଭାଙ୍ଗି, କବାଟ ତାଡ଼ି ଲୁଟିନେଇଗଲେ ଲକ୍ଷାଧିକ ଟଙ୍କାର ସାମଗ୍ରୀ। ବାଲେଶ୍ୱର ସଦର ଥାନା ଅନ୍ତର୍ଗତ ଗୋପୀନାଥପୁର ପଞ୍ଚାୟତ ନିଳଦା ଗାଁସ୍ଥିତ ସର୍ବମଙ୍ଗଳା ମନ୍ଦିରରେ ହୋଇଛି ଏପରି ଲୁଟ୍। ମନ୍ଦିରର ଦାନବାକ୍ସ ଭାଙ୍ଗି ଲୁଟେରାମାନେ ଟଙ୍କା ନେବା ସହ ସୁନା ରୁପା ଅଳଙ୍କାର ଆଦି ବି ଲୁଟି ନେଇଛନ୍ତି। ପ୍ରାୟ ୭ ଲକ୍ଷ ଟଙ୍କାର ଅଳଙ୍କାର ସେମାନେ ଲୁଟ୍ କରିଥିବା ଜଣାପଡ଼ିଛି। ସକାଳେ ମନ୍ଦିର ବାହାରେ ଦାନବାକ୍ସ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ମନ୍ଦିରରୁ ଲୁଟ୍ ହୋଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାରେ ତଦନ୍ତ ଆରମ୍ଭ କରିଛି। ତଦନ୍ତ ପାଇଁ ପୁଲିସ୍ ମନ୍ଦିର ପରିସରରେ ଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରୁଛି। ଲୁଟେରାମାନଙ୍କୁ ଚିହ୍ନଟ କରିବା ସକାଶେ ପୁଲିସ ତଦନ୍ତକୁ ଜୋରଦାର କରିଛି। ତେବେ ଏହି ଘଟଣା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ଚୋରମାନେ ଯେପରି ଲୁଟ୍ କରିନପାରିବେ, ସେଥିସକାଶେ ସ୍ଥାନୀୟ ଲୋକେ ମନ୍ଦିରଗୁଡ଼ିକର ସୁରକ୍ଷା ବ୍ୟବସ୍ଥା ଆହୁରି କଡ଼ାକଡ଼ି କରିବାକୁ ଦାବି କରିଛନ୍ତି।

■ ଜମିଜମା ଆଗରେ ରକ୍ତସମ୍ପର୍କ ତୁଚ୍ଛ

## ସାନ ଭାଇ ଓ ବାପାଙ୍କୁ ହାଣିଲେ ବଡ଼ ଭାଇ

ଉଦଳା, ୨୮।୬(ସଂଚାର ବ୍ୟୁରୋ): ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟା ଥାନା ଅନ୍ତର୍ଗତ ଶିରାଥଳି ଗାଁରେ ଜମିଜମା ବିବାଦକୁ କେନ୍ଦ୍ର କରି ଏକ ଅଭାବନୀୟ ଘଟଣା ଘଟିଛି। ଜମିଜମା ଆଗରେ ରକ୍ତସମ୍ପର୍କ ପାଲଟିଛି ତୁଚ୍ଛ। ଜମି ଭାଗବଣ୍ଟାକୁ ନେଇ ପରିବାର ମଧ୍ୟରେ ଦୀର୍ଘ ଦିନ ଧରି ଲାଗି ରହିଥିବା ବିବାଦ ଆଜି ହିଂସାତ୍ମକ ରୂପ ନେଇଥିଲା। ବଚସା ଉଗ୍ର ହେବା ପରେ ବଡ଼ ଭାଇ ଏକ ଧାରୁଆ କଟୁରିରେ ନିଜ ସାନ ଭାଇ ଓ ବାପାଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ମିଳିଥିବା ସୂଚନାନୁସାରେ, ଘର ଭିତରେ ଜମିଜମାକୁ ନେଇ କଥା କଟାକଟି ଚାଲିଥିବା ସମୟରେ ହଠାତ୍ ବଡ଼ ଭାଇ ଉତ୍ତ୍ୟକ୍ତ ହୋଇ କଟୁରିରେ ସାନ ଭାଇ ଓ ବାପାଙ୍କ ଉପରେ ଆକ୍ରମଣ କରିଥିଲେ। ଆକ୍ରମଣରେ ସେମାନଙ୍କ ମୁଣ୍ଡ ଓ ଶରୀରର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗିଛି। ସେମାନଙ୍କ ଚିତ୍କାର ଶୁଣି ପରିବାର ଲୋକେ ଓ ପଡ଼ୋଶୀ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରିଥିଲେ। ପ୍ରଥମେ ସେମାନଙ୍କୁ ଉଦଳା ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିଲା। କିନ୍ତୁ ସେଠାରେ ଉଭୟଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ଡାକ୍ତର ସେମାନଙ୍କୁ ବାରିପଦା ପିଆରଏମ୍ ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଉଭୟଙ୍କ ଚିକିତ୍ସା ଚାଲିଥିବା ବେଳେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ଘଟଣା ନେଇ ସୂଚନା ପାଇ ଖୁଣ୍ଟା ଥାନା ପୁଲିସ ଗାଁରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଆକ୍ରମଣରେ ବ୍ୟବହୃତ କଟୁରିକୁ ପୁଲିସ ଜବତ କରିବା ସହ ଅଭିଯୁକ୍ତ ବଡ଼ ଭାଇଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି।

# ବାଲିଅନ୍ତା ପରେ କୋଣାର୍କ ▶ ଦୁଇ ଭାଇଙ୍କୁ ନିସ୍ତୁକ ପିଟିଲେ ନିଶାଖୋର



ମଦ୍ୟପଙ୍କ ଆଡ୍ଡାସ୍ଥଳୀ ପାଲଟିଛି ମେରାଇନ୍ ଡ୍ରାଇଭ୍ ରାସ୍ତା

କାକଟପୁର/ଅସ୍ତରଙ୍ଗ, ୨୮।୬(ସଂଚାର ବ୍ୟୁରୋ): ପର୍ଯ୍ୟଟକଙ୍କ ସ୍ୱର୍ଗ କୁହାଯାଉଥିବା ପୁରୀ-କୋଣାର୍କ ମେରାଇନ୍ ଡ୍ରାଇଭ୍ ଏବେ ଅପରାଧୀଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଗୋଟିଏ ପଟେ ମେରାଇନ୍ ଥାନା ଓ ଅନ୍ୟପଟେ ରାମଚଣ୍ଡୀ ଥାନା ଥିଲେ ବି ଦୁଇ ଥାନାର ସୀମାନ୍ତରେ ଥାଇ ବି ଏହି ଏହି ରାସ୍ତା ଉପରେ ସ୍ଥାନୀୟ ପୁଲିସ୍‌ର ନଜର ପଡୁନାହିଁ। ବିଶେଷକରି ରାତିରେ ଏହି ରାସ୍ତା ନିଶାଖୋରମାନଙ୍କ ପାଇଁ ଚରାଭୂଇଁ ସାବ୍ୟସ୍ତ ହେଉଛି, ଯାହାର ନମୁନା ଗତକାଲି ରାତିରେ ଦେଖିବାକୁ ମିଳିଛି। କୋଣାର୍କ ଥାନା ଧନିତ୍ରୀ ଗ୍ରାମର କମଳ ଲୋଚନ ବେହୁରା ଓ ତାଙ୍କ ରଶ୍ମିରଞ୍ଜନ ବେହୁରା ବରପଦାରୁ ବାହାଘର ଭୋଜି ଖାଇସାରି ବାଇକ୍ ଯୋଗେ ଘରକୁ ଫେରୁଥିଲେ। ତେବେ ଇକୋ-ରିଟ୍ରିଟ୍ ନିକଟରେ କେତେକ ନିଶାସକ୍ତ ଯୁବକ ସେମାନଙ୍କ ବାଇକ୍ ଅଟକାଇବା ସହ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଧମକଚମକ ଦେଇଥିଲେ। ଦୁଇ ଭାଇ ଏହାର ପ୍ରତିବାଦ କରିବାରୁ ସେମାନେ ପାଲଟିଯାଇଥିଲେ ହିଂସ୍ରକ ଆଉ ଲୁହା ରଡ୍, କାଠ ଫାଳିଆରେ ଦୁଇ ଭାଇଙ୍କୁ ରାସ୍ତା ଉପରେ ପକାଇ ନିସ୍ତୁକ ପିଟିଲେ। ଏହା ଘଟଣା କିଛି ମାସ ତଳେ ବାଲିଅନ୍ତାରେ ଜିଆରପି କନଷ୍ଟେବଳ ସୌମ୍ୟରଞ୍ଜନ ସ୍ୱାଇଁଙ୍କ ମୃତ୍ୟୁ ଘଟଣାକୁ ମନେ ପକାଇ ଦେଇଥିଲା। ନିଶାସକ୍ତଙ୍କ ନିସ୍ତୁକ ମାଡ଼ ସମୟର ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ ହୋଇଛି। ଏଥିରେ କମଳ ଲୋଚନଙ୍କ ମୁଣ୍ଡରୁ ପ୍ରଚୁର ରକ୍ତସ୍ରାବ ହେଉଥିବା ବେଳେ ସେ ଜୀବନ ପାଇଁ ଭିକ୍ଷା ମାଗୁଥିବା ଦେଖାଯାଉଛି। କିନ୍ତୁ ନିଶାଖୋରମାନେ ତାଙ୍କ ନିବେଦନକୁ ବେଖାତିର୍ କରି ଅତି ନୃଶଂସ ଭାବେ ଗୋଇଠା ପରେ ଗୋଇଠା ମାରି ଚାଲିଛନ୍ତି। କେଇ ସେକେଣ୍ଡର ଭିଡିଓ ଦେଖି ଲୋକେ ବି ଭୟରେ ଶିହରୀ ଉଠୁଛନ୍ତି।

ଗୁରୁତର ଅବସ୍ଥାରେ କମଳ ଲୋଚନଙ୍କୁ ପ୍ରଥମେ କୋଣାର୍କ, ପରେ ପୁରୀ ଓ ଶେଷରେ ଭୁବନେଶ୍ୱରସ୍ଥିତ କିମ୍ସ ହସ୍ପିଟାଲ୍‌କୁ ପଠାଯାଇଛି। ଡାକ୍ତରଙ୍କ କହିବାନୁଯାୟୀ, କମଳ ଲୋଚଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବା ଫଳରେ ଅନ୍ତଃରକ୍ତସ୍ରାବ ହୋଇଛି। ଫଳତଃ ତାଙ୍କର ଅବସ୍ଥା ସଂକଟାପନ୍ନ ରହିଛି। ଘଟଣାସ୍ଥଳରେ ମହଜୁଦ ଥିବା ବଡ଼ ଭାଇ ରଶ୍ମିରଞ୍ଜନ କହିଛନ୍ତି ଯେ ସେମାନେ ଉକ୍ତ ନିଶାଖୋରମାନଙ୍କୁ ଯେତେ କାକୁତି ମିନତି ହୋଇଥିଲେ ମଧ୍ୟ ସେମାନେ କିଛି ବି ଶୁଣିନଥିଲେ। ତେବେ ସେଠାରେ ଯଦି ପୁଲିସ୍ ପହଞ୍ଚିଥାନ୍ତା, ତା'ହେଲେ ତାଙ୍କ ଭାଇଙ୍କ ଅବସ୍ଥା ଆଜି ଏପରି ହୋଇନଥାନ୍ତା ବୋଲି ରଶ୍ମିରଞ୍ଜନ କହିଛନ୍ତି। ଏହି ଘଟଣାରେ ପରିବାର ଲୋକେ କୋଣାର୍କ ଥାନାରେ ମାମଲା ରୁଜୁ ହୋଇଥିବା ବେଳେ ଘଟଣାକୁ ୨୪ ଘଣ୍ଟା ପୂରିଯାଇଥିଲେ ମଧ୍ୟ ଏବେ ବି ପୁଲିସ୍ ହାତ ଖାଲି ରହିଛି। ତେବେ ଏଠାରେ ପ୍ରଶ୍ନ ଉଠୁଛି ଯେ ଯେଉଁ ରାସ୍ତାରେ ଦିନରେ ହଜାର ହଜାର ପର୍ଯ୍ୟଟକ ଯିବାଆସିବା କରୁଛନ୍ତି, ରାତିରେ ସେହି ରାସ୍ତା କାହିଁକି ଅପରାଧୀଙ୍କ ପାଇଁ ଖୋଲା ପଡ଼ିଆ ପାଲଟିଯାଇଛି?

ସ୍ଥାନୀୟ ବାସିନ୍ଦା ତଥା ପ୍ରତ୍ୟକ୍ଷଦର୍ଶୀ ବନଜା ଶଙ୍କର ବେହୁରା ଅଭିଯୋଗ କହିଛନ୍ତି ଯେ ଏଠି ସନ୍ଧ୍ୟା ୭ଟା ପରେ ପୁଲିସ୍ କର୍ମୀଙ୍କ ଦେଖା ମିଳେନି। ମଦୁଆ, ଗଞ୍ଜେଇ ଟାଣୁଥିବା ପିଲା ରାସ୍ତା ମଝିରେ ଗାଡ଼ି ରଖି ଦାଦାଗିରି କରୁଥିବା ଏଠାରେ ନିତିଦିନିଆ ଘଟଣା ବୋଲି ସେ କହିଛନ୍ତି। ସେହିପରି କମଳ ଲୋଚନଙ୍କ ମାମୁ ଆଶିଷ କୁମାର ମଲ୍ଲ କହିଛନ୍ତି ଯେ ପୁରୀ ପୁଲିସ୍ କେବଳ ଭିଆଇପି ଡ୍ୟୁଟିରେ ବ୍ୟସ୍ତ। ତେଣୁ ପୁଲିସ୍ ନିକଟରେ ସାଧାରଣ ଲୋକଙ୍କ ଜୀବନର ମୂଲ୍ୟ ନାହିଁ ବୋଲି ସେ କ୍ଷୋଭୋକ୍ତି ପ୍ରକାଶ କରିଛନ୍ତି। ଆସନ୍ତାକାଲି ଦେବସ୍ନାନ ପୂର୍ଣ୍ଣିମା ଓ ଆଗକୁ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ମହାପ୍ରଭୁଙ୍କ ରଥଯାତ୍ରା ଦେଖିବା ସକାଶେ ପୁରୀକୁ ଭକ୍ତଙ୍କ ସୁଅ ଛୁଟିବ। ଏଭଳି ସମୟରେ ମେରାଇନ୍ ଡ୍ରାଇଭ୍‌ରେ ବାରମ୍ବାର ହିଂସାକାଣ୍ଡ ଓଡ଼ିଶାର ପର୍ଯ୍ୟଟନ ଛବିକୁ ମଳିନ କରୁଛି। ତେଣୁ ତୁରନ୍ତ ଦୋଷୀମାନଙ୍କୁ ଗିରଫ କରାଯିବା ସହ ମେରାଇନ୍ ଡ୍ରାଇଭ୍‌ରେ ୨୪ଘଣ୍ଟିଆ ପୁଲିସ୍ ପାଟ୍ରୋଲିଂ ବ୍ୟବସ୍ଥା ସକାଶେ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ନଚେତ୍ ସରକାରଙ୍କ 'ଅତିଥି ଦେବୋ ଭବଃ' କେବଳ ସ୍ଲୋଗାନ୍‌ରେ ରହିଯିବ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

# ମୃତ୍ୟୁ ପୂର୍ବରୁ ପୁରୁଷ ବନ୍ଧୁଙ୍କ ସହ ହୋଟେଲରେ ରହିଥିଲେ ଚନ୍ଦ୍ରିକା



କଟକ, ୨୮।୬(ସଂଚାର ବ୍ୟୁରୋ): ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମଙ୍କ ରହସ୍ୟଜନକ ମୃତ୍ୟୁ ମାମଲାର ତଦନ୍ତ ଯେତିକି ଆଗକୁ ବଢ଼ୁଛି, ସେତିକି ନୂଆ ନୂଆ ତଥ୍ୟ ସାମ୍ନାକୁ ଆସୁଛି। ପୁଲିସ ସୂଚନା ଅନୁସାରେ, ଚନ୍ଦ୍ରିକା ମୃତ୍ୟୁର ଦୁଇ ଦିନ ପୂର୍ବରୁ, ଅର୍ଥାତ୍ ୨୭ ଓ ୨୮ ତାରିଖରେ ତାଙ୍କ ପୁରୁଷ ବନ୍ଧୁଙ୍କ ସହ ଭୁବନେଶ୍ୱରର ଇନଫିନିଟି ଥାନା ଅଞ୍ଚଳର ଏକ ହୋଟେଲରେ ରହିଥିଲେ। ହୋଟେଲର ରେଜିଷ୍ଟର, ରହଣିର ବିବରଣୀ ଏବଂ ସିସିଟିଭି ଫୁଟେଜ୍ ପୁଲିସ ଜବତ କରିଛି। ଉଭୟଙ୍କ ହୋଟେଲକୁ ଆସିବା, ଯିବା ଓ ସେଠାରେ ରହିବା ସମୟର ଗତିବିଧିକୁ ଯାଞ୍ଚ କରାଯାଉଛି। ଏହି ସମସ୍ତ ତଥ୍ୟକୁ ଆଧାର କରି ଘଟଣାର ପ୍ରକୃତ କାରଣ ଖୋଜିବାରେ ଲାଗିଛି ପୁଲିସ। ସେପଟେ ଘଟଣାରେ ଅଭିଯୁକ୍ତ ପୁରୁଷ ବନ୍ଧୁଙ୍କ ବିରୋଧରେ ସରକାର କଡ଼ା ପଦକ୍ଷେପ ନେଇଛନ୍ତି। ତାଙ୍କୁ ସରକାରୀ ଚାକିରିରୁ ସମ୍ପୂର୍ଣ୍ଣ ବହିଷ୍କୃତ କରାଯାଇଛି। ତେବେ ଚନ୍ଦ୍ରିକାଙ୍କ ମୃତ୍ୟୁର ପ୍ରକୃତ କାରଣ କ'ଣ, ଏହା ପଛରେ ଆଉ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ, ଏବଂ ହୋଟେଲରେ ରହିବା ସମୟର ଘଟଣାକ୍ରମ ମୃତ୍ୟୁ ସହ କିପରି ଜଡ଼ିତ, ସେସବୁ ପ୍ରଶ୍ନର ଉତ୍ତର ଖୋଜିବାକୁ ପୁଲିସ ତଦନ୍ତକୁ ଆହୁରି ତ୍ୱରାନ୍ୱିତ କରିଛି।

● ପାଠ୍ୟପୁସ୍ତକରେ ତ୍ରୁଟି ପ୍ରସଙ୍ଗ

# ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କଲା ବିଜେଡି




ଭୁବନେଶ୍ୱର, ୨୮।୬(ସଂଚାର ବ୍ୟୁରୋ): ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଠ୍ୟପୁସ୍ତକରେ ହୋଇଥିବା ତ୍ରୁଟି ଶିକ୍ଷା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ନଷ୍ଟ କରିଛି। ପିଲାଙ୍କ ଭବିଷ୍ୟତ ସହ ଖେଳ ଖେଳିଛନ୍ତି ସରକାର। ମୁଖ୍ୟମନ୍ତ୍ରୀ ରାଜଧର୍ମ ପାଳନ କରିବାରେ ବିଫଳ ହୋଇଥିବା କହି କଡ଼ା ସମାଲୋଚନା କରିଛି ବିଜେଡି। ଆଜି ଏଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜୁ ଯୁବ ଜନତା ଦଳ ସଭାପତି ଚିନ୍ମୟ ସାହୁ ଓ ବିଜୁ ଛାତ୍ର ଜନତା ଦଳ ସଭାନେତ୍ରୀ ଇପ୍‌ସିତା ସାହୁ କହିଛନ୍ତି ଯେ ପାଠ୍ୟପୁସ୍ତକରେ ତ୍ରୁଟି କେବଳ ଓଡ଼ିଶାରେ ନୁହେଁ, ଜାତୀୟ ସ୍ତରର ଗଣମାଧ୍ୟମରେ ଶିରୋନାମା ପାଲଟିଛି। ଏହାଦ୍ୱାରା ଓଡ଼ିଶା ସାରା ଦେଶରେ ନିନ୍ଦିତ ହୋଇଛି। କେବଳ ଲୋକଦେଖାଣିଆ ଭାବେ ୫ ଜଣଙ୍କୁ ନିଲମ୍ବିତ କରି ଚୁପ୍ ହୋଇ ବସି ରହିଛନ୍ତି ସରକାର। ତୁରନ୍ତ ନୈତିକ ଦାୟିତ୍ୱ ନେଇ ଗଣଶିକ୍ଷା ମନ୍ତ୍ରୀ ଇସ୍ତଫା ଦିଅନ୍ତୁ ବୋଲି ବିଜେଡି ଦାବି କରିଛି।

ଶ୍ରୀ ସାହୁ କହିଛନ୍ତି ଯେ ପାଠ୍ୟପୁସ୍ତକରେ ହୋଇଥିବା ବ୍ୟାପକ ତ୍ରୁଟି କେବଳ ଏକ ପ୍ରଶାସନିକ ଭୁଲ ନୁହେଁ, ବରଂ ଓଡ଼ିଆ ଭାଷା, ସଂସ୍କୃତି, ଐତିହ୍ୟ ଓ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଉପରେ ଆକ୍ରମଣ। ଏହି ଘଟଣା ଜାତୀୟ ସ୍ତରରେ ମଧ୍ୟ ଓଡ଼ିଶାକୁ ଲଜ୍ଜିତ କରିଛି। ଏହାସତ୍ତ୍ୱେ ମୁଖ୍ୟମନ୍ତ୍ରୀ ରାଜଧର୍ମ ପାଳନ କରି ବିଭାଗୀୟ ମନ୍ତ୍ରୀଙ୍କ ବିରୋଧରେ କୌଣସି ପଦକ୍ଷେପ ନେଇନାହାନ୍ତି। ପୁସ୍ତକ ପ୍ରକାଶନରେ ପ୍ରାୟ ୩୮୦ କୋଟି ଟଙ୍କାର ଦୁର୍ନୀତି ହୋଇଛି। ତେଣୁ ଏହି ସମଗ୍ର ଘଟଣାର ସିବିଆଇ ତଦନ୍ତ କରାଯିବା ସହ ସମ୍ପୃକ୍ତ ସମସ୍ତ ଦୋଷୀ ଅଧିକାରୀ ଓ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ସେହିପରି ଶ୍ରୀମତୀ ସାହୁ କହିଛନ୍ତି ଯେ ଏହି ଅକ୍ଷମଣୀୟ ତ୍ରୁଟି ପାଇଁ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ନୈତିକ ଦାୟିତ୍ୱ ନେଇ ୪୮ ଘଣ୍ଟା ମଧ୍ୟରେ ଇସ୍ତଫା ଦିଅନ୍ତୁ। ନଚେତ ଦଳ ଆଗାମୀ ଦିନରେ ରାଜ୍ୟବ୍ୟାପୀ ଗଣଆନ୍ଦୋଳନ କରିବ ବୋଲି ସେ ଚେତାବନୀ ଦେଇଛନ୍ତି।

# ସ୍ତ୍ରୀଙ୍କୁ ପିଟିପିଟି ମାରିଦେଲେ ସ୍ୱାମୀ



୩ ବର୍ଷ ତଳେ କରିଥିଲେ ପ୍ରେମବିବାହ

ଝାରସୁଗୁଡ଼ା, ୨୮।୬(ସଂଚାର ବ୍ୟୁରୋ): ଝାରସୁଗୁଡ଼ା ସଦର ଥାନା ଅନ୍ତର୍ଗତ ଏଚ୍. କଣ୍ଟାପାଳି (ଗଣ୍ଡିଆବୁଡ଼) ଗାଁରେ ଆଜି ସକାଳୁ ଘଟିଛି ଚାଞ୍ଚଲ୍ୟକର ହତ୍ୟାକାଣ୍ଡ। ପାରିବାରିକ କଳହକୁ କେନ୍ଦ୍ର କରି ସ୍ୱାମୀ ନିଜ ସ୍ତ୍ରୀଙ୍କୁ ପିଟିପିଟି ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ଜଣଙ୍କ ହେଲେ ୨୮ ବର୍ଷୀୟା ସୌଦାମିନୀ କିଷାନ। ଏହି ଘଟଣାରେ ଅଭିଯୁକ୍ତ ସ୍ୱାମୀ ରାହୁଲ ବାଗ୍‌ଙ୍କୁ ପୁଲିସ ଗିରଫ କରିଥିବା ଜଣାପଡ଼ିଛି।

ସୂଚନାନୁସାରେ, ରାହୁଲ ଓ ସୌଦାମିନୀ ପ୍ରାୟ ୩ ବର୍ଷ ତଳେ ପ୍ରେମ ବିବାହ କରିଥିଲେ। ବିବାହ ପରେ ଉଭୟଙ୍କ ମଧ୍ୟରେ ଅନେକ ସମୟରେ କଳହ ହେଉଥିଲା। ଆଜି ସକାଳୁ କୌଣସି କଥାକୁ କେନ୍ଦ୍ର କରି ବିବାଦ ହେବା ପରେ ରାହୁଲ ସୌଦାମିନୀଙ୍କୁ ଆକ୍ରମଣ କରିବା ସହ ପିଟି ପିଟି ମାରିଦେଇଥିବା ଅଭିଯୋଗ ହୋଇଛି। ଘଟଣା ପରେ ଗାଁରେ ଚାଞ୍ଚଲ୍ୟ ଖେଳି ଯାଇଥିବା ବେଳେ ଖବର ପାଇ ଝାରସୁଗୁଡ଼ା ସଦର ଥାନା ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ପରେ ଅଭିଯୁକ୍ତ ରାହୁଲଙ୍କୁ ପୁଲିସ୍ କାବୁ କରିଥିଲା। ତେବେ ରାହୁଲ ଓ ସୌଦାମିନୀ ଅନ୍ତଃଜାତି ବିବାହ କରିଥିଲେ। ଘଟଣାର ପ୍ରକୃତ କାରଣ ଓ ହତ୍ୟାର ପରିସ୍ଥିତି ନେଇ ପୁଲିସ ଅଧିକ ତଦନ୍ତ ଜାରି ରଖିଛି। ଏହି ଘଟଣାକୁ ନେଇ ଏଚ୍. କଣ୍ଟାପାଳି ଅଞ୍ଚଳରେ ଶୋକ ଓ ଆଲୋଡ଼ନ ସୃଷ୍ଟି ହୋଇଛି। ମାମଲାର ଅଧିକ ତଦନ୍ତ କରାଯାଉଛି ବୋଲି ସଦର ଆଇଆଇସି ଶୋଭାକର ସେଠ କହିଛନ୍ତି।

# ନୂଆ ପାଠ୍ୟପୁସ୍ତକ, ଶିକ୍ଷାବର୍ଷ ସରିଯିବ



ଭୁବନେଶ୍ୱର, ୨୮।୬: ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରତ୍ୟାହାର କରି ଛାତ୍ରଛାତ୍ରୀଙ୍କୁ ଯଦି ନୂତନ ପାଠ୍ୟପୁସ୍ତକ ପ୍ରଦାନ କରାଯାଏ ତେବେ ଚଳିତବର୍ଷ ଶିକ୍ଷାବର୍ଷ ଭିତରେ ସେମାନେ ଏହା ପାଇବା ନେଇ ସନ୍ଦେହ ଉପୁଜିଛି। କାରଣ ବର୍ତ୍ତମାନ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରାଯାଇଥିବା ତ୍ରୁଟିପୂର୍ଣ୍ଣ ପୁସ୍ତକ ଛାପିବାକୁ କର୍ତ୍ତୃପକ୍ଷଙ୍କୁ ୧୦ ମାସ ସମୟ ଲାଗିଯାଇଥିଲା। ଚଳିତ ଶିକ୍ଷାବର୍ଷରେ ପ୍ରଥମରୁ ଅଷ୍ଟମଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରାଯାଇଥିବା ମାଗଣା ପାଠ୍ୟପୁସ୍ତକରେ ଦୁଇ ହଜାରରୁ ଅଧିକ ତ୍ରୁଟି ନଜରକୁ ଆସିବା ପରେ ସବୁ ସ୍ତରରୁ ଏହାକୁ ନେଇ ସରକାରଙ୍କୁ ସମାଲୋଚନା କରାଯାଉଛି। ଉଭୟ ରାଜ୍ୟ ଓ ଜାତୀୟ ସ୍ତରର ଗଣମାଧ୍ୟମ ଗୋଟିଏ ପରେ ଗୋଟିଏ ତ୍ରୁଟି ଦେଖାଇବାରେ ଲାଗିଛନ୍ତି। କେଉଁ ଶ୍ରେଣୀର ଇଂରାଜୀ ପୁସ୍ତକରେ ରଜଦୋଳି ଗୀତ ରହିଛି ତ ଆଉ କେଉଁ ଶ୍ରେଣୀର ପୁସ୍ତକରେ ହିନ୍ଦୀ ସିନେମାଗୀତ ସ୍ଥାନ ପାଇଛି। କେବଳ ସେତିକି ନୁହେଁ ନିଉଟନଙ୍କୁ ଜଣେ ପାଇଲଟ୍ ଭାବେ ଦର୍ଶାଯାଇଥିବା ବେଳେ ଓଡ଼ିଶା ବିଧାନସଭାର ଚିତ୍ର ସ୍ଥାନରେ କର୍ଣ୍ଣାଟକ ବିଧାନସଭା ଚିତ୍ର ସ୍ଥାନ ପାଇଛି।

ଏହାକୁ ରାଜ୍ୟ ସରକାର ଗୁରୁତ୍ୱର ସହ ନେଇଥିବାବେଳେ ଏକ ତଦନ୍ତ କମିଟି ବସାଇଥିଲେ। ତଦନ୍ତ ରିପୋର୍ଟ ପାଇବାପରେ ୪ଜଣ ବରିଷ୍ଠ ଅଧିକାରୀଙ୍କୁ ନିଲମ୍ବନ କରିଛନ୍ତି। ଏବେ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକଗୁଡ଼ିକୁ ଫେରାଇ ଆଣି ଛାତ୍ରଛାତ୍ରୀଙ୍କୁ ସଠିକ୍ ପୁସ୍ତକ ଦେବାପାଇଁ କୁହାଗଲାଣି। ତେବେ ମିଳିଥିବା ସୂଚନାନୁଯାୟୀ, ଚଳିତ ବର୍ଷ ଛାତ୍ରଛାତ୍ରୀଙ୍କୁ ଯେଉଁସବୁ ପୁସ୍ତକ ଯୋଗାଇ ଦିଆଯାଇଛି ସେଥିପାଇଁ ୩୮୦ କୋଟି ଟଙ୍କା ବ୍ୟୟ ହୋଇଥିବାବେଳେ ୧୦ମାସ ସମୟ ଲାଗିଯାଇଛି। ଏଥିରେ ଟେଣ୍ଡର ଠାରୁ ଆରମ୍ଭକରି ପ୍ରସ୍ତୁତି, ଯାଞ୍ଚ ଓ ଛପା ଆଦି ରହିଛି। ୫୦ ଲକ୍ଷ ଛାତ୍ରଛାତ୍ରୀଙ୍କ ପାଇଁ ଏକ କୋଟି ପୁସ୍ତକ ଛପାଯାଇଥିବା ବେଳେ ଏଥିରେ ୫୮ଟି ପ୍ରକାରର ପାଠ୍ୟ ପୁସ୍ତକ ସ୍ଥାନ ପାଇଛି।

ବର୍ତ୍ତମାନ ମାତ୍ର ୧୦ ମାସ ଭିତରେ ୫୮ଟି ପ୍ରକାରର କୋଟିଏ ପୁସ୍ତକ ଛପେଇକୁ ନେଇ ପ୍ରଶ୍ନ ଉଠିଛି। କାରଣ ଏହା ପୂର୍ବ ଶିକ୍ଷାବର୍ଷରେ ୪୮ଟି ପ୍ରକାରର ପୁସ୍ତକ ପ୍ରସ୍ତୁତି ଛପେଇ କାର୍ଯ୍ୟ ସାରିବାକୁ ତିନିବର୍ଷ ଲାଗି ଯାଇଥିଲା। ପୁସ୍ତକ ପ୍ରସ୍ତୁତି, ବିଭିନ୍ନ ସ୍ତରରେ ଯାଞ୍ଚ, ଡିଟିପି ଓ ଛପା ଆଦି ରହିଥିଲା। ୪୮ ପ୍ରକାରର ପୁସ୍ତକ ଛାପିବା ପାଇଁ ଯଦି ୩ ବର୍ଷ ସମୟ ଲାଗିଗଲା ତେବେ ୫୮ ପ୍ରକାରର ପୁସ୍ତକ ଛପା କାର୍ଯ୍ୟ କିଭଳି ୧୦ ମାସ ଭିତରେ ସରିଗଲା, ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ପାଠ୍ୟପୁସ୍ତକ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବେ ତନାଘନା କରିବା ପରେ ପୁସ୍ତକ ପ୍ରକାଶନ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଭିତରେ ଭାଲେଣି ପଡିଛି। ନୂତନ ପାଠ୍ୟ ପୁସ୍ତକ ଛପାଯିବ କି ନାହିଁ ଓ ଯଦି ଛପାଯିବ ତାହା କେବେସୁଦ୍ଧା ଛାତ୍ରଛାତ୍ରୀଙ୍କୁ ମିଳିବ ତାହାକୁ ନେଇ ଏବେ ସମସ୍ତେ ଚିନ୍ତାରେ ପଡିଛନ୍ତି। (ତଥ୍ୟ)

## ବାଇକ-କାର ମୁହାଁମୁହିଁ: ୨ ମୃତ

କେନ୍ଦୁଝର, ୨୮।୬(ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ବାରିଆ ଥାନା ଅନ୍ତର୍ଗତ ବାଉଁଶୁଳି- ଚମ୍ପୁଆ ରାସ୍ତାର ଗିଧିବାସ ଗ୍ରାମ ନିକଟରେ ଆଜି ଘଟିଛି ଏକ ମର୍ମନ୍ତୁଦ ଦୁର୍ଘଟଣା। କାର ଓ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଏଥିରେ ଦୁଇ ବାଇକ୍ ଆରୋହୀଙ୍କର ମୃତ୍ୟୁ ଘଟିଛି। ଏହାଛଡ଼ା କାରରେ ଥିବା ଜଣେ ମହିଳା ମଧ୍ୟ ଆହତ ହୋଇଥିବା ଜଣାପଡ଼ିଛି। ତେବେ



ମୃତ୍ୟୁବରଣ କରିଥିବା ଦୁଇ ବାଇକ୍ ଆରୋହୀଙ୍କ ପରିଚୟ ମିଳିପାରିନାହିଁ। ଖବର ପାଇ ଘଟଣାସ୍ଥଳରେ ବାରିଆ ଥାନା ପୁଲିସ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ଆହତଙ୍କୁ ଚମ୍ପୁଆ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଛି। ମିଳିଥିବା ସୂଚନାନୁସାରେ, ଚମ୍ପୁଆ ପଟୁ ଉକ୍ତ କାର (ଓଡି୦୨ସିଜେ ୧୫୯୦)ଟି ଆସୁଥିବା ସମୟରେ ଉଖୁଣ୍ଡା ପଟୁ ଆସୁଥିବା ବାଇକ(ଜେଏଚ୦୬ପି ୦୫୯୫)ଟି ତା' ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ବାଇକଟି ଛିଟିକି ରାସ୍ତା କଡ଼ରେ ଥିବା ପଡିଆରେ ପଡ଼ିଥିଲା। ଘଟଣାସ୍ଥଳରେ ହିଁ ଉକ୍ତ ବାଇକ୍‌ରେ ବସିଥିବା ଦୁଇ ଜଣଯାକ ମୃତ୍ୟୁବରଣ କରିଥିଲେ। ପୁଲିସ ଗାଡ଼ି ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪
ସୋମବାର ୨୯ ଜୁନ୍ ୨୦୨୬, ଭୁବନେଶ୍ୱର
Monday 29 June 2026, Bhubaneswar

# ସଙ୍କଟରେ ଶାନ୍ତି ଚୁକ୍ତିର ଭବିଷ୍ୟତ

୨୦୨୬ ଫେବୃଆରୀ ୨୮ରେ ଇସ୍ରାଏଲ ଏବଂ ଆମେରିକା ମିଳିତ ଭାବେ ଇରାନ ଉପରେ ଆକ୍ରମଣ ଆରମ୍ଭ କରିବା ପରେ ତିନି ଦେଶ ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଥିଲା। ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଆଲି ଖାମେନେଇଙ୍କ ହତ୍ୟା ଏହି ଆକ୍ରମଣର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଥିଲା। ତିନି ମାସର ସଂଘର୍ଷ ପରେ ଜୁନ ୧୪ରେ ଆମେରିକା ଏବଂ ଇରାନ ଯୁଦ୍ଧ ବନ୍ଦ କରିବାକୁ ରାଜି ହୋଇଥିଲେ। ମଧ୍ୟ ପରିସ୍ଥିତି ଏବେ ମଧ୍ୟ ଅସ୍ଥିର ରହିଛି। ଏହି ସଂଘର୍ଷର ମୂଳରେ ରହିଛି ଇରାନର ପରମାଣୁ କେନ୍ଦ୍ରୀକ କାର୍ଯ୍ୟକ୍ରମ, କ୍ଷେପଣାସ୍ତ୍ର ସାମର୍ଥ୍ୟ ଏବଂ ଇସ୍ରାଏଲର ନିରାପତ୍ତା ସମ୍ପର୍କୀୟ ଆଶଙ୍କା।

ଇସ୍ରାଏଲ ଇରାନକୁ ନିଜ ଅସ୍ତିତ୍ୱ ପାଇଁ ବଡ଼ ବିପଦ ବୋଲି ବିବେଚନା କରେ। ତେଣୁ ସେ ଇରାନର ପରମାଣୁ କେନ୍ଦ୍ରୀକ ଏବଂ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ରୂପେ ନଷ୍ଟ କରିବା ଏବଂ ଇରାନର ଶାସନ ପରିବର୍ତ୍ତନ ଚାହୁଁଛି। ଆମେରିକା ମଧ୍ୟ ଇରାନର ପାରମାଣବିକ କାର୍ଯ୍ୟକ୍ରମ ଉପରେ କଡ଼ା ନଜର ରଖିଛି। ୨୦୧୫ର ଜେସିପିଓଏ ଚୁକ୍ତିରୁ ଆମେରିକା ବାହାରିଯିବା ପରେ ଇରାନ ୟୁରେନିଅମ ସମୃଦ୍ଧକରଣ ବଢ଼ାଇ ଦେଇଥିଲା। ଏହା ପରେ ଦୁଇ ପକ୍ଷ ମଧ୍ୟରେ ଅବିଶ୍ୱାସ ଆହୁରି ବଢ଼ିଲା। ଇରାନ ନିଜର ଆଞ୍ଚଳିକ ପ୍ରଭାବ ବଢ଼ାଇବା ଏବଂ ହର୍ମୁଜ ପ୍ରଣାଳୀ ଉପରେ ନିୟନ୍ତ୍ରଣ ରଖିବା ପାଇଁ ଚେଷ୍ଟା କରୁଥିବା ବେଳେ ଆମେରିକା ଏହାକୁ ତେଲ ସରବରାହ ପାଇଁ ବିପଦ ବୋଲି ଦେଖୁଛି।

ଏହି ଯୁଦ୍ଧ ଆରମ୍ଭ ହେବା ପରେ ଉପସାଗରୀୟ ଦେଶଗୁଡ଼ିକ ପ୍ରଥମେ ଆମେରିକା ଏବଂ ଇରାନ ମଧ୍ୟରେ ମୌ ଚୁକ୍ତିକୁ ସ୍ୱାଗତ କରିଥିଲେ। ତେବେ ଇସ୍ରାଏଲର ଆକ୍ରମଣ କୌଶଳଗତ ଭାବେ ବିଫଳ ହୋଇଥିବା କଥା ମଧ୍ୟ କୁହାଯାଉଛି। ଟ୍ରମ୍ପ ପ୍ରଶାସନ ଇରାନ ସହିତ ଚୁକ୍ତି ପାଇଁ ଚେଷ୍ଟା କରୁଥିବା ବେଳେ ଇସ୍ରାଏଲ ସହିତ ସମ୍ପର୍କରେ ମଧ୍ୟ କିଛି ଫାଟ



ଦେଖାଯାଉଛି। ହର୍ମୁଜ ପ୍ରଣାଳୀରେ ଟୋଲ ନେବା ସମ୍ପର୍କୀୟ ବିବାଦ ଏବଂ କେନ୍ଦ୍ରକ ନିରୀକ୍ଷଣ ସମ୍ପର୍କୀୟ ସର୍ତ୍ତ ଏହି ଚୁକ୍ତିକୁ ଅସ୍ଥିର କରିଛି।

ଏହି ଯୁଦ୍ଧ ଆରମ୍ଭ ହେବାର ପ୍ରମୁଖ କାରଣ ହେଉଛି ପାରମାଣବିକ ନିୟନ୍ତ୍ରଣ ଏବଂ ଆଞ୍ଚଳିକ ପ୍ରଭାବ ପାଇଁ ଦୁଇ ପକ୍ଷ ମଧ୍ୟରେ ଉଭୟ ଅବିଶ୍ୱାସ। ଇରାନ ନିଜର ସାର୍ବଭୌମତ୍ୱ ରକ୍ଷା ପାଇଁ ଦୃଢ଼ ରହିଥିବା ବେଳେ ଆମେରିକା ଏବଂ ଇସ୍ରାଏଲ କେନ୍ଦ୍ରକ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ସ୍ଥଗିତ କରିବାକୁ ଚାହୁଁଛନ୍ତି। ଏହି ଦୁଇ ଆଶଙ୍କା ମଧ୍ୟରେ ସମନ୍ୱୟ ସ୍ଥାପନ କରିବା ସହଜ ନୁହେଁ। ତେଣୁ ଆମେରିକା ଏବଂ ଇରାନ ମଧ୍ୟରେ ପୁନଃ ସଂଘର୍ଷ ଆରମ୍ଭ ହେବା ପଛରେ ରହିଛି ଐତିହାସିକ ଅବିଶ୍ୱାସ, ଇସ୍ରାଏଲର ନିରାପତ୍ତା ଆଶଙ୍କା ଏବଂ ଇରାନର ଆଞ୍ଚଳିକ ଆକାଂକ୍ଷା। ବର୍ତ୍ତମାନର ଶାନ୍ତି ଚୁକ୍ତି ସ୍ଥାୟୀ ହେବ କି ନା ସେହି ଦିଗରେ ନଜର ରଖିବା ଆବଶ୍ୟକ। ଇରାନର ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ୍ ରବିବାର ଆମେରିକାର ଦୁଇଟି ପ୍ରମୁଖ ସାମରିକ ଘାଟି ଉପରେ ମିସାଇଲ ଏବଂ ଡ୍ରୋନ ଆକ୍ରମଣ କରିଛି। ଏହା ପୂର୍ବରୁ ଆମେରିକା ପକ୍ଷରୁ ଇରାନର ବିଭିନ୍ନ ସ୍ଥାନରେ ହୋଇଥିବା ଆକ୍ରମଣର ଜବାବ ବୋଲି ଇରାନ ଦାବି କରିଛି। ଏହି ସାମରିକ କାର୍ଯ୍ୟାନୁଷ୍ଠାନ ଫଳରେ ଜୁନ ୧୯ରେ ସ୍ୱାକ୍ଷରିତ ହୋଇଥିବା ଯୁଦ୍ଧବିରତି ଚୁକ୍ତି ଉପରେ ଗଭୀର ସଙ୍କଟ ସୃଷ୍ଟି ହୋଇଛି। ଇରାନ ସେନା କୁଏତର 'ଆଲି ସାଲେମ୍ ଏୟାର ବେସ୍' ଏବଂ ବାହାରିନର 'ପୋର୍ଟ ସଲମାନ' ଠାରେ ଥିବା ଆମେରିକାର ପଞ୍ଚମ ନୌସେନା ବାହିନୀ ମୁଖ୍ୟାଳୟକୁ ଟାର୍ଗେଟ କରିଛି। ଏହି ଆକ୍ରମଣରେ ବାଲିଷ୍ଟିକ୍ ମିସାଇଲ ଏବଂ ଡ୍ରୋନ ବ୍ୟବହାର କରାଯାଇଥିବା ଇରାନୀ ମିଡ଼ିଆ ରିପୋର୍ଟ କରିଛି।

# ତାମିଲନାଡୁରେ ବିଷାକ୍ତ ଗ୍ୟାସ ମୃତ୍ୟୁ

**ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)**



ତାମିଲନାଡୁର ତିରୁଭଲୁର ଜିଲ୍ଲାର ପେରିୟାପାଲାୟମ ଠାରେ ଥିବା ଏକ ସାମୁଦ୍ରିକ ଖାଦ୍ୟ(ସି.ଫୁଡ) ରପ୍ତାନୀ କାରଖାନାରେ ଗତ ରବିବାର ଦିନ ଘଟିଥିବା ଆମୋନିଆ ଗ୍ୟାସ ଲିକ୍ ଘଟଣା ୧୯୮୦ ମସିହା ପରଠାରୁ ରାଜ୍ୟରେ ସବୁଠାରୁ ଭୟଙ୍କର ଶିଳ୍ପ ଆମୋନିଆ ଲିକ୍ ଦୁର୍ଘଟଣା ବୋଲି କୁହାଯାଇପାରେ। ତାମିଲନାଡୁ ୧୯୮୦ ମସିହା ପରଠାରୁ ପ୍ରତି କିଛି ବର୍ଷ ବ୍ୟବଧାନରେ ବାରମ୍ବାର ଆମୋନିଆ ଲିକ୍ ଦୁର୍ଘଟଣା ଦେଖି ଆସୁଛି। ତେବେ ଗଲା ରବିବାର ଦିନ ଅପରାହ୍ନରେ ଘଟିଥିବା ଆମୋନିଆ ଲିକ୍ ଦୁର୍ଘଟଣାରେ ୯ଜଣ ପ୍ରବାସୀ ମହିଳା ଶ୍ରମିକଙ୍କ ସମେତ ୧୨ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଏବେ ୭୦ଜଣ ଶ୍ରମିକ ଗୁରୁତର ଭାବେ ଅସୁସ୍ଥ ହୋଇ ହସ୍‌ପିଟାଲରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ମୃତକଙ୍କ ମଧ୍ୟରେ କେବଳ ୯ଜଣ ଓଡ଼ିଆ ମହିଳା ଶ୍ରମିକ ଅଛନ୍ତି। ଯେଉଁମାନଙ୍କର ବୟସ ୧୮ରୁ ୨୫ବର୍ଷ ମଧ୍ୟରେ ବୋଲି କୁହାଯାଉଛି। ସେମାନଙ୍କର ଘର ସୁନ୍ଦରଗଡ଼ ଜିଲ୍ଲାରେ। ଦୁର୍ଘଟଣା ଦିନ ୫ଜଣ ଓଡ଼ିଆ ଯୁବତୀଙ୍କ ମୃତ୍ୟୁ ଘଟିଥିବାବେଳେ ଏବେ ଆଉ ଚାରି ଜଣ ଯୁବତୀଙ୍କ ମୃତ୍ୟୁ ଘଟିଛି। ସମସ୍ତ ମୃତ୍ୟୁ ଓ ଅସୁସ୍ଥ ଓଡ଼ିଆ ଯୁବତୀ ଆଦିବାସୀ ସମ୍ପ୍ରଦାୟର। ଦିନକୁ ଦିନ ମୃତ୍ୟୁ ସଂଖ୍ୟା ବଢ଼ିଚାଲିଥିବାବେଳେ ଆମୋନିଆ ଗ୍ୟାସ ଲିକ୍ ଦୁର୍ଘଟଣା କେତେ ଭୟଙ୍କର ଥିଲା, ବେଶ ଅନୁମାନ କରାଯାଇପାରେ। ଉଲ୍ଲେଖଯୋଗ୍ୟ ଯେ, ତାମିଲନାଡୁରେ ସାମୁଦ୍ରିକ ଖାଦ୍ୟ ରପ୍ତାନୀ କମ୍ପାନୀଗୁଡ଼ିକରୁ ବିଷାକ୍ତ ଗ୍ୟାସ ଲିକ୍ ଘଟଣା ନୂଆ ନୁହେଁ। ବିଶେଷ କରି ଚେନ୍ନାଇର ଭିତରେ ଓ ଆଫପାଖ ଅଞ୍ଚଳରେ ବହୁ ସାମୁଦ୍ରିକ ଖାଦ୍ୟ ରପ୍ତାନୀ କାରଖାନା ଗଢ଼ି ଉଠିଥିବା ବେଳେ ପ୍ରତି କିଛି ବର୍ଷ ବ୍ୟବଧାନରେ ଦୁର୍ଘଟଣାମାନ ଘଟି ଆସୁଛି। ୨୦୨୪ ମସିହାରେ ଟୋଥଗୁଡ଼ିରେ ଏକ କାରଖାନରୁ ଆମୋନିଆ ଗ୍ୟାସ ନିର୍ଗତ ଯୋଗୁଁ ଜଣେ ଶ୍ରମିକର ମୃତ୍ୟୁ ଘଟିଥିଲା କିନ୍ତୁ ଏହି ଦୁର୍ଘଟଣାରେ ଶ୍ୱାସପ୍ରଶ୍ୱାସ ନେବାରେ କଷ୍ଟ ଏବଂ ଆଖିରେ ପୋଡାଜଳା ଯୋଗୁଁ ଶହଶହ ଲୋକ ହସପିଟାଲରେ ଭର୍ତ୍ତି ହୋଇଥିଲେ, ଯାହାକି ସେତେବେଳେ ସବୁଠାରୁ ଅତି ଖରାପ ଦୁର୍ଘଟଣା ଥିଲା ସେହିପରି ୨୦୨୩ରେ ଇନୋରରେ ସାମୁଦ୍ରିକ ବାତ୍ୟା ମିଚାଉଙ୍ଗ ସମୟରେ ସମୁଦ୍ର ଭିତରେ ଯାଇଥିବା ଏକ ଘରୋଇ କମ୍ପାନୀର ଆମୋନିଆ ଗ୍ୟାସ ପାଇପ୍ ଲାଇନ ଲିକ୍ ଯୋଗୁଁ ୬୭, ୬୩୮ ଟନ୍ ବିଷାକ୍ତ ଗ୍ୟାସ ନିର୍ଗତ ହୋଇଥିଲା। କିନ୍ତୁ ସୌଭାଗ୍ୟବଶତଃ ଏଥିରେ କେହି ମୃତାହାତ ହୋଇନଥିବାବେଳେ ଆଖପାଖ ଅଞ୍ଚଳର ଜନସାଧାରଣ ଦୀର୍ଘ ଦିନ ଧରି ଆତଙ୍କିତ ଅବସ୍ଥାରେ ଥିଲେ। ଗଲା ରବିବାର ଦିନ ତିରୁଭାଲୁର ସ୍ଥିତି ଷ୍ଟିପେନସ ପିଟର ଆଣ୍ଡ ପାଉଲ ସାମୁଦ୍ରିକ ଖାଦ୍ୟ ରପ୍ତାନୀରେ ନିର୍ଗତ ହୋଇଥିବା ରଙ୍ଗହୀନ ଉତ୍କଟ ଗନ୍ଧଯୁକ୍ତ ଗ୍ୟାସ ନିର୍ବାରର ଘାତକ ସାନ୍ଦ୍ରତା ଅତ୍ୟନ୍ତ ଭୟାବହ ଥିବା ସଂକେତ ଦିଏ। କାରଖାନାର ବିଶ୍ରାମ କକ୍ଷରେ ଶ୍ରମିକମାନେ ବିଶ୍ରାମ ନେଇଥିବାବେଳେ ଗ୍ୟାସ ନିର୍ଗତ ହୋଇଥିଲା। ଯଦି ଏକ କାର୍ଯ୍ୟଦିବସରେ ଗ୍ୟାସ ନିର୍ଗତ ହୋଇଥାନ୍ତା ତେବେ ମୃତାହତଙ୍କ ସଂଖ୍ୟା କେତେ ବଢ଼ିଯାଇଥାନ୍ତା, ସହଜରେ ଅନୁମାନ କରାଯାଇପାରେ। ଏହି ଘଟଣାର ଏକ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଶିଳ୍ପ ନିରାପତା ନିର୍ଦ୍ଦେଶକ, ସ୍ୱାସ୍ଥ୍ୟସଚିବ ଏବଂ ପ୍ରଦୁଷଣ ନିୟନ୍ତ୍ରଣ ବୋର୍ଡର ସଚିବଙ୍କୁ ନେଇ ଏକ ତିନିଜଣିଆ କମିଟି ତଦନ୍ତ କରୁଛନ୍ତି। କାରଖାନାରେ ଫାୟାର ହାଇଡ୍ରାଂଟ ଆଲାରାମ ନଥିବା ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି। ସେହିପରି କାରଖାନାରେ ପର୍ଯ୍ୟାପ୍ତ ଆମୋନିଆ ସେନସର, ୱାଟର, ନୋଜାଲସ ମଧ୍ୟ ନଥିବା ଜଣାଯାଇଛି। ରାଜ୍ୟରେ ଥିବା ସମସ୍ତ ୬୬୬୯ଟି ବିପତିଜନକ କାରଖାନାରେ ବିସ୍ତୃତ ଅନୁଧ୍ୟାନ ପାଇଁ ଏକ କମିଟି ଗଠନ କରିବାକୁ ନିଷ୍ପତି ନେଇଛନ୍ତି। ତାମିଲନାଡୁ ମେଜର ଆକ୍ସିଡେଂଟ ହାଜାର୍ଡସ ରୁଲ-୧୯୯୪ରେ ବ୍ୟାପକ ଯାଞ୍ଚ ଏକ ସନ୍ତୁଳନ ବ୍ୟବସ୍ଥା ରହିଛି। ତେବେ ଏହାର କାର୍ଯ୍ୟକାରିତା ପାଇଁ ଉଲ୍ଲଘଂନକାରୀଙ୍କୁ କଠୋର ଦଣ୍ଡବିଧାନ ବ୍ୟବସ୍ଥା ରହିଛି ମଧ୍ୟ କଡ଼ା ଯାଞ୍ଚ ବ୍ୟବସ୍ଥା ରହିଛି। ମାତ୍ର ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ଉଲଂଘନକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହୋଇପାରୁନାହିଁ। ଉଲ୍ଲେଖଯୋଗ୍ୟ ଯେ, ଆମ ଦେଶରେ ଏଭଳି ଦୁର୍ଘଟଣା ନେଇ କଠୋର ଆଇନ ଓ ଦଣ୍ଡବିଧାନ ରହିଛି। କିନ୍ତୁ ଏହାର ଯଥାର୍ଥ କାର୍ଯ୍ୟକାରିତା ହୋଇପାରୁନାହିଁ। ୧୯୮୪ ଭୋପାଳ ଗ୍ୟାସ ଦୁର୍ଘଟଣା ଏହାର ହେଉଛି ଜ୍ୱଳନ୍ତ ଉଦାହରଣ। ଯେଉଁ ବିଷାକ୍ତ ଆମୋନିଆ ଗ୍ୟାସ ଦୁର୍ଘଟଣାରେ ୨୫୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ୫ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଅସୁସ୍ଥ ଏବଂ ୩୦ହଜାରରୁ ଅଧିକ ଲୋକ ବିକଳାଙ୍ଗ ହୋଇଯାଇଥିଲେ। ପୀଡ଼ିତଙ୍କୁ ନ୍ୟାୟ ବର୍ଷ ବର୍ଷ ଧରି ଲାଗିଯାଇଥିଲା। ତିରୁଭାଲୁର ଦୁର୍ଘଟଣାରେ ୯ଜଣ ଆଦିବାସୀ ଗରିବ ଯୁବତୀଙ୍କ ଜୀବନ ଯାଇଛି। ବହୁ ଏବେ ବି ହସପିଟାଲରେ ଆଇସିୟୁରେ ଅକ୍ସିଜେନ ଭେଂଟିଲେଟରରେ ଅଛନ୍ତି। ପେଟ ପାଟଣା ତଥା ବୃଦ୍ଧ ପିତାମାତାମାନଙ୍କୁ ଆର୍ଥୀକ ସହାୟତା ପାଇଁ ସେମାନେ ସୁଦୂର ତାମିଲନାଡୁରେ ଏକ ବିପଦଜନକ କାରଖାନାରେ କାର୍ଯ୍ୟ କରୁଥିଲେ। ଏବେ ସେମାନଙ୍କ ଭରସା ହେବ କିଏ? ଓଡ଼ିଶା ସରକାର ମୃତକଙ୍କ ପରିବାର ପାଇଁ ୧୦ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ସାମ୍ପ୍ରତିକ ସମୟରେ କମ୍ପାନୀ କର୍ତ୍ତୃପକ୍ଷ ମୃତକଙ୍କ ପରିବାରକୁ କୋଟିଏ ଟଙ୍କା ଲେଖାଏଁ ଆର୍ଥୀକ ସହାୟତା ଦେବା ଜରୁରୀ, ଯାହାକି ସେମାନଙ୍କ ଅମୂଲ୍ୟ ଜୀବନ ପାଇଁ ଯଥାର୍ଥ ଶ୍ରଦ୍ଧାଞ୍ଜଳି ହେବ।

**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,**
**ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨**
**ମୋବାଇଲ୍:୯୪୩୭୯୯୪୩୭୯**

# ଦେବସ୍ନାନ ମଣ୍ଡପରେ ଗଜାନନ ବେଶ



**ଡକ୍ଟର ଲକ୍ଷ୍ମଣ ସାହୁ**

ଓଡ଼ିଆମାନଙ୍କ ଇଷ୍ଟ ଦେବତା ଶ୍ରୀଜଗନ୍ନାଥ। ଓଡିଶାର ଜନ ଜୀବନରେ ସେହିଁ କେବଳ ଓତଃପ୍ରୋତଭାବେ ଜଡ଼ିତ। "ବାରମାସେ ତେର ଯାତ, ଦେଖୁଥିବି ଶ୍ରୀକ୍ଷେତ୍ରେ ହୋଇ ଭିକାରୀ "। ଜଗନ୍ନାଥ ମନ୍ଦିରରେ ପ୍ରଚଳିତ ବିଭିନ୍ନ ପର୍ବପର୍ବାଣି ଓ ଯାତ୍ରାର ସାର୍ବଜନୀନ ପ୍ରତିରୂପର ସେହିଁ ହେଉଛନ୍ତି କେନ୍ଦ୍ର ବିନ୍ଦୁ , ମୂଳ ଆଧାର। ବହୁ ଦେବ ଦେବୀଙ୍କର ଆରାଧନା, ବିଭିନ୍ନ ଧର୍ମର ସ୍ରୋତ ପ୍ରଭାବିତ ସେ କେବଳ ସବୁର ମୂଳ ଉତ୍ସ , ଓଡ଼ିଆ ସଂସ୍କୃତିର ପ୍ରେରଣା ଦାତା ଓ ରକ୍ଷାକର୍ତ୍ତା। ଏହି କାରୁଣିକ ଜଗନ୍ନାଥଙ୍କ ଯାତ୍ରାମାନଙ୍କ ମଧ୍ୟରେ " ଦ୍ୱାଦଶ ଯାତ୍ରା" ଅଥାର୍ଥ ଦେବସ୍ନାନ ପୂର୍ଣ୍ଣିମା ହେଉଛି ପ୍ରଧାନ। " ଲୋକନାଥ ବିଦ୍ୟାଧର "ଙ୍କ ଭାଷାରେଃ " ସ୍ନାନ ଗୁଣ୍ଡିଚା ଶୟନ ଯାତ୍ରା ଅନ୍ତେ ଅୟନ,/ ପାରୁଣ ପରିବର୍ତ୍ତନ ଉତ୍‌ଥାପନ ଓଢଣ/ ମକର, ଅଭିଷେକ, ଦୋଳ, ଦମନ, ଚନ୍ଦନ ଯେ ରୂପେ ଦ୍ୱାଦଶ ଉତ୍ସବ ଯେକେ ଯେକେ ସଂଘନା।"

ଓଡ଼ିଆ ସାହିତ୍ୟରେ ବିଭିନ୍ନ ସୃଜନଶୀଳ ସାହିତ୍ୟିକଗଣ ନିଜର ଲେଖନୀ ଦ୍ୱାରା ଜଗନ୍ନାଥଙ୍କ ମହିମାକୁ ପ୍ରଭାବଶାଳୀ କରିଆସିଛନ୍ତି। କାରଣ ଯୁଗେ ଯୁଗେ ଶ୍ରୀଜଗନ୍ନାଥ ଓଡ଼ିଶାର ଇଷ୍ଟ ଦେବତା ଭାବେ ପ୍ରତିଭାତ। ଓଡ଼ିଆମାନଙ୍କ ଦୃଷ୍ଟିରେ ଶ୍ରୀଜଗନ୍ନାଥ ହେଉଛନ୍ତି ବଡ଼ ଠାକୁର। ତାଙ୍କର ଦେଉଳ ବଡ଼ ଦେଉଳ, ତାଙ୍କର ଦାଣ୍ଡ ବଡ଼ ଦାଣ୍ଡ। ତାଙ୍କର ଭୋଗ ମହାପ୍ରସାଦ, ସିଂହାସନ ରତ୍ନସିଂହାସନ, ଦୀପ ମହାଦୀପ। ଏପରିକି ତାଙ୍କର ବାନା ପତିତପାବନ, ବାଲି ଶରଧା ବାଲି।

ଓଡ଼ିଆ ଜନ ଜୀବନର ପ୍ରାଣ କେନ୍ଦ୍ର ଏହି ବଡ଼ ଠାକୁର। ସେହି ବଡ଼ଠାକୁରଙ୍କ ସ୍ନାନ ଯାତ୍ରା। ଜ୍ୟେଷ୍ଠ ପୂର୍ଣ୍ଣିମା ଶ୍ରୀମନ୍ଦିରର ପ୍ରସିଦ୍ଧ ପର୍ବ ବାସର। ଏହା ଶ୍ରୀଜଗନ୍ନାଥ, ବଳଭଦ୍ର ଓ ମା' ସୁଭଦ୍ରାଙ୍କ ପବିତ୍ର ସ୍ନାନ ଯାତ୍ରା ପାଇଁ ପ୍ରଶସ୍ତ କ୍ଷେତ୍ର। ଓଡ଼ିଶାରେ ଜ୍ୟେଷ୍ଠପୂର୍ଣ୍ଣିମା ସ୍ନାନ ପୂର୍ଣ୍ଣିମା ଭାରତ ପଞ୍ଜିକାରେ ଉକ୍ତ ତିଥି ଦେବ ସ୍ନାନ ପୂର୍ଣ୍ଣିମା ଭାବରେ ପରିଚୟ ବହନ କରିଛି। ଏହି ସ୍ନାନ ସାଂଗକୁ ଜଗନ୍ନାଥଙ୍କର ମନଲୋଭା 'ଗଜାନନ ବେଶ'। ଜଗନ୍ନାଥସ୍ନାନ ଉତ୍ସବପରେ ଗୃହକୁ ଯାତ୍ରା କରନ୍ତି। ଦେବସ୍ନାନ ଉତ୍ସବ ସଂପର୍କରେ ଓଡ଼ିଶାର ପ୍ରଖ୍ୟାତ ଧର୍ମଗ୍ରନ୍ଥ ଗଦାଧର ପଦ୍ଧତିରେ ଯାତ୍ରା ଓ ତାର ପ୍ରଭାବ ଉଲ୍ଲେଖ ରହିଛି। ଏପରିକି ଜ୍ୟେଷ୍ଠ ପୂର୍ଣ୍ଣିମାକୁ 'ଶ୍ରୀଜଗନ୍ନାଥ ଦିବସ' ରୂପେ ଉଲ୍ଲେଖ ରହିଛି। ରୀତିନୀତି ଅନୁଯାୟୀ ଜଗନ୍ନାଥ , ବଳଭଦ୍ର, ସୁଭଦ୍ରା ସ୍ନାନ ବେଦୀ ଉପରକୁ ଆସନ୍ତି। ସୁନା କୂଅରୁ ୧୦୮ ଗରା ଜଳ ଅଣାଯାଇ ବିଧି ଅନୁସାରେ ଠାକୁରମାନଙ୍କୁ ସ୍ନାନ କରାଯାଏ। ତତ୍ପରେ ତିନି ଠାକୁରଙ୍କୁ ଗଜାନନ ବେଶରେ ସଜ୍ଜିତ କରାଯାଏ।

ପୁରାଣ ଅନୁସାରେ ସ୍ନାନ କରାଯାଏ। କହିବାକୁ ଗଲେ ସର୍ବସାଧାରଣରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ହସ୍ତୀବେଶ ଖୁବ୍ ଲୋକପ୍ରିୟ। ପୁରୁଷୋତ୍ତମ ମହାତ୍ମ୍ୟ ସ୍କନ୍ଦ ପୁରାଣର ଅନ୍ୟତମ ବିଶିଷ୍ଟ ଅଂଶ। ବ୍ରହ୍ମ ପୁରାଣ ଓ ନାରଦ ପୁରାଣରେ ମଧ୍ୟ ଶ୍ରୀଜଗନ୍ନାଥଙ୍କ ସଂପୃକ୍ତ ପ୍ରସଂଗରେ ବିସ୍ତୃତ ବିବରଣୀ ରହିଛି। ବିଶେଷ କରି ପୁରୁଷୋତ୍ତମ ମହାତ୍ମ୍ୟରେ ତାଙ୍କର ସୁପ୍ରସିଦ୍ଧ ଦ୍ୱାଦଶ ଯାତ୍ରାର ପ୍ରସଂଗ ଉଲ୍ଲେଖ ରହିଛି। ପୁରୁଷୋତ୍ତମ ମହାତ୍ମ୍ୟ ଗ୍ରନ୍ଥରେ ସ୍ନାନ ପୂର୍ଣମୀ ଶ୍ରୀଜଗନ୍ନାଥଙ୍କ ଆର୍ବିଭାବର ଶୁଭ ମୁହୂର୍ତ୍ତରେ ଓ ସେହି ଅବସରରେ ତାଙ୍କର ପୂର୍ଣ୍ୟ ସ୍ନାନ ସମାପିତ ହେବା ଉଚିତ ବୋଲି ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ କୁହାଯାଇଛି।

ଶ୍ରୀହର୍ଷଙ୍କ ରଚିତ ନୈଷଧ ଚରିତରେ ଜଗନ୍ନାଥଙ୍କ ଏହି ସ୍ନାନ ଯାତ୍ରାର ସନ୍ଧାନ ମିଳେ। ଡଃ ଗୋପୀନାଥ ମହାପାତ୍ରଙ୍କ ନୈଷଧ ଚରିତରେ ଶ୍ରୀଜଗନ୍ନାଥଙ୍କ ମହିମା ଉଲ୍ଲେଖ ରହିଛି। ଦ୍ୱାଦଶ ଶତାବ୍ଦୀ ବେଳକୁ ଶ୍ରୀଜଗନ୍ନାଥଙ୍କ ମହିମା ଓଡ଼ିଶା ବାହାରେ ପ୍ରଶସ୍ତି ଲାଭ କରିଥିଲା। ଖ୍ରୀଷ୍ଟୀୟ ଦ୍ୱାଦଶ ଶତାବ୍ଦୀରେ ରଚିତ ଜୀମୂତ ବାହାନଙ୍କ କାଳ ବିବେକରେ ସ୍ଥାନ ପାଇଛି ଯେ, ଜ୍ୟେଷ୍ଠ ପୂର୍ଣ୍ଣମାରେ ଶ୍ରୀପୁରୁଷୋତ୍ତମ ବ୍ରତ ପାଳନ କଲେ ଓ ଦର୍ଶନ କଲେ ପୁଣ୍ୟଫଳ ମିଳେ। " ଜଗନ୍ନାଥ ପ୍ରଭୁ ସ୍ନାହାନ ମଣ୍ଡପରେ / ଲକ୍ଷେ ଯୋଡା ପାଣି ଢାଳନ୍ତି ମୁଖରେ।"

ସେହିଭଳି ସ୍ନାନ ବେଦୀ ଉପରେ ଶ୍ରୀଜଗନ୍ନାଥଙ୍କର ଗଜାନନ ବେଶ ସମ୍ପର୍କରେ ଆଉ ଏକ ଚମତ୍କାର କୌତୁହଳ ପ୍ରଦ କିମ୍ବଦନ୍ତୀ ସଂଶ୍ଳିଷ୍ଟ ରହିଛି। ଶ୍ରୀଜଗନ୍ନାଥଙ୍କ ଅନ୍ତର୍ଯ୍ୟାମୀତ୍ୱ ବା ଭକ୍ତିର ମନ ଜାଣିବା ବିଶେଷତ୍ୱ ସେହି ପର୍ଣ୍ଣପତିଭଟ୍ଟ କିମ୍ବଦନ୍ତୀରେ ସ୍ପଷ୍ଟ। ଏପରିକି ଶ୍ରୀଜଗନ୍ନାଥଙ୍କୁ ସାର୍ବଭୌମ ଶକ୍ତିଧାରୀଭଗବାନ ରୂପେ ପ୍ରତିପାଦନ କରିବା ପାଇଁ କିମ୍ବଦନ୍ତୀଟି ବେଶ୍ ପରିକଳ୍ପିତ। ବାସ୍ତବରେ ଶ୍ରୀଜଗନ୍ନାଥଙ୍କ ସ୍ନାନ ବେଶର ତାତ୍ପର୍ଯ୍ୟ ସଂପର୍କରେ ଅଧ୍ୟାପକ ମିଶ୍ର ଯେଉଁ ଭିନ୍ନ ଲୌକିକ କାରଣଟି ଉପସ୍ଥାପନା କରିଛନ୍ତି, ମନେହୁଏ ତାହା ଅନେକାଂଶରେ ଅବଧାରଣୀୟ। ଦାରୁବିଗ୍ରହଙ୍କୁ ପର୍ଯ୍ୟାପ୍ତ ପରିମାଣରେ ଜଳ ସ୍ନାନ ବା ଅଭିଷିକ୍ତ କରାଇବା ପରେ ଜଳଧୌତ ଅସୁନ୍ଦର ଦିଶୁଥିବା ଚିତ୍ରିତ ବିଗ୍ରହଙ୍କୁ ଯେଭଳି, ଏକ ଦର୍ଶନୀୟ ମନମୁଗ୍ଧକର ବେଶରେ ବିମଣ୍ଡିତ କରାଯାଇଛି, ତାହାହିଁ ହୁଏତ ଗଜାନନ ବା ହସ୍ତୀବେଶ। ଡକ୍ଟର ମହତାବ ଜଗନ୍ନାଥଙ୍କ ସ୍ନାନ ଉତ୍ସବକୁ ବୌଦ୍ଧ ଚେତନା ରୂପେ ଦର୍ଶାଇଛନ୍ତି।

ତାଙ୍କ ଦୃଷ୍ଟିରେ ଜଗନ୍ନାଥଙ୍କ ସ୍ନାନଯାତ୍ରା ଓ ଗଜାନନ ବେଶ ବେଶ୍ ସମସ୍ତଙ୍କୁ ଆକୃଷ୍ଟ କରେ। ପୂର୍ଣ୍ଣିମାର ପ୍ରଭାତ କାଳରେ ବିଗ୍ରହମାନଙ୍କୁ ପାରମ୍ପାରିକ ରୀତିରେ ମହାସମାରୋହ ସ୍ନାନ ମଞ୍ଚକୁ ଅଣାଯାଏ। ଯାହାକୁ ପହଣ୍ଡି କହନ୍ତି। ଏହି ପହଣ୍ଡି ବିଜେ ଦୁଇ ପ୍ରକାର ଯଥା ଧାଡ଼ି ପହଣ୍ଡି ଓ ଅନ୍ୟଟି ଗୋଟି ପହଣ୍ଡି। ଧାଡ଼ି ପହଣ୍ଡିରେ ଦେବତାମାନେ ଜଣକ ପରେ ଜଣେ ଏକତ୍ର ବିଜେ ହେଉଥିବା ବେଳେ, ଗୋଟି



ପହଣ୍ଡିରେ ଗୋଟିଏ ଦେବତା ଯଥା ସ୍ଥାନରେ ପହଞ୍ଚିବା ପରେ ଅନ୍ୟ ଦେବଦେବୀଙ୍କୁ ତାଙ୍କ ତାଙ୍କ ସ୍ଥାନରୁ ଅଣାଯାଏ। ସେମାନଙ୍କୁ ବହୁବିଧଉପଚାର ମିଶ୍ରିତ ନିର୍ଦ୍ଧାରିତ କୂପଜଳରେ ସ୍ନାନ କରାଯାଏ। ତା'ପରେ ବେଶ ବିନ୍ୟାସରେ ପ୍ରଭୁଙ୍କ ନିକଟରେ ଯଥା ବିଧି ଉପାସନା, ହୋମ, ନୈବେଦ୍ୟାଦି କରାଯାଏ।

ରାତିର ବିଳମ୍ବିତ ପ୍ରହରରେ ତିନିଠାକୁରଙ୍କ ସାମ୍ବତ୍ସରିକ କୃତ୍ୟ ଏକାଦି କ୍ରମେ ଲିପି ରହେ। ହଜାର ହଜାର ସଂଖ୍ୟାରେ ଦର୍ଶକ ଦର୍ଶନ କରିବାର ସୁଯୋଗ ପାଆନ୍ତି। ସେ ଷାଠିଏ ପଉଟି ନୈବେଦ୍ୟ ଗ୍ରାହୀ, ଅବର୍ଣ୍ଣନୀୟ ସେବା ପୂଜାର ଅଧିକାରୀ, ଅସାଧାରଣ ଶକ୍ତିର ପ୍ରତୀକ। ତେଣୁ ସେହି ଅଲୌକିକ ଦେବ ବିଗ୍ରହଙ୍କୁ ଦର୍ଶନ କରିବା ଭକ୍ତ ହୃଦୟର ଏକ ଅବାରିତ ଆକାଂକ୍ଷା, ସାଧରଣ ସକଳ ନରନାରୀ ପ୍ରଭୁଙ୍କ ପ୍ରତ୍ୟକ୍ଷ ଦର୍ଶନ ଲଭିଥାନ୍ତି। ଗୁହାରୀ ଶୁଣିବା ପାଇଁ ଦୁଃଖୀ ଦୁଃଖ ମୋଚନ କରିବା ପାଇଁ ତଥା ପାପୀ ପାପ ପ୍ରକ୍ଷାଳନ ପାଇଁ ପ୍ରତ୍ୟକ୍ଷ ଦର୍ଶନ ଦେବାଦୃଷ୍ଟିରୁ କରୁଣାମୟ ଭକ୍ତ ଭାବଗ୍ରହୀ ପ୍ରଭୁଙ୍କର ଏହା ଏକ ମନୋରମ ଯାତ୍ରା। ମନେହୁଏ ରଥଯାତ୍ରାର ହୁଏତ ଏହା ଏକ ପ୍ରାକ୍ ପର୍ବ। ଏସବୁ ସତ୍ତ୍ୱେ ସ୍ନାନ ଯାତ୍ରାରେ ଆର୍ଯ୍ୟୋତର ଉପଚାର ଓ ଶବର ସଂସ୍କୃତିର ନିଦର୍ଶନ ବୋଲି କଦାପି ଅସ୍ୱୀକାର କରିହେବ ନାହିଁ।

ଶ୍ରୀଜଗନ୍ନାଥ ହେଉଛନ୍ତି କାଳରୂପୀ ଦେବତା। ବିଶେଷ କରି ପ୍ରାଚୀନ ସମ୍ମୁଖୀ ସମୟର କାଳକୁ ସେ ଦମନ କରି ନବୀନ ଶୁଭଙ୍କର ସମୟ କାଳର ସଂକେତ ଭାବେ ସ୍ନାନ ପୂର୍ଣ୍ଣିମାରେ ଆର୍ବିଭୂତ ହୋଇଛନ୍ତି। ସେହି ଦୃଷ୍ଟିରୁ ବର୍ଷା ଋତୁର ସମ୍ବତ୍ସର ଗଣନା ରୀତିରେ ବା ବର୍ଷାର ବର୍ଷ ହିସାବ ଧାରାରେ ଜଗନ୍ନାଥଙ୍କୁ ଏଠାରେ ଜଗନ୍ନାଥଙ୍କୁ ସଂଶ୍ଳିଷ୍ଟ କରାଯାଇଥିବା ଗବେଷକମାନଙ୍କ ମତ। ସେ ନବ ବର୍ଷର ବା ନୂତନ କାଳର ଦ୍ୟୋତକ ରୂପେ ସ୍ନାନ ଉତ୍ସବରେ ଅଧିଷ୍ଠିତ। ଏପରିକି ତାଙ୍କର ସ୍ନାନ ଯାତ୍ରା ପ୍ରାଚୀନର ବିଦାୟ ଓ ନବୀନର ଆଗମନୀ ସୂଚକର ପ୍ରତୀକ ପର୍ବ ବୋଲି ଧରାଯାଏ। ତେଣୁ ଜଗନ୍ନାଥ କାଳ, ଜଗନ୍ନାଥ ସମ୍ବତ୍ସର ବା ଦେବ କାଳର ସଂକେତିକ ପର୍ବ ହେଉଛି ସ୍ନାନ ଯାତ୍ରା ବା ସ୍ନାନ ପର୍ବ।

ଆମ ଦେଶରେ ବର୍ଷା ଋତୁରୁ ବର୍ଷ ଗଣଣା ରୀତିରେ ଜଗନ୍ନାଥଙ୍କୁ ସଂଶ୍ଳିଷ୍ଟ କରାଯାଉଛି। ସେ ନବ ବର୍ଷ କାଳର ଦ୍ୟୋତକ। ଏହି ବର୍ଷ ଶବ୍ଦର ବ୍ୟୁତ୍ପତ୍ତି କ୍ରମରେ ବର୍ଷାର ତାତ୍ପର୍ଯ୍ୟ ନିହିତ। ତେଣୁ ଉତ୍କଳୀୟ ପରମ୍ପରାରେ ଏପରି ଅନୁସରଣ ଆଦୌ ବିଚିତ୍ର ନୁହେଁ। ସୂକ୍ଷ୍ମ ଦୃଷ୍ଟିରୁ ବିଚାର କଲେ ସ୍ନାନ ଉତ୍ସବରେ ଜଗନ୍ନାଥଙ୍କ ଗଜାନନ ବେଶ ହିନ୍ଦୁ ପରଂପରାର ସ୍ମାରକୀ। ପଞ୍ଚୋପସାନା ରୀତିରେ ଶ୍ରୀଗଣେଶ ସକଳ ମାଙ୍ଗଳିକ କୃତ୍ୟ ଓ ଉପାସନା ବିଧିର ଅଗ୍ରଦେବ ଭାବେ ପୂଜିତ। ସେ ବିଘ୍ନ ବିନାଶକ। ସେଭଳି ସାମ୍ବତ୍ସାରିକ ଉତ୍ସବ ଆରମ୍ଭରେ ଜଗନ୍ନାଥ ବିଘ୍ନ ବିନାଶକ ଅଗ୍ରପୂଜ୍ୟ ଭାବେ ଗଜାନନ ବେଶ ଧାରଣା କରିବା ସ୍ୱଭାବିକ ମନେହୁଏ। ଆଚାର୍ଯ୍ୟ ଯୋଗେଶ ଚନ୍ଦ୍ରଙ୍କ ମତରେ ଶ୍ରୀଜଗନ୍ନାଥଙ୍କ ଯାତ୍ରା ସୌର ମଣ୍ଡଳୀୟ ଚେତନା ସଂଭୂତ ଲୌକିକ ଉତ୍ସବର ନିଦର୍ଶନ।

ଏହାର ପୃଷ୍ଠ ଭୂମିରେ ମହାବିଷୁବ ଚେତନାକୁ ଅସ୍ୱୀକାର କରାଯାଇ ପାରିବ ନାହିଁ ବୋଲି ସେ ଉଲ୍ଲେଖ କରିଛନ୍ତି। ତାଙ୍କ ମତରେ ଆକାଶରେ ସ୍ୱର୍ଗ ଗଙ୍ଗାର ଆବିର୍ଭାବ ହେଲେ ଜଗନ୍ନାଥଙ୍କ ସ୍ନାନ ଉତ୍ସବ ଆରମ୍ଭ ହୁଏ। ତେଣୁ ଲୋକକଥାନୁସାରେ ଦେବତାଙ୍କ ବିଷ୍ଣୁ ଗଙ୍ଗା, ସ୍ୱର୍ଗଗଙ୍ଗା ସ୍ନାନର ପରିଚୟ ପ୍ରଦାନ କରେ। ବାସ୍ତବରେ ଜ୍ୟେଷ୍ଠ ପୂର୍ଣ୍ଣିମା ଯଦି ପ୍ରାଚୀନ ଓ ନବୀନ ସମ୍ବତ୍ସର ସନ୍ଧିକ୍ଷଣ ହୁଏ, ତେବେ ପବିତ୍ର ସ୍ନାନ ଓ ଦେବାରଧନା ସେହି ରୀତିରେ ବିଗତ ବର୍ଷର ଅଶୁଭ ଅମଙ୍ଗଳ ଓ ପାପ ରାଶି ଖଣ୍ଡନକାରୀ । ପ୍ରକାରନ୍ତରେ ନବାଗତ ପାଇଁ ତାହା ଶୁଭଙ୍କର ହୁଏ।

ପାରମ୍ପରିକ ରୀତିରେ ଜଗନ୍ନାଥ ହେଉଛନ୍ତି ସାର୍ବଜନୀନ ସ୍ୱୀକୃତି ମଙ୍ଗଳମୟ ଓ ପୂର୍ଣ୍ୟ ପ୍ରଦାନକାରୀ। ଅନୁରୂପ ଲୌକିକ ଚେତନା ଜଗନ୍ନାଥଙ୍କୁ ସ୍ପର୍ଶ କରିବା ବିଚିତ୍ର ନୁହେଁ। କାରଣ ଜଗନ୍ନାଥ ମଧ୍ୟଜନତାର ପ୍ରତିନିଧି। ସେ ଉଭୟ ଦେବତା ଓ ମାନଓ୍ୱ। ଯୋଗେଶ ଚନ୍ଦ୍ର ନିର୍ଦ୍ଧାରଣ କରିଛନ୍ତି ଜ୍ୟେଷ୍ଠ ମାସର ଶୁକ୍ଳ ଦଶମୀ ଶାସ୍ତ୍ର ପୃଷ୍ଠାରେ ଦଶହରା ବା ଗଂଗା ଦଶହରା ପର୍ବର ପରିଚୟ ବହନ କରିଥାଏ। ଭାରତୀୟ ଲୋକ ପରମ୍ପରାରେ ଏହା ଅନୁସୃତ ହୁଏ। ଦଶମୀ ଠାରୁ ବିଷୁବ ପରି ନବବର୍ଷରେ ପଶିଲେ ଜ୍ୟେଷ୍ଠ ପୂର୍ଣ୍ଣିମା ହେଉଛି ଷଷ୍ଠ ଦିବସ। ଫଳରେ ବର୍ଷା ଆରମ୍ଭରେ ଷଷ୍ଠୀ ପୂଜା ପାଇଁ ଶୁଭ ଅନୁକୂଳ।

ଓଡ଼ିଶାର କେତେକ ସ୍ଥାନରେ ଜ୍ୟେଷ୍ଠ ପୂର୍ଣ୍ଣିମାରେ ପିଲାମାନଙ୍କ ପାଇଁ ନବବର୍ଷ ପାଳନରେ ନୂତନ ପୋଷାକ ପିନ୍ଧାଇ ପିଠା ପଣା କରାଯାଇ ସେମାନଙ୍କୁ ଖାଇବାକୁ ଦିଆଯାଏ। ଠାକୁରଙ୍କ ଭୋଗ ଲଗାଯାଏ। ଏହା ହୁଏତ ମାର୍ଗଶୀର ମାସରେ ପାଳିତ ପ୍ରଥମାଷ୍ଟମୀ ପୂର୍ବ ଅନୁଚ୍ଛ ପର୍ବ, ସେଦିନ ପିଲାମାନଙ୍କ ପ୍ରତିରକ୍ଷା କୃତ୍ୟ ଆଚରିତ ହୋଇ ସେମାନଙ୍କୁ ନବବସ୍ତ୍ର ଭୂଷଣ ମଣ୍ଡିତ କରାଯାଏ। ସ୍ୱତନ୍ତ୍ର ସୁସ୍ୱାଦୁ ଖାଦ୍ୟ ଦ୍ରବ୍ୟ ଷଷ୍ଠୀ ଦେବୀଙ୍କୁ ନୈବେଦ୍ୟ ରୂପେ ଅର୍ପିତ ହୋଇ ପିଲାମାନଙ୍କୁ ଦିଆଯାଏ। ଏପରିକି ବିଭିନ୍ନ ସ୍ଥାନରେ ଜ୍ୟେଷ୍ଠ-ପୂର୍ଣ୍ଣମୀରେ ନବବର୍ଷପରି ପରମ୍ପରା ଦେଖିବାକୁ ମିଳେ। ପରିବାରରେ ପିଠା ପଣା ଭୋଜିଭାତ ହୁଏ, ସମସ୍ତେ ନୂଆ ଲୁଗା ପରିଧାନ କରିଥାନ୍ତି। ସକଳେ ଦେବତାଙ୍କୁ ପୂଜା ଆରାଧନା କରନ୍ତି। ସମ୍ଭବତଃ ଶାସ୍ତ୍ରୀୟ ମତରେ ଏକ ମାନବ ସମାଜରୁ ଦେବତା ସ୍ତରରୁ ସଂପ୍ରସାରିତ ହୋଇ ଉତ୍କଳୀୟ ଶ୍ରୀଜଗନ୍ନାଥଙ୍କ ସ୍ନାନ ପର୍ବ ଦେବସ୍ନାନ ଯାତ୍ରାରେ ରୂପାନ୍ତରିତ ହୋଇଅଛି।

ବାସ୍ତବରେ ନିଷ୍କର୍ଷରେ କେବଳ ଏତିକି କୁହାଯାଇପାରେ ଦେବସ୍ନାନ ପରେ ସ୍ନାନ ମଣ୍ଡପରେ ତିନି ଠାକୁରଙ୍କ ଗଜାନନ ବେଶ ବେଶ୍ ଜନାଦୃତ ଭକ୍ତ ହୃଦୟର ଭକ୍ତି ଭାବନାର ନୈବେଦ୍ୟ ଉତ୍ସ ଧାରଣରେ କବି ତ୍ରିଲୋଚନ ଦାସ ଉଲ୍ଲେଖ କରିଛନ୍ତି- " ଗଭର ସଂନ୍ଦର ହାଥୁଣୀ ଉପମା ନାହିଁ / ଗଭର ଆଗରେ ଧଳା ହାଥୀ ଚଳଇ / ଗେଲେ କାଳିଆ ହାଥୀ ଗିରି ଶିଖୁ ଲେଉଟି/ ଗହଣେ ସୁନ୍ଦର ହାଥୀ ଗୁପତ ସେଟି "...!!!

ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪
ମୋବାଇଲ୍: ୯୦୪୦ ୧୫୧୪ ୭୫

# ନାଗରିକତାର ପ୍ରମାଣପତ୍ର କ'ଣ ?

**ଗୋପାଳ ମହାପାତ୍ର**



ନାଗରିକତାର ପ୍ରମାଣ ପତ୍ରକୁ ନେଇ ଦେଶରେ ପୁଣି ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ପ୍ରଥମେ ଆଧାରକାର୍ଡକୁ ନାଗରିକତା ପ୍ରମାଣ ପତ୍ର ଭାବେ ଗ୍ରହଣ କରାଯିବ ନାହିଁ ବୋଲି କୁହାଯାଇଥିଲା। ଏହା ପରେ ବିହାର, ପଶ୍ଚିମବଂଗ ସମେତ କେତେକ ରାଜ୍ୟରେ ଏସ୍‌ଆଇଆର କରାଗଲା। ଏବେ ବୈଦେଶିକ ମନ୍ତ୍ରାଳୟ ତରଫରୁ କୁହାଯାଇଛି ଯେ ପାସପୋର୍ଟ ଭାରତୀୟ ନାଗରିକତାର ପ୍ରମାଣପତ୍ର ନୁହେଁ। ବୈଦେଶିକ ମନ୍ତ୍ରାଳୟର ଏହି ବୟାନ ପରେ ଏବେ ପ୍ରଶ୍ନ ଉଠୁଛି ଯେ ତେବେ ଭାରତୀୟ ନାଗରିକ କିଏ? ଭାରତର ନାଗରିକତା ପାଇଁ ପ୍ରମାଣ ପତ୍ରର ଆଧାର କ'ଣ? ମୁଖ୍ୟ କଥା ହେଉଛି ଭାରତରେ ନାଗରିକତାର କୌଣସି ପ୍ରାମାଣିକ ଆଧାର-ପତ୍ର ନାହିଁ। ଅନେକ ଦେଶରେ ନାଗରିକ (ସିଟିଜନ) କାର୍ଡର ବ୍ୟବସ୍ଥା ରହିଛି। ଭାରତରେ ଜଣେ ବ୍ୟକ୍ତିକୁ ଅନେକ ପ୍ରକାରର କାର୍ଡ ରଖିବାକୁ ପଡ଼ିଥାଏ ଯଥା- ବିଦେଶ ଯିବା ପାଇଁ ପାସପୋର୍ଟ, ନିଜର ପରିଚୟ (ନାଗରିକତା ନୁହେଁ) ପାଇଁ ଆଧାରକାର୍ଡ, ଆର୍ଥୀକ ମାମଲା ପାଇଁ ପାନକାର୍ଡ, ଭୋଟ ଦେବା ପାଇଁ ଭୋଟର କାର୍ଡ ଓ ପରିବାରର ପରିଚୟ ପାଇଁ ରାସନ କାର୍ଡ। ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଗୋଟିଏ କାର୍ଡର ବ୍ୟବସ୍ଥା କରାଯିବା ପାଇଁ ବହୁଦିନରୁ ଚର୍ଚ୍ଚା ଚାଲିଥିଲେ ମଧ୍ୟ ଏନେଇ କୌଣସି ବ୍ୟବସ୍ଥା କରାଯାଇ ପାରିନାହିଁ। ଭାରତରେ ନାଗରିକତା ସାବ୍ୟସ୍ତ କରିବା ପାଇଁ କୌଣସି ଏକ ସାର୍ବଭୌମିକ ଦସ୍ତାବିଜ୍ ନାହିଁ। ଯଦି କେହି ବ୍ୟକ୍ତି ଆଧାର, ପାସପୋର୍ଟ ବା ରାସନକାର୍ଡକୁ ନାଗରିକତାର ପ୍ରମାଣ ପତ୍ର ବୋଲି କହନ୍ତି ତେବେ ତାହା ଭୁଲ ଅଟେ। ଏଣୁ ପ୍ରଶ୍ନ ବି ଉଠୁଚି ଯେ ଯଦି ଏସବୁ ନାଗରିକତା ସାବ୍ୟସ୍ତ କରିବା ପାଇଁ ପ୍ରମାଣ ନୁହେଁ ତେବେ ନାଗରିକତା ପ୍ରମାଣ ପାଇଁ କେଉଁ ଦସ୍ତାବିଜ୍ ଦରକାର?

ଦେଶର ବୈଦେସିକ ମନ୍ତ୍ରାଳୟ ବିଦେଶ ଯାତ୍ରା ପାଇଁ ପାସପୋର୍ଟ ପ୍ରଦାନ କରିଥାଏ ବା ସ୍ୱୀକୃତି ଦେଇଥାଏ। ସ୍ୱରାଷ୍ଟ୍ର ମନ୍ତ୍ରାଳୟ ନାଗରିକତା ସିଦ୍ଧ କରିଥାଏ ଯେ କିଏ ବୈଧ ଏବଂ ଅବୈଧ। ଏସ୍ ଆଇ ଆର ଏସବୁ ପ୍ରକ୍ରିୟାର ଏକ ଅଂଶ। ପାସପୋର୍ଟ ଅଧିନିୟମ ୧୯୬୭ ଅନୁସାରେ ପାସପୋର୍ଟ କେବଳ ଭାରତୀୟ ନାଗରିକ ମାନଙ୍କୁ ପ୍ରଦାନ କରାଯାଇଥାଏ। ଅନ୍ୟ ପକ୍ଷରେ ନିର୍ବାଚନ କମିଶନ ଏବଂ ମାନ୍ୟବର ସୁପ୍ରିମ କୋର୍ଟ ସ୍ପଷ୍ଟ ଭାବରେ କହିଛନ୍ତି ଯେ ଆଧାରକାର୍ଡ ନାଗରିକତା ସାବ୍ୟସ୍ତ କରିବାର ଦସ୍ତାବିଜ୍ ନୁହେଁ। ମାନ୍ୟବର ସୁପ୍ରିମ କୋର୍ଟ ସ୍ପଷ୍ଟ ଭାବରେ କହିଛନ୍ତି ଯେ ଆଧାର ଅଧିନିୟମ ୨୦୧୬ ଏବଂ ପ୍ରତିନିଧିତ୍ୱ ଅଫ ଦି ପିପୁଲ ଆକ୍ଟ ୧୯୫୦ ଅନୁସାରେ ଆଧାରକାର୍ଡ ନାଗରିକତା, ଜନ୍ମତିଥି ଅଥବା ନିବାସ ପ୍ରମାଣ ପତ୍ର ନୁହେଁ। ଏସବୁ ବାଦ୍ ପାନ୍ କାର୍ଡ ବା ଭୋଟର କାର୍ଡ ଥିଲେ ମଧ୍ୟ କେହି ଭାରତୀୟ ନାଗରିକ ହୋଇପାରିବ ନାହିଁ। ତେବେ ଭାରତର ନାଗରିକ କିଏ ହୋଇପାରିବ? ଯାହା ପାଖରେ ଆଧାର କାର୍ଡ, ରାସନକାର୍ଡ, ଭୋଟରକାର୍ଡ, ପାନକାର୍ଡ ଏ ପରିକ ପାସପୋର୍ଟ ଥିବ ତାକୁ ନାଗରିକ ବୋଲି ଗ୍ରହଣ କରାଯିବ କି ନାହିଁ? ଏ ସବୁକୁ ନେଇ ଚର୍ଚ୍ଚା ବା ବିମର୍ଷ ଆଗରୁ ତ ଥିଲା କିନ୍ତୁ ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ୧୪ ତମ ପାସପୋର୍ଟ ସେବା ଦିବସ ଅବସରରେ ବୈଦେଶିକ ମନ୍ତ୍ରାଳୟର ଅଧିକାରୀ ମାନେ ଦେଇଥିବା ବୟାନ ବିମର୍ଷର କେନ୍ଦ୍ରବିନ୍ଦୁ ପାଲଟିଛି। ବୈଦେଶିକ ମନ୍ତ୍ରାଳୟର ଅଧିକାରୀ କହିଥିଲେ ଯେ ପାସପୋର୍ଟ ଆନ୍ତର୍ଯାତୀୟ ଯାତ୍ରାକୁ ସୁଗମ କରିବା ପାଇଁ ଏକ ଦସ୍ତାବିଜ ଅଟେ କିନ୍ତୁ ଏହା ନାଗରିକତାର ପ୍ରମାଣ ପତ୍ର ନୁହେଁ।"

ବୈଦେଶିକ ମନ୍ତ୍ରାଳୟର ଅଧିକାରୀଙ୍କ ବୟାନ ପରେ ପ୍ରଶ୍ନ ଉଠିବା ସ୍ୱାଭାବିକ୍ ଯେ "ପାନ କାର୍ଡ" କ'ଣ କେବଳ ଆର୍ଥୀକ ସମ୍ବନ୍ଧୀତ କାର୍ଯ୍ୟପାଇଁ? ପାସପୋର୍ଟ କ'ଣ କେବଳ ବିଦେଶ ଯାତ୍ରା ପାଇଁ? ଭୋଟର କାର୍ଡ କ'ଣ କେବଳ ଭୋଟଦେବା ପାଇଁ ଓ ଆଧାର କାର୍ଡ କେବଳ ବ୍ୟାଙ୍କରେ ଆକାଉଣ୍ଟ ଖୋଲିବା ପାଇଁ? ତେବେ ନାଗରିକତାର ପ୍ରଣାମ ପତ୍ର କ'ଣ? ଭାରତୀୟ ନାଗରିକତା ଆଇନ୍ ଅନୁସାରେ ୧୯୫୦ ମସିହା ଜାନୁୟାରୀ ୨୬ ଠାରୁ ୧୯୮୭ ମସିହା ଜୁଲାଇ ୧ ତାରିଖ ମଧ୍ୟରେ ଭାରତରେ ଜନ୍ମଗ୍ରହଣ କରିଥିବା ବ୍ୟକ୍ତିଙ୍କୁ ଭାରତୀୟ ନାଗରିକ ବୋଲି ଗ୍ରହଣ କରାଯାଇଛି। ଏହି ଅବଧି ମଧ୍ୟରେ ମାତା- ପିତାଙ୍କର ରାଷ୍ଟ୍ରୀୟତାର ଗୁରୁତ୍ୱ ନଥିଲା। ଆର୍ଥାତ୍ ମାତା ପିତା ବିଦେଶୀ ହେଲେବି ଯଦି ତାଙ୍କର ସନ୍ତାନ ଭାରତରେ ଜନ୍ମ ନିଏ ତେବେ ସେ ଭାରତୀୟ ଭାବେ ଗଣନା ହେଉଥିଲା। କିନ୍ତୁ ୧୯୮୭ ମସିହା ଜୁଲାଇ ୧ତାରିଖ ପରେ ଜନ୍ମ ନେଇଥିବା ବ୍ୟକ୍ତିଙ୍କୁ ନାଗରିକତା ସେତେବେଳେ ମିଳିବ ଯଦି ମାତା ପିତାଙ୍କ ମଧ୍ୟରୁ ଜଣେ ଭାରତର ନାଗରିକ ହୋଇଥିବ। ୨୦୦୪ ଡିସେମ୍ବର ୩ତାରିଖ ପରେ ଜନ୍ମିତ ବ୍ୟକ୍ତି ଭାରତର ନାଗରିକ ହୋଇ ପାରିବ ଯଦି ତାର ମାତା- ପିତା ଉଭୟେ ଭାରତୀୟ ହୋଇଥିବ ଅଥବା ଜଣେ ଭାରତୀୟ ଓ ଅନ୍ୟଜଣେ ଅବୈଧ ପ୍ରବାସୀ ହୋଇଥିବ।

ପାସପୋର୍ଟ ଉପରେ "ରିପବ୍ଲିକ ଅଫ ଇଣ୍ଡିଆ" ଲେଖାଯାଇଥାଏ। ଆର୍ଥାତ୍ ଏହା ଏକ ଭାରତୀୟ ଦସ୍ତାବିଜ୍। ପାସପୋର୍ଟରେ ବ୍ୟକ୍ତିର ସବିଶେଷ ତଥ୍ୟ ଉଲ୍ଲେଖ କରାଯାଇଥାଏ। ପାସପୋର୍ଟ ଆଇନ୍ ଅନୁସାରେ ଏପରିକି ପାସପୋର୍ଟ ପାଇଁ ଅବେଦନ କରିଥିବା ବ୍ୟକ୍ତିଙ୍କ ବାବଦରେ ପୋଲିସ ଯାଞ୍ଚକରି ରିପୋର୍ଟ ଦେବା ପରେ ପାସପୋର୍ଟ ପ୍ରଦାନ କରାଯାଇଥାଏ। ଏପରି ସ୍ଥଳେ ପାସପୋର୍ଟକୁ ନାଗରିକତା ପ୍ରମାଣ ପତ୍ର କୁହାଯିବ ନାହିଁ କାହିଁକି? କିନ୍ତୁ ଆମ ଦେଶର ଆଇନ୍ ଅନୁସାରେ ପାସପୋର୍ଟକୁ ନାଗରିକତାର ପ୍ରମାଣ ପତ୍ର ଭାବେ ଗ୍ରହଣ କରାଯାଉନାହିଁ। ୧୯୪୭ରେ ଦେଶ ସ୍ୱାଧିନ ହେଲା ଓ ୧୯୫୦ରେ ସମ୍ବିଧାନ ଲାଗୁହେବା ପରେ ନାଗରିକଙ୍କ ପଞ୍ଜିକରଣ କାମ ଭିନ୍ନ ଭିନ୍ନ ପ୍ରକ୍ରିୟାରେ ଆରମ୍ଭ ହୋଇଥିଲା। ଜନ୍ମ ପଞ୍ଜିକରଣ ଆରମ୍ଭ ହେବା ପୂର୍ବରୁ ମଧ୍ୟ ଦେଶରେ ଅନେକଙ୍କର ଜନ୍ମ ହୋଇଥିଲା। ଯଦି ଆଧାରକାର୍ଡ, ପାନକାର୍ଡ, ଭୋଟରକାର୍ଡ, ରାସନକାର୍ଡ ଓ ପାସପୋର୍ଟ ଭାରତୀୟ ନାଗରିକତାର ପ୍ରମାଣ ପତ୍ର ନୁହେଁ ତେବେ ସାଂସଦ ଓ ବିଧାୟକ ମାନଙ୍କ ପାଖରେ କ'ଣ ସ୍ୱତନ୍ତ୍ର ପ୍ରମାଣ ପତ୍ର ରହିଛି ଯାହା ଫଳରେ ସେମାନେ ଦେଶ/ରାଜ୍ୟକୁ ଶାସନ କରୁଛନ୍ତି? ତେବେ କ'ଣ ଏହି ଜନ ପ୍ରତିନିଧିମାନେ ଭାରତୀୟ ନାଗରିକ ନୁହଁନ୍ତି? ହାୟରେ ହତଭାଗା ଦେଶ! ଭାରତର ନାଗରିକ ନ ହୋଇ ମଧ୍ୟ କିଛି ଲୋକ ଦେଶ/ରାଜ୍ୟକୁ ଶାସନ କରିପାରୁଛନ୍ତି?

**ରାମଚନ୍ଦ୍ରପୁର, ରଣପୁର**
**ମୋବାଇଲ୍:୯୪୩୮୪୮୫୦୯୪**

# ଦ୍ୱିପାକ୍ଷିକ ସମୃଦ୍ଧିର ଭାଗିଦାରୀ ହେବେ ଦୁଇ ଦେଶ

## ସେସେଲ୍ସ ଗସ୍ତରେ ମୋଦୀ, ଭିକ୍ଟୋରିଆ ସଂସଦକୁ ସମ୍ବୋଧନ



ଭିକ୍ଟୋରିଆ: ସେସେଲ୍ସ ରାଜଧାନୀ ଭିକ୍ଟୋରିଆରେ ସୋମବାର ସଂସଦକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂଆ ଇତିହାସ ରଚିଛନ୍ତି। ଏହାକୁ ମିଶାଇ ମୋଦି ବିଶ୍ୱର ୨୦ ଟି ଦେଶର ସଂସଦକୁ ଏପର୍ଯ୍ୟନ୍ତ ସମ୍ବୋଧିତ କଲେଣି। ମୋଦୀ ନିଜ ଭାଷଣ ଆରମ୍ଭ କରି କହିଛନ୍ତି ଯେ 'ଏହି ନ୍ୟାସନାଲ ଆସେମ୍ବ୍ଲିକୁ ସମ୍ବୋଧିତ କରୁଥିବା ପ୍ରଥମ ଭାରତୀୟ ପ୍ରଧାନମନ୍ତ୍ରୀ ଭାବେ ଆପଣମାନଙ୍କ ସମ୍ମୁଖରେ ଛିଡା ହେବା ମୋ ପାଇଁ ବହୁତ ସମ୍ମାନର କଥା। ମୁଁ ମୋ ସହିତ ଭାରତର ୧୪୦ କୋଟି ଲୋକଙ୍କ ପକ୍ଷରୁ ଆପଣମାନଙ୍କ ଲାଗି ଭଲପାଇବା ଓ ଶୁଭକାମନା ନେଇ ଆସିଛି'। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ ମନେ ପକାଇ ଦେଇଛନ୍ତି ଯେ ପ୍ରଧାନମନ୍ତ୍ରୀ ହେବା ପରେ ୨୦୧୫ ମସିହାରେ ହିନ୍ଦ ମହାସାଗର କ୍ଷେତ୍ରରେ ସେ ସର୍ବ ପ୍ରଥମେ ସେସେଲ୍ସ ଗସ୍ତ କରିଥିଲେ। କାରଣ ଭାରତର ଭିଜନରେ ସେସେଲ୍ସର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଛି। ପାଖାପାଖି ଏକ ଦଶକ ପରେ ପୁଣି ସେସେଲ୍ସ ପହଞ୍ଚିଥିବା ବେଳେ ମୋର ଏହି ବିଶ୍ୱାସ ଆହୁରି ମଜଭୁତ ହୋଇଛି। ପ୍ରଧାନମନ୍ତ୍ରୀ ସେସେଲ୍ସ ସ୍ୱାଧୀନତାର ୫୦ ତମ ବାର୍ଷିକ ଅବସରରେ ଶୁଭେଚ୍ଛା ଜଣାଇଛନ୍ତି।

ପ୍ରଧାନମନ୍ତ୍ରୀ ଭାରତ ଓ ସେସେଲ୍ସ ସମ୍ପର୍କ ନେଇ କହିଛନ୍ତି ଆମର ସମ୍ପର୍କ କେବଳ ୫୦ ବର୍ଷର ନୁହେଁ, ଯେତେବେଳେ ଡିପ୍ଲୋମ୍ୟାଟିକ୍ ସମ୍ପର୍କ ଆରମ୍ଭ ହୋଇଥିଲା। ଏହି ସମ୍ପର୍କ ଅନେକ ପୂର୍ବରୁ ଅଗଷ୍ଟ ୧୭୭୦ରେ ଆରମ୍ଭ ହୋଇସାରିଥିଲା। 'ଥେଲେମାକେ' ଜାହାଜରେ ଲୋକେ ସେଣ୍ଟ ଏନ୍ ଆଇଲ୍ୟାଣ୍ଡ ପହଞ୍ଚିଥିଲେ। ଏଠାକୁ ଯେଉଁମାନେ ଆସିଥିଲେ ସେମାନଙ୍କ ମଧ୍ୟରେ ୫ ଜଣ ଭାରତୀୟ ମଧ୍ୟ ଥିଲେ। ଏହି ଯାତ୍ରା ଆଗକୁ ରାସ୍ତା ଦେଖାଇଲା ଓ ସମୟ ସହିତ ଭାରତୀୟଙ୍କ କାହାଣୀ ସେସେଲ୍ସ କାହାଣୀର ଅଂଶ ପାଲଟି ଯାଇଥିଲା। ମୋଦି କହିଛନ୍ତି ଯେ ଏହି ଇତିହାସ ଆମକୁ ମନେ ପକାଇ ଦେଉଛି ଯେ ଏହି ସମ୍ପର୍କ କୌଣସି ସରକାର ନୁହେଁ ଏଠାକାର ଲୋକେ ଗଢିଛନ୍ତି।

ପ୍ରଧାନମନ୍ତ୍ରୀ ମୋଦି ତାଙ୍କ ଅଭିଭାଷଣର ଶେଷ ପର୍ଯ୍ୟାୟରେ ଭବିଷ୍ୟତର ରୋଡ ମ୍ୟାପ୍ କଥା କହିଛନ୍ତି। ସେ କହିଛନ୍ତି ଯେ ଭାରତ ଓ ସେସେଲ୍ସ ମିଳିତ ଫିସେରିଜ, ସାମୁଦ୍ରିକ ବିଜ୍ଞାନ, ଉପକୂଳ ପରିଚାଳନା, ରିନ୍ୟୁଏବଲ ଏନର୍ଜୀ ଓ ସଷ୍ଟେନେବଲ ଟୁରିଜମ କ୍ଷେତ୍ରରେ ଭାଗିଦାର ହୋଇ ପାରନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ସେସେଲ୍ସ ସାଂସଦ ଓ ବିଶ୍ୱବାସୀଙ୍କୁ ନିବେଦନ କରିଛନ୍ତି ଯେ ଆସନ୍ତୁ ଆମେ ସବୁ ମିଶି ଏପରି କାମ କରିବା ଆମର ଆଗାମୀ ପିଢିକୁ ଉତ୍ତରାଧିକାରରେ ଯେଉଁ ସମୁଦ୍ର ମିଳିଛି ତାହା ଯେପରି ଆଜିର ତୁଳନାରେ ଆହୁରି ସୁସ୍ଥ ଓ ସୁରକ୍ଷିତ ଓ ସଂସାଧନରେ ଭରପୂର ହେବ।

### ତିରୁପତି ମନ୍ଦିରରେ ଅନନ୍ତ ଅମ୍ବାନୀ

# କେଶ ଦାନ ସହ ୨୫ଟି ଇଲେକ୍ଟ୍ରିକ୍ ବସ୍ ଦାନ



ଅମରାବତି, ୨୮।୬: ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର କାର୍ଯ୍ୟକାରୀ ନିର୍ଦ୍ଦେଶକ ଅନନ୍ତ ଅମ୍ବାନୀ ରବିବାର ତିରୁମାଲା ଶ୍ରୀଭେଙ୍କଟେଶ୍ୱର ସ୍ୱାମୀ ମନ୍ଦିର ପରିଦର୍ଶନ କରିଛନ୍ତି। ଏହି ପବିତ୍ର ଯାତ୍ରା ଅବସରରେ ସେ ଏକ ସ୍ୱତନ୍ତ୍ର ପରମ୍ପରା ପାଳନ କରିବା ସହ ମନ୍ଦିର ପାଇଁ ବଡ଼ ଧରଣର ସହାୟତା ଘୋଷଣା କରିଛନ୍ତି। ଅନନ୍ତ ଅମ୍ବାନୀ ମନ୍ଦିରରେ ପାରମ୍ପରିକ 'କେଶଦାନ' ରୀତିନୀତି ସମ୍ପନ୍ନ କରିଛନ୍ତି। ତିରୁମାଲାରେ ଏହା ଏକ ଶତାବ୍ଦୀ ପୁରୁଣା ପ୍ରଥା। ଭକ୍ତମାନେ ଏହାକୁ ଅହଂକାର ଓ ସଂସାରିକ ମୋହକୁ ତ୍ୟାଗ କରିବା ଏବଂ ଈଶ୍ୱରଙ୍କ ନିକଟରେ ନିଜକୁ ସମର୍ପଣ କରିବାର ପ୍ରତୀକ ଭାବରେ ବିବେଚନା କରନ୍ତି।

ତିରୁମାଲା ତିରୁପତି ଦେବସ୍ଥାନମ୍ ପାଇଁ ଅନନ୍ତ ଅମ୍ବାନୀ ବଡ଼ ଘୋଷଣା କରିଛନ୍ତି । ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ପକ୍ଷରୁ ପ୍ରାୟ ୨୭.୫ କୋଟି ଟଙ୍କାମୂଲ୍ୟର ୨୫ଟି ଇଲେକ୍ଟ୍ରିକ୍ ବସ୍ ଦାନ କରାଯିବ। ଏହି ବସ୍ ଚଳାଚଳ ପାଇଁ ଆବଶ୍ୟକ ୫୦ ଜଣ ଚାଳକଙ୍କ ଦରମା ଓ ସୁବିଧା ସୁଯୋଗର ଦାୟିତ୍ୱ ମଧ୍ୟ କମ୍ପାନୀ ବହନ କରିବ। ତିରୁମାଲାରେ ଇଲେକ୍ଟ୍ରିକ୍ ଭେହିକିଲ୍ ଚାର୍ଜିଂ ଭିତ୍ତିଭୂମି ସ୍ଥାପନ ପାଇଁ ସେ ସହାୟତାର ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି।

ଦର୍ଶନ ପରେ ମନ୍ଦିରର ବୈଦିକ ବିଦ୍ୱାନମାନେ ଅନନ୍ତଙ୍କୁ 'ବେଦ ଆଶୀର୍ବଚନ' ପ୍ରଦାନ କରିଥିଲେ। ମନ୍ଦିର କର୍ତ୍ତୃପକ୍ଷ ତାଙ୍କୁ 'ଶ୍ରୀବାରୀ ତୀର୍ଥ ପ୍ରସାଦମ୍' ପ୍ରଦାନ କରିବା ସହ ଏକ ରୀତିନୀତି ଅନୁସାରେ ପାଟବସ୍ତ୍ରରେ ସମ୍ମାନିତ କରିଥିଲେ। ନିଜ ବିବାହ ପୂର୍ବରୁ ସେ ଦ୍ୱାରକାଧୀଶ ମନ୍ଦିରକୁ ପଦଯାତ୍ରା କରିଥିଲେ। ଧର୍ମୀୟ ବିଶ୍ୱାସ ସହିତ ସେ 'ବନ୍ତାରା' ମାଧ୍ୟମରେ ପ୍ରାଣୀ କଲ୍ୟାଣ ଏବଂ ସଂରକ୍ଷଣ ଦିଗରେ ମଧ୍ୟ ଅନେକ କାର୍ଯ୍ୟ କରୁଛନ୍ତି।

## ଜାପାନରେ ୬.୧ ତୀବ୍ରତାର ଭୂକମ୍ପ

ଟୋକିଓ,୨୮।୬: ରବିବାର ସକାଳେ ଉତ୍ତର-ପୂର୍ବ ଜାପାନରେ ୬.୧ ତୀବ୍ରତାର ଏକ ଶକ୍ତିଶାଳୀ ଭୂକମ୍ପ ଯଅନୁଭୂତ ହୋଇଥିଲା। ତେବେ କୌଣସି ସୁନାମି ଚେତାବନୀ ଜାରି କରାଯାଇ ନାହିଁ ଏବଂ ଏଥିରେ କୌଣସି ମୃତାହତ କିମ୍ବା ବଡ଼ କ୍ଷୟକ୍ଷତିର ରିପୋର୍ଟ ନାହିଁ। ପାଣିପାଗ ସଂସ୍ଥା ଆଗାମୀ ସପ୍ତାହରେ ଅଧିକ ଶକ୍ତିଶାଳୀ ପରବର୍ତ୍ତୀ ଝଟକାର ସମ୍ଭାବନାକୁ ଦୃଷ୍ଟିରେ ରଖି ବାସିନ୍ଦାମାନଙ୍କୁ ସତର୍କ ରହିବାକୁ ଚେତାବନୀ ଜାରି କରିଛି। ଜାପାନ ପାଣିପାଗ ସଂସ୍ଥା ଅନୁଯାୟୀ, ରବିବାର ସ୍ଥାନୀୟ ସମୟ ପ୍ରାୟ ୭ଟା ୨୫ରେ ଭୂମିକମ୍ପ ହୋଇଥିଲା। ଏହାର କେନ୍ଦ୍ରସ୍ଥଳ ଉପକୂଳରୁ ୪୦ କିଲୋମିଟର ଗଭୀରତାରେ ଅବସ୍ଥିତ ଥିଲା। ଜାପାନର ଭୂକମ୍ପ ତୀବ୍ରତା ସ୍କେଲରେ ୫ ରେଜିଷ୍ଟର କରାଯାଇଥିଲା। ହାଚିନୋହେ ସହର ସମେତ ଆଓମୋରି ପ୍ରଦେଶର ଅନେକ ଅଞ୍ଚଳରେ ପ୍ରବଳ ଭୂମିକମ୍ପ ଅନୁଭୂତ ହୋଇଥିଲା ଏବଂ ଆଖପାଖ ଅଞ୍ଚଳରେ ମଧ୍ୟ ଭୂମିକମ୍ପ ହୋଇଥିଲା।

## ଲଣ୍ଡନରେ ଭାରତୀୟ ଛାତ୍ରଙ୍କ ରହସ୍ୟଜନକ ମୃତ୍ୟୁ



ହାଇଦ୍ରାବାଦ, ୨୮।୬: ଉଚ୍ଚଶିକ୍ଷା ପାଇଁ ଲଣ୍ଡନ ଯାଇଥିବା ଜଣେ ଭାରତୀୟ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ତେଲେଙ୍ଗାନା କାମାରେଡ୍ଡି ଜିଲ୍ଲାର ତାଲମାଡଲା ଗ୍ରାମର ବାସିନ୍ଦା ଏସ୍ ଶ୍ରୀନାଥ ରେଡ୍ଡୀ(୨୫)। ସେ ପ୍ରାୟ ୧୪ ମାସ ପୂର୍ବେ ଉଚ୍ଚଶିକ୍ଷା ପାଇଁ ଲଣ୍ଡନ ଯାଇଥିଲେ ଏବଂ ଲିସେଷ୍ଟରର ଡି ମଣ୍ଟଫୋର୍ଟ ବିଶ୍ୱବିଦ୍ୟାଳୟରେ ମାଷ୍ଟର୍ସ ଡିଗ୍ରି କରୁଥିଲେ। ପରିବାର ଲୋକଙ୍କ ସୂଚନା ଅନୁଯାୟୀ, ଜୁନ୍ ୨୨ ରାତିରେ ଶ୍ରୀନାଥ ଶେଷଥର ପରିବାର ସହ କଥା ହୋଇଥିଲେ। ସେହି ରାତିରେ ସେ ଏକ ଜନ୍ମଦିନ ପାର୍ଟିରେ ଯୋଗ ଦେଇଥିଲେ। ପରଦିନ ସକାଳେ ଅର୍ଥାତ୍ ଜୁନ୍ ୨୩ରେ, ତାଙ୍କ ରୁମମେଟ୍ ତାଙ୍କୁ ରୁମ୍‌ରେ ମୃତ ଅବସ୍ଥାରେ ମିଳିଥିବା ଖବର ଦେଇଥିଲେ। ପ୍ରାରମ୍ଭିକ ସୂଚନାରେ ଘଟଣାଟିକୁ ଆତ୍ମହତ୍ୟା ଭାବେ ଦର୍ଶାଯାଇଛି। ଶ୍ରୀନାଥଙ୍କ ପିତା ମଧୁସୂଦନ ରେଡ୍ଡୀ କହିଛନ୍ତି ଯେ, ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହୋଇନାହିଁ ଏବଂ ସଠିକ୍ ତଦନ୍ତ ଆବଶ୍ୟକ। ଶ୍ରୀନାଥଙ୍କ ପରିବାର ତାଙ୍କ ମରଶରୀରକୁ ଶୀଘ୍ର ଭାରତ ଫେରାଇ ଆଣିବାକୁ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଛନ୍ତି ।

## ତାତି ଯୋଗୁ ୟୁରୋପରେ ହଜାରେରୁ ଉର୍ଦ୍ଧ୍ୱ ମୃତ



ନୂଆଦିଲ୍ଲୀ,୨୮।୬: ଗତ କିଛି ଦିନ ଧରି ପଶ୍ଚିମ ୟୁରୋପରେ ତାତିଯୋଗୁ ପ୍ରାୟ ଏକ ହଜାରରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଛି। ଜୁନ୍ ୨୪ ପରଠାରୁ ଖରାର ପ୍ରକୋପ ଦେଖିବାକୁ ମିଳିଛି। ମୃତ୍ୟୁ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ଏଜେନ୍ସି ଉଲ୍ଲେଖ କରିଛି ଯେ, ଗରମ ପାଇଁ ରେଡ୍ ଆଲର୍ଟ ଅନ୍ତର୍ଗତ ଅଞ୍ଚଳଗୁଡ଼ିକ ସବୁଠାରୁ ଅଧିକ ପ୍ରଭାବିତ ହୋଇଥିଲା ଏବଂ ମୃତକଙ୍କ ମଧ୍ୟରୁ ୮୫ ପ୍ରତିଶତ ୬୫ ବର୍ଷ କିମ୍ବା ତା'ଠାରୁ ଅଧିକ ବୟସର ଥିଲେ। ବିଶେଷକରି ଇଲେ-ଡି-ଫ୍ରାନ୍ସ ଅଞ୍ଚଳରେ ଏଭଳି ଅବସ୍ଥା ଦେଖିବାକୁ ମିଳିଛି। କିଛି ଦିନ ଧରି ପ୍ରବଳ ଗରମ ଏବଂ ଅନେକ ଅଞ୍ଚଳରେ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ଅତିକ୍ରମ କରିଥିଲା। ରବିବାର ଫ୍ରାନ୍ସ ଗରମରୁ କିଛି ଆଶ୍ୱସ୍ତି ଅନୁଭବ କରିଛି। ତାପମାତ୍ରା ବୃଦ୍ଧି ପାଉଥିବା ବେଳେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ପାଣି ମଧ୍ୟ ସ୍ପ୍ରେ କରାଯାଉଛି।

## ଲେବାନନରେ ଇସ୍ରାଏଲର ଆକ୍ରମଣ ଜାରି



ଜେରୁଜେଲମ, ୨୮।୬: ଇସ୍ରାଏଲ ଏବଂ ହିଜବୁଲ୍ଲା ମଧ୍ୟରେ ଦେଶରେ ଯୁଦ୍ଧ ସମାପ୍ତ କରିବା ପାଇଁ ଆମେରିକା ମଧ୍ୟସ୍ଥତାରେ ଏକ ତ୍ରିପାକ୍ଷିକ ଚୁକ୍ତି ସ୍ୱାକ୍ଷର କରିବା ପରେ ମଧ୍ୟ ଅସ୍ତ୍ରବିରତି କାର୍ଯ୍ୟକାରୀ ହୋଇନଥିବା ପରି ମନେ ହେଉଛି। ଉଭୟପକ୍ଷ ପରସ୍ପର ଉପରେ ଆକ୍ରମଣ ଜାରି ରଖିଛନ୍ତି। ଇସ୍ରାଏଲ ରବିବାର ଦିନ କହିଛି, ରକେଟ୍-ଚାଳିତ ଗ୍ରେନେଡ୍ ଦ୍ୱାରା କେତେକ ହିଜବୁଲ୍ଲା ଆତଙ୍କବାଦୀଙ୍କୁ ହତ୍ୟା କରାଯାଇଛି। ନିଜ ସୈନିକମାନଙ୍କ ପ୍ରତି ଥିବା ବିପଦକୁ ଦୂର କରିବା ପାଇଁ ଦକ୍ଷିଣ ଲେବାନନର ନାବାଟିହ ଅଞ୍ଚଳରେ ଏକ ରକେଟ୍ ଲଞ୍ଚର ଉପରେ ମଧ୍ୟ ଇସ୍ରାଏଲ ଆକ୍ରମଣ କରିଥିବା କହିଛି। ଇସ୍ରାଏଲୀ ସେନା କହିଛି ଯେ, ସେମାନଙ୍କ ପକ୍ଷରୁ ଆତଙ୍କବାଦୀଙ୍କ ଶିବିର ଉପରେ ଆକ୍ରମଣ କରାଯାଇଛି। ହିଜବୁଲ୍ଲା ନେତା ନଇମ କାସେମ ଚୁକ୍ତିନାମାକୁ ସମାଲୋଚନା କରିଛନ୍ତି। ସେ ଏହାକୁ ବେଆଇନ ବୋଲି ଘୋଷଣା କରିଛନ୍ତି।

## ପ୍ରାଇଭେଟ୍ ପାର୍ଟରେ ଲୁଚାଇ ଡ୍ରଗ୍ସ ଚାଲାଣ କରୁଥିଲେ ମହିଳା

ନୂଆଦିଲ୍ଲୀ, ୨୮।୬: କେରଳର ତ୍ରିସୁରରେ ଡ୍ରଗ୍ସ ଚୋରା ଚାଲାଣ ଅଭିଯୋଗରେ ଦୁଇ ମହିଳାଙ୍କ ସମେତ ସାତ ଜଣଙ୍କୁ ଗିରଫ କରାଯାଇଛି। ସିଟି ଡିଷ୍ଟ୍ରିକ୍ଟ ଆଣ୍ଟି-ନାର୍କୋଟିକ୍ ସ୍ପେଶାଲ୍ ଆକ୍ସନ୍ ଫୋର୍ସ ଜାଣିବାକୁ ପାଇଛି ଯେ ଜଣେ ମହିଳା କାରରେ ଯାତ୍ରା କରିବା ସମୟରେ ତାଙ୍କ ପ୍ରାଇଭେଟ୍ ପାର୍ଟରେ ଦୁଇ ଗ୍ରାମ ସିନ୍ଥେଟିକ୍ ଡ୍ରଗ୍ ଲୁଚାଇ ରଖିଥିଲେ। ଗିରଫ ହୋଇଥିବା ବ୍ୟକ୍ତିମାନେ ହେଲେ ଶିଫାସ, ବିଦ୍ୟା, ଜିଷ୍ଣୁ ଓ ଶ୍ରୀଲକ୍ଷ୍ମୀ। ଯାଞ୍ଚ ସମୟରେ, ପୋଲିସ ଜଣେ ମହିଳାଙ୍କ ପ୍ରାଇଭେଟ୍ ପାର୍ଟରେ ଲୁଚାଇ ରଖାଯାଇଥିବା ଅଭିଯୋଗରେ ଦୁଇ ଗ୍ରାମ ଏମଡିଏମଏ ଜବତ କରିଥିଲା। ଏହା ତଦନ୍ତକାରୀମାନଙ୍କୁ ତଦନ୍ତକୁ ଆହୁରି ତୀବ୍ର କରିବାକୁ ପ୍ରେରଣା ଦେଇଥିଲା। ଅଭିଯୁକ୍ତଙ୍କ ପଚରାଉଚରା ଆଧାରରେ, ଅଧିକାରୀମାନେ ଶିଫାସର ଘର ତଲାସି କରିଥିଲେ ଏବଂ ଆଉ ୧୮ ଗ୍ରାମ ଏମଡିଏମଏ ଜବତ କରିଥିଲେ। ତଦନ୍ତ ସମୟରେ ପୁଲିସ ୩ଜଣଙ୍କୁ ମଧ୍ୟ ଗିରଫ କରିଛି ଯେଉଁମାନେ ଡ୍ରଗ୍ସ ନେଟୱାର୍କର ଅଂଶ ବୋଲି ସନ୍ଦେହ କରାଯାଉଛି।

## ପ୍ରୋଭିଜିନାଲ୍ ଆନସର୍ କି' ଜାରିକଲା ଏନ୍‌ଟିଏ

ନୂଆଦିଲ୍ଲୀ,୨୮।୬: ନିଟ୍-ୟୁଜି-୨୦୨୬ ରିଟେଷ୍ଟ ସଫଳତାର ସହ ଶେଷ ହୋଇଛି। ଏନଟିଏ ଏହାକୁ ସୂଚାର ରୂପେ ସମ୍ପାଦନ କରିଛି। ଫଳରେ ମେଡିକାଲ ପଢିବାକୁ ଆଶାୟୀ ଛାତ୍ରଛାତ୍ରୀ ଏବେ ସେମାନଙ୍କ ରେଜଲ୍ଟ ଅପେକ୍ଷାରେ ଅଛନ୍ତି। ପରୀକ୍ଷା ପରିଚାଳନା କରୁଥିବା ସଂସ୍ଥା ଏନଟିଏ ପ୍ରୋଭିଜିନାଲ୍ ଆନସର୍ କି' ଜାରି କରିଛି। ଏହାସହ ପରୀକ୍ଷାର୍ଥୀଙ୍କ ଓଏମଆର୍ ସିଟ୍ ମଧ୍ୟ ଜାରି କରାଯାଇଛି। ଯଦି ଆନସର କି'ରେ କୌଣସି ତ୍ରୁଟି ଥାଏ ତେବେ ଏହା ବିରୋଧରେ ଅପିଲ୍ କରିବାକୁ ମଧ୍ୟ ଏନଟିଏ ସୁଯୋଗ ଦେଉଛି। ଯେତେବେଳେ ଉତ୍ତର ସମ୍ବନ୍ଧୀୟ ଅଭିଯୋଗ ଦାଖଲର ସମୟ ଶେଷ ହେବ ସେତେବେଳେ ଫାଇନାଲ୍ ଆନସର୍ କି ଓ ସ୍କୋରକାର୍ଡ ପ୍ରକାଶିତ ହେବ।ରିପୋର୍ଟ ଅନୁସାରେ, ନିଟ୍ ପରୀକ୍ଷାଫଳ କେବେ ବାହାରିବ ସେନେଇ ବିଧିବଦ୍ଧ ଭାବେ କୌଣସି ସୂଚନା ଦିଆଯାଇ ନାହିଁ। ଏଥିପାଇଁ ଛାତ୍ରଛାତ୍ରୀଙ୍କୁ ଅଫିସିଆଲ୍ ୱେବସାଇଟ୍ ଭିଜିଟ୍ କରିବାକୁ ପରାମର୍ଶ ଦିଆଯାଇଛି।

## ବିଜେପିକୁ ଯିବା ଖବରକୁ ଖାରଜ କଲେ ମହୁଆ



କୋଲକାତା,୨୮।୬: ପଶ୍ଚିମବଙ୍ଗ ରାଜନୀତିରେ ଆଜିକାଲି ବେଶ୍ ହଲଚଲ ଦେଖିବାକୁ ମିଳୁଛି। ବିଧାନସଭା ନିର୍ବାଚନ ପରେ ଟିଏମସିରେ ବଡ଼ ଧରଣର ବିଭାଜନ ହେବାର ଖବର ସାମ୍ନାକୁ ଆସିଥିଲା। ଅନେକ ସାଂସଦ ଏବଂ ବିଧାୟକ ଦଳରୁ ଅଲଗା ହୋଇଯାଇଥିଲେ। ଏଭଳି ପରିସ୍ଥିତିରେ ମହୁଆ ମୋଇତ୍ରଙ୍କୁ ନେଇ ମଧ୍ୟ ଚର୍ଚ୍ଚା ଜୋର ଧରିଥିଲା ଯେ ସେ ମଧ୍ୟ ବିଜେପିକୁ ଯାଇପାରନ୍ତି। ଏହି ଅଟକଳକୁ ସେତେବେଳେ ଆହୁରି ଖୋରାକ ମିଳିଥିଲା ଯେତେବେଳେ ମହୁଆ ଶୁଭେନ୍ଦୁ ଅଧିକାରୀଙ୍କ ପ୍ରଶଂସା କରିଥିଲେ। ଏହାପରେ ରାଜନୈତିକ କରିଡରରେ ପ୍ରଶ୍ନ ଉଠିବାକୁ ଲାଗିଲା ଯେ କ'ଣ ମହୁଆ ମଧ୍ୟ ମମତା ବାନାର୍ଜୀଙ୍କଠାରୁ ଦୂରତା ରକ୍ଷା କରିପାରନ୍ତି। ଏବେ ମହୁଆ ନିଜେ ଏହି ସବୁ ଚର୍ଚ୍ଚା ଉପରେ ଖୋଲାଖୋଲି ଭାବେ ଜବାବ ଦେଇଛନ୍ତି। ଏକ ସାକ୍ଷାତକାରରେ ଯେତେବେଳେ ତାଙ୍କୁ ପଚରାଗଲା ଯେ ସେ କେବେ ବିଜେପିକୁ ଯିବେ, ସେତେବେଳେ ସେ ସ୍ପଷ୍ଟ ଶବ୍ଦରେ ଏହି ସବୁ ଆକଳନକୁ ଖାରଜ କରିଦେଇଥିଲେ। ମହୁଆ କହିଛନ୍ତି ଯେ ରାଜନୀତିକୁ ଆସିବା ପାଇଁ ସେ ନିଜର ଯୁବ ବୟସ ଏବଂ ଜୀବନର ଏକ ବଡ଼ ଅଂଶ ଉତ୍ସର୍ଗ କରିଛନ୍ତି। ତାଙ୍କର ଉଦ୍ଦେଶ୍ୟ ହେଉଛି ଏଭଳି ଏକ ଭାରତ ପାଇଁ କାମ କରିବା ଯେଉଁଠାରେ ସବୁ ଧର୍ମର ଲୋକେ ଏକାଠି ରହିବେ। ବିଜେପିକୁ ଟାର୍ଗେଟ କହିଛନ୍ତି ଯେ, ଦଳ ଦେଶରେ ସାମ୍ପ୍ରଦାୟିକତାକୁ ପ୍ରୋତ୍ସାହନ ଦେଇଛି। ମହୁଆ କହିଛନ୍ତି ଯେ, ସେ ନିଜର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଏହାର ବିରୋଧ କରିବେ।

### ଚଳନ୍ତା କାରରେ ବିସ୍ଫୋରଣ

# ଯୁବତୀଙ୍କୁ ଅପହରଣ କରିଥିବା ଯୁବକ ଜୀବନ୍ତ ଦଗ୍ଧ



ତୁମକୁରୁ, ୨୮।୬: ପ୍ରେମ ସମ୍ପର୍କରେ ତିକ୍ତତା ପରେ ଯୁବତୀଙ୍କୁ ଅପହରଣ କରି ନେଉଥିବା ଯୁବକ ଚଳନ୍ତା କାର୍ ଭିତରେ ବିସ୍ଫୋରଣ କାରଣରୁ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। କର୍ଣ୍ଣାଟକର ତୁମକୁରୁ ଜିଲ୍ଲା ସିରା ତାଲୁକର ଜୋଗୀହଲ୍ଲୀ ନିକଟସ୍ଥ ୪୮ ନମ୍ବର ଜାତୀୟ ରାଜପଥରେ ଶନିବାର ଏହି ଲୋମଟାଙ୍କୁରା ଘଟଣା ଘଟିଛି। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ୩୦ ବର୍ଷୀୟ ନାଗେନ୍ଦ୍ରଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଥିବା ବେଳେ ଅପହୃତା ଯୁବତୀ ଓ କ୍ୟାବ୍ ଚାଳକ ପ୍ରବୀଣ ଗୁରୁତର ଆହତ ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି।

ପୁଲିସ ସୂଚନା ଅନୁଯାୟୀ, ମୃତ ନାଗେନ୍ଦ୍ର ଏବଂ ବେଙ୍ଗାଲୁରୁରେ ଓଟି ଟେକ୍ନିସିଆନ ଭାବେ କାର୍ଯ୍ୟରତ ସେହି ଯୁବତୀଙ୍କ ମଧ୍ୟରେ ପୂର୍ବରୁ ପ୍ରେମ ସମ୍ପର୍କ ଥିଲା। ମାତ୍ର ନିକଟରେ ସେମାନଙ୍କର ବିଚ୍ଛେଦ ହୋଇଥିଲା ଏବଂ ଯୁବତୀଜଣକ ନାଗେନ୍ଦ୍ରଙ୍କ ନମ୍ବର ବ୍ଲକ୍ କରିଦେଇଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ନାଗେନ୍ଦ୍ର ଶନିବାର ସକାଳେ ବେଙ୍ଗାଲୁରୁର ଜୟନଗରସ୍ଥିତ ଯୁବତୀଙ୍କ ଭଡ଼ାଘରେ ପହଞ୍ଚି ଝଗଡ଼ା କରିବା ସହ ଏକ ଉବେର କ୍ୟାବରେ ତାଙ୍କୁ ଜବରଦସ୍ତ ଅପହରଣ କରି ନେଇଥିଲେ। ଝିଅ ନିଖୋଜ ହେବା ପରେ ପରିବାର ଲୋକେ ଜୟନଗର ଥାନାରେ ଅପହରଣ ସମ୍ପର୍କିତ ଅଭିଯୋଗ ମଧ୍ୟ କରିଥିଲେ। ଯାତ୍ରା ସମୟରେ ନାଗେନ୍ଦ୍ର ଯୁବତୀଙ୍କୁ ଜୀବନରୁ ମାରିଦେବା ସହ ନିଜେ ଆତ୍ମହତ୍ୟା କରିବାକୁ ଧମକ ଦେଇଥିଲେ ଏବଂ ନିଜ ପାଖରେ ଥିବା ଏକ ବିସ୍ଫୋରକ ସାମଗ୍ରୀ ଦେଖାଇ ଭୟଭୀତ କରାଇଥିଲେ।

ତେବେ ଜୋଗୀହଲ୍ଲୀ ନିକଟରେ ଗାଡ଼ି ଚାଲୁଥିବା ସମୟରେ ନାଗେନ୍ଦ୍ର ହଠାତ୍ ଏକ ଛୁରୀରେ ଯୁବତୀଙ୍କୁ ଆକ୍ରମଣ କରିଥିଲେ। ଏହା ଦେଖି ଚାଳକ ଜଣକ ଗାଡ଼ିଟିକୁ ରୋକିଦେଇଥିଲେ, ଯାହାର ସୁଯୋଗ ନେଇ ଯୁବତୀ ଜଣକ କାର୍ କବାଟ ଖୋଲି ବାହାରକୁ ଡେଇଁ ପଡ଼ିଥିଲେ। ସେ ବାହାରକୁ ଆସିବାର ମାତ୍ର କିଛି ମୁହୂର୍ତ୍ତ ମଧ୍ୟରେ କାର୍ ଭିତରେ ଭୟଙ୍କର ବିସ୍ଫୋରଣ ହୋଇ ନିଆଁ ଲାଗିଯାଇଥିଲା। ଫଳରେ ନାଗେନ୍ଦ୍ର କାର୍ ଭିତରେ ହିଁ ଫସି ରହି ପୋଡ଼ି ପାଉଁଶ ହୋଇଯାଇଥିଲେ। ଏହି ବିସ୍ଫୋରଣ ଯୋଗୁଁ ଜାତୀୟ ରାଜପଥରେ ପ୍ରାୟ ଏକ କିଲୋମିଟର ପର୍ଯ୍ୟନ୍ତ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ତୁମକୁରୁ ଏସପି ଅଶୋକ କେ.ଭି. କହିଛନ୍ତି ଯେ ପ୍ରାଥମିକ ତଦନ୍ତରୁ ନାଗେନ୍ଦ୍ର ନିଜେ ହିଁ ବିସ୍ଫୋରକ ଖଞ୍ଜି ଏହି କାଣ୍ଡ ଭିଆଇଥିବା ଜଣାପଡ଼ିଛି। ଘଟଣାସ୍ଥଳରୁ ବୋମା ସଦୃଶ ସାମଗ୍ରୀ ଜବତ କରାଯାଇଛି ଏବଂ କାଲ୍ଲାମ୍ବେଲା ପୁଲିସ ମାମଲା ରୁଜୁ କରି ଏହାର ଅଧିକ ତଦନ୍ତ ଚଳାଇଛି।

# ଟିଇଟି ପେପର ଲିକ୍‌କୁ ନେଇ ବର୍ଷିଲେ ରାହୁଲ



ନୂଆଦିଲ୍ଲୀ, ୨୮।୬: ମହାରାଷ୍ଟ୍ରରେ ୨୮ ଜୁନ ରବିବାର ଅନୁଷ୍ଠିତ ହେବାକୁ ଥିବା ଟିଚର ଏଲିଜିବିଲିଟି ଟେଷ୍ଟ (ଟିଇଟି) ୨୦୨୬ ପରୀକ୍ଷାକୁ ପେପର ଲିକ୍ ହୋଇଥିବା କାରଣରୁ ବାତିଲ କରିଦିଆଯାଇଛି। ଏହାକୁ ନେଇ ବିରୋଧୀ ଦଳ ଏବେ ମହାରାଷ୍ଟ୍ରରେ ଦେବେନ୍ଦ୍ର ଫଡନବୀଶ ସରକାରଙ୍କ ସହିତ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ୍ କରୁଛନ୍ତି। ଏଥିରେ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଶନିବାର ଟିଇଟି ପେପର ଲିକ୍‌କୁ ନେଇ ଜୋରଦାର ବର୍ଷିଛନ୍ତି। ସେ କହିଛନ୍ତି ଯେ ଦେଶର ଶିକ୍ଷା ଓ ପରୀକ୍ଷା ବ୍ୟବସ୍ଥାକୁ ଅସୁଲିର ସିଷ୍ଟମ କରିଦିଆଯାଇଛି, ଏଣୁ ଦେଶର ଯୁବ ବର୍ଗ ଏବେ ଅସୁରକ୍ଷିତ। ଏ ନେଇ ରାହୁଲ ଗାନ୍ଧି ଏକ୍ସ ରେ ଏକ ପୋଷ୍ଟ ମଧ୍ୟ କରିଛନ୍ତି। ପୋଷ୍ଟରେ ରାହୁଲ ଲେଖିଛନ୍ତି ଯେ 'ଆଉ ଏକ ପେପର ଲିକ୍, ଆଉ ଏକ ପରୀକ୍ଷା ରଦ୍ଦ, ଏଥର ମହାରାଷ୍ଟ୍ରର ଟିଇଟି। ଦେଶର ଶିକ୍ଷା ଓ ପରୀକ୍ଷା ବ୍ୟବସ୍ଥାକୁ ଅସୁଲିର ସିଷ୍ଟମ କରିଦିଆଯାଇଛି, ଏଣୁ ଦେଶର ଯୁବ ଅସୁରକ୍ଷିତ ହୋଇପଡିଛନ୍ତି'। ସେ କହିଛନ୍ତି ଯେ ଏହା କେବଳ ପେପର ଲିକ୍ ନୁହେଁ ଏହା ଯୁବପିଢୀଙ୍କ ଭବିଷ୍ୟ ଚୋରି। ସେହିପରି କଂଗ୍ରେସ ପାର୍ଟି ମଧ୍ୟ ଏକ୍ସ ରେ ଏକ ପୋଷ୍ଟ କରିଛି। ଏଥିରେ ବିଜେପି ସରକାରଙ୍କୁ ଟାର୍ଗେଟ କରାଯାଇଥିବା ବେଳେ 'ପେପର ଲିକ୍ ସରକାର' ବୋଲି ଉଲ୍ଲେଖ କରିଛି।

ପାର୍ଟି ଲେଖିଛି ଯେ ବିଜେପି ସରକାରରେ ଏପରି କୌଣସି ପେପର ନାହିଁ ଯାହା ଲିକ୍ ନ ହୋଇଛି। ଏ ସରକାର ପେପର ଲିକ୍ ସରକାର ପାଲଟି ଯାଇଛନ୍ତି।

### କେତନ ଅଗ୍ରୱାଲ ହତ୍ୟା ମାମଲା

## ସିୟାଙ୍କୁ ଧରି ସିନ୍ ରିକ୍ରିଏସନ୍ କଲା ପୁଲିସ



ପୁଣେ, ୨୮।୬: କେତନ ଅଗ୍ରୱାଲ ହତ୍ୟା ମାମଲାରେ ପୁଲିସ ରବିବାର ମୁଖ୍ୟ ଅଭିଯୁକ୍ତ ସିୟା ଗୋୟଲଙ୍କୁ ଲୋହଗଡ଼ ଦୁର୍ଗକୁ ନେଇ କ୍ରାଇମ୍ ସିନ୍ ରିକ୍ରିଏସନ୍ କରିଛି। ପୁଣେ ଗ୍ରାମୀଣ ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ସନ୍ଦୀପ ସିଂହ ଗିଲଙ୍କ ନିର୍ଦ୍ଦେଶରେ ଏକ ସ୍ୱତନ୍ତ୍ର ଟିମ୍ ଘଟଣାସ୍ଥଳକୁ ଯାଇଥିଲା। ଅଭିଯୁକ୍ତମାନେ କେଉଁ ରାସ୍ତା ଦେଇ ଆସିଥିଲେ, ଘଟଣା ସମୟରେ ସେମାନଙ୍କର ସ୍ଥିତି କ'ଣ ଥିଲା ଏବଂ କେଉଁଭଳି ଭାବେ କେତନଙ୍କୁ ପାହାଡ଼ରୁ ତଳକୁ ଠେଲି ଦିଆଯାଇଥିଲା ସେ ସମସ୍ତ ବିଷୟର ତଦନ୍ତ କରାଯାଇଛି। ପୁଲିସ ତଦନ୍ତ ସମୟରେ ସିୟା ନିଜେ ସେହି ଦିନର ସମ୍ପୂର୍ଣ୍ଣ ରୁଟ୍ ଓ ଘଟଣାକ୍ରମ ବିଷୟରେ ପୁଲିସ ଆଗରେ ସବିଶେଷ ତଥ୍ୟ ରଖିଛନ୍ତି।

ସିନ୍ ରିକ୍ରିଏସନକୁ ସଠିକ୍ ଭାବେ ପ୍ରମାଣିତ କରିବା ପାଇଁ ପୁଲିସ ମୃତ କେତନଙ୍କ ଓଜନର ଏକ କୃତ୍ରିମ ମାନବ ସଦୃଶ 'ଡମି' ବ୍ୟବହାର କରିଥିଲା। ଅଭିଯୁକ୍ତମାନେ କେତନଙ୍କୁ ପାହାଡ଼ରୁ ତଳକୁ ଠେଲିଦେବା ନେଇ ଯେଉଁ ବୟାନ ଦେଇଥିଲେ, ତାହାର ସତ୍ୟାସତ୍ୟ ପରଖିବା ପାଇଁ ଏହି ପଦକ୍ଷେପ ନିଆଯାଇଛି।

## କରାଚୀରେ ବିସ୍ଫୋରଣ, ୪ ସେନା ମୃତ

### ସେନା ଗୁଳିଲେ ଟଳିଲେ ୬ ଆତଙ୍କବାଦୀ



କରାଚୀ,୨୮।୬: ଶନିବାର ପାକିସ୍ତାନର କରାଚୀରେ ଭୟଙ୍କର ବିସ୍ଫୋରଣ ଘଟିଛି। ସହରର ମୋସାମିୟତ୍ ଚୌରାଙ୍ଗୀ ଅଞ୍ଚଳରେ ଥିବା ଏକ ସୈନ୍ୟ ଆଡ୍ଡା ନିକଟରେ ଏହି ବିସ୍ଫୋରଣ ହୋଇଛି। ଏହାସହ ପ୍ରବଳ ଗୁଳିଗୋଳା ମାଡ ହୋଇଛି। ପୂର୍ବରୁ ଘଟଣାରେ ୪ ଜଣଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଥିଲା। ଯାହା ଏବେ ୧୦ ଛୁଇଁଛି।

ରିପୋର୍ଟ ଅନୁସାରେ, ଜଣେ ଆତ୍ମଘାତୀ ବୋମା ବିସ୍ଫୋରଣକାରୀ ସିନ୍ଧ ରେଞ୍ଜର୍ସ କାର୍ଯ୍ୟାଳୟର ପରିସରକୁ ପଶିଯାଇଥିଲା ଏବଂ ସେଠାରେ ବିସ୍ଫୋରଣ ଘଟାଇଥିଲା। ଏପରିକି ସେଠାରେ ସିରିଜ୍ ବିସ୍ଫୋରଣ ହୋଇଥିଲା। ଏହାପରେ ଆତଙ୍କବାଦୀ ଏବଂ ପାକ୍ ରେଞ୍ଜର୍ସ ମୁହାଁମୁହିଁ ହୋଇଥିଲେ। ଉଭୟଙ୍କ ମଧ୍ୟରେ ପ୍ରବଳ ଗୁଳି ବିନିମୟ ହୋଇଥିଲା। ପାକ୍ ସେନାର ୪ ଜଣ ରେଞ୍ଜର୍ସ ପ୍ରାଣ ହରାଇଛନ୍ତି। ଏହାସହ ୬ ଜଣ ଆତଙ୍କବାଦୀ ମଧ୍ୟ ନିହତ ହୋଇଛନ୍ତି। ଘଟଣାରେ ପାକ୍‌ରେ ସକ୍ରିୟ ଥିବା ଜମାତ-ଉଲ-ଅହରର ସମର୍ଥିତ ତେହେରିକ-ଏ-ପାକିସ୍ତାନର ହାତ ଥିବା ଦାବି କରାଯାଇଛି। ପ୍ରଥମ ବିସ୍ଫୋରଣ ଅତି ଶକ୍ତିଶାଳୀ ଥିଲା, ଏହା ପରେ ପରେ ଆଉ ଦୁଇଟି ଛୋଟ ଧରଣର ବିସ୍ଫୋରଣ ଶୁଣାଯାଇଥିଲା। ବିସ୍ଫୋରଣ ପରେ ପରେ ସେହି ଆତଙ୍କବାଦୀ ସଂଗଠନର ଅନ୍ୟ ସଦସ୍ୟମାନେ ସେଠାରେ ମୁତୟନ ଥିବା ସୁରକ୍ଷାକର୍ମୀଙ୍କ ଉପରକୁ ଆଖିମୁଜା ଗୁଳିମାଡ଼ କରିଥିଲେ। ଏହା ପରେ ସୁରକ୍ଷା ବାହିନୀ ପକ୍ଷରୁ ମଧ୍ୟ ପାଲଟା ଗୁଳିମାଡ଼ କରାଯାଇଥିଲା। ଉଭୟ ପକ୍ଷ ମଧ୍ୟରେ ପ୍ରାୟ ଅଧା ଘଣ୍ଟା ଧରି ଗୁଳିବିନିମୟ ଜାରି ରହିଥିଲା।

# ନାବାଳିକାକୁ ହୋଟେଲ ମାଲିକଙ୍କୁ ବିକ୍ରି

### ରାଜସ୍ଥାନରେ ଛାତିଥରା କାଣ୍ଡ

### ୫ ଦିନ ଧରି ୩୦ ଜଣ ପୁରୁଷଙ୍କ ଦ୍ୱାରା ଗଣଦୁଷ୍କର୍ମ




ଜୟପୁର,୨୮।୬: ରାଜସ୍ଥାନର ଶ୍ରୀଗଙ୍ଗାନଗର ଜିଲ୍ଲାରୁ ଛାତି ଥରାଇଦେଲା ଭଳି ଗୋଟିଏ ଘଟଣା ସାମ୍ନାକୁ ଆସିଛି। ଜଣେ ୧୩ ବର୍ଷୀୟ ନାବାଳିକାକୁ ପ୍ରଥମେ ଅପହରଣ କରି ବିକ୍ରି କରାଯାଇଥିଲା ଏବଂ ପରେ ତାଙ୍କୁ ଅନେକ ହୋଟେଲରେ ବନ୍ଦୀ କରି ରଖାଯାଇଥିଲା। ଆଉ ସେଠାରେ ପାଞ୍ଚ ଦିନ ଧରି ୩୦ ଜଣ ରୁ ଅଧିକ ନାବାଳିକାଙ୍କୁ ଗଣଦୁଷ୍କର୍ମ କରିଥିଲେ। ପୀଡିତାଙ୍କ ଏହି ଭୟଙ୍କର କାହାଣୀ ଶୁଣି ପୋଲିସ ଅଧିକାରୀମାନେ ମଧ୍ୟ ସ୍ତବ୍ଧ। ଏହି ଘଟଣା ସାମ୍ନାକୁ ଆସିବା ପରେ ସମଗ୍ର ଅଞ୍ଚଳରେ ପ୍ରବଳ ଉତ୍ତେଜନା ସୃଷ୍ଟି ହୋଇଛି।

ପୋଲିସରେ ପଞ୍ଜୀକୃତ ଏଫଆଇଆର ଅନୁଯାୟୀ, ଯେତେବେଳେ ଝିଅଟି ତାଙ୍କ ଘରୁ ନିଖୋଜ ହୋଇଥିଲା, ଏହା ପରେ ହିଁ ତା' ସହିତ ଏଭଳି ଅମାନବୀୟ ଘଟଣା ସବୁ ଘଟିଥିଲା। ସେ ନିଖୋଜ ହେବା ପରେ, ଜଣେ ଅଟୋ-ରିକ୍ସା ଡ୍ରାଇଭର ତାଙ୍କୁ ପ୍ରଲୋଭନ ଦେଖାଇ ଅପହରଣ କରିନେଇଥିଲେ, ପରେ ତାଙ୍କୁ ଶ୍ରୀଗଙ୍ଗାନଗରର ଏକ ହୋଟେଲ ମାଲିକଙ୍କୁ ବିକ୍ରି କରିଦେଇଥିଲେ।

ପରେ ଝିଅଟିକୁ ସହରର ବିଭିନ୍ନ ହୋଟେଲକୁ ନିଆଯାଇଥିଲା, ଯେଉଁଠାରେ ହୋଟେଲର ପ୍ରମୁଖ କର୍ମଚାରୀ ଏବଂ ମ୍ୟାନେଜରଙ୍କ ସହ ମିଶି ୩୦ରୁ ଅଧିକ ପୁରୁଷ ତାଙ୍କୁ ବାରମ୍ବାର ନିର୍ମମ ଯୌନ ନିର୍ଯାତନା ଦେଇଥିଲେ। ଏଫ୍‌ଆଇଆରରେ ପୀଡ଼ିତା କହିଛନ୍ତି ଯେ ବାରମ୍ବାର ଦୁଷ୍କର୍ମ ଯୋଗୁଁ ଯେତେବେଳେ ସେ ଅସହ୍ୟ ଯନ୍ତ୍ରଣା ଅନୁଭବ କରୁଥିଲେ, ଅଭିଯୁକ୍ତମାନେ ତାଙ୍କୁ ଚୁପ୍ କରିବା ପାଇଁ ଏବଂ ତାଙ୍କୁ ଅଚେତ କରିବା ପାଇଁ ଜୋରଜବରଦସ୍ତ ମଦ୍ୟପାନ କରାଇଥିଲେ। ଏହି ସମ୍ପୂର୍ଣ୍ଣ ଘୃଣ୍ୟ ଅପରାଧକୁ ଚାପି ଦେବା ଏବଂ ଘୋଡ଼ାଇବା ପାଇଁ ମଧ୍ୟ ଜୋରଦାର ପ୍ରୟାସ କରାଯାଇଥିଲା।

ମାମଲା ରୁଜୁ ହେବା ପରେ ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଏହି ଘୃଣ୍ୟ ସିଣ୍ଡିକେଟରେ ସମ୍ପୃକ୍ତ ଅନେକ ହୋଟେଲ ମାଲିକ ଏବଂ ପରିଚାଳକଙ୍କୁ ଗିରଫ କରିଥିଲା। ଏହି ଘଟଣା ପରେ ସମଗ୍ର ଜିଲ୍ଲାରେ ଉତ୍ତେଜନାମୂଳକ ପରିସ୍ଥିତି ଦେଖିବାକୁ ମିଳିଛି। ସ୍ଥାନୀୟ ବାସିନ୍ଦାମାନେ ଦର୍ଶାଇଛନ୍ତି ଯେ ଶ୍ରୀଗଙ୍ଗାନଗର ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳ ନହୋଇଥିଲେ ମଧ୍ୟ ୧୫୦ ରୁ ଅଧିକ ଅବୈଧ ହୋଟେଲ ନିର୍ଲଜ ଭାବରେ ଏଭଳି ଘୃଣ୍ୟ କାମ କରିବା ପାଇଁ ଖୋଲିଛନ୍ତି। ପ୍ରତିବାଦକାରୀମାନେ ପ୍ରଶାସନକୁ ତୁରନ୍ତ ଏହି ସମସ୍ତ ଅବୈଧ ହୋଟେଲକୁ ସିଲ୍ କରି ବନ୍ଦ କରିବାକୁ ଦାବି କରିଛନ୍ତି।

ଦ୍ୱିତୀୟ ଟି-୨୦ରେ ବି ଭାରତ ପରାସ୍ତ

# ଆୟର୍ଲାଣ୍ଡର ଐତିହାସିକ ସିରିଜ ବିଜୟ



ବେଲ୍‌ଫାଷ୍ଟ,୨୮।୬: ଚଳିତ ଭାରତ ବିପକ୍ଷ ଟି-୨୦ ସିରିଜ୍‌କୁ ମୁଠାପୋଛ କରିଛି ଘରୋଇ ଆୟର୍ଲାଣ୍ଡ୍। ଏଥିସହ ଦଳ ଭାରତ ବିପକ୍ଷରେ ପ୍ରଥମ ଥର ପାଇଁ ସିରିଜ୍ ବିଜୟୀ ହୋଇଛି। ପ୍ରଥମ ମ୍ୟାଚ୍‌ରେ ଭାରତ ପରାସ୍ତ ହେବା ପରେ ଆଜି ଦ୍ୱିତୀୟ ମ୍ୟାଚ୍‌ରେ ୧ ରନ୍‌ରେ ପରାସ୍ତ ହୋଇ ସିରିଜ୍ ହାରିଛି। ଏଥିସହ ଶ୍ରେୟସ୍ ଆୟର୍ ତାଙ୍କ କ୍ୟାରିଅର୍‌ର ପ୍ରଥମ ନେତୃତ୍ୱ ପରାଜୟ ସହ ଆରମ୍ଭ କରିଛନ୍ତି।

ପ୍ରଥମେ ବ୍ୟାଟିଂ ପାଇ ଆୟର୍ଲାଣ୍ଡ୍ ୮ ୱିକେଟ୍‌ରେ ୧୫୪ ରନ୍ କରିଥିଲା। ଦଳ ପକ୍ଷରୁ ହ୍ୟାରୀ ଟେକ୍ଟର ୫ଟି ଚୌକା ଓ ଗୋଟିଏ ଛକା ଜରିଆରେ ସର୍ବାଧିକ ୫୩ ରନ୍ କରିଥିଲେ। ଏହାଛଡ଼ା ବେଞ୍ଜାମିନ୍ କାଲିଜ୍ ୩ଟି ଚୌକା ଓ ୨ଟି ଛକା ସହାୟତାରେ ୩୭ ରନ୍ କରିଥିବା ବେଳେ ଜର୍ଜ ଡକରେଲ୍ ଓ ଓପନର ରସ୍ ଆଡେୟାର୍ ଯଥାକ୍ରମେ ୧୯ ଓ ୧୬ ରନ୍ କରିଥିଲେ। ଭାରତ ପକ୍ଷରୁ ନବାଗତ ପ୍ରିନ୍ସ ଯାଦବ ୩ଟି, ଅର୍ଶଦୀପ ଓ ଶିବମ୍ ଦୁବେ ୨ଟି ଲେଖାଏଁ ଏବଂ ହର୍ଷିତ ରାଣା ଗୋଟିଏ ୱିକେଟ୍ ନେଇଥିଲେ। ବ୍ୟାଟିଂରେ ଭାରତ ପ୍ରାରମ୍ଭରୁ ବିନା କୌଣସି ରନ୍‌ରେ ଦୁଇ ଓପନରଙ୍କୁ ହରାଇଥିଲା। ଫଳରେ ଦଳ ପାଇଁ ବିଜୟ ଲକ୍ଷ୍ୟ ଯଥେଷ୍ଟ କଷ୍ଟକର ସାବ୍ୟସ୍ତ ହୋଇଥିଲା। ସ୍ଥିତି ସୁଧାରିବା ସକାଶେ ଉଦ୍ୟମ କରି ତିଲକ ବର୍ମା ୪୬ ବଲ୍‌ରେ ୩ଟି ଚୌକା ଓ ଗୋଟିଏ ଛକା ସହ ସର୍ବାଧିକ ୫୫ ରନ୍ କରିଥିଲେ। ସେହିପରି ହର୍ଷିତ ରାଣା ମାତ୍ର ୧୦ଟି ବଲ୍‌ରେ ୨ଟି ଚୌକା ଓ ଗୋଟିଏ ଛକା ସହ ୨୧, ଶିବମ ଦୁବେ ୨୦, ଅକ୍ଷର ପଟେଲ୍ ୧୪, ଈଶାନ୍ କିଶନ୍ ୧୨ ଓ ଆୟର୍ ୧୦ ରନ୍ କରିଥିଲେ। ଆୟର୍ଲାଣ୍ଡ ପକ୍ଷରୁ ଜୟ ମୁନ୍ଦ୍ରା ଓ ମାଥ୍ୟୁ ହୋଲାର୍ଡ ୩ଟି ଲେଖାଏଁ ଏବଂ ମାଥ୍ୟୁ ହମ୍ଫ୍ରିଜ୍ ଓ ହ୍ୟାରୀ ଟେକ୍ଟର ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ। ମୁନ୍ଦ୍ରାଙ୍କୁ ଉଭୟ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ଓ ପ୍ଲେୟର୍ ଅଫ୍ ଦି ସିରିଜ୍ ବିବେଚିତ।

● ରାମ ମନ୍ଦିର ଦାନ ଚୋରି ଘଟଣା

## ମାମଲା ଲଢ଼ିବେନି ଓକିଲ

ଅଯୋଧ୍ୟା,୨୮।୬: ଅଯୋଧ୍ୟା ରାମ ମନ୍ଦିର ଦାନ ଚୋରି ମାମଲାର ଅଭିଯୁକ୍ତମାନଙ୍କ ପାଇଁ ସେମାନେ ମାମଲା ଲଢ଼ିବେ ନାହିଁ ବୋଲି ସ୍ଥାନୀୟ ଆଇନଜୀବୀମାନେ କହିଛନ୍ତି। ତେବେ ସୋମବାର ହେବାକୁ ଥିବା ଫୈଜାବାଦ ବାର ଆସୋସିଏସନର ସାଧାରଣ ପରିଷଦ ବୈଠକରେ ସର୍ବସମ୍ମତିକ୍ରମେ ଦାନ ଚୋରିରେ ସମ୍ପୃକ୍ତ ଥିବା ଲୋକମାନଙ୍କ ମାମଲାକୁ ପ୍ରତ୍ୟାଖ୍ୟାନ କରିବା ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ସଂଘର ସଭାପତି କାଳିକା ମିଶ୍ର ରବିବାର କହିଛନ୍ତି। ୨୦୦୫ ମସିହାରେ ଅଯୋଧ୍ୟାର ଓକିଲମାନେ ମଧ୍ୟ ସମାନ ନିଷ୍ପତ୍ତି ନେଇଥିଲେ ଯେତେବେଳେ ରାମ ମନ୍ଦିରରେ ଆତଙ୍କବାଦୀ ଆକ୍ରମଣର ଅଭିଯୁକ୍ତମାନଙ୍କୁ ଫୈଜାବାଦ କୋର୍ଟରେ ହାଜର କରାଯାଇଥିଲା। ଯଦି ସୋମବାର ସର୍ବସମ୍ମତି କ୍ରମେ ଆଇନଜୀବୀ ଏଭଳି ଏକ ନିଷ୍ପତ୍ତି ନିଅନ୍ତି, ତା'ହେଲେ ଅଭିଯୁକ୍ତମାନଙ୍କୁ ସେମାନଙ୍କ ପକ୍ଷ ରଖିବା ପାଇଁ ଓକିଲ ମିଳିବାର ସମ୍ଭାବନା କମ୍ ରହିଛି।

## କଟକ ସହରାଞ୍ଚଳର ୨୨୨ ବୁଥରେ ଦିଆଗଲା ପୋଲିଓ ବୁନ୍ଦା



କଟକ,୨୮।୬(ସଂଚାର ବ୍ୟୁରୋ): ପୋଲିଓରୁ ଆମ ଭବିଷ୍ୟତ ପିଢ଼ିକୁ ରକ୍ଷା କରିବାପାଇଁ ସରକାରଙ୍କ ପକ୍ଷରୁ ଦେଶବ୍ୟାପୀ ୫ ବର୍ଷରୁ କମ ବୟସର ପିଲାମାନଙ୍କୁ ପୋଲିଓ ଟୀକାକରଣ କରାଯାଉଛି। ଏହି କ୍ରମରେ ଆଜି କଟକ ନଗର ସ୍ୱାସ୍ଥ୍ୟ ସମିତି ତରଫରୁ କଟକ ମହାନଗର ନିଗମ ଅଞ୍ଚଳରେ ପଲ୍ସ ପୋଲିଓ ଟୀକାକରଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଚାଉଳିଆଗଞ୍ଜସ୍ଥିତ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ସିଏମସି ମେୟର ଶ୍ରୀ ସୁବାସ ସିଂହ ଏହି ଅଭିଯାନର ଉଦଘାଟନ କରିଥିଲେ। ଏହି ଅବସରରେ ସେ କୁନି କୁନି ପିଲାଙ୍କୁ ଦୁଇବୁନ୍ଦା ପୋଲିଓ ଖୁଆଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଏମସି କମିଶନର କିରନଦୀପ୍ କୌର ସହୋତା, ଡେପୁଟି ମେୟର ଦମୟନ୍ତୀ ମାଝୀ, ହେଲ୍ଥ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ଦୀପ୍ତିମୟୀ ମୁଳିଆ, ୱାର୍କସ୍ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ପ୍ରଦୀପ କିଶୋର ଖୁଣ୍ଟିଆ, ସ୍ଥାନୀୟ କର୍ପୋରେଟର ମୀନା ସାହୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପୁଷ୍ପିତା ମହାନ୍ତି, ଅତିରିକ୍ତ ଜିଲ୍ଲା ସହରାଞ୍ଚଳ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସତ୍ୟବ୍ରତ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇ ପିଲାମାନଙ୍କୁ ପୋଲିଓ ବୁନ୍ଦା ଖୁଆଇଥିଲେ।

ପଲ୍ସ ପୋଲିଓ ଟୀକାକରଣ ଲାଗି ସହରର ବିଭିନ୍ନ ସ୍କୁଲ, ଅଙ୍ଗନବାଡ଼ି କେନ୍ଦ୍ର, ସରକାରୀ ଡାକ୍ତରଖାନା ଆଦି ସ୍ଥାନରେ ମୋଟ ୨୨୨ଟି ସ୍ୱତନ୍ତ୍ର ବୁଥରେ ଏହି ଅଭିଯାନ ହୋଇଥିଲା। ଏଥିପାଇଁ ସ୍ୱାସ୍ଥ୍ୟ, ଆଶା ଓ ଅଙ୍ଗନବାଡ଼ି କର୍ମୀଙ୍କୁ ନେଇ ୪୪୫ଟି ଟିମ୍ ଗଠନ କରାଯାଇଛି। ଯଦି କୌଣସି ପିଲା ପୋଲିଓ ଟୀକା ପାଇବାରୁ ବାଦ୍ ପଡ଼ିଥିବେ, ସେଥିପାଇଁ ଆସନ୍ତା ୨୯ ଓ ୩୦ ତାରିଖରେ ଘରକୁ ଘର ସର୍ଭେ କରି ପିଲାମାନଙ୍କୁ ଟୀକା ଦିଆଯିବାର ବ୍ୟବସ୍ଥା କରାଯାଇଛି।

## କଣ୍ଟେନରରେ ଡିଜେଲ ଯୋଗାଣ ପ୍ରତିବନ୍ଧକ ହଟିଲା

କୋଲକାତା,୨୮।୬(ସଂଚାର ବ୍ୟୁରୋ): ରାଜ୍ୟ ସରକାର କଣ୍ଟେନରରେ ଡିଜେଲ ଯୋଗାଣ ଉପରେ କଟକଣା ଉଠାଇ ଦେଇଛନ୍ତି। ରବିବାର ସକାଳେ ଏକ୍ସ ପୋଷ୍ଟରେ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଲେଖିଛନ୍ତି ଯେ, ଆମେ ପ୍ରମୁଖ ତୈଳ କମ୍ପାନୀଗୁଡ଼ିକୁ ସ୍ୱାସ୍ଥ୍ୟସେବା, କୃଷି, ଖାଦ୍ୟ ଯୋଗାଣ, ସାର୍ବଜନୀନ ସେବା ଓ ଚା' ବଗିଚା ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡ଼ିକୁ ଇନ୍ଧନ କଟକଣାରୁ ସମ୍ପୂର୍ଣ୍ଣ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଛୁ।

## ବିଶିଷ୍ଟ ବ୍ୟବସାୟୀ ଭାଗୀରଥି ଧଳଙ୍କ ପରଲୋକ

କୋଲକାତା,୨୮।୬(ସଂଚାର ବ୍ୟୁରୋ): ବିଶିଷ୍ଟ ସାହିତ୍ୟିକ ତଥା ବ୍ୟବସାୟୀ ଭାଗୀରଥି ଧଳଙ୍କ ଅକାଳ ବିୟୋଗରେ ଶୋକର ଛାୟା ଖେଳିଯାଇଛି। ଗତ ୨୭ ତାରିଖ ସକାଳ ସାଢ଼େ ୭ଟା ସମୟରେ ପ୍ରତିଦିନ ପରି ଚା' ପିଇବା ପରେ ଶୋଇପଡିଥିଲେ। ପରିବାର ଲୋକେ ଡାକିବାରୁ ଜବାବ ଦେଇନଥିଲେ। ତାଙ୍କୁ କୋଲକାତାର ବରାନଗର ସଞ୍ଜୀବନି ହସ୍ପିଟାଲ ନେଇଯାଇଥିଲେ। ଚିକିତ୍ସକମାନେ ତାଙ୍କୁ ମୃତ ଘୋଷଣା କରିଛନ୍ତି। ଓଡିଶାର ଯାଜପୁର ଜିଲ୍ଲା ବିଞ୍ଝାରପୁର ନିକଟସ୍ଥ ତାଉଁତରା ଗ୍ରାମରେ ଜନ୍ମିତ ଭାଗୀରଥି କୋଲକାତା ବନ ହୁଗୁଳିରେ ସ୍ଥାୟୀ ଭାବେ ରହୁଥିଲେ।

## ପଶ୍ଚିମବଙ୍ଗରେ ୟୁସିସି ନେଇ ବିମର୍ଶ

କୋଲକାତା,୨୮।୬(ସଂଚାର ବ୍ୟୁରୋ): ପଶ୍ଚିମବଙ୍ଗରେ ସମାନ ନାଗରିକ ସଂହିତା (ୟୁସିସି) କାର୍ଯ୍ୟକାରୀ କରିବା ସମ୍ପର୍କରେ ରାଜନୈତିକ ଏବଂ ଆଇନଗତ ମହଲରେ ଆଲୋଚନା ଜୋର ଧରିଛି। ରାଜ୍ୟରେ ଏଥିପାଇଁ ଏକ ବିଲ୍ ଆଗତ କରିବା ପାଇଁ ପ୍ରସ୍ତୁତି ଚାଲିଥିବା ଜଣାପଡ଼ିଛି। ଯଦି ଏହି ପ୍ରସ୍ତାବ ଆଗକୁ ବଢ଼େ, ତେବେ ବିବାହ, ଛାଡପତ୍ର, ସମ୍ପତ୍ତି ଉତ୍ତରାଧିକାର ଏବଂ ପୋଷ୍ୟ ସନ୍ତାନ ଗ୍ରହଣ ଭଳି ପାରିବାରିକ ପ୍ରସଙ୍ଗରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଦେଖାଯାଇପାରେ। ସୂତ୍ର ଅନୁଯାୟୀ, ଏହି ପ୍ରସ୍ତାବର ଉଦ୍ଦେଶ୍ୟ ହେଉଛି ବିଭିନ୍ନ ଧର୍ମ ଏବଂ ସମ୍ପ୍ରଦାୟ ପାଇଁ ବର୍ତ୍ତମାନ ପ୍ରଯୁଜ୍ୟ ସ୍ୱତନ୍ତ୍ର ବ୍ୟକ୍ତିଗତ ଆଇନକୁ ବଦଳାଇବା ପାଇଁ ଏକ ସମାନ ଆଇନଗତ ଢାଞ୍ଚା କାର୍ଯ୍ୟକାରୀ କରିବା। ଏହା ପାରିବାରିକ ବିଷୟ ସମ୍ପର୍କରେ ସମସ୍ତ ନାଗରିକଙ୍କ ପାଇଁ ଏକ ନିୟମ ସେଟ୍ ପ୍ରୟୋଗ କରିବାର ପରିକଳ୍ପନା କରେ। ସମ୍ବିଧାନରେ ରାଜ୍ୟ ନୀତିର ନିର୍ଦ୍ଦେଶାତ୍ମକ ନୀତି ଆଶା କରେ ଯେ ରାଜ୍ୟ ସାରା ଦେଶରେ ସମାନ ନାଗରିକ ସଂହିତା କାର୍ଯ୍ୟକାରୀ କରିବା ପାଇଁ ପ୍ରୟାସ କରିବ। ସ୍ୱାଧୀନତା ପରଠାରୁ ଏହି ପ୍ରସଙ୍ଗ ନିରନ୍ତର ବିତର୍କର ବିଷୟ ହୋଇଛି। କୋର୍ଟ ମଧ୍ୟ ସମୟ ସମୟରେ ଏହି ବିଷୟରେ ସେମାନଙ୍କର ମତାମତ ପ୍ରକାଶ କରିଛନ୍ତି। କିନ୍ତୁ, ସ୍ପଷ୍ଟ ନିର୍ଦ୍ଦେଶନାର ଅଭାବରେ, ଏହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ।

## ଭାଙ୍ଗଡର ତୃଣମୂଳ ନେତା ଗିରଫ

କୋଲକାତା,୨୮।୬(ସଂଚାର ବ୍ୟୁରୋ): ଭାଙ୍ଗଡ-୨ ନମ୍ବର ବ୍ଲକର ତୃଣମୂଳ କଂଗ୍ରେସର ଜଙ୍ଗଲ ଏବଂ ଭୂମି 'କର୍ମାଧ୍ୟକ୍ଷ' (କାର୍ଯ୍ୟକାରୀ ମୁଖ୍ୟ) ଖୈରୁଲ ଇସଲାମଙ୍କୁ ପୁଲିସ ଗିରଫ କରିଛି। ରବିବାର ମୁର୍ଶିଦାବାଦର ବହରମପୁର ଅଞ୍ଚଳର ଭାଙ୍ଗଡ ଡିଭିଜନ ଅନ୍ତର୍ଗତ ଉତ୍ତର କାଶୀପୁର ଓ ବିଜୟଗଞ୍ଜ ବଜାର ଷ୍ଟେସନରୁ ପୁଲିସ ଦ୍ୱାରା ଏକ ମିଳିତ ଅଭିଯାନ ସମୟରେ ତାଙ୍କୁ ଗିରଫ କରାଯାଇଥିଲା। ଅଭିଯୁକ୍ତ ତୃଣମୂଳ ନେତା ଭାଙ୍ଗଡରେ ୨୦୨୩ ମସିହା ପଞ୍ଚାୟତ ନିର୍ବାଚନ ସହିତ ଜଡିତ ଅଛନ୍ତି।

## ତୃଣମୂଳ କାଉନସିଲରଙ୍କୁ ନେଇ ଅଞ୍ଚଳ ବୁଲିଲେ ବିଜେପି କର୍ମୀ

କୋଲକାତା,୨୮।୬ (ସଂଚାର ବ୍ୟୁରୋ): ବାରାସତ ପୌରସଭା ଅନ୍ତର୍ଗତ ୨୦ ନମ୍ବର ୱାର୍ଡର ବାଦୁ ଅଞ୍ଚଳର ଗ୍ରାମବାସୀମାନେ ରାସ୍ତାର ଖରାପ ଅବସ୍ଥା ଏବଂ ଡ୍ରେନେଜ୍ ବ୍ୟବସ୍ଥାକୁ ନେଇ ଏକ ପ୍ରତିବାଦ ପ୍ରଦର୍ଶନ କରିଥିଲେ। ସ୍ଥାନୀୟ କାଉନସିଲର ପନ୍ନାଲାଲ ବସୁଙ୍କ ସହିତ ବିଜେପି କର୍ମୀ, ସମର୍ଥକ ଏବଂ ସ୍ଥାନୀୟ ବାସିନ୍ଦା ଅଞ୍ଚଳ ପରିଦର୍ଶନ କରିଥିଲେ। ରାସ୍ତା ଏବଂ ଡ୍ରେନେଜ୍ ମରାମତି ପାଇଁ ପାଣ୍ଠି ବଣ୍ଟନ ସତ୍ତ୍ୱେ କାହିଁକି କାମ ସମ୍ପୂର୍ଣ୍ଣ ହୋଇନାହିଁ ବୋଲି ବିଜେପି ପ୍ରଶ୍ନ ଉଠାଇଛି। ଅଭିଯୋଗକୁ ଅସ୍ୱୀକାର ନକରି କାଉନସିଲର ପନ୍ନାଲାଲ ବସୁ କହିଛନ୍ତି ଯେ ଅନେକ ରାସ୍ତାରେ କାମ ପାଇଁ ପାଣ୍ଠି ବଣ୍ଟନ କରାଯାଇଛି ଏବଂ କିଛି କାମ ପୂର୍ବରୁ ଆରମ୍ଭ ହୋଇସାରିଛି।

## ମହାନଦୀରେ ବୁଡ଼ି ୩ ଛାତ୍ର ନିଖୋଜ

କଟକ, ୨୮।୬(ସଂଚାର ବ୍ୟୁରୋ): କଟକ ମହାନଦୀରେ ଗାଧୋଉଥିବା ବେଳେ ରବିବାର ସନ୍ଧ୍ୟାରେ ୩ଜଣ ଛାତ୍ର ନିଖୋଜ ହୋଇଯାଇଛନ୍ତି। କଟକଜିଲ୍ଲା ଜଗତପୁର ଖଇରା ବ୍ରିଜ ସାତବାଟିଆ ନିକଟ ମହାନଦୀରେ ଏହି ଅଘଟଣ ଘଟିଛି। ରିପୋର୍ଟ ଲେଖାଯିବା ବେଳକୁ ନିଖୋଜ ଛାତ୍ରମାନଙ୍କର ପରିଚୟ ମିଳିପାରି ନାହିଁ। ଆଜି ସନ୍ଧ୍ୟାରେ ଜଗତପୁର ଖଇରା ବ୍ରିଜ ସାତବାଟିଆ ନିକଟ ମହାନଦୀକୁ କିଛି ଛାତ୍ର ଗାଧୋଇବା ପାଇଁ ଯାଇଥିଲେ। ସେଠାରେ ସେମାନେ ଗାଧୋଉଥିବା ବେଳେ ଜଳର ଗଭୀରତା ଜାଣିପାରି ନଥିଲେ। ଗଭୀର ପାଣିରେ ପ୍ରବେଶ କରିବା ଯୋଗୁଁ ଜଳର ସ୍ରୋତ ସେମାନଙ୍କୁ ଭସାଇ ନେଇଥିଲେ। ତିନି ଜଣ ସାଙ୍ଗ ହଠାତ ନିଖୋଜ ହୋଇଯିବା ନେଇ ଅନ୍ୟମାନେ ଅଗ୍ନିଶମ ବାହିନୀକୁ ସୂଚନା ଦେଇଥିଲେ। ରିପୋର୍ଟ ଲେଖାଯିବା ବେଳକୁ ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚିଛି। ଉଦ୍ଧାର ପାଇଁ ଅଗ୍ନିଶମ ବାହିନୀର କର୍ମଚାରୀମାନେ ଉଦ୍ୟମ ଜାରି ରଖିଛନ୍ତି। ତେବେ ଅନ୍ଧାର ହୋଇଥିବାରୁ ଉଦ୍ଧାର କାର୍ଯ୍ୟରେ ବାଧା ପହଞ୍ଚିଛି।

## ବିଶ୍ୱ କ୍ୟାଡେଟ୍ ଚେସ୍: ସାତ୍ତ୍ୱିକଙ୍କୁ କାଂସ୍ୟ




କଟକ, ୨୮।୬ (ସଂଚାର ବ୍ୟୁରୋ): ଜର୍ଜିଆର ବାତୁମିରେ ଅନୁଷ୍ଠିତ ବିଶ୍ୱ କ୍ୟାଡେଟ୍ ଚେସ୍ ଚମ୍ପିଆନସିପ୍‌ରେ ଚମକିଛନ୍ତି ଭାରତୀୟ ଖେଳାଳି। ଭାରତୀୟ ଖେଳାଳିମାନେ ଗୋଟିଏ ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଓ ଦୁଇଟି କାଂସ୍ୟ ସହ ୪ଟି ପଦକ ଜିତିଛନ୍ତି। ଭାରତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଓଡ଼ିଆ ଖେଳାଳି ସାତ୍ତ୍ୱିକ ସ୍ୱାଇଁ କାଂସ୍ୟ ପଦକ ଜିତିଛନ୍ତି। ସାତ୍ତ୍ୱିକ ୧୦ ବର୍ଷରୁ କମ୍ ଓପନ ବର୍ଗରେ କାଂସ୍ୟ ପଦକ ଜିତି ଦେଶ ଓ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ୧୨ ବର୍ଷରୁ କମ୍ ବାଳିକା ବର୍ଗରେ ଦିଭି ବ୍ରିଜେଶ ସ୍ୱର୍ଣ୍ଣ, ୧୦ ବର୍ଷରୁ କମ୍ ଓପନ ବର୍ଗରେ ସବ୍ରାର୍ଥୋ ମଣି ରୌପ୍ୟ ଓ ୮ ବର୍ଷରୁ କମ୍ ବାଳିକା ବର୍ଗରେ ସାଇଆସ୍ଥା ସିଂହ କାଂସ୍ୟ ପଦକ ଜିତିଛନ୍ତି। ଏହି ଅସାଧାରଣ ସଫଳତା ପାଇଁ ପଦକ ବିଜେତା ଖେଳାଳି, ସେମାନଙ୍କ ପିତାମାତା, ପ୍ରଶିକ୍ଷକଙ୍କୁ ନିଖିଳ ଓଡ଼ିଶା ଚେସ୍ ଆସୋସିଏସନ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ ଶୁଭେଚ୍ଛା ଜଣାଇଛନ୍ତି।

## ରାଣୀହାଟ କେନାଲ ରୋଡରେ ରନ୍ଧାଖାଦ୍ୟ ବଣ୍ଟନ

କଟକ, ୨୮।୬ (ସଂଚାର ବ୍ୟୁରୋ): ରାଣୀହାଟସ୍ଥିତ କେନାଲ ରୋଡରେ ସମାଜସେବୀ କ୍ରିଷ୍ଣା ରାଓଙ୍କ ନେତୃତ୍ୱରେ ରବିବାର ହଜାରେରୁ ଊର୍ଦ୍ଧ୍ୱ ଲୋକଙ୍କୁ ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଛି। ଆଜି ମାସର ଶେଷ ରବିବାର ହୋଇଥିବାରୁ ରାଣୀହାଟ ଅଞ୍ଚଳର ବଜାର ଭାବେ ବନ୍ଦ ରହିଥିଲା। କଟକର ଏସସିବି ମେଡିକାଲକୁ ଚିକିତ୍ସା ପାଇଁ ଆସୁଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ଖାଦ୍ୟ ଯୋଗାଡ କରିବାକୁ ନେଇ ସମସ୍ୟାରେ ପଡ଼ିଥିଲେ। ଏସବୁ ସମସ୍ୟାକୁ ଅନୁଭବ କରି ସମାଜସେବୀ ଶ୍ରୀ ରାଓ ଗତ ଏପ୍ରିଲ ମାସରୁ ଏହି ସେବା କରିଆସୁଛନ୍ତି। ଆଗାମୀ ଦିନରେ ମଧ୍ୟ ଏହି ସେବା କାର୍ଯ୍ୟକ୍ରମ ଜାରିର ରହିବ ବୋଲି ସେ କହିଛନ୍ତି।

ଚାନ୍ଦୋଳରେ ଦୁଇ ପକ୍ଷ ଭିତରେ ସଂଘର୍ଷ

## ପୁଲିସର ଏକତରଫା କାର୍ଯ୍ୟାନୁଷ୍ଠାନକୁ ନେଇ ଅସନ୍ତୋଷ

- ସିନିୟର୍ ସିଟିଜେନଙ୍କୁ ମହିଳାଙ୍କ ଆକ୍ରମଣ
- ଜମି ଉପରେ ୧୪୪ ଧାରା ଜାରି ସତ୍ତ୍ୱେ କୋର୍ଟଙ୍କ ଆଦେଶକୁ ଅବମାନନା



ଜଗତସିଂହପୁର, ୨୮।୬ (ସଂଚାର ବ୍ୟୁରୋ) : ପୂର୍ବ ବିବାଦ କାରଣରୁ ସ୍ଥାନୀୟ ଚାନ୍ଦୋଳ ଗ୍ରାମରେ ଦୁଇ ପକ୍ଷ ମୁହାଁମୁହିଁ ହୋଇଥିଲେ। ଏଥି ନେଇ ପୃଥକ ଭାବେ ଦୁଇ ଜଣ ମହିଳା ଜଗତସିଂହପୁର ଥାନାରେ ଲିଖିତ ଅଭିଯୋଗ କରିବାରୁ ପୋଲିସ ଦୁଇଟି ମାମଲା ରୁଜୁ କରିଛନ୍ତି। ତେବେ ଜଣେ ମହିଳାଙ୍କ ଏତଲା ଉପରେ ପୋଲିସ ଏକତରଫା କାର୍ଯ୍ୟାନୁଷ୍ଠାନ ନେଇଥିବାର ଅଭିଯୋଗ ଉଠିବା ସହ ଅସନ୍ତୋଷ ପ୍ରକାଶ ପାଇଛି।

ଚାନ୍ଦୋଳ ଗ୍ରାମର ଜଣେ ମହିଳାଙ୍କ ଅଭିଯୋଗ , ଅପରାହ୍ନ ସମୟରେ ସେଇ ଗ୍ରାମର କିଛି ଲୋକ ଅଶ୍ଳୀଳ ଗାଳି ଗୁଲଜ କରିବା ସହ ଆକ୍ରମଣ କରିଥିଲେ । ଏପରିକି କଟୁରୀରେ ହାଣିବାକୁ ଉଦ୍ୟମ କରିବାରୁ ହାତରେ ଚୋଟ ବସିଥିବା ଅଭିଯୋଗ ହୋଇଛି। ଆଖପାଖର ଲୋକ ଦୌଡି ଆସିବାରୁ ଆକ୍ରମଣକାରୀମାନେ ଘଟଣା ସ୍ଥଳରୁ ଖସି ପଳାଇଥିଲେ। ମହିଳା ଜଣଙ୍କ ଯେଉଁ ଅଭିଯୋଗ କରିଛନ୍ତି ତାର କୌଣସି ସତ୍ୟତା ନଥିବା ଅଭିଯୋଗ ହେଉଛି। ଯଦି ଏମାନେ କଟୁରୀରେ ଆକ୍ରମଣ କରିଥିଲେ କଟୁରୀ କୁଆଡେ ଗଲା ଏବଂ ଆକ୍ରମଣ କରୁଥିବାର କୌଣସି ପ୍ରମାଣ ଥିବା ଦେଖାଯାଉନାହିଁ। ମହିଳା ଜଣକଥାନାରେ ଅଭିଯୋଗ କରିଛନ୍ତି ଯେ, ଦୀର୍ଘଦିନ ଧରି ଆକ୍ରୋଶ ରଖି ଥିବା ମହିଳା ଓ ତାଙ୍କ ପରିବାର ଜମି ବାଡ଼ିକୁ ନେଇ ଗଣ୍ଡଗୋଳ କରିଆସୁଛନ୍ତି। କୋର୍ଟଙ୍କ ଆଦେଶକୁ ବେଖାତିର କରି ଆମ୍ଭ ଜମିକୁ ବଳପୂର୍ବକ ଦଖଲ କରିବା ସହ ଘର କରୁଛନ୍ତି । ବିରୋଧ କରିବାରୁ ସେମାନେ ସଂଘବଦ୍ଧ ହୋଇ କୋଦାଳ ଓ ଠେଙ୍ଗାରେ ଆମ ପରିବାରକୁ ଆକ୍ରମଣ କରିଛନ୍ତି। ଆକ୍ରମଣରେ ମହିଳାଙ୍କ ମୁଣ୍ଡରେ ହାତରେ ଗଭୀର ଆଘାତ ଲାଗିଛି। ଡାକ୍ତରଖାନାରେ ଚିକିତ୍ସା ହେବା ପରେ ଡାକ୍ତର ମହିଳାଙ୍କୁ ଚିକିତ୍ସିତ କରି ଛାଡିଛନ୍ତି । ମହିଳା ଏବଂ ତାଙ୍କ ସ୍ୱାମୀ ସିନିୟର୍ ସିଟିଜେନ ହୋଇଥିବା ବେଳେ ଏମାନଙ୍କ ପ୍ରତି ପୋଲିସ କିମ୍ବା ପ୍ରଶାସନ ପକ୍ଷରୁ କୌଣସି ଅନୁକମ୍ପା ନ ମିଳିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି। ମହିଳା ଜଣଙ୍କ ଆହତ ହେବା ଯୋଗୁଁ ଡାକ୍ତରଖାନାକୁ ଆସୁଥିବା ସମୟରେ ଆକ୍ରମଣକାରୀ ମାନେ ଆଗୁଆ ଥାନାକୁ ଆସି ମିଛ କଥା କହି ଅଭିନୟ କରି ଏତଲା ଦେଇଥିଲେ। ଏମାନଙ୍କୁ ଛଡ଼ାଛଡ଼ି କରୁଥିବା କିଛି ଗ୍ରାମବାସୀଙ୍କୁ ମଧ୍ୟ ଦୁର୍ବ୍ୟବହାର କରିଛନ୍ତି। ସମ୍ପୃକ୍ତ ଆକ୍ରମଣକାରୀ ମାନେ ବାରମ୍ବାର ଏ ପ୍ରକାର ଆତଙ୍କରାଜ କରୁଥିବା ଅଭିଯୋଗକାରିଣୀ ଏତଲାରେ ଉଲ୍ଲେଖ କରିଛନ୍ତି। କିନ୍ତୁ ସେହି ଜମି ଉପରେ ୧୪୪ ଧାରା ଜାରି ସତ୍ତ୍ୱେ ସେମାନେ କୋର୍ଟର ଆଦେଶକୁ ଅବମାନନା କରି ବୃଦ୍ଧ ଏବଂ ବୃଦ୍ଧା ଦୁଇ ଜଣଙ୍କୁ ମାରିଦେବାର ଧମକ ଦେଇଥିବା ଅଭିଯୋଗ ହୋଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ହାତୀବେଶରେ ଦର୍ଶନ...

ପଡ଼ିଛି। ମୁଖ୍ୟତଃ କଦଳୀ ଗଛର ପାଟୁଆ, କଇଁଥ ଅଠା, ସୋଲ, ଜରି, କପଡ଼ା, ରେଜ ଆଦିକୁ ବ୍ୟବହାର କରି ମହାପ୍ରଭୁଙ୍କ ଗଜାନନ ବେଶ ପାଇଁ ପ୍ରସ୍ତୁତ ହୋଇଛି ବିଭିନ୍ନ ସାଜସଜା। ବିଶେଷକରି ରାଘବଦାସ ମଠ ପକ୍ଷରୁ ଜଗନ୍ନାଥ ଓ ଦେବୀ ସୁଭଦ୍ରାଙ୍କ ଓ ଗୋପାଳତୀର୍ଥ ମଠ ତରଫରୁ ବଳଭଦ୍ରଙ୍କର ସେବା ଯୋଗାଇ ଦିଆଯାଇଥାଏ। ସେମାନେ ଏହାକୁ ଠାକୁରଙ୍କ ସେବା ଭାବେ ଗ୍ରହଣ କରିଥାନ୍ତି। ପାରମ୍ପରିକ ସେବା ହେଉଥିବାରୁ ପିଢ଼ି ଅନୁଯାୟୀ କାରିଗରମାନେ ହାତୀବେଶକୁ କରିଥାନ୍ତି। ଏହି ଗଜାନନ ବେଶକୁ ଦର୍ଶନ କରିବା ପାଇଁ ଭକ୍ତଙ୍କ ମଧ୍ୟରେ ବଢ଼ିଚାଲିଛି ଆବେଗ। ଭକ୍ତ ଗଣପତି ଭକ୍ତଙ୍କୁ ଦର୍ଶନ ଦେବା ପାଇଁ ମହାପ୍ରଭୁ ଏହି ବେଶ ଧାରଣ କରିଥିଲେ ବୋଲି ଲୋକକଥା ରହିଛି। ସେଥିପାଇଁ ପୁରୀର ଗୋପାଳତୀର୍ଥ ମଠ ଓ ରାଘବଦାସ ମଠ ପକ୍ଷରୁ ଏହି ହାତୀବେଶ ସେବା ଯୋଗାଇ ଦିଆଯାଉଅଛି। ପବିତ୍ର ଅକ୍ଷୟ ତୃତୀୟାଠାରୁ ଏହି କାର୍ଯ୍ୟ ଆରମ୍ଭ ହୋଇ ସ୍ନାନ ପୂର୍ଣ୍ଣିମା ଦିନ ଶେଷ ହୋଇଥାଏ। ଏହି କାର୍ଯ୍ୟରେ ସୋଲ କାରିଗର, ଦର୍ଜି, ଚିତ୍ରକର ଓ ମାଳି ଏକତ୍ର ମିଳିମିଶି ନିୟମ ନିଷ୍ଠାରେ କାମ କରିଥାନ୍ତି। ସ୍ନାନ ପୂର୍ଣ୍ଣିମା ପାଇଁ ଚଳଂଚଳ ହେଲାଣି ଶ୍ରୀକ୍ଷେତ୍ର। ସେପଟେ ଆସନ୍ତାକାଲି ଦେବସ୍ନାନ ପୂର୍ଣ୍ଣିମା ଅବସରରେ ଶ୍ରୀକ୍ଷେତ୍ର ପୁରୀକୁ ଲକ୍ଷାଧିକ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ଆଗମନ ହେବାକୁ ଥିବାରୁ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଏ ସଂକ୍ରାନ୍ତରେ କେନ୍ଦ୍ରାଞ୍ଚଳ ଆଇଜି ସତ୍ୟଜିତ୍ ନାଏକ କହିଛନ୍ତି ଯେ ସୁରକ୍ଷା ବ୍ୟବସ୍ଥାରେ ୪ ଜଣ କମାଣ୍ଡାଣ୍ଟ/ଏସ୍‌ପି ପାହ୍ୟାଙ୍କର ଅଧିକାରୀ, ୧୪ ଅତିରିକ୍ତ ଏସ୍‌ପି/ଡେପୁଟି କମାଣ୍ଡାଣ୍ଟ, ୩୧ ଡିଏସ୍‌ପି/ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ, ୮୩ ଇନ୍ସପେକ୍ଟର, ୩୬୦ ଏସ୍‌ଆଇ/ଏଏସ୍‌ଆଇ ଓ ୭୯ ପ୍ଲାଟୁନ ପୁଲିସ ବଳକୁ ମୁତୟନ କରାଯାଇଛି। ସମସ୍ତ ଭକ୍ତ ଓ ପର୍ଯ୍ୟଟକମାନଙ୍କ ସୁରକ୍ଷା ପାଇଁ ଲାଇଫ ଗାର୍ଡ ଓ ସ୍ୱେଚ୍ଛାସେବୀମାନଙ୍କ ନିର୍ଦ୍ଦେଶକୁ ପାଳନ କରିବାକୁ ଅପିଲ କରିଛି ପୁରୀ ପୁଲିସ। କେବଳ ନିର୍ଦ୍ଧାରିତ ସୁରକ୍ଷିତ ଅଞ୍ଚଳରେ ସମୁଦ୍ର ସ୍ନାନ କରିବାକୁ ପରାମର୍ଶ ଦିଆଯାଇଛି। ଛୋଟ ଶିଶୁମାନଙ୍କୁ ନିଜ ନଜରରେ ରଖନ୍ତୁ। ନିଜ ସାମଗ୍ରୀ ପ୍ରତି ସଚେତନ ରହିବା ସହ ହାଲୁକା ପୋଷାକ ପିନ୍ଧିବା ଓ ପର୍ଯ୍ୟାପ୍ତ ପାଣି ପିଇ ଶରୀରକୁ ହାଇଡ୍ରେଟେଡ କରି ରଖିବାକୁ ପରାମର୍ଶ ଦେଇଛି ପ୍ରଶାସନ। ଜରୁରୀ ସହାୟତା ପାଇଁ ୧୧୨ କିମ୍ବା ଟୁରିଷ୍ଟ ହେଲ୍ପଲାଇନ ୬୩୭୦୯୬୭୧୦୦ ନମ୍ବର ଜାରି କରାଯାଇଛି। ସେହିପରି ଭକ୍ତମାନଙ୍କ ସାମଗ୍ରୀର ସୁରକ୍ଷିତ ସଂରକ୍ଷଣ ପାଇଁ ପୁରୀ ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ସରକାରୀ ଲକର୍ ବା ଡିପୋଜିଟ କାଉଣ୍ଟର ବ୍ୟବସ୍ଥା କରାଯାଇଛି। ମନ୍ଦିର ଅଫିସ ପଛପଟ, ଉତ୍ତର ଦ୍ୱାର, ପଶ୍ଚିମ ଦ୍ୱାର, ଦକ୍ଷିଣ ଦ୍ୱାର, ସୂର୍ଯ୍ୟ କମ୍ପ୍ଲେକ୍ସ, ମରିଚିକୋଟ ଛକ, ଟାଉନ ଥାନା, ମାର୍କେଟ ଛକରେ ଲକର୍ ବ୍ୟବସ୍ଥା ହୋଇଛି।

### 'ଗାର୍ଡିଆନ୍ ଅଫ୍...

ଏହାକୁ ଉତ୍ସର୍ଗ କରୁଛି। ସିସେଲ୍ସ ସ୍ୱାଧୀନତାର ଗୋଲଡେନ୍ ଜୁବିଲି ଓ ଭାରତ-ସିସେଲ୍ସ କୂଟନୈତିକ ସମ୍ପର୍କର ୫୦ ବର୍ଷ ପୂର୍ତ୍ତି ଅବସରରେ ଯୋଗଦେବା ଉଲ୍ଲେଖନୀୟ ଘଟଣା ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ଯେ, ଏକ ତିନିଦିନିଆ ସରକାରୀ ସିସେଲ୍ସ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ରବିବାର ରାଷ୍ଟ୍ରପତି ପାଟ୍ରିକ୍ ହରମିନିଙ୍କ ସହିତ ପ୍ରତିନିଧିସ୍ତରୀୟ ଆଲୋଚନା କରିଛନ୍ତି। ଆଲୋଚନା ଅବସରରେ ଦ୍ୱିପାକ୍ଷିକ ସହଯୋଗର ସମ୍ପୂର୍ଣ୍ଣ ସମୀକ୍ଷା. ପାରସ୍ପରିକ ସ୍ୱାର୍ଥର ଆଞ୍ଚଳିକ ଓ ବୈଶ୍ୱିକ ପ୍ରସଙ୍ଗ ଉପରେ ଉଭୟ ନେତା ମତ ବିନିମୟ କରିଛନ୍ତି। ଏଥିସହ ଉଭୟ ଦେଶର ଦୀର୍ଘସ୍ଥାୟୀ ରଣନୈତିକ ସମ୍ପର୍କକୁ ସୁଦୃଢ଼ କରିବା ନେଇ ଏକାଧିକ ରାଜିନାମା (ଏମଓୟୁ) ସ୍ୱାକ୍ଷରିତ ହୋଇଛି।

### କ୍ରସ୍ ଭୋଟିଂ କରିଥିବା...

କାର୍ଯ୍ୟକ୍ରମରେ ସାମିଲ ହେଉନାହାନ୍ତି। ପିତା ମୋକିମଙ୍କ ଓଡ଼ିଶା ଜନତା କଂଗ୍ରେସ ବି ଦାନା ଧରୁ ନ ଥିବାରୁ ସେଠାରେ ତାଙ୍କର ପ୍ରଦର୍ଶନ ବି ସହଜ ହେଉନାହିଁ। ସୋଫିଆ ଏବେ ଦୁଇ ନାଆରେ ଗୋଡ଼ ଦେବା ଭଳି ଅବସ୍ଥାରେ ରହିଛନ୍ତି। ସେହିଭଳି ଚୌଦ୍ୱାର-କଟକ ବିଧାୟକ ସୌଭିକ ମଧ୍ୟ ପିତା ପ୍ରଭାତଙ୍କ ସହ ପଦ୍ମପୋଖରୀ ମୁହାଁ ହୋଇଥିବା ବେଳେ ସେଠାରୁ ବି ତାଙ୍କୁ କୌଣସି ସବୁଜ ସଙ୍କେତ ମିଳୁନାହିଁ। କ୍ରସ ଭୋଟିଂ କରି ନିଲମ୍ବିତ ହୋଇଥିବା ବହୁ ବିଧାୟକଙ୍କର ରାଜନୈତିକ କ୍ୟାରିଅର ଶେଷ ହୋଇଯିବ ବୋଲି ଆଲୋଚନା ଜୋର ଧରିଥିବା ବେଳେ ଅବସ୍ଥା ବିଗୁଡୁଥିବା ଦେଖି କିଛି ବିଧାୟକ ସେମାନଙ୍କ ଉପରୁ ନିଲମ୍ବନ ଉଠାଇବାକୁ ଲବି ଆରମ୍ଭ କରିଛନ୍ତି। ପ୍ରଦେଶ କଂଗ୍ରେସରେ ଏବେ ନୂଆ ପ୍ରଭାରୀ ନିଯୁକ୍ତ ହୋଇଥିବା ବେଳେ ବିଜେଡି ରାଜନୀତି ମଧ୍ୟ କଡ଼ ଲେଉଟେଇବାରେ ଲାଗିଛି। ତେଣୁ ଆଗାମୀ ଦିନରେ ନିଲମ୍ବିତ ବିଧାୟକମାନଙ୍କ ପ୍ରତି ସେମାନଙ୍କ ଦଳ କି ପ୍ରକାର ମନୋଭାବ ପୋଷଣ କରୁଛି ଓ ଏମାନଙ୍କର ରାଜନୀତି କେଉଁ ମୋଡ଼ ନେଉଛି, ତାହା ଉପରେ ଏବେ ସମସ୍ତଙ୍କ ନଜର।

### ବଜ୍ରାଘାତରେ ମା'-ଝିଅ...

ଭାବେ କାର୍ଯ୍ୟ କରୁଥିଲେ। ତେବେ ଏକାସାଙ୍ଗରେ ମା' ଓ ଝିଅଙ୍କ ମୃତ୍ୟୁ ଘଟଣା ପରିବାର ସହ ସମଗ୍ର ଗ୍ରାମକୁ ଶୋକାକୁଳ କରିଦେଇଛି। ତେବେ ନିୟମିତ ଭାବେ ପାଣିପାଗ ବିଭାଗ ପକ୍ଷରୁ ଜନସାଧାରଣଙ୍କୁ ବର୍ଷା ଓ ଘଡ଼ଘଡ଼ି ସମୟରେ ବାହାରକୁ ନ ବାହାରିବା ସକାଶେ ପରାମର୍ଶ ଦିଆଯାଉଛି। ଯଦିବି କେହି ବାହାରେ ଅଛନ୍ତି, ତା'ହେଲେ ସେମାନେ ଗଛଠାରୁ ଦୂରେଇ ପଡ଼ିଆରେ ରହିବାକୁ କୁହାଯାଉଥିଲେ ମଧ୍ୟ ଜନସାଧାରଣ ସଚେତନ ହେଉନାହାନ୍ତି।

### ମୃତ୍ୟୁସଂଖ୍ୟା ୧୩କୁ...

ବାଂଶପାଳ, ହରିଚନ୍ଦନପୁର ଓ ଘଟଗାଁ ବ୍ଲକରୁ ଜୁଆଙ୍ଗ ପୁଅ-ଝିଅଙ୍କୁ ଏହି ଦଲାଲମାନେ ପାଖାପାଖି ୬ ମାସ ତଳେ ତାମିଲନାଡୁ ନେଇଥିଲେ। ସେଠାରେ ଦୈନିକ ୧୨ ଘଣ୍ଟା କାର୍ଯ୍ୟ କରିବା ସହ ୩୦ ଦିନ କାର୍ଯ୍ୟ କଲେ ୧୫ ହଜାର ଟଙ୍କା ମଜୁରୀ ବାବଦରେ ଦିଆଯାଉଥିଲା। ତେବେ ଗତ ରବିବାର ଉକ୍ତ ଫ୍ୟାକ୍ଟ୍ରିରେ ଆମୋନିଆ ଗ୍ୟାସ ଲିକ୍ ହେବାରୁ କେନ୍ଦୁଝର ଜିଲ୍ଲାର ୫ ଜଣ ଯୁବତୀଙ୍କର ମୃତ୍ୟୁ ଘଟିଥିଲା। ପରେ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇ ୧୩ରେ ପହଞ୍ଚିଛି। ଦୁର୍ଘଟଣା ପରେ କାରଖାନା ବନ୍ଦ ହୋଇଯାଇଥିବାରୁ ଶ୍ରମିକମାନଙ୍କୁ ରାଜ୍ୟ ସରକାର ନିଜ ହେପାଜତରେ ଫେରାଇ ଆଣିଛନ୍ତି।

### ପାଠ୍ୟପୁସ୍ତକରେ ତ୍ରୁଟି...

ଅଭିଯୋଗ ଆଣିଥିଲେ। ସେତେବେଳେ ଯଦି ମନୋଜଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥାନ୍ତା, ତା'ହେଲେ ଆଜି ସରକାରଙ୍କୁ ଏପରି ଦୁର୍ନାମ ମୁଣ୍ଡାଇବାକୁ ପଡ଼ିନଥାନ୍ତା ବୋଲି ଆଲୋଚନା ହେଉଛି। ମନୋଜ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବ ଦାୟିତ୍ୱରେ ଥିବା ସମୟରେ ତାଙ୍କୁ ଟିଇଆଣ୍ଡ୍‌ଏସ୍‌ସିଇଆର୍‌ଟିର ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା। ଦୁଇ ବର୍ଷ ଧରି ସେ ଏସ୍‌ସିଇଆର୍‌ଟି ନିର୍ଦ୍ଦେଶକ ଥିବା ସମୟରେ ତାଙ୍କ ବିରୋଧରେ ଏକାଧିକ ଅଭିଯୋଗ ଆସିଥିଲା। ସେ ତାଙ୍କ ସହ କାର୍ଯ୍ୟ କରୁଥିବା ପୁରୁଷ ଓ ମହିଳା କର୍ମଚାରୀଙ୍କୁ ଦୁର୍ବ୍ୟବହାର କରୁଥିଲେ। ଏପରିକି ସେମାନଙ୍କୁ ସେ ନନ୍‌ସେନ୍ସ, ଇଡିଅଟ୍ ଓ ଗେଟ୍ ଆଉଟ୍ ଭଳି ଶବ୍ଦ ବି ପ୍ରୟୋଗ କରୁଥିଲେ। ତେଣୁ ଏହାକୁ ନେଇ କର୍ମଚାରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଯାଇଥିଲା। କାର୍ଯ୍ୟାଳୟରେ ଭୟର ବାତାବରଣ ବି ଲାଗି ରହୁଥିଲା। ଅଧିକନ୍ତୁ ଗତ ୨୦୨୪ ଡିସେମ୍ବରରେ ମନୋଜଙ୍କ ବିରୋଧରେ ବିଜେପିର ୧୫ ଜଣ ବିଧାୟକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖି ଅଭିଯୋଗ ଆଣିବା ସହ ମନୋଜଙ୍କୁ ସେଠାରୁ ତୁରନ୍ତ ବଦଳି କରାଯିବା ସକାଶେ ଦାବି କରିଥିଲେ। ନଚେତ ତାଙ୍କୁ ଟିଇଆଣ୍ଡ୍‌ଏସସିଇଆରଟିର ଅତିରିକ୍ତ ଦାୟିତ୍ୱ ତାଙ୍କଠାରୁ ପ୍ରତ୍ୟାହାର କରିନେବା ସକାଶେ ସେମାନେ ନିବେଦନ କରିଥିଲେ। ପରେ ମୟୂରଭଞ୍ଜ ସାଂସଦଙ୍କ ଚିଠି ଆଧାରରେ ମନୋଜଙ୍କୁ ଟିଇଆଣ୍ଡ୍‌ଏସ୍‌ସିଇଆରଟିର ଅତିରିକ୍ତ ଦାୟିତ୍ୱରୁ ଅବ୍ୟାହତି ଦିଆଗଲା। ଏପରିକି ହାତଗୁଞ୍ଜା ଦେଇ ଓ ଜଣେ ଉଚ୍ଚ ତଥା କ୍ଷମତାଶାଳୀ ଅଧିକାରୀଙ୍କ ହସ୍ତକ୍ଷେପ ଯୋଗୁଁ ସେ ସେହି ପଦବୀରେ ନିଯୁକ୍ତ ହୋଇଥିବା ବିଧାୟକମାନେ ସେମାନଙ୍କ ଚିଠିରେ ଉଲ୍ଲେଖ କରିଥିଲେ। ତେବେ ମନୋଜଙ୍କୁ ସହଯୋଗ କରିଥିବା ଉକ୍ତ କ୍ଷମତାଶାଳୀ ଉଚ୍ଚପଦସ୍ଥ ଅଧିକାରୀ ଜଣଙ୍କ କିଏ, ତାକୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି। ଏପରିକି ପାଠ୍ୟପୁସ୍ତକରେ ହୋଇଥିବା ତ୍ରୁଟି ଘଟଣାରେ ବି ସେ ସାମିଲ ଥିବା ଆଲୋଚନା ହେଉଛି। ତେଣୁ ରାଜ୍ୟ ସରକାରଙ୍କ ତୁରନ୍ତ ସମ୍ପୃକ୍ତ ଷଡ଼ଯନ୍ତ୍ରକାରୀଙ୍କୁ ଖୋଜି ବାହାର କରିବା ସହ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶେ ଦାବି ହେଉଛି। ଏଥିସହ ନିଲମ୍ବିତ ମନୋଜଙ୍କ ଲିଙ୍କ୍‌ରେ ଥିବା ଅନ୍ୟ ଅଧିକାରୀଙ୍କୁ ବି ବହିଷ୍କାର କରିବା ସକାଶେ ସାଧାରଣରେ ଦାବି ଜୋର୍ ଧରିଛି।

### ବିପୁଳ ପରିମାଣ...

ସେଲ୍, ୫ଟି କ୍ୟାଟ୍ରିଜ୍, ୭ଟି ୱାକିଟକି, ୩ଟି ବାଇକ୍ ଚାର୍ଜର, ଦୁଇଟି ୱାକି ଆଣ୍ଟିନା, ୫ଟି ମେଟାଲ ପାଇପ୍, ଆମ୍ୟୁନେସନ ପାଉଚ୍, ୪୫ଟି ପେନ୍ ଡ୍ରାଇଭ୍, ଗୋଟିଏ ହାର୍ଡ ଡିସ୍କ, ଗୋଟିଏ ପାୱାର ବ୍ୟାଙ୍କ, ୧୪ଟି ଜିଆଇ ପାଇପ୍ କନେକ୍ଟର, କି' ବୋର୍ଡ, ଛତା, ଟର୍ଚ୍ଚ ଲାଇଟ୍, ଦଉଡ଼ି, ଔଷଧ କିଟ୍ ସହ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ତେବେ ଏହି ଗୋଟିଏ ମାସରେ ପୁଲିସକୁ ତିନି ତିନିଟି ସଫଳତା ମିଳିଛି। ଗତ ୯ରେ ଓ ୧୫ରେ ମଧ୍ୟ ଦୁଇଟି ସ୍ଥାନରୁ ମାଓବାଦୀ ଡମ୍ପ ଜବତ କରାଯାଇଥିଲା। ଆଗାମୀ ଦିନରେ ମଧ୍ୟ ଏପରି ସର୍ଚ୍ଚ ଅପରେଶନ ଜାରି ରହିବ ବୋଲି ପୁଲିସ୍ ପକ୍ଷରୁ କୁହାଯାଇଛି।

### ସମାଜରେ ସକାରାତ୍ମକ...

ଶ୍ରୀ ପ୍ରଧାନ ଆହୁରି ମଧ୍ୟ କହିଛନ୍ତି ଯେ ନାଳନ୍ଦା ବିଶ୍ୱବିଦ୍ୟାଳୟ ଭାରତର ପ୍ରାଚୀନ 'ଶାସ୍ତ୍ରାର୍ଥ' ପରମ୍ପରାକୁ ପୁନର୍ଜୀବିତ କରି ଜ୍ଞାନ, ସମ୍ବାଦ ଏବଂ ଅନୁଶାସିତ ତର୍କର ସଂସ୍କୃତିକୁ ଆଗକୁ ବଢ଼ାଉଛି। ଏହି ପରମ୍ପରା ବିଭିନ୍ନ ଦୃଷ୍ଟିକୋଣକୁ ବୁଝିବା ଓ ବିଚାରର ସୁସ୍ଥ ଆଦାନପ୍ରଦାନ କରିବାର ଏକ ମାଧ୍ୟମ। ନାଳନ୍ଦାର ଏହି ପ୍ରୟାସ ଆମର ଗୌରବମୟ ବୌଦ୍ଧିକ ଐତିହ୍ୟକୁ ନୂତନ ପିଢ଼ି ସହ ଯୋଡ଼ିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ସେହିପରି ଦିଲ୍ଲୀସ୍ଥିତ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଦ୍ୱାରା ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଓ ଡାଟା ସାଇନ୍ସ ଭଳି ଆଧୁନିକ କ୍ଷେତ୍ରରେ ବି.ଟେକ୍ ପାଠ୍ୟକ୍ରମର ଆରମ୍ଭ ଏକ ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ।

## ପଟ୍ଟାଦାରରୁ ସ୍ଥିତିବାନକୁ ବଦଳ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ




କଟକ, ୨୮।୬ (ସଂଚାର ବ୍ୟୁରୋ) : ଶ୍ୟାମସୁନ୍ଦରପୁର ମୌଜାରେ ଜମିର ସତ୍ତ୍ୱ 'ପଟ୍ଟାଦାର'ରୁ 'ସ୍ଥିତିବାନ'କୁ ପରିବର୍ତ୍ତନ କରିବା ପ୍ରସଂଗରେ ୬ ସପ୍ତାହ ଭିତରେ ପଦକ୍ଷେପ ଗ୍ରହଣ କରିବାକୁ ଭୁବନେଶ୍ୱର ତହସିଲଦାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ଶଶିକାନ୍ତ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ମାଧବାନନ୍ଦ ମହାପାତ୍ର ଓ ଅନ୍ୟ ଦୁଇଜଣଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର ଶୁଣାଣି ସମୟରେ ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଥିଲା ଯେ, ୧୯୯୨ରେ ପଞ୍ଜୀକୃତ ବିକ୍ରି କବଲା ବଳରେ ଆବେଦନକାରୀ ଶ୍ୟାମସୁନ୍ଦରପୁର ମୌଜାରେ ଜଣେ ମୂଳ ଲିଜଧାରୀଙ୍କ ନିକଟରୁ ୧୩୦ ଡିସିମିଲ ଜମି କିଣିଥିଲେ। ମ୍ୟୁଟେସନ ପରେ ଭୁବନେଶ୍ୱର ତହସିଲ କାର୍ଯ୍ୟାଳୟ ପକ୍ଷରୁ ଆବେଦନକାରୀଙ୍କ ନାମରେ ପଟ୍ଟା ଜାରି କରାଯାଇଥିଲା। ପଟ୍ଟାରେ ଜମିର ସତ୍ତ୍ୱ 'ସ୍ଥିତିବାନ' ବୋଲି ଉଲ୍ଲେଖ କରାଯାଇଥିଲା। ପରବର୍ତ୍ତୀ ସମୟରେ, ରାଜ୍ୟ ସରକାରଙ୍କ ଗତ ୨୦୨୫, ଜୁଲାଇ ୨ର ଏକ ବିଜ୍ଞପ୍ତିକୁ ଆଧାର କରି ଭୁବନେଶ୍ୱର ତହସିଲଦାର ନିଜ ଆଡୁ ମାମଲା ରୁଜୁ କରି ଏହି ଜମିର ସତ୍ତ୍ୱକୁ 'ସ୍ଥିତିବାନ'ରୁ 'ପଟ୍ଟାଦାର'କୁ ପରିବର୍ତ୍ତନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତହସିଲଦାରଙ୍କ ନିର୍ଦ୍ଦେଶ ଅନୁସାରେ ସତ୍ତ୍ୱ ପରିବର୍ତ୍ତନ କରାଯିବା ପରେ ନୂଆ ଆରଓଆର ଜାରି କରାଯାଇଥିଲା। ସ୍ଥିତିବାନ ଜମିର ସତ୍ତ୍ୱକୁ ପଟ୍ଟଦାର ପରିବର୍ତ୍ତନ କରିବାକୁ ତହସିଲଦାର ପ୍ରଦାନ କରିଥିବା ନିର୍ଦ୍ଦେଶ ବେଆଇନ ବୋଲି ଦର୍ଶାଇ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଶୁଣାଣି ସମୟରେ ହାଇକୋର୍ଟଙ୍କ ୨୦୨୬, ମେ ୨୨ର ରାୟ ପ୍ରସଂଗରେ ଆବେଦନକାରୀ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ରାୟରେ ଜମି ରେକର୍ଡରେ ପ୍ରାକ୍-ସ୍ୱାଧୀନତା ଓ ବ୍ରିଟିଶ ଅମଳର ପୁରୁଣା ଶବ୍ଦ ଗୁଡ଼ିକର ବର୍ତ୍ତମାନ ଯୁଗରେ କୌଣସି ପ୍ରାସଙ୍ଗିକତା ନାହିଁ ବୋଲି ହାଇକୋର୍ଟ କହିଥିଲେ। ଏକ ଜମିର ଘରବାଡ଼ି ରୂପାନ୍ତରଣ ପରେ ଲିଜ୍ ସ୍ଥିତିର ଅବସାନ ଘଟିଥାଏ। ସେତେବେଳେ ଏହା ଜମି ମାଲିକଙ୍କ ସ୍ଥାୟୀ ଦଖଲ ଅଧିକାରକୁ ସ୍ୱୀକୃତି ଦେଇଥାଏ। ଏଭଳି ସ୍ଥିତିରେ ଜମିକୁ 'ସ୍ଥିତିବାନ' ଭାବେ ରେକର୍ଡ କରି ପଟ୍ଟା ପ୍ରଦାନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହି ରାୟ ଆଧାରରେ ଆବେଦନକାରୀଙ୍କ ଜମିର ସତ୍ତ୍ୱ ସ୍ଥିତିବାନକୁ ପରିବର୍ତ୍ତନ କରିବା ପ୍ରସଂଗରେ ତହସିଲଦାର ପଦକ୍ଷେପ ଗ୍ରହଣ କରିବେ ବୋଲି ହାଇକୋର୍ଟ କହିଛନ୍ତି। ଆବେଦନକାରୀଙ୍କ ତରଫରୁ ଅନିମା କୁମାରୀ ଦେଈ ମାମଲା ପରିଚାଳନା କରୁଥିଲେ।

## ଆର୍‌ଏମ୍ ସ୍କୁଲରେ ଯୋଗ ଶିବିର

କଟକ, ୨୮।୬(ସଂଚାର ବ୍ୟୁରୋ): କଟକସଦର ୪୨ମୌଜା ଅନ୍ତର୍ଗତ କୁଲସରିଚୁଆଁସ୍ଥିତ ଆରଏମ(ରେକି ମିଶନ) ସ୍କୁଲରେ ଛାତ୍ରଛାତ୍ରୀଙ୍କୁ ନେଇ ସପ୍ତାହବ୍ୟାପୀ ଯୋଗ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଗୁରୁ ଶ୍ରୀସଦ୍ଧଙ୍କ ନିର୍ଦ୍ଦେଶକ୍ରମେ ଓ ବିଦ୍ୟାଳୟର ଉପାଧ୍ୟକ୍ଷା ସରସ୍ୱତୀ ସାମନ୍ତରାୟଙ୍କ ନେତୃତ୍ୱରେ ଆୟୋଜିତ ଏହି ଶିବିରରେ ଛାତ୍ରଛାତ୍ରୀମାନେ ବିଭିନ୍ନ ଯୋଗାସନ ଓ ପ୍ରାଣାୟାମର ଅଭ୍ୟାସ କରିଥିଲେ। ଏହା ସହିତ ଦୈନନ୍ଦିନ ଜୀବନରେ ଯୋଗର ଗୁରୁତ୍ୱ, ଶାରୀରିକ ସୁସ୍ଥତା, ମାନସିକ ଦୃଢ଼ତା, ଏକାଗ୍ରତା ଓ ଉତ୍ତମ ଚରିତ୍ର ଗଠନରେ ଯୋଗର ଭୂମିକା ସମ୍ପର୍କରେ ପିଲାମାନଙ୍କୁ ଅବଗତ କରାଯାଇଥିଲା। ସଂଯୋଜକ ଆର ପି ସିଂ ଓ ଭାରତ ଭୂଷଣ ରାୟ ସମସ୍ତ କାର୍ଯ୍ୟର ସୁପରିଚାଳନା କରିଥିଲେ।

# ମଦ ଦୋକାନ ବନ୍ଦ ପାଇଁ ଅଣ୍ଟା ଭିଡ଼ିଲେ ମହିଳା

## ଜନ ଆନ୍ଦୋଳନ ପାଇଁ ଚେତାବନୀ



ବାଲିଆପାଳ,୨୮।୬ (ସଂଚାର ବ୍ୟୁରୋ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ମୁଖ୍ୟ ରାସ୍ତାରେ ଥିବା ମଧୁପୁରା ପଞ୍ଚାୟତର ବଡ଼ ସିମୁଳିଆ ଛକ ନିକଟରେ ଦୀର୍ଘ ଦିନରୁ ସରକାରୀ ମଦ ଦୋକାନ ରହିଛି। କିଛି ଦିନ ପୂର୍ବରୁ ଉକ୍ତ ବ୍ୟବସାୟୀଙ୍କର ଦୋକାନ ଖୋଲିବାର ସରକାରୀ ସ୍ତରରେ ମିଆଦ ପୂରିଯାଇଛି। ଲଟାରୀ ଉଠାଣ ଅନୁସାରେ ଅନ୍ୟ ଜଣେ ବ୍ୟବସାୟୀ ସେହି ଜାଗାରେ ମଦ ଦୋକାନ ଖୋଲିବା ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ଉକ୍ତ ଜାଗାରେ ମଦ ଦୋକାନଟିକୁ ବନ୍ଦ କରିବା ପାଇଁ ଗ୍ରାମର କିଛି ମହିଳା ଅଣ୍ଟା ଭିଡ଼ ଶନିବାର ମଦ ଦୋକାନ ଆଗରେ ପ୍ରତିବାଦ କରିଥିଲେ।

ସୂଚନା ଥାଉ କି ଏହି ଦୋକାନଟି ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ଯୋଗୁଁ ପଥଚାରୀ ଏବଂ ସ୍ଥାନୀୟ ବାସିନ୍ଦା ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାତି ହେଉ କି ଦିନ ମାତାଲିମାନେ ମଦ ପିଇ ନିଜ ନିଜ ଭିତରେ ଗୋଷ୍ଠଗଳ କରୁଛନ୍ତି। ଅଭଦ୍ର ଭାଷାରେ ଗାଳିଗୁଲଜ କରୁଥିବାରୁ ପାଖଆଖ ଅଞ୍ଚଳର ପରିବେଶରେ କୁ ପ୍ରଭାବ ପଡିବା ସହିତ ଯୁବ ଗୋଷ୍ଠୀ ପଥଭ୍ରଷ୍ଟ ହେଉଛନ୍ତି।

ଦୋକାନ ପାଖରେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ସାଇ ମନ୍ଦିର, ସିମୁଳିଆ ୟୁଜିୟୁପି ବିଦ୍ୟାଳୟ, କଚୁଆ ପଡା ପ୍ରାଥମିକ ବିଦ୍ୟାଳୟ,କାଞ୍ଚନେ ଶ୍ୱର ମହାଦେବ ମନ୍ଦିର ଥିବାରୁ ଛାତ୍ର ଛାତ୍ରୀ, ଯୁବତୀ, ମହିଳା, ରୋଗୀଙ୍କର ଯିବା ଆସିବା କରିବା ପାଇଁ ସେହି ରାସ୍ତା ଗୋଟିଏ ମାତ୍ର ମାଧ୍ୟମ।

ଏନେଇ ମଧୁପୁରା ସରପଞ୍ଚ ଗୀତା ରାଣୀ ମାହାନା ଏବଂ ଗ୍ରାମବାସୀ ବାଲେଶ୍ୱର ଜିଲ୍ଲାପାଳ , ଉପଜିଲ୍ଲାପାଳ ଏବଂ ବାଲିଆପାଳ ତହସିଲଦାରଙ୍କୁ ମଧ୍ୟ ଲିଖିତ ଭାବରେ ଅଭିଯୋଗ କରିଛନ୍ତି। ତେବେ ସରକାର ନୁଆ ଖୋଲିବାକୁ ଥିବା ମଦ ଦୋକାନକୁ ବନ୍ଦ ନକଲେ ଜନ ଆନ୍ଦୋଳନର ଚେତାବନୀ ଦେଇଛନ୍ତି।

## ଚାନ୍ଦୋଳରେ କେନ୍ଦ୍ରମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ



ଡେରାବିଶ, ୨୮।୬ (ସଂଚାର ବ୍ୟୁରୋ): ପାଟକୁରା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଚାନ୍ଦୋଳ ବଜାରରେ ଆଜି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପାଟକୁରା ବିଜେପି ତରଫରୁ ବିପୁଳ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି।

ଏହି ଉପଲକ୍ଷେ ଆଜି ଅପରାହ୍ନରେ ପାଟକୁରା ବିଜେପି ବିଧାୟକ ପ୍ରାର୍ଥୀ ତଥା ରାଜ୍ୟ ବିଜେପି ମୁଖପାତ୍ର ତେଜେଶ୍ୱର ପରିଡ଼ାଙ୍କ ନେତୃତ୍ୱରେ ହାଜର ହାଜର କର୍ମୀ ହାତରେ ଫୁଲତୋଡ଼ା ଓ ଉତରୀୟ ଧରି ଚାନ୍ଦୋଳ ବିଜେପି କାର୍ଯ୍ୟାଳୟ ନିକଟରେ ଶ୍ରୀ ପ୍ରଧାନଙ୍କୁ ଅପେକ୍ଷା କରିଥିଲେ। ଶ୍ରୀ ପ୍ରଧାନ କେନ୍ଦ୍ରାପଡ଼ାରୁ ତାଙ୍କର ଏକ ସାମାଜିକ କାର୍ଯ୍ୟରେ ଯୋଗଦାନ କରି ଅପରାହ୍ନରେ ଫେରିବାପରେ ଚାନ୍ଦୋଳ ସ୍ଥିତ ବିଜେପି କାର୍ଯ୍ୟାଳୟ ନିକଟରେ ଶ୍ରୀ ପରିଡ଼ାଙ୍କ ନେତୃତ୍ୱରେ କର୍ମୀମାନେ ମନ୍ତ୍ରୀ ଶ୍ରୀ ପ୍ରଧାନଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ପ୍ରଦାନ କରି କାର୍ଯ୍ୟାଳୟ ନିକଟକୁ ପାଛୋଟି ନେଇଥିଲେ। ଏହି ଅବସରରେ ବିଜେପି ମହିଳା ମୋର୍ଚ୍ଚା ତରଫରୁ ଶ୍ରୀ ପ୍ରଧାନଙ୍କୁ ଫୁଲଚନ୍ଦନ ପ୍ରଦାନ ପୂର୍ବକ ବନ୍ଦାପନା କରାଯାଇଥିଲା।

ଏହି ଅବସରରେ ପାଟକୁରା ବିଜେପି କର୍ମୀମହଲରେ ଆନନ୍ଦ ଓ ଉତ୍ସାହ ଖେଳିଯାଇଛି। ଏହି ଅବସରରେ ମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ସହିତ କେନ୍ଦ୍ରାପଡ଼ା ଗସ୍ତରେ ଆସିଥିବା ଆଇନମନ୍ତ୍ରୀ ପୃଥିରାଜ ହରିଚନ୍ଦନ, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ବିଧାୟକ ଅଗସ୍ତି ବେହେରା, ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ବିଧାୟକ ଟଙ୍କଧର ତ୍ରିପାଠୀ, ପୂର୍ବତନ ବିଧାୟକ ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର, ଗୋଲଖ ମହାପାତ୍ର, ସୁରଥ ବିଶ୍ୱାଳ, ବିଜେପି ମୁଖପାତ୍ର ରାଜେନ୍ଦ୍ର ପଣ୍ଡା ପ୍ରମୁଖଙ୍କୁ ମଧ୍ୟ ପୁଷ୍ପଗୁଚ୍ଛ ଓ ଉତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।

## ହିଞ୍ଜିଳିରେ ପଲସ୍ ପୋଲିଓ ଅଭିଯାନ



ହିଞ୍ଜିଳିକାଟୁ, ୨୮।୬ (ସଂଚାର ବ୍ୟୁରୋ): ଆଜି ଜାତୀୟ ପୋଲିଓ ଦିବସ। ଦିନ ଥିଲା ପୋଲିଓ ରୋଗ ଏକ ମହାମାରୀ ପରି ବ୍ୟାପି ଚାଲିଥିଲା। ଏହାକୁ ନିୟନ୍ତ୍ରଣ କରିବା ପାଇଁ ଆରମ୍ଭ ହୋଇଥିଲା ଟୀକା। ଯାହାକି ରୋଗ ନିୟନ୍ତ୍ରଣରେ ସକ୍ଷମ ହୋଇଛି। ଏକ ସୁସ୍ଥ ସମାଜ ଗଠନ ପାଇଁ ଭାରତ ସରକାର ଓ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ପ୍ରକାରେ ସାରା ରାଜ୍ୟରେ ପଲସ୍ ପୋଲିଓ ଅଭିଯାନ ଜାରି ରହିଛି । ଏହି ରୋଗକୁ ଦୂର କରିବା ପାଇଁ ସରକାରଙ୍କ ତରଫରୁ ପୋଲିଓ ବୁନ୍ଦା ଅଭିଯାନ ଚାଲୁ ରହିଥିବା ବେଳେ ହିଂଜିଳି ପୌରାଞ୍ଚଳ ସ୍ଥିତ ରେଗିଡ଼ି ଅଙ୍ଗନବାଡ଼ି କେନ୍ଦ୍ର ଠାରେ ଜନ୍ମରୁ ୫ ବର୍ଷର ଶିଶୁ ମାନଙ୍କୁ ପୋଲିଓ ବୁନ୍ଦା ଦିଆଯାଇଛି । ଏହି ପଲସ୍ ପୋଲିଓ ଅଭିଯାନରେ ଆଶା କର୍ମୀ ସସ୍ମିତା ସାହୁ ଓ ସୁନିତା ସାହୁ ଉପସ୍ଥିତ ରହି ଶିଶୁଙ୍କୁ ଦୁଇ ବୁନ୍ଦା ପୋଲିଓ ଖୁଆଇଥିଲେ । ଆଜି କୌଣସି କାରଣରୁ ଆସିନଥିବା ଶିଶୁ ମାନଙ୍କୁ ଦୁଇଦିନ ପର୍ଯ୍ୟନ୍ତ ଘରକୁ ଘର ବୁଲି ପୋଲିଓ ବୁନ୍ଦା ଦେବେ ନେଇ ଆଶାଦିଦି ମାନେ କହିଛନ୍ତି ।

## ପଞ୍ଚାମୁଣ୍ଡାଇରେ ପଲ୍ସ ପୋଲିଓ କାର୍ଯ୍ୟକ୍ରମ



ପଞ୍ଚାମୁଣ୍ଡାଇ, ୨୮।୬ (ସଂଚାର ବ୍ୟୁରୋ): ପଞ୍ଚାମୁଣ୍ଡାଇ ସବଡିଭିଜନ ହସ୍ପିଟାଲ ପକ୍ଷରୁ ପଲ୍ସ ପୋଲିଓ ଟୀକା ଦାନ ଅଭିଯାନ ଆରମ୍ଭ କରାଯାଇଛି । ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା ନିରାକାର ପରିଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପଞ୍ଚାମୁଣ୍ଡାଇ ବ୍ଲକ ଓ ମୁନସିପାଲିଟି ଅଂଚଳରେ ୮୩ ବୁଥ ରେ ପୋଲିଓ ଟୀକାଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ଜନ୍ମରୁ ୫ ବର୍ଷର ୧୩୫୫୦ଜଣ ଶିଶୁ ପୋଲିଓ ବୁନ୍ଦା ଖାଇଥିଲେ। ଏହି କାର୍ଯ୍ୟକ୍ରମକୁ ନୃସିଂହ ଚରଣ ଦାସ, ଚିତ୍ତରଞ୍ଜନ ଚାନ୍ଦ, ସଞ୍ଜୟ କୁମାର ଦାସ, ପ୍ରିୟଦର୍ଶିନୀ ଦିପ୍ତିମୟୀ ସାହୁ ଓ ସମସ୍ତ ସୁପରଭାଇଜର ମାନେ ପରିଚାଳନା କରିଥିଲେ । ଆସନ୍ତା ୨ଦିନ ଧରି ସମସ୍ତ ଶିଶୁମାନଙ୍କୁ ଘରକୁ ଘର ବୁଲି ଟୀକା ଦାନ କରିବାର କାର୍ଯ୍ୟକ୍ରମ ରହିଛି ।

## ୧୭,୨୮୭ ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ



ବୋରିଗୁମ୍ମା, ୨୮।୬ (ସଂଚାର ବ୍ୟୁରୋ): ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ନିର୍ଦ୍ଦେଶାଳୟର ନିର୍ଦ୍ଦେଶ କ୍ରମେ ବୋରିଗୁମ୍ମା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଆଜି ବ୍ଲକର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର, ଅଙ୍ଗନବାଡ଼ି କେନ୍ଦ୍ର ଏବଂ ଟ୍ରାନଜିଟ ପଏଣ୍ଟରେ ପୋଲିଓ ବୁନ୍ଦା ପ୍ରଦାନ କରାଯାଇଛି। ବୋରିଗୁମ୍ମା ବ୍ଲକ୍ ଅନ୍ତର୍ଗତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ସମସ୍ତ ୧୬୭ ବୁଥ୍ ପଏଣ୍ଟରେ ଜନ୍ମରୁ ୫ ବର୍ଷ ବୟସର ମୋଟ ୧୭୨୮୭ ଜଣ ଶିଶୁଙ୍କୁ ପୋଲିଓ ପ୍ରତିଷେଧକ ଦୁଇ ବୁନ୍ଦା ଔଷଧ ଦିଆଯାଇଛି। ପୋଲିଓ ଟିକା ପାଇ ନଥିବା ଶିଶୁଙ୍କୁ ଆଗାମୀ ସୋମବାର ଏବଂ ମଙ୍ଗଳବାର ଦୁଇ ଦିନ ଘରକୁ ଘର ବୁଲି ସ୍ୱାସ୍ଥ୍ୟ କର୍ମୀମାନେ ଟୀକା ପ୍ରଦାନ କରିବେ।

## ପ୍ରଥମ ଦିନରେ ୯୦% ଶିଶୁଙ୍କୁ ପୋଲିଓ ବୁନ୍ଦା

କୋରାପୁଟ,୨୮।୬ (ସଂଚାର ବ୍ୟୁରୋ): କୋରାପୁଟ ଜିଲ୍ଲାରେ ସାର୍ବଜନୀନ ପଲସ ପୋଲିଓ ଅଭିଯାନକୁ ନେଇ ଅଭୂତପୂର୍ବ ସଫଳତା ମିଳିଛି। ପ୍ରଥମ ଦିନରେ ହିଁ ଜିଲ୍ଲାର ପ୍ରାୟ ୯୦ ପ୍ରତିଶତ ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯାଇଛି। ବାକି ରହିଥିବା ଶିଶୁମାନଙ୍କ ପାଇଁ ଘରକୁ ଘର ଯାଇ ଟୀକାକରଣ କରିବାକୁ ସ୍ୱାସ୍ଥ୍ୟ ବିଭାଗ ପ୍ରସ୍ତୁତ ହୋଇଛି। କୋରାପୁଟ ପୌରାଞ୍ଚଳର ଗାନ୍ଧୀନଗର ସ୍ୱାସ୍ଥ୍ୟ କେନ୍ଦ୍ରରୁ ରବିବାର ଦିନ ସାର୍ବଜନୀନ ପଲସ ପୋଲିଓ ଅଭିଯାନର ଶୁଭାରମ୍ଭ କରିଛନ୍ତି ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ। ଜନ୍ମରୁ ୫ ବର୍ଷ ବୟସ ପର୍ଯ୍ୟନ୍ତ ପ୍ରତ୍ୟେକ ଶିଶୁଙ୍କୁ ପୋଲିଓରୁ ସୁରକ୍ଷା ଦେବା ଲକ୍ଷ୍ୟରେ ଜିଲ୍ଲାର ୧୫୯୦ଟି କେନ୍ଦ୍ରରେ ଏହି ଟୀକାକରଣ କାର୍ଯ୍ୟକ୍ରମ ଚାଲିଛି। ଚଳିତ ଅଭିଯାନରେ ଜିଲ୍ଲାର ୧ ଲକ୍ଷ ୫୯ ହଜାର ୪୬୬ ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।



# କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କେନ୍ଦ୍ରାପଡ଼ା ଗସ୍ତ

### ବଳଦେବଜୀୟୁଙ୍କୁ କଲେ ଦର୍ଶନ

### ମାଟ୍ରିକ ଓ ଯୁକ୍ତ ଦୁଇ ବିଦ୍ୟାର୍ଥୀଙ୍କୁ କଲେ ସମ୍ମାନିତ



କେନ୍ଦ୍ରାପଡ଼ା,୨୮।୬(ସଂଚାର ବ୍ୟୁରୋ): କେନ୍ଦ୍ର ଶିକ୍ଷା ଓ କୌଶଳ ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏକ ସାମାଜିକ କାର୍ଯ୍ୟକ୍ରମରେ ଯୋଗଦେବା ନିମେନ୍ତ କେନ୍ଦ୍ରାପଡ଼ା ଜିଲ୍ଲା ଗସ୍ତରେ ଆଜି ଆସିଥିଲେ। ପୂର୍ବାହ୍ଣ ୧୧ଟା ସମୟରେ କେନ୍ଦ୍ରାପଡ଼ାରେ ପହଞ୍ଚିବା ପରେ ଦୁହୁରିଆଠାରେ ହଜାର ହଜାର ବିଜେପି ନେତା ଓ କର୍ମୀ ତାଙ୍କୁ ସ୍ୱାଗତ କରିଥିଲେ ।

ସେ କେନ୍ଦ୍ରାପଡାର ଆରାଧ୍ୟ ପ୍ରଭୁ ଶ୍ରୀବଳଦେବଜୀଉଙ୍କ ମନ୍ଦିର ଯାଇ ଶ୍ରୀଜୀଉଙ୍କୁ ଦର୍ଶନ କରିଥିଲେ । ମନ୍ଦିରରେ ଏକ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ରହି ପୂଜାପାଠ କରିଥିଲେ। ମନ୍ଦିରର ବିକାଶ କିପରି ହୋଇ ପାରିବ ସେ ସଂପର୍କରେ ଟ୍ରଷ୍ଟି ଓ ସେବାୟତମାନଙ୍କ ସହିତ କିଛି ସମୟ ଆଲୋଚନା କରିଥିଲେ । ପରେ ଗଣମାଧ୍ୟମ ସମ୍ମୁଖରେ ପ୍ରତିକ୍ରିୟା ରଖି କହିଥିଲେ କି ମୁଁ ଖୁବ୍ ଶୀଘ୍ର ମୁଖ୍ୟମନ୍ତ୍ରୀ ଏବଂ ସଂସ୍କୃତି ବିଭାଗ ମନ୍ତ୍ରୀଙ୍କ ସହ ଆଲୋଚନା କରିବା ସହିତ କିଭଳି ମନ୍ଦିର ଉନ୍ନତିକରଣ କାର୍ଯ୍ୟ କରାଯିବ ସେନେଇ ଚିନ୍ତା କରୁଛି ।

ପରେ ପରେ ତାଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ଓଏସଡିଙ୍କ ବାସଗୃହ କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ପାଳକଣା ଗ୍ରାମକୁ ଯାଇ ବିବାହ ଭୋଜିରେ ଯୋଗ ଦେଇଥିଲେ । ସେଠାରୁ ଫେରି ଗୋପସ୍ଥିତ କମଳ ଭବନରେ ବରିଷ୍ଠ ବିଜେପି ନେତା ଭୁବନମୋହନ ଜେନାଙ୍କ ଦ୍ୱାରା ଆୟୋଜିତ ଉତ୍ସବରେ କେନ୍ଦ୍ରାପଡ଼ା ଜିଲ୍ଲାର ମାଟ୍ରିକ ଏ-ଗ୍ରେଡ ଛାତ୍ରଛାତ୍ରୀ ଏବଂ ଯୁକ୍ତ ଦୁଇର ଶ୍ରେଷ୍ଠ ଏକଶତ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରିଥିଲେ ।

## ଆଜି ଜ୍ୟେଷ୍ଠ ପୂର୍ଣ୍ଣିମା, ବଳଦେବଜୀଉ ମନ୍ଦିରରେ ଚୂଡ଼ାନ୍ତ ପ୍ରସ୍ତୁତି

କେନ୍ଦ୍ରାପଡ଼ା,୨୮।୬(ସଂଚାର ବ୍ୟୁରୋ): ଆଜି ଜ୍ୟେଷ୍ଠ ପୂର୍ଣ୍ଣିମା ବା ସ୍ନାନ ପୂର୍ଣ୍ଣିମା। ଏହାକୁ ନେଇ ତୁଳସୀକ୍ଷେତ୍ର କେନ୍ଦ୍ରାପଡ଼ାର ଇଚ୍ଛାପୁରସ୍ଥିତ ସିଦ୍ଧ ବଳଦେବଜୀଉ ମନ୍ଦିରରେ ରବିବାର ଦିନଠୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଛି। ମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ଜାଣିବାକୁ ମିଳିଛି। ଯାହାଫଳରେ ଉତ୍ସବମୁଖର ହୋଇଉଠିଛି ବଳଦେବଜୀଉ ମନ୍ଦିର ପରିସର। ନିତ୍ୟନୀତି ପରେ ଘଣ୍ଟ, ଖୋଳ ଓ ସଂକୀର୍ତ୍ତନରେ ପରିବେଶ ଭକ୍ତିମୟ ହୋଇଉଠିଛି। ସ୍ନାନ ପୂର୍ଣ୍ଣିମା ଅବସରରେ ପ୍ରଭୁଙ୍କ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହେବ। ଏନେଇ ମନ୍ଦିର ପ୍ରଶାସନ ପକ୍ଷରୁ ଚୂଡ଼ାନ୍ତ ପ୍ରସ୍ତୁତି କରାଯାଇଛି। ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଭକ୍ତମାନେ ଭଜନ, କୀର୍ତ୍ତନ ଓ ନାମସଂକୀର୍ତ୍ତନରେ ମଗ୍ନ ହୋଇଛନ୍ତି। ଆଜି ସ୍ନାନ ପୂର୍ଣ୍ଣିମାକୁ ନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ବ୍ୟାପକ ଉତ୍ସାହ ଦେଖିବାକୁ ମିଳିବ ବୋଲି ଭକ୍ତ ମାନେ ମତବ୍ୟକ୍ତ କରିଛନ୍ତି।

## ରାସ୍ତା କଡ଼ରୁ ନବଜାତ ଶିଶୁପୁତ୍ର ଉଦ୍ଧାର



ଢେଙ୍କାନାଳ, ୨୮।୬ (ସଂଚାର ବ୍ୟୁରୋ): ଢେଙ୍କାନାଳରେ ଅମାନବୀୟ ଘଟଣା। ରାସ୍ତା କଡ଼ରେ ପଡ଼ିଥିବା ଏକ ଜରି ବ୍ୟାଗ୍ ଭିତରୁ ନବଜାତ ଶିଶୁପୁତ୍ରକୁ ଉଦ୍ଧାର। ଶିଶୁଟିକୁ ତୁରନ୍ତ ଚିକିତ୍ସାଳୟକୁ ନିଆଯାଇଥିଲେ ମଧ୍ୟ ତାଙ୍କୁ ମୃତ ଘୋଷଣା କରିଛନ୍ତି ଡାକ୍ତର। ଘଟଣାର ତଦନ୍ତ ଜାରି ରଖିଛି ପୋଲିସ।

ଢେଙ୍କାନାଳ ଟାଉନ ଥାନା ଅନ୍ତର୍ଗତ ରାମେଶ୍ୱରପୁର ଓଭରବ୍ରିଜ୍ ନିକଟ ରାସ୍ତା କଡ଼ରେ ପଡ଼ିଥିବା ଏକ ଜରି ବ୍ୟାଗ୍‌କୁ ଦେଖି ସନ୍ଦେହ ହୋଇଥିଲା ସ୍ଥାନୀୟ ଲୋକଙ୍କର। ବ୍ୟାଗ୍ ଖୋଲି ଦେଖିବା ପରେ ସେଥିରେ ଜଣେ ନବଜାତ ଶିଶୁପୁତ୍ର ଥିବା ଜଣାପଡ଼ିଥିଲା। ଘଟଣା ସମ୍ପର୍କରେ ସ୍ଥାନୀୟ ଲୋକେ ତୁରନ୍ତ ୧୦୮ ଆମ୍ବୁଲାନ୍ସ ଓ ଟାଉନ ଥାନା ପୁଲିସକୁ ସୂଚନା ଦେଇଥିଲେ। ଆମ୍ବୁଲାନ୍ସ ଯୋଗେ ଶିଶୁଟିକୁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ପରେ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି।

# ସରକାରୀ ଜମିରେ ଅବୈଧ ଘର ନିର୍ମାଣ ଜାରି



ରାଇଘର, ୨୮।୬ (ସଂଚାର ବ୍ୟୁରୋ): ରାଇଘର ବ୍ଲକର ଡ଼ି. ଏନ. କେ ସାହିରେ ଜଣେ ବ୍ୟକ୍ତି ବିଶ୍ୱନାଥ ମଣ୍ଡଳ ସରକାରୀ ଜମିରେ ଘର ନିର୍ମାଣ କରିଛନ୍ତି। ଆଜି ତହସିଲ ଅଫିସ କାର୍ଯ୍ୟାଳୟରୁ ରାଜସ୍ୱ ନିରୀକ୍ଷକ ଅନନ୍ତ ଚୌଧୁରି, ସହକାରୀ ରାଜସ୍ୱ ନିରୀକ୍ଷକ ରଣଦୀପ ମଣ୍ଡଳ, କର୍ମଚାରି ବିଷ୍ଣୁ ଗୌଡ଼, କର୍ମଚାରୀ ବିପିନ ସାନ୍ତା ପହଞ୍ଚି ଏହି ଅବୈଧ ଘର ନିର୍ମାଣକୁ ବନ୍ଦ କରେଇଥିଲେ। କିନ୍ତୁ କର୍ମଚାରୀ ଯିବାର କିଛି ଘଣ୍ଟା ପରେ ପୁଣି ଏହି ବେନିୟମ ଭାବେ ଘର କାମ ଜାରି ରହିଛି।

ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଦୀର୍ଘଦିନ ଧରି ସରକାରୀ ଜମି ଅତିକ୍ରମଣ ବଢ଼ି ଚାଲିଛି। ପ୍ରଥମେ ଅସ୍ଥାୟୀ ଭାବେ ନିର୍ମାଣ କରାଯାଇଥିବା ବେଳେ ବର୍ତ୍ତମାନ ପକ୍କା ଘର ତିଆରି କାମ ଚାଲିଥିବା ଦେଖିବାକୁ ମିଳୁଛି। ସବୁକିଛି ସାର୍ବଜନୀନ ଭାବରେ ହେଉଥିବା ସତ୍ତ୍ୱେ ସମ୍ପୃକ୍ତ ବିଭାଗ କିମ୍ବା ପ୍ରଶାସନ ପକ୍ଷରୁ କୌଣସି ଦୃଢ଼ ପଦକ୍ଷେପ ନିଆଯାଉ ନଥିବା ଅଭିଯୋଗ ହେଉଛି।

ବିଶେଷଜ୍ଞମାନଙ୍କ ମତରେ, ସରକାରୀ ଜମି ଉପରେ ଅତିକ୍ରମଣକୁ ସମୟରେ ରୋକାଯାଇ ନଥିଲେ ଭବିଷ୍ୟତରେ ଏହା ବଡ଼ ସମସ୍ୟାର ରୂପ ନେଇପାରେ। ଏହାଦ୍ୱାରା ସରକାରୀ ସମ୍ପତ୍ତି କ୍ଷତିଗ୍ରସ୍ତ ହେବା ସହ ସାଧାରଣ ଲୋକଙ୍କ ସ୍ୱାର୍ଥ ମଧ୍ୟ ପ୍ରଭାବିତ ହୋଇପାରେ। ତେଣୁ ଅଭିଯୋଗର ସତ୍ୟାସତ୍ୟ ଯାଞ୍ଚ କରି ଆବଶ୍ୟକ ଆଇନଗତ ପଦକ୍ଷେପ ନେବା ଆବଶ୍ୟକ ବୋଲି ସ୍ଥାନୀୟ ବାସିନ୍ଦାମାନେ ଦାବି କରିଛନ୍ତି। ଏହି ଘଟଣାକୁ ନେଇ ବର୍ତ୍ତମାନ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି।

# ଜବରଦଖଲକାରୀଙ୍କ ମନମାନୀ ଚରମ ସୀମାରେ

### ଉଚ୍ଛେଦ ପରେ ପୁଣି ଜବରଦଖଲ

### ତହସିଲ ପକ୍ଷରୁ ଥାନାରେ ଅଭିଯୋଗ



ଆନନ୍ଦପୁର, ୨୮।୬ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ଘଷିପୁରା ତହସିଲ ଅଞ୍ଚଳରେ ପୁଣି ସାମ୍ନାକୁ ଆସିଛି ଜବରଦଖଲର ଘଟଣା। ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯିବାର କିଛି ଦିନ ପରେ ପୁଣି ସେହି ସରକାରୀ ଜମିକୁ ଜବରଦଖଲ କରାଯାଇଥିବା ଅଭିଯୋଗ ହୋଇଛି। ଘଟଣାକୁ ନେଇ ତହସିଲ ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯାଇଥିବା ବେଳେ ଏବେ ପୁଲିସର ପରବର୍ତ୍ତୀ ପଦକ୍ଷେପ ଉପରେ ସମସ୍ତଙ୍କ ନଜର ରହିଛି।

ଘଷିପୁରା ତହସିଲ ଅନ୍ତର୍ଗତ ଦରଡିପାଳ ପଞ୍ଚାୟତର ବାଲିପାଳ ଗ୍ରାମରେ ରାସ୍ତା କିସମ ସରକାରୀ ଜମିକୁ ଜବରଦଖଲ କରାଯାଇଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ପାଇବା ପରେ ଚଳିତ ମାସ ୯ ତାରିଖରେ ଘଷିପୁରା ତହସିଲ ପକ୍ଷରୁ ଘଷିପୁରା ପୋଲିସର ସହାୟତାରେ ଉକ୍ତ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ମାତ୍ର ଉଚ୍ଛେଦର କିଛି ଦିନ ପରେ ପୁଣି ସେହି ସ୍ଥାନରେ ଖୁଣ୍ଟ ପୋତି ତାର ଜାଲି ଲଗାଇ ଜବରଦଖଲ କରାଯାଇଥିବା ଦୃଶ୍ୟ ସାମ୍ନାକୁ ଆସିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି।

ଘଷିପୁରା ଅତିରିକ୍ତ ତହସିଲଦାରଙ୍କ କହିବା ଅନୁସାରେ, ଜବରଦଖଲକାରୀଙ୍କ ବିରୋଧରେ ଘଷିପୁରାକୁ ଅନଲାଇନ୍ ମାଧ୍ୟମରେ ଅଭିଯୋଗ କରାଯାଇଛି। ପୁଲିସ ତଦନ୍ତ କରି ଆଇନ ଅନୁଯାୟୀ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବ ବୋଲି ସେ ସୂଚନା ଦେଇଛନ୍ତି।

### ସାକ୍ଷୀଗୋପାଳ ସର୍ଭିସ ରୋଡ ମରାମତି ପ୍ରସଙ୍ଗ

# ତାଳିପକା କାମ, ଅସନ୍ତୋଷ ପ୍ରକାଶ କଲେ ଅଞ୍ଚଳବାସୀ



ସତ୍ୟବାଦୀ,୨୮।୬(ସଂଚାର ବ୍ୟୁରୋ: ସାକ୍ଷୀଗୋପାଳ ଓଭରବ୍ରିଜ ସଂଲଗ୍ନ ସର୍ଭିସ ରୋଡର ଦୀର୍ଘଦିନରୁ ଅଚଳ ରହିଥିବା ମରାମତି କାମକୁ ନେଇ ଅଞ୍ଚଳବାସୀଙ୍କ ଅସନ୍ତୋଷ ଜାରି ରହିଛି। ସମ୍ପୂର୍ଣ୍ଣ ରାସ୍ତାର ପୁନଃନିର୍ମାଣ ପରିବର୍ତ୍ତେ ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ) କେବଳ କେତେକ ସ୍ଥାନରେ ତାଳିପକା କାମ କରି ଛାଡ଼ି ଦେଇଥିବାରୁ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ଦୀର୍ଘଦିନ ଧରି ଏହି ରାସ୍ତାର ପିଚୁ ଉଠାଇ ରଖାଯାଇଥିବା ବେଳେ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶ ଓ ସାମାଜିକ ଗଣମାଧ୍ୟମରେ ଜନସାଧାରଣଙ୍କ ପ୍ରତିବାଦ ସତ୍ତ୍ୱେ ସମ୍ପୂର୍ଣ୍ଣ ମରାମତି କାମ ହୋଇପାରି ନାହିଁ। ବର୍ତ୍ତମାନ କେବଳ ଖାଲଖମା ସ୍ଥାନରେ ତାଲି ପକାଇ କାମ ଶେଷ କରାଯାଇଥିବାରୁ ଏହା ସ୍ଥାୟୀ ସମାଧାନ ନୁହେଁ ବୋଲି ସ୍ଥାନୀୟ ବାସିନ୍ଦାମାନେ ମତ ପ୍ରକାଶ କରିଛନ୍ତି। ଆଗକୁ ପବିତ୍ର ରଥଯାତ୍ରା ଥିବାରୁ ଏହି ରାସ୍ତା ଦେଇ ବହୁ ସଂଖ୍ୟକ ଯାନବାହନ ଯାତାୟାତ କରିବ। ଏପରି ସ୍ଥିତିରେ କେବଳ ତାଳିପକା କାମ ଦୁର୍ଘଟଣା ରୋକିବାରେ ସଫଳ ହେବ କି ନାହିଁ, ତାହାକୁ ନେଇ ସନ୍ଦେହ ପ୍ରକାଶ ପାଇଛି।

ଯଦି ସମ୍ପୂର୍ଣ୍ଣ ମରାମତି କରିବାର ଯୋଜନା ନଥିଲା, ତେବେ ରାସ୍ତାକୁ କାହିଁକି ଖୋଳାଯାଇଥିଲା ବୋଲି ଅଞ୍ଚଳବାସୀ ପ୍ରଶ୍ନ ଉଠାଇଛନ୍ତି। ଯାତାୟାତ ସୁରକ୍ଷାକୁ ଦୃଷ୍ଟିରେ ରଖି ଜାତୀୟ ରାଜପଥ କର୍ତ୍ତୃପକ୍ଷ ତୁରନ୍ତ ସମ୍ପୂର୍ଣ୍ଣ ରାସ୍ତାର ପୁନଃନିର୍ମାଣ କାମ ଶେଷ କରିବାକୁ ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି।

### ବାଲକାଟି ଖଣ୍ଡିଆପାଟଣା ଚୋରି ଘଟଣା

## ପୁଲିସକୁ ବଡ଼ ସଫଳତା, ୭ ଚୋର ଗିରଫ



ଲୁଟିଥିଲେ ୨୫ ଲକ୍ଷର ଅଳଙ୍କାର ଓ ନଗଦ ଟଙ୍କା

ଆଳି,୨୮।୬ (ସଂଚାର ବ୍ୟୁରୋ): ବନ୍ଧୁକ ମୁନରେ ଲୁଟିନେଇଥିଲେ ୨୫ ଲକ୍ଷ ଟଙ୍କାର ସୁନା ଅଳଙ୍କାର ସହ ନଗଦ ଟଙ୍କା । ଏହି ଲୁଟ୍ ଘଟଣାରେ ଆଳି ପୋଲିସ କୁ ମିଳିଛି ବଡ଼ ସଫଳତା । ୭ଜଣ ଚୋରଙ୍କୁ କୋର୍ଟ ଚାଲାଣ କରିଥିବା ବେଳେ ସେମାନଙ୍କ ମଧ୍ୟରେ ବିଘ୍ନେଶ୍ୱର ମଲିକ (୨୭) ପଙ୍କି ରାଜକନିକା, ଭଜୁ ତରାଇ (୨୨) ଦକ୍ଷିଣ ଧାମରା,କୀର୍ତ୍ତନ ସାମଲ (୩୨)ଦକ୍ଷିଣଧାମରା, ପୃଥିରାଜ ଦଳାଇ (୨୪)ଦକ୍ଷିଣ ଧାମରା, ଶଶିକାନ୍ତ ବେହେରା (୨୨) ଦକ୍ଷିଣ ଧାମରା,ଭଞ୍ଜ କିଶ୍ୱର ବାରକି (୨୮) ବନସଦ ଭଦ୍ରକ, ପ୍ରଦୀପ ଜେନା (୨୮)ବନସଦ ଭଦ୍ରକ, ଥିବା ବେଳେ ଚୋରଙ୍କ ପାଖରୁ ଉଦ୍ଧାର ହୋଇଛି ୬୦ ଗ୍ରାମ ସୁନା ଓ ରୂପା ଅଳଙ୍କାର ୩ଟି ତେଲେଙ୍ଗାନା କଟୁରୀ ଓ ୧୨ଟି ମୋବାଇଲ ଓ ୩ଟି ମଟରସାଇକେଲ ଜବତ କରିଛି।

ଜୁନ ୫ ତାରିଖ ସନ୍ଧ୍ୟା ପ୍ରାୟ ୮ଟା ସମୟରେ ୧୨ ଜଣ ଡକାୟତ ହାତରେ ଭୁଜାଲି ଓ ବନ୍ଧୁକ ଧରି ଆଳି ଥାନା ଖଣ୍ଡିଆପାଟଣା ଗ୍ରାମର ପ୍ରଦୀପ ରାଉତଙ୍କ ଘରେ ପଶି ପରିବାର ଲୋକଙ୍କୁ ଜଣକ ପରେ ଜଣେ ସଦସ୍ୟଙ୍କ ବେକରେ ଭୁଜାଲି ଲଗାଇ ରୋଷେଇ ଘରେ ପୁରାଇ ବନ୍ଦ କରିଦେବା ପରେ ଘରେ ଥିବା ଗଡ଼ରେଜ ଏବଂ ବାକ୍ସ ତାଡ଼ି ସୁନା ଅଳଙ୍କାର ସହିତ ନଗଦ ଟଙ୍କା ଲୁଟି ନେଇଥିଲେ । ଏହି ଅଭିଯୋଗ ପାଇ ପୁଲିସ ଛାନ ଭିନ ଜାରି ରଖିଥିଲା।

## ଉମା ମାର୍ଶାଲ ଆର୍ଟ ସ୍କୁଲ ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ବାଲିଅନ୍ତା,୨୮।୬ (ସଂଚାର ବ୍ୟୁରୋ): ଭୁବନେଶ୍ୱର ଉପକଣ୍ଠରେ ଅବସ୍ଥିତ ପବିତ୍ର ସୁଦର୍ଶନ ଦାରୁ ପୀଠରେ ଆୟୁଷ କ୍ୟାରେଟ ଏକାଡେମୀ ଅଫ ଇଣ୍ଡିଆ ଦ୍ୱାରା ଆୟୋଜିତ ଜାତୀୟସ୍ତରୀୟ ଇ କରାଟେ ପ୍ରତିଯୋଗିତାରେ ବିଜେତା ହୋଇଥିବା ଛତ୍ର ଛାତ୍ରୀମାନଙ୍କୁ ପ୍ରମାଣ ପତ୍ର ସହ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ପ୍ରଦାନ କରାଯାଇଛି। ଏକ ଭବ୍ୟ ସମାରୋହରେ ଅତିଥି ରୂପେ ଯୋଗଦେଇ ଶିକ୍ଷାବିତ୍ ବିଧୁଭୂଷଣ ପଟ୍ଟନାୟକ, ସମାଜସେବୀ ରଞ୍ଜନ କୁମାର ମହାପାତ୍ର, ପ୍ରକୃତିବନ୍ଧୁ ଦିନବନ୍ଧୁ ଭୋଇ, ପ୍ରିୟବ୍ରତ ପାତ୍ର, ବ୍ରଜକିଶୋର ଠକ୍କର, ଅନିଲ ସ୍ୱାଇଁ, ରଞ୍ଜିତ ମହାରଣା ଓ ଲକ୍ଷ୍ମଣ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା କାର୍ଡ ବଣ୍ଟନ



କାକଟପୁର/ଅସ୍ତରଙ୍ଗ, ୨୮।୬ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ଅସ୍ତରଙ୍ଗ ପଂଚାୟତ କୁହୁଡି ଗ୍ରାମର ୮ନଂ ୱାର୍ଡରେ ରବିବାର ଖୁସିର ମାହୋଲ। ରାଜ୍ୟ ସରକାରଙ୍କ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା କାର୍ଡ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ବଣ୍ଟନ କରାଯାଇଛି। ଅସ୍ତରଙ୍ଗ ପଂଚାୟତ ନାଏବ ସରପଞ୍ଚ ତଥା ୮ନଂ ୱାର୍ଡ ମେମ୍ବର ସ୍ନେହଲତା ମଲ୍ଲିକ ନିଜେ ଉପସ୍ଥିତ ରହି ପ୍ରତ୍ୟେକ ହିତାଧିକାରୀଙ୍କୁ ଏହି କାର୍ଡ ସମ୍ପର୍କରେ ବିସ୍ତୃତ ଭାବେ ବୁଝାଇ ହସ୍ତାନ୍ତର କରିଛନ୍ତି।

ରବିବାର ପୂର୍ବାହ୍ନରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ୱାର୍ଡର ପ୍ରାୟ ୬୦ରୁ ଅଧିକ ପରିବାରକୁ ଏହି କାର୍ଡ ପ୍ରଦାନ କରାଯାଇଛି। କାର୍ଡ ବଣ୍ଟନ ସମୟରେ ସ୍ନେହଲତା କହିଛନ୍ତି, "ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଗରିବ ଓ ମଧ୍ୟବିତ୍ତ ପରିବାର ପାଇଁ ଏକ ବରଦାନ। ଏହି କାର୍ଡ ମାଧ୍ୟମରେ ହିତାଧିକାରୀମାନେ ପ୍ରତି ମାସରେ ଉଚିତ ମୂଲ୍ୟରେ ଚାଉଳ ପାଇପାରିବେ।

କାର୍ଡ ପାଇବା ପରେ ହିତାଧିକାରୀ ସୁରେନ୍ଦ୍ର ନାୟକ କହିଛନ୍ତି, "ଆଗରୁ ରାସନ ଆଣିବାକୁ ବହୁତ ଅସୁବିଧା ହେଉଥିଲା। ଏବେ ଏହି ନୂଆ କାର୍ଡ ଦ୍ୱାରା ସବୁ ସୁବିଧା ଗୋଟିଏ ଜାଗାରେ ମିଳିବ। ୱାର୍ଡ ମେମ୍ବର ଘରକୁ ଘର ବୁଲି ବୁଝାଇବା ସହ କାର୍ଡ ଦେଲେ, ଏଥିପାଇଁ ଆମେ କୃତଜ୍ଞ।"

ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ଓଡ଼ିଶା ସରକାରଙ୍କ ଏକ ମହତ୍ୱାକାଂକ୍ଷୀ ଯୋଜନା। ଏହି କାର୍ଡରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ମୁଖ୍ୟମନ୍ତ୍ରୀଙ୍କ ଫଟୋ ସହ ଯୋଜନାର ଲୋଗୋ ରହିଛି। ୱାର୍ଡ ମେମ୍ବର ତଥା ନାଏବ ସରପଞ୍ଚ ସ୍ନେହଲତା ମଲ୍ଲିକଙ୍କ ଏହି ତ୍ୱରିତ ପଦକ୍ଷେପ ଓ ଲୋକଙ୍କୁ ସଚେତନ କରିବା କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳରେ ବେଶ୍ ପ୍ରଶଂସା କରାଯାଉଛି।

## ୧୬ ନାଗସାପ ଛୁଆ ଉଦ୍ଧାର

ଯାଜପୁର ରୋଡ୍,୨୮।୬(ସଂଚାର ବ୍ୟୁରୋ): ବ୍ୟାସନଗର ପୌରାଂଚଳ ସହରର ଜଣାଶୁଣା ସମାଜସେବୀ ତଥା ସ୍ନେକହେଲ୍ପ ଲାଇନ ସଦସ୍ୟ ମଣିଭଦ୍ର ମଲ୍ଲିକ ଦାନଗଦି ବ୍ଲକ ଅନ୍ତର୍ଗତ କୁମ୍ଭିରିଗାଡ଼ିଆ ଗାଁର ଜୈନକ ବ୍ୟକ୍ତିଙ୍କ ଘର ନିର୍ମାଣ ପାଇଁ ରଖାଯାଇଥିବା ପଥର ମଧ୍ୟରୁ ୧୬ଟି ନାଗ ସାପ ଛୁଆକୁ ଉଦ୍ଧାର କରିଛନ୍ତି। ସମସ୍ତ ସାପକୁ ସ୍ଥାନୀୟ ଜଙ୍ଗଲରେ ଛାଡ଼ିଦେଇଥିଲେ। ସ୍ନେକ ହେଲ୍ପ ଲାଇନ୍ ସଦସ୍ୟ ମଣିଭଦ୍ର ମଲ୍ଲିକ'ଙ୍କ ଏଭଳି ସେବା ମନୋବୃତ୍ତି ଲାଗି ବିଷଧର ଜୀବମାନଙ୍କ ଜିବନ ରକ୍ଷା ହେବା ସହ ମଣିଷ ମାନଙ୍କର ଜିବନ ମଧ୍ୟ ଏପରି ବିଷଧର ସାପ ମାନଙ୍କ ଦାଉରୁ ରକ୍ଷା ମିଳୁଅଛି। ତେବେ ପରେ ସାପ ଛୁଆ ମାନଙ୍କ ମାଆ ସାପକୁ ଧରାଯିବ ବୋଲି ସ୍ନେକ ହେଲ୍ପଲାଇନ ସଦସ୍ୟ ମଲ୍ଲିକ କହିଛନ୍ତି।



## ମୟୂର ସାହିତ୍ୟ ସଂସଦର ବର୍ଷା କବିତା ଆସର




ବେତନଟୀ, ୨୮।୬ (ସଂଚାର ବ୍ୟୁରୋ): ବେତନଟୀର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ "ମୟୁର ସାହିତ୍ୟ ସଂସଦ" ତରଫରୁ ଆଦ୍ୟ ଆଷାଢ଼ରେ ବର୍ଷା ଆଗମନକୁ ସ୍ୱାଗତ ପୂର୍ବକ କବିତା ଆସର ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଶ୍ରୀମା ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ସଂସଦର ସଭାପତି ବିପ୍ଲବୀ କବି ଭାସ୍କର ଚନ୍ଦ୍ର ଦ୍ୱିବେଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବହୁ ଲେଖକ ଓ କବି ଉପସ୍ଥିତ ରହି ଏଲ- ନିନୋ ର ପ୍ରଭାବ ଓ ବିଳମ୍ବିତ ବର୍ଷା, ଚାଷୀକୂଳଉପରେ ତାର ପ୍ରଭାବ ଶୀର୍ଷକ ସ୍ୱରଚିତ କବିତା ଗୁଡିକ ଆବୃତ୍ତି କରିଥିଲେ। କବିତା ଗୁଡିକର ସଂଯୋଜନା ସଂପାଦକ ନିରୋଦ ସୁନ୍ଦର ଜେନା କରିଥିଲେ ।

କବୟିତ୍ରୀ ମିନତି ସିଂହ, ସବିତା ମହାନ୍ତି, ଜୟଶ୍ରୀ ଉପାଧ୍ୟାୟ, କବି ଡଃ ସତ୍ୟସୁନ୍ଦର ଦାସ,ମୀନକେତନ ମହାନ୍ତି, ସଚ୍ଚିଦାନନ୍ଦ ମହାନ୍ତି, ନିରୋଦ ସୁନ୍ଦର ଜେନା, ଯତିନ୍ଦ୍ର ନାଥ ସାହୁ, ବାସୁଦେବ ନାପିତ ପ୍ରମୁଖ କବିତା ପାଠ ଏବଂ ଗୌତମ ଚନ୍ଦ୍ର ବେହେରା, ପର୍ଶୁରାମ ସାହୁ ଓ ସଭାପତି ଦ୍ୱିବେଦୀ ଆଷାଢ଼ର ବର୍ଷାର ପ୍ରଭାବ ପ୍ରକୃତି ଓ ଜନଜୀବନ ସମ୍ବନ୍ଧରେ ମୂଲ୍ୟବାନ୍ ବକ୍ତବ୍ୟ ରଖିଥିଲେ ।

## ସିଟି salad

### ଉପମୁଖ୍ୟମନ୍ତ୍ରୀଙ୍କ ଘର ନା ବିମାନବନ୍ଦର

ରାଜଭବନ ସାମ୍ନାରେ ଗାଡି ରଖିଦେଇ ତିନି ଚାରିଜଣ ମନଇଚ୍ଛା ଗାଳି କରୁଥାନ୍ତି। ଭିଭିଆଇ ଅଞ୍ଚଳରେ ଏଭଳି ଅଘଟଣ ଦେଖି ଆମେ ଟିକେ ଅଟକିଗଲୁ। କାନପାତି ଶୁଣିଲା ବେଳକୁ ଜଣାପଡିଲା ଯେ ଉପମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ବାବୁମାନେ ଆସିଥିଲେ। ଖୋଜି ଖୋଜି ସରକାରୀ କ୍ୱାର୍ଟର୍ସଟି ପାଇଲେ। ହେଲେ ସେଠାକାର ସୁରକ୍ଷା ବ୍ୟବସ୍ଥା ଦେଖି ସେମାନଙ୍କୁ ବିମାନବନ୍ଦର ଚେକିଂ ଭଳି ଲାଗିଲା। ପ୍ରଥମେ ସୁରକ୍ଷାକର୍ମୀ ଏକାଧିକ ପ୍ରଶ୍ନ ପଚାରିଲେ। ପରେ କହିଲେ ଏଠାରେ ମୋବାଇଲ ରଖିଲେ ଭିତରକୁ ଯିବା। ମୋବାଇଲ ରଖିବା କଥା ଶୁଣି ସେମାନେ କାବା ହୋଇଗଲେ। ଏଥିରେ ରାଜି ହେବାରୁ ସୁରକ୍ଷାକର୍ମୀ ଭିତରକୁ ଫୋନ୍ କଲେ। ସେତେବେଳକୁ ବାବୁମାନେ ଗୋଟିଏ ଜରି ମୁଣାରେ ମୋବାଇଲ୍ ପୂରାଇ ସୁରକ୍ଷାକର୍ମୀଙ୍କ ନିକଟରେ ରଖିଥାନ୍ତି। ଫୋନ୍ କରିସାରି ସୁରକ୍ଷା ବାବୁ କହିଲେ ଭିତରକୁ ଗାଡି ଯାଇପାରିବ ନାହିଁ। ତୁମ ସମସ୍ତଙ୍କୁ ଯାଞ୍ଚ କରାଯିବ। ଏକଥା ଶୁଣିବାପରେ ବାବୁମାନେ କହିଲେ ଏଇଟା ଉପମୁଖ୍ୟମନ୍ତ୍ରୀ ଘର ନା ବିମାନ ବନ୍ଦର। ଏତକ କଥା ଶୁଣିବାପରେ ସୁରକ୍ଷାକର୍ମୀ ସେମାନଙ୍କୁ ଗାଳି ମନ୍ଦ କରି ତଡିଦେଲା। ଗାଳି ଖାଇ ସାରିବାପରେ ଜଣେ ବାବୁ ପଚାରିଲେ ଗାଡି ରଖିବାକୁ ସ୍ଥାନ ନଥିବାରୁ ସିନା ଆମ କାର ଛାଡିଲନି, ହେଲେ ଫୋନ୍ ଗୁଡାକ କାହିଁକି ଛାଡୁନ। ଗାଳି କରୁଥିବା ସୁରକ୍ଷାକର୍ମୀ କହିଲେ, ବୁଝିଲ ଅଳ୍ପଦିନ ତଳେ ଫଟୋ ଭାଇରାଲ ଯୋଗୁଁ ଉପମୁଖ୍ୟମନ୍ତ୍ରୀ ବଦନାମ ହୋଇଥିଲେ। ସେବେଠାରୁ ଫୋନ୍ ଭିତରକୁ ଛଡାଯାଉ ନାହିଁ। ଏହାଛଡା କିଛି ବାବୁ ଭିତରକୁ ଯାଇ ବଙ୍ଗଳାର ଫଟୋ ଉଠାଉଥିବାରୁ ଏଭଳି ବାରଣ ହୋଇଛି। କଟକଣା ଯୋଗୁଁ ଉପମୁଖ୍ୟମନ୍ତ୍ରୀଙ୍କୁ ଭେଟି ନପାରି ସେଠୁ ଫେରିବାପରେ ବାବୁମାନେ ରାଜଭବନ ଆଗରେ ରାଗ ସାରୁଥିବାର ବୁଝିବାପରେ ଆମେ ସେ ସ୍ଥାନ ଛାଡି ପଳାଇ ଆସିଲୁ।




### ଚିନ୍ତାରେ ପ୍ରଭାତଙ୍କ ରକ୍ତହୀନତା ରୋଗ



କଟକୀ ନେତା ପ୍ରଭାତ ବିଶ୍ୱାଳଙ୍କୁ ରକ୍ତହୀନତା ରୋଗ। ଏଥିପାଇଁ ସେ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବାର ସଚିତ୍ର ଖବର ପ୍ରକାଶ ପାଇବାପରେ ଏବେ ଚର୍ଚ୍ଚା ଜୋର ଧରିଛି। ସୁସ୍ଥ ସବଳ ପ୍ରଭାତ ବାବୁଙ୍କ ଠାରେ ରକ୍ତହୀନତା କାହିଁକି ଦେଖାଦେଲା। ତେବେ ତାଙ୍କର କିଛି କଟକୀ ଭକ୍ତଙ୍କ କହିବାକଥା ଯେ ଯେବେଠାରୁ ସାଂସଦ ସାମନ୍ତରାୟ ବାବୁ ପଦ୍ମ ପୋଖରୀରେ ବୁଡ ପକାଇଲେଣି ସେବେଠାରୁ ବାବୁଙ୍କର ଟେନ୍‌ସନ ବଢି ବଢି ଚାଲିଛି। ଏହାର ପ୍ରତିଫଳନ ହେଉଛି ତାଙ୍କର ରକ୍ତହୀନତା ଓ ସ୍ୱାସ୍ଥ୍ୟ ବିଗିଡିବା। କାରଣ ନବୀନ ନିବାସରେ ଗଣ୍ଡଗୋଳ ଠାରୁ ଆରମ୍ଭ କରି ବିଜେଡିକୁ ଗାଳିଦେବାପରେ ବାବୁ ଭାବିଥିଲେ ପଦ୍ମ ଶିବିରରୁ ତାଙ୍କୁ ଡାକରା ଆସିବ। ଏମିତି ତ କଟକରେ ପଦ୍ମ ଶିବିରରେ ପଦ ପଦବୀ ଫାଙ୍କା ପଡିଛି। ବାବୁ ଯଦି ଗେରୁଆ ପୋଷାକ ପିନ୍ଧିଥାନ୍ତେ ତେବେ ତାଙ୍କୁ କଟକ ଦାୟିତ୍ୱ ମିଳିଥାନ୍ତା। ହେଲେ ସବୁ କଳ୍ପନା ଜଳ୍ପନାର ଅନ୍ତ ଘଟାଇ ହଠାତ୍ ସାମନ୍ତରାୟ ବାବୁ ପଦ୍ମ ପୋଖରୀରେ ପଶିଗଲେ। ପୂର୍ବରୁ କଟକରେ ମହତାବ ବାବୁ ଥିଲେ ଓ ଏବେ ସାନ୍ତରାୟ ବାବୁ। ତେଣୁ ପ୍ରଭାତଙ୍କପାଇଁ ଆଉ ସୁଯୋଗ ନାହିଁ। ଏଣେ ବାପ ପୁଅ ମିଶି ନିଜ ଦଳକୁ ଏମିତି ଗାଳି କରିଛନ୍ତି ସେଠାକୁ ଫେରିବାକୁ ବି ଆଉ ସୁଯୋଗ ନାହିଁ। ଗୋଟିଏ ପଟେ ନିଜ ଚିନ୍ତା ଓ ଅନ୍ୟ ପଟେ ପୁଅ ଚିନ୍ତା ଏତେ ବଢିଯାଇଛି ଯେ ବାବୁଙ୍କର କୁଆଡେ ରକ୍ତହୀନତା ଦେଖାଦେଇଛି। ତେବେ ଏହାର ତୁରନ୍ତ ଚିକିତ୍ସା ନକଲେ ବାବୁଙ୍କର କୁଆଡେ ପୁଣି ସିବିଆଇ ବେଳର ସ୍ୱାସ୍ଥ୍ୟାବସ୍ଥା ହୋଇଯିବ ବୋଲି ତାଙ୍କର କିଛି ଭକ୍ତ ଆଲୋଚନା କରୁଛନ୍ତି।

### ସବୁ ସେହି ସରକାରୀ ଘରର ଦୋଷ




ନିଜ ତୁଣ୍ଡ ଉପରେ ନିୟନ୍ତ୍ରଣ ରଖୁନଥିବା ଯୋଗାଣ ମନ୍ତ୍ରୀ ବାବୁ କୃଷ୍ଣ ଚନ୍ଦ୍ର ପାତ୍ର ସଂକ୍ରାନ୍ତରେ ତାଙ୍କର ଜଣେ ଭକ୍ତ ସତ୍ୟ ଉନ୍ମୋଚନ କରିଛନ୍ତି। ଧାନ କିଣା ହେଉ କି ଆଳୁ ଯୋଗାଣ ହେଉ, ବାବୁଙ୍କର ଅମାନିଆ ବକ୍ତବ୍ୟର କାରଣ କୁଆଡେ ସିଏ ରହୁଥିବା ଘର। ଏଭଳି ମନ୍ତବ୍ୟ ଦେଉଥିବା ବାବୁଙ୍କୁ ଆମେ ପଚାରିବାରୁ ସିଏ ବୁଝାଇ କହିଲେ, ଆଜ୍ଞା ଏ ଘରେ ଆଗରୁ ଯିଏ ରହୁଥିଲେ ତାଙ୍କର ତୁଣ୍ଡ ବି ବୋଲ ମାନୁ ନଥିଲା। ମନ୍ତ୍ରୀଙ୍କ ଠାରୁ ମୁଖ୍ୟମନ୍ତ୍ରୀଙ୍କର ପର୍ଯ୍ୟନ୍ତ ସମସ୍ତଙ୍କୁ ଘାଇଲା କରୁଥିଲେ। ତାଙ୍କ ତୁଣ୍ଡକୁ ସମସ୍ତଙ୍କର ଡର ଥିଲା। କେତେବେଳେ ପାଟିରୁ କ'ଣ ବାହାରିପଡିବ ତାକୁ ଗଣମାଧ୍ୟମ ବି ଚାହିଁ ରହୁଥିଲା। ତୁଣ୍ଡର ବାହାରୁଥିବା କଥାଗୁଡାକ ଗଣମାଧ୍ୟମର ଶିରୋନାମା ହେଉଥିଲା। ଆମେ ଟିକେ ଉତ୍ସୁକ ହୋଇ ଚାହିଁବାରୁ ବାବୁ ଜଣଙ୍କ କହିଲେ, କ'ଣ ଜାଣିପାରୁ ନାହାନ୍ତି ଆଜ୍ଞା, ସେହି ଘରେ ପରା ରହୁଥିଲେ ଦାମ ବାବୁ। ନିଜ ତୁଣ୍ଡ ପାଇଁ ବେଶ୍ ଚର୍ଚ୍ଚିତ ଥିଲେ। ଏବେ ସେହିଘରେ ରହୁଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣ ବାବୁ। ସିଏ ବି ତାଙ୍କ ତୁଣ୍ଡ ପାଇଁ ବେଶ୍ ଜଣାଶୁଣା। ତେଣୁ କୃଷ୍ଣ ବାବୁଙ୍କ ତୁଣ୍ଡ ବୋଲ ନମାନିବା ପଛର କାରଣ ହେଉଛି ସେହି ଘର। ଆଗକୁ ବି ସେହି ଘରେ ଯିଏ ରହିବ ତା ତୁଣ୍ଡ ବି ଏମିତି ବୋଲ ମାନିବ ନାହିଁ। ଏତକ ଶୁଣିବାପରେ ନିକଟରେ ଛିଡା ହୋଇଥିବା ଜଣେ ବାବୁ କହିଲେ, ଦାମଙ୍କ ତୁଣ୍ଡ ଭଳି ତାଙ୍କର ମୁଣ୍ଡ ବି ଥିଲା। ହେଲେ କୃଷ୍ଣ ବାବୁଙ୍କର ? ଏତକ ଶୁଣିବା ପରେ କୃଷ୍ଣ ଭକ୍ତ ଜଣଙ୍କ ଗରଗର ହୋଇ ସ୍ଥାନ ଛାଡି ପଳାଇଲେ।

### ପାଣି ପାଇଁ ପାଣି ଭଳି ଟଙ୍କା ଖର୍ଚ୍ଚ



ମହାନଦୀ ପାଣି ପାଇବାପାଇଁ ରାଜ୍ୟ ସରକାର ଡହଳ ବିକଳ ହେଉଥିବାବେଳେ ମହାନଦୀ ମାମଲା ବୁଝୁଥିବା ବାବୁମାନେ କିନ୍ତୁ ମଉକା ଦେଖି ଚଉକା ମାରିଛନ୍ତି। ଓଡିଶା ଗସ୍ତରେ ଆସିଥିବା ବାବୁମାନେ ଗସ୍ତ ବାବଦରେ କୁଆଡେ ୫ ଦିନରେ ପାଖାପାଖି ଅଢେଇ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ଆରଟିଆଇରେ ମିଳିଥିବା ଏହି ଖବର ଫୁଟିଆରା ହେବାପରେ ଏବେ ଓଡିଶାବାସୀଙ୍କ କାନମୁଣ୍ଡା ଝାଇଁ ମାରି ଯାଇଛି। ବାବୁମାନେ ହୋଟେଲରେ ରହିବା, ଶୀତତାପ ନିୟନ୍ତ୍ରିତ ଗାଡିରେ ବୁଲିବା, ଠାକୁର ଦର୍ଶନ କରିବା ବାବଦରେ ଏହି ଅର୍ଥ ବ୍ୟୟ ହୋଇଛି। ତେବେ ମିଳିଥିବା ସୂଚନା ଅନୁଯାୟୀମାନେ କମିଟିର ବାବୁମାନେ ଚିଲିକାରେ ନୌବିହାର ଯୋଜନା କରିଥିବାବେଳେ ଶେଷ ମୂହୂର୍ତ୍ତରେ ତାହା ବାତିଲ ହୋଇଯାଇଥିଲା। ହେଲେ ପୂର୍ବରୁ ଏହି ଖବର ଚିଲିକା ବିକାଶ ସଂସ୍ଥାକୁ ଦିଆଯାଇଥିବାରୁ ସେମାନେ ବରକୁଳ ଠାରେ ସମସ୍ତ ବ୍ୟବସ୍ଥା କରିଥିଲେ। ବାବୁମାନଙ୍କ ପାଇଁ ନୂଆ ବେଡସିଟ୍, ରେଜେଇ ଠାରୁ ଆରମ୍ଭ କରି ପରଦା ପର୍ଯ୍ୟନ୍ତ ସବୁ କିଣି ଦେଇଥିଲେ। ହେଲେ ଶେଷ ମୂହୂର୍ତ୍ତରେ କୌଣସି କାରଣରୁ ଚିଲିକା ଭ୍ରମଣ ବାତିଲ ହୋଇଯାଇଥିଲା। ଏହିସବୁ କିଣାକିଣିର ହିସାବ ବାବୁମାନଙ୍କର ଗସ୍ତ ଖର୍ଚ୍ଚରେ ପଡିଛି କି ନାହିଁ ତାହା ଏବେ ସୂଚନା ଅଧିକାର ବାବୁମାନେ ଜାଣିପାରୁ ନାହାନ୍ତି। ତେବେ ମହାନଦୀ ନାଁରେ ଯଦି ଏଭଳି ଗସ୍ତ ହେବ ପାଣି ମୁନ୍ଦାଏ ମିଳୁ କି ନମିଳୁ ହୋଟେଲ ବ୍ୟବସାୟ ଠାରୁ ଟ୍ରାଭେଲ ବ୍ୟବସାୟ ପର୍ଯ୍ୟନ୍ତ ଭଲ ଚାଲିବ ବୋଲି ମହାନଦୀ ଜଳ ବିବାଦ ଉପରେ ନଜର ରଖିଥିବା ବାବୁମାନେ କହୁଛନ୍ତି।

### ପୁଲିସ୍ ବାବୁଙ୍କୁ ଖାକି ପୋଷାକ ମନା

ଯେବେଠାରୁ ଖାକି ବିଭାଗର ବଡ ବାବୁମାନେ ନିଜ ଘରେ ମାଳ ମାଳ ସାନ ଖାକିକୁ କାମରେ ଲଗାଇବାର ଅଭିଯୋଗ ଆସିଲାଣି ସେବେଠାରୁ ଅନେକ ସାନ ଖାକିବାବୁ ନିଜର ଖାକି ପୋଷାକୁ ଭାଙ୍ଗିଭୁଙ୍ଗି ବାକ୍ସରେ ରଖିଦେଲେଣି। କାରଣ ବଡ ଖାକିବାବୁ ନିର୍ଦ୍ଦେଶ ଦେଇଛନ୍ତି ଘରକୁ ଆସିଲାବେଳେ କେହି ଯେପରି ଖାକି ପୋଷାକରେ ନଆସନ୍ତି। କାରଣ ବହୁ ବଡ ଖାକିବାବୁଙ୍କ ଘର ଉପରେ ଗଣମାଧ୍ୟମ ନଜର ରଖିଛି। କାହା ଘରେ କେତେଜଣ କାମ କରୁଛନ୍ତି ତାହାର ତାଲିକା ବି ପ୍ରସ୍ତୁତ କରୁଛନ୍ତି। ତେଣୁ ସେମାନଙ୍କ ନଜରରେ ଯେଭଳି ସାନ ଖାକିବାବୁମାନେ ନପଡନ୍ତି ସେଥିପାଇଁ ଏଭଳି ଫତୁଆ ଜାରି ହୋଇଛି। ଏବେ ପ୍ରତିଦିନ ବଡ ଖାକିବାବୁମାନଙ୍କ ଘରକୁ ମାଳ ମାଳ ସାନ ଖାକିବାବୁ କାମ କରିବାକୁ ଆସୁଥିଲେ ମଧ୍ୟ ପୋଷାକ ନଥିବାରୁ ସେମାନଙ୍କୁ ସହଜରେ କେହି ଚିହ୍ନି ପାରୁନାହାନ୍ତି। ଯେବେଠାରୁ ରାଜ୍ୟ ସରକାର ଜଣେ ବରିଷ୍ଠ ଖାକି ବାବୁଙ୍କୁ ନିଲମ୍ବିତ କରିଦେଲେଣି ସେବେଠାରୁ ଆଉ କିଛି ବଡ ଖାକି ବାବୁଙ୍କ ଠାରେ ଛନକା ପଶିଛି। ହେଲେ ସାନ ଖାକିବାବୁଙ୍କୁ ମାଗଣାରେ ଖଟାଇବାର ମଜା ପାଇଥିବା ବଡ ବାବୁମାନେ ସହଜରେ ଅଭ୍ୟାସ ଛାଡିପାରୁ ନାହାନ୍ତି। ତେବେ ସାନ ଖାକିବାବୁମାନେ କିନ୍ତୁ ଖୁସିରେ ରହିଛନ୍ତି। କିଛି ନହେଲେ, ରଙ୍ଗ ବେରଙ୍ଗର ପୋଷା ପିନ୍ଧି ବାବୁଙ୍କ ଆଗରେ ଟହଲ ମାରିବାର ସୌଭାଗ୍ୟ ମିଳିଛି।



---

**ଶୃଙ୍ଖଳିତ ରଥଯାତ୍ରା ପାଇଁ ପ୍ରଶାସନ କଠୋର**

# ରଥ ଉପରକୁ ଯିବନି କ୍ୟାମେରା ଓ ମୋବାଇଲ୍

- ତାଳଧ୍ୱଜ ଶୋଧ ଦଳରେ ଏସ୍‌ପି, ନନ୍ଦିଘୋଷ ଦାୟିତ୍ୱରେ ଜିଲ୍ଲାପାଳ
- ପ୍ରତି ରଥରେ ରହିବେ ନିର୍ଦ୍ଧାରିତ ସଂଖ୍ୟକ ଘଣ୍ଟୁଆ

ପୁରୀ,୨୮।୬(ସଂଚାର ବ୍ୟୁରୋ): ଚଳିତ ବର୍ଷର ରଥଯାତ୍ରାକୁ ଯେପରି ଶୃଙ୍ଖଳିତ ଭାବେ ସମ୍ପନ୍ନ କରାଯିବ, ସେନେଇ ପ୍ରଶାସନ ବେଶ୍ କଠୋର ହୋଇଛି। ଶ୍ରୀମନ୍ଦିର ପରିଚାଳନା କମିଟି ଅନୁମୋଦିତ ବ୍ୟବସ୍ଥାବଳୀ ଭାଙ୍ଗିଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସକାଶେ ହୋଇଛି ନିଷ୍ପତ୍ତି। ବ୍ୟବସ୍ଥାବଳୀ ଅନୁଯାୟୀ, ଶ୍ରୀଗୁଣ୍ଡିଚା ଦିନ ପହଣ୍ଡି ପୂର୍ବରୁ ଶ୍ରୀଜିଉମାନଙ୍କ ବିଜେ ଡୋରି ଯେପରି ଠିକ୍ ଢଙ୍ଗରେ ବନ୍ଧାଯିବ, ସେଥିପ୍ରତି ସମ୍ପୃକ୍ତ ବାଡ଼ର ବାଡ଼ଗ୍ରାହୀ ଧ୍ୟାନ ଦେବେ। ପୂର୍ବ ଅଘଟଣକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ହୋଇଛି। ସେହିପରି କେବଳ ଆବଶ୍ୟକ ସଂଖ୍ୟକ ଅଭିଜ୍ଞ ଓ ଦାୟିତ୍ୱସମ୍ପନ୍ନ ସେବକ ପହଣ୍ଡିରେ ଭାଗନେବେ। ସମ୍ପୃକ୍ତ ଠାକୁରଙ୍କ ବାଡ଼ଗ୍ରାହୀ ଏଥିପ୍ରତି ଯତ୍ନବାନ ହେବେ ଓ ଶୃଙ୍ଖଳିତ ଭାବେ ପହଣ୍ଡି କରାଇବେ। ଦଇତାପତିମାନେ ଶ୍ରୀଅଙ୍ଗରକ୍ଷକ ସେବକ ହୋଇଥିବାରୁ ଟାହିଆ ସୁରକ୍ଷା କାର୍ଯ୍ୟ କରିବେ। ପ୍ରତିହାରୀ ସେବକ ଓ ଆରକ୍ଷୀ ବାହିନୀ ମଧ୍ୟ ଟାହିଆର ସୁରକ୍ଷା ପ୍ରତି ଯତ୍ନବାନ ହେବେ। ଶ୍ରୀଜିଉମାନେ ରଥ ଉପରକୁ ସମ୍ପୂର୍ଣ୍ଣ ଉଠିବା ପରେ ଟାହିଆଗୁଡ଼ିକ ସମ୍ମାନର ସହ ଖୋଲାଯିବ। ଟାହିଆ ଭାଙ୍ଗିଥିବା ବ୍ୟକ୍ତି ଓ ଟାହିଆର ଅଂଶ ଧରିଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ସେହିପରି ଶ୍ରୀଜିଉମାନଙ୍କ ରଥ ଉପରକୁ ପହଣ୍ଡି ବିଜେ ପୂର୍ବରୁ କିମ୍ବା ପହଣ୍ଡି ବିଜେ ସମୟରେ ଅରୁଣସ୍ତମ୍ଭଠାରୁ ସିଂହଦ୍ୱାର ମଧ୍ୟରେ ଶ୍ରୀମନ୍ଦିର ପ୍ରଶାସନ ଦ୍ୱାରା ଅବସ୍ଥାପିତ କ୍ୟାମେରା ବ୍ୟତୀତ ଅନ୍ୟ କୌଣସି କ୍ୟାମେରା ବ୍ୟବହାର କରାଯିବ ନାହିଁ। ଏହାଛଡ଼ା ଚାରମାଳ କିମ୍ବା ରଥ ଉପରକୁ କୌଣସି କ୍ୟାମେରା ବା ମୋବାଇଲ ଫୋନ୍ ନେବା ପୂରାପୂରି ନିଷେଧ। ଏହାକୁ କଡ଼ାକଡ଼ି ଭାବେ ପାଳନ କରାଯିବା ସହ ଏହାର ଖିଲାପକାରୀଙ୍କ ଠାରୁ ତିକ୍ଷ୍ଣ ନଜର କ୍ୟାମେରା ବା ମୋବାଇଲ୍ ଫୋନ୍ ଜବତ କରାଯିବ। ଏଥିରେ ଖିଲାପକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସକାଶେ ନିଷ୍ପତ୍ତି ହୋଇଛି।

ଆହୁରି ରଥ ଉପରେ ପହଣ୍ଡି ପୂର୍ବରୁ ଶ୍ରୀଜିଉମାନଙ୍କୁ ଲାଗି ହେଉଥିବା ଘଷାଜଳ ଯେପରି ରଥ ଚଟାଣ କିମ୍ବା ଚାରମାଳ ଉପରେ ନ ପଡ଼େ, ସେଥିପ୍ରତି ସେବକ ଓ ପ୍ରଶାସନ ଯତ୍ନବାନ ରହିବେ। ପାଦ ଖସିବା ଆଶଙ୍କାକୁ ଦୃଷ୍ଟିରେ ରଖି ଏହି ଗୁରୁତ୍ୱପୂର୍ଣ୍ଣ ବିଷୟ ପ୍ରତି ଧ୍ୟାନ ଦିଆଯିବ। ପ୍ରତ୍ୟେକ ରଥ ପାଇଁ ପୃଥକ ପୃଥକ ଶୋଧ ଦଳ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଗଠନ କରାଯିବ। ଏହି ଦଳମାନଙ୍କରେ ପ୍ରଶାସନିକ ଅଧିକାରୀ, ପୁଲିସ ଅଧିକାରୀ ମନ୍ଦିର ପୁଲିସ, ମାଜିଷ୍ଟ୍ରେଟ ମୁତୟନ ରହିବେ। ତାଳଧ୍ୱଜ ରଥର ଶୋଧ ଦଳ ଦାୟିତ୍ୱରେ ଏସ୍‌ପି, ଓଏସ୍‌ଡି (ସୁରକ୍ଷା) ଓ ଉପଜିଲ୍ଲାପାଳ ରହିବେ। ସେହିପରି ଦେବଦଳନ ରଥର ଶୋଧ ଦଳ ଦାୟିତ୍ୱରେ ଅତିରିକ୍ତ ଜିଲ୍ଲାପାଳ, ଅତିରିକ୍ତ ଏସ୍‌ପି, ଶ୍ରୀମନ୍ଦିରର ଜଣେ ଅଧିକାରୀ ରହିବେ। ଏହାଛଡ଼ା ନନ୍ଦିଘୋଷ ରଥର ଶୋଧ ଦଳ ଦାୟିତ୍ୱରେ ପୁରୀ ଜିଲ୍ଲାପାଳ, ନୀତି ପ୍ରଶାସକ ଓ ଉପଆରକ୍ଷୀ ଅଧୀକ୍ଷକ ରହିବେ। ପ୍ରତି ରଥର ଚାଳମାଳ ତଳେ ଶୋଧଦଳ ମୁତୟନ ରହିବେ ଓ ସେମାନେ କୌଣସି ଅନଧିକୃତ ବ୍ୟକ୍ତିଙ୍କୁ ରଥ ଉପରକୁ ଚଢ଼ିବାକୁ ବାରଣ କରିବେ। ସେହିପରି ଅଗଣିତ ଭକ୍ତ ଯେପରି ଠାକୁରଙ୍କୁ ଭଲ ଭାବେ ଦେଖିପାରିବେ, ସେଥିସକାଶେ କେହି ବି ଶ୍ରୀଜିଉମାନଙ୍କ ସମ୍ମୁଖ ଭାଗରେ ରହିବେ ନାହିଁ କି ରଥର ଉଭୟ ପାର୍ଶ୍ୱର ବାଡ଼ରେ କୌଣସି ସେବକ ଠିଆ ହୋଇ ରହିପାରିବେ ନାହିଁ।

---

## ଆଖି ପିଛୁଳାକେ ଜଳିଗଲା ଚଳନ୍ତା ବସ୍

**ବର୍ତ୍ତିଗଲେ ୬୦ରୁ ଉର୍ଦ୍ଧ୍ୱ ଯାତ୍ରୀ**

ଅନୁଗୋଳ,୨୮।୬(ସଂଚାର ବ୍ୟୁରୋ): ଚଳନ୍ତା ବସରେ ଅଗ୍ନିକାଣ୍ଡ। ଚାହୁଁ ଚାହୁଁ ଆଖି ପିଛୁଳାକେ ପୋଡ଼ି ପାଉଁଶ ହୋଇଯାଇଛି ବସ୍। ତେବେ ବଡ଼ ଧରଣର ଅଘଟଣରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି ଉକ୍ତ ବସ୍‌ରେ ଯାତ୍ରା କରୁଥିବା ଯାତ୍ରୀ। ଅନୁଗୋଳ ଜିଲ୍ଲା ପାଲଲହଡ଼ା ଅଞ୍ଚଳରେ ଘଟିଛି ଏହି ଅଘଟଣ। ରାଉରକେଲାରୁ ପାରାଦୀପ ଯାଉଥିବା ଶ୍ରୀ ମା' ନାମକ ଉକ୍ତ ବସ୍‌ରେ ହଠାତ୍ ନିଆଁ ଲାଗିଯାଇଥିଲା। ବସ୍‌ର ଏସି ୟୁନିଟ୍‌ରୁ ପ୍ରଥମେ ନିଆଁ ଲାଗିଥିଲା ଓ ଏହାପରେ ଏହା ଧୀରେ ଧୀରେ ବସ୍‌ର ଅନ୍ୟାନ୍ୟ ଅଞ୍ଚଳକୁ ବ୍ୟାପିଯାଇଥିଲା। ଫଳରେ ବସ୍ ଭିତରେ ଥିବା ଯାତ୍ରୀଙ୍କ ମଧ୍ୟରେ ଆତଙ୍କର ବାତାବରଣ ଖେଳିଯାଇଥିଲା। ତେବେ ବସ୍‌ର ଡ୍ରାଇଭର ତୁରନ୍ତ ଯାତ୍ରୀମାନଙ୍କୁ ଗାଡ଼ିରୁ ବାହାର କରିଦେବାରୁ ଏକ ବଡ଼ ଧରଣର ଅଘଟଣରୁ ସେମାନେ ବର୍ତ୍ତିଯାଇଥିଲେ। ଉକ୍ତ ବସ୍‌ରେ ନିଆଁ ଲାଗିବା ସମୟରେ ସେଥିରେ ୬୦ରୁ ଉର୍ଦ୍ଧ୍ୱ ଯାତ୍ରୀ ଥିଲେ। ଅଗ୍ନିକାଣ୍ଡରେ ବସ୍‌ଟି ଜଳିପୋଡ଼ି ପାଉଁଶ ହୋଇଯାଇଛି। ପାଲଲହଡା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛି।



---

**ବିବାହ ଭୋଜିରେ ଅଭାବନୀୟ କାଣ୍ଡ**

## ମଟନ ବଦଳରେ ଚିକେନ ଦେବାରୁ ହାଣିଦେଲେ

ବାଲେଶ୍ୱର,୨୮।୬(ସଂଚାର ବ୍ୟୁରୋ): ବିବାହ ଭୋଜିରେ ଘଟିଛି ଅଭାବନୀୟ କାଣ୍ଡ। ମଟନ ବଦଳରେ ଚିକେନ ଦେବାରୁ କ୍ୟାଟରିଂ ବୟଙ୍କ ବେକକୁ ହାଣି ପକାଇଛନ୍ତି ୪ ଜଣ ନାବାଳକ। ବାଲେଶ୍ୱର ରେମୁଣା ଥାନା ଅଠାନ୍ତର ଗାଁରେ ଘଟିଛି ଏହି ଅଭାବନୀୟ ଘଟଣା। ଗୁରୁତର କ୍ୟାଟରିଂ ବୟଙ୍କୁ ଗୁରୁତର ଅବସ୍ଥାରେ ଫକୀରମୋହନ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲ୍‌କୁ ସ୍ଥାନାନ୍ତର କରାଯାଇଛି। ଆକ୍ରମଣରେ ସମ୍ପୃକ୍ତ ୪ ନାବାଳକଙ୍କୁ ରେମୁଣା ପୁଲିସ୍ ଗିରଫ କରି ଅନୁଗୋଳ ସ୍ୱଧାର ଗୃହକୁ ପଠାଇଛି। ମିଳିଥିବା ସୂଚନାନୁସାରେ, ବାଲେଶ୍ୱର ରେମୁଣା ଅଠାନ୍ତର ଅଞ୍ଚଳରେ ଉକ୍ତ ବିବାହ ଭୋଜି ଚାଲିଥିବା ସମୟରେ ଭୋଜିରେ ଛେଳି ମାଂସ ବ୍ୟବସ୍ଥା ହୋଇଥିଲା। ତେବେ ସମ୍ପୃକ୍ତ କ୍ୟାଟରିଂ ବୟ ଛେଳି ମାଂସ ବଦଳରେ କୁକୁଡ଼ା ମାଂସ ପରଷିବାକୁ କେନ୍ଦ୍ର କରି ଉକ୍ତ ୪ ନାବାଳକ ତାଙ୍କ ସହ ପାଟିତୁଣ୍ଡ କରିଥିଲେ। ଏହାପରେ କ୍ୟାଟରିଂ ବୟ ଜଣଙ୍କ ଭୋଜିରୁ ବାହାରକୁ ଆସିଥିବା ସମୟରେ ଏହି ୪ ଜଣଯାକ ନାବାଳକ ଉତକ୍ଷିପ୍ତ ହୋଇ ତାଙ୍କୁ ଗୋଡ଼ାଇ ଗୋଡ଼ାଇ କଟୁରୀରେ ବେକକୁ ଆକ୍ରମଣ କରିଥିଲେ। ପୁଲିସ୍ ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

**ସ୍ୱଧାର ଗୃହକୁ ଗଲେ ୪ ନାବାଳକ**



---

## କମ୍ପାନୀ ଆଳରେ ୫ କୋଟି ଟଙ୍କା ଠକେଇ: ୧ ଗିରଫ



ଭୁବନେଶ୍ୱର,୨୮।୬(ସଂଚାର ବ୍ୟୁରୋ): ଜଣେ ହାଇପ୍ରୋଫାଇଲ ଠକକୁ ଗିରଫ କରିଛି ପୁଲିସ୍। କମ୍ପାନୀ ଆଳରେ ଲୋକଙ୍କଠାରୁ ପାଖାପାଖି ୫ କୋଟି ଟଙ୍କାର ଠକେଇ କରିଥିବା ଅଭିଯୋଗରେ କମିଶନରେଟ ପୁଲିସ ଜଣଙ୍କୁ ଗିରଫ କରିଛି। ନେପାଳ ସୀମାରୁ ତାକୁ ଗିରଫ କରାଯାଇଥିବା ବେଳେ ତାଙ୍କ ନାମ ସଚ୍ଚିଦାନନ୍ଦ ଭୋଇ ବୋଲି ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, ସଚ୍ଚିଦାନନ୍ଦ ଗୋ-ବ୍ୟାକ୍ କାର୍ ସର୍ଭିସ ନାମକ ଏକ କମ୍ପାନୀ କରି ଲୋକଙ୍କଠାରୁ ଠକେଇ କରୁଥିଲେ। କମ୍ପାନୀ ଆଳରେ ସେ ପାଖାପାଖି ୫ କୋଟି ଟଙ୍କା ଠକିନେଇଥିଲେ। ଏନେଇ ବିଭିନ୍ନ ଥାନାରେ ଅଭିଯୋଗ ମଧ୍ୟ ହୋଇଥିଲା। ସହିଦ ନଗର, ସ୍ପେଶାଲ କ୍ରାଇମ୍ ୟୁନିଟ, ପାହାଲ ପୁଲିସ ଷ୍ଟେସନ ଆଦି ଅନେକ ସ୍ଥାନରେ ସଚ୍ଚିଦାନନ୍ଦଙ୍କ ନାଁରେ ଠକେଇ ମାମଲା ରହିଛି। ଏପିରିକି ଅଭିଯୁକ୍ତ ନାଁରେ ଜାମିନ୍ ବିହୀନ ଗିରଫ ପରୱାନା ମଧ୍ୟ ଜାରି ହୋଇଥିଲା। ତେଣୁ ସଚ୍ଚିଦାନନ୍ଦ ନେପାଳ ସୀମା ଦେଇ ଦେଶ ବାହାରକୁ ଖସି ପଳାଇବାକୁ ଉଦ୍ୟମ କରୁଥିଲେ। ତେବେ ସେ ଦେଶ ବାହାରକୁ ଯିବା ପୂର୍ବରୁ ପୁଲିସ୍ ହାବୁଡ଼ରେ ପଡ଼ିଯାଇଛନ୍ତି।

## ଶିଶୁକନ୍ୟା ଉପରେ ଚଢ଼ିଗଲା ମିନିଟ୍ରକ୍

ନବରଙ୍ଗପୁର,୨୮।୬(ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲା ଉମରକୋଟରୁ ଆସିଛି ଏକ ଅତ୍ୟନ୍ତ ଦୁଃଖଦ ଓ ହୃଦୟ ବିଦାରକ ଖବର। ୪ ବର୍ଷର ଏକ ଶିଶୁକନ୍ୟା ଉପରେ ଏକ ମିନିଟ୍ରକ୍ ଚଢ଼ିଯାଇଛି। ଫଳରେ ଘଟଣାସ୍ଥଳରେ ହିଁ ଶିଶୁକନ୍ୟାଟିର ମୃତ୍ୟୁ ଘଟିଛି। ଉମରକୋଟ ପୁରୁଣା ବସଷ୍ଟାଣ୍ଡ ନିକଟରେ ଏହି ଦୁର୍ଘଟଣା ଘଟିଛି। ମିଳିଥିବା ସୂଚନାନୁଯାୟୀ, ଝରିଗାଁ ବ୍ଲକ ଡଙ୍ଗରିଗୁଡ଼ା ପଞ୍ଚାୟତ କୋଇଗାଁ ଅଞ୍ଚଳର ଜନୈକ ମହିଳା ତାଙ୍କର ୩ ପିଲାଙ୍କ ସହ ଉମରକୋଟ ପୁରୁଣା ବସଷ୍ଟାଣ୍ଡ ନିକଟ ରାସ୍ତାରେ ଯାଉଥିଲେ। ତେବେ ଏହି ସମୟରେ ଉକ୍ତ ମିନି ଟ୍ରକ୍ ହଠାତ୍ ତାଙ୍କର ୪ ବର୍ଷର ଶିଶୁକନ୍ୟାଙ୍କୁ ଧକ୍କା ଦେବା ସହ ତା'ର ମୁଣ୍ଡ ଉପରେ ଚଢ଼ିଯାଇଥିଲା। ସଙ୍ଗେ ସଙ୍ଗେ ସ୍ଥାନୀୟ ଅଞ୍ଚଳର ଜଣେ ଅଟୋ ଚାଳକ ଶିଶୁଟିକୁ ଗୁରୁତର ଅବସ୍ଥାରେ ଉମରକୋଟ ମେଡ଼ିକାଲ ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଉମରକୋଟ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଦୁର୍ଘଟଣା ଘଟାଇଥିବା ମିନି ଟ୍ରକ୍‌କୁ ଜବତ କରିବା ସହ ଡ୍ରାଇଭରକୁ ଅଟକ ରଖି ପଚରାଉଚରା କରୁଛି।



## ଏମ୍ସରେ ଡାକ୍ତରଙ୍କୁ ମାଡ଼ ଘଟଣାରେ ୩ ଗିରଫ

ଭୁବନେଶ୍ୱର, ୨୮।୬ (ସଂଚାର ବ୍ୟୁରୋ): ମହଙ୍ଗା ପଡ଼ିଲା ଏମ୍ସ ଡାକ୍ତରଙ୍କୁ ଆକ୍ରମଣ। ଗିରଫ ହୋଇଛନ୍ତି ୩ ଅଭିଯୁକ୍ତ। ଚିକିତ୍ସାରେ ଅବହେଳା କରିଥିବା ଅଭିଯୋଗ ନେଇ ଗତକାଲି ଏମ୍ସର ଜନୈକ ଜୁନିୟର ଡାକ୍ତରଙ୍କୁ ପରିବାର ଲୋକେ ଆକ୍ରମଣ କରିଥିଲେ। ମେଡିସିନ ୱାର୍ଡ ଭିତରେ ପଶି ସେମାନେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଡାକ୍ତରଙ୍କୁ ଟାଣି ଆଣି ମାଡ଼ ଦେଇଥିଲେ। ୱାର୍ଡ ଭିତରୁ ରିପୋର୍ଟ ଓ ପ୍ରେସକ୍ରିପ୍ସନ ମଧ୍ୟ ସେମାନେ ଛଡ଼ାଇ ନେଇଥିଲେ। ଏହି ମାମଲାରେ ଆଜି ଖଣ୍ଡଗିରି ଥାନା ପୁଲିସ୍ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। କର୍ତ୍ତବ୍ୟରତ ଡାକ୍ତରଙ୍କୁ ମରଣାନ୍ତକ ଆକ୍ରମଣ କରିବା, ରୋଗୀ ସେବାରେ ବ୍ୟାଘାତ ସୃଷ୍ଟି କରିବା, ସର୍ବସାଧାରଣରେ ଆତଙ୍କ ସୃଷ୍ଟି କରିବା ଭଳି ସଙ୍ଗିନୀ ଦଫାରେ ସେମାନଙ୍କୁ ଗିରଫ କରାଯାଇଛି।



ସୂଚନାଯୋଗ୍ୟ ଯେ ଗତକାଲି ଅଭିଯୁକ୍ତମାନେ ହଠାତ୍ ହସ୍ପିଟାଲ୍ ୱାର୍ଡ ଭିତରକୁ ପ୍ରବେଶ କରି ଜୁନିୟର ଡାକ୍ତରଙ୍କ ସହ ପାଟିତୁଣ୍ଡ କରିଥିଲେ। ଉକ୍ତ ଡାକ୍ତର ଜଣଙ୍କ ଚିକିତ୍ସାରେ ଅବହେଳା କରିଥିବା ଅଭିଯୋଗ କରି ସେମାନେ ତାଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଏହାକୁ ନେଇ ଡାକ୍ତରଖାନା ଭିତରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଶେଷରେ ହସ୍ପିଟାଲ୍ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲା।

## ପାଉଁଶ ଗଦା ତଳୁ ମହିଳାଙ୍କ ମୃତଦେହ ଉଦ୍ଧାର

ରାଉରକେଲା,୨୮।୬(ସଂଚାର ବ୍ୟୁରୋ): ପାଉଁଶ ଗଦା ତଳୁ ମହିଳାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ରାଉରକେଲା ବୀରମିତ୍ରପୁର ଥାନା ରାମପାଲ୍ ଛକ ନିକଟସ୍ଥ ଧାନ ମିଲ ପାଉଁଶ ଗଦାରୁ ମିଳିଛି ଉକ୍ତ ମହିଳାଙ୍କ ମୃତଦେହ। ଧାନ ମିଲରୁ ବାହାରୁଥିବା ଗରମ ଚଷୁକୁ ନିଆଁ ଲଗାଇ ପୋଡୁଥିବା ବେଳେ ଧାନ ମିଲ୍‌ର ଜଣେ କର୍ମଚାରୀ ମହିଳାଙ୍କ ଶରୀର ପଡ଼ିଥିବା ଦେଖିବାକୁ ପାଇଥିଲେ। ନିଆଁକୁ ଆୟତ୍ତ କରିବା ପରେ ମହିଳାଙ୍କୁ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ମୃତ ମହିଳା ଜଣଙ୍କ ବୀରମିତ୍ରପୁର ଲାସେର ବାସିନ୍ଦା ବନ୍ଦନୀ ଲଖୁଆ ବୋଲି ଜଣାପଡ଼ିଛି। ତେବେ ଧାନ ମିଲ୍ ମାଲିକଙ୍କ ଅବ୍ୟବହୃତ ସାମଗ୍ରୀ ଓ ଗରମ୍ ଚଷୁ ଗଦା ଉପରେ ନିଆଁ ଲଗାଇବା ସ୍ଥାନକୁ ମହିଳାଙ୍କ ମୃତଦେହ କିଭଳି ଆସିଲା, ସେ ସମ୍ପର୍କରେ ବୀରମିତ୍ରପୁର ପୁଲିସ୍ ତଦନ୍ତ କରୁଛି।



## ଗୋଷ୍ଠୀ ସଂଘର୍ଷରୁ ହତ୍ୟା | ୬ ଗିରଫ, ଦୁଇ ନାବାଳକ ଅଟକ

ଫୁଲବାଣୀ,୨୮।୬(ସଂଚାର ବ୍ୟୁରୋ): ସଦର ଥାନା ଅନ୍ତର୍ଗତ ସୁଡ୍ରୁକୁମ୍ପା ପଞ୍ଚାୟତର ଦଡ଼ମାସ୍କା ଗ୍ରାମରେ ଆଜି ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଘଟିଥିବା ଗୋଷ୍ଠୀ ସଂଘର୍ଷରେ ଜଣଙ୍କର ମୃତ୍ୟୁ ଘଟଣାରେ ପୁଲିସ ୬ ଜଣଙ୍କୁ ଗିରଫ କରିଛି। ହତ୍ୟାକାଣ୍ଡରେ ବ୍ୟବହୃତ ଏକ ଫାର୍ସା ପୁଲିସ ଜବତ କରିଛି। ଘଟଣାରେ ସମ୍ପୃକ୍ତ ଦୁଇ ନାବାଳକଙ୍କୁ ମଧ୍ୟ ଅଟକ ରଖାଯାଇଛି। ଗିରଫ ହୋଇଥିବା ମୁଖ୍ୟ ଅଭିଯୁକ୍ତ ଦଡମାସ୍କା ଗ୍ରାମର ଅମର ସାହାଣୀ, ବିମଳ ସୁନା, ଗୋପାଳ କିଶୋର ସୁନା, ଦଳପଡ଼ା ଗ୍ରାମର ସୀମାଞ୍ଚଳ ବେହେରା, ରାଜେନ୍ଦ୍ର ବେହେରା ଓ ବାଇଧର ବେହେରା। ଗିରଫ ହୋଇଥିବା ଅଭିଯୁକ୍ତଙ୍କ ମଧ୍ୟରେ ଉଭୟ ଗୋଷ୍ଠୀର। ଗିରଫ ପରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଦୁଇ ନାବାଳକଙ୍କୁ କିଶୋର ନ୍ୟାୟ ବୋର୍ଡରେ ହାଜର କରାଯାଇଛି। ଆରକ୍ଷୀ ଅଧୀକ୍ଷକ ରମେନ୍ଦ୍ର ପ୍ରସାଦ ସୂଚନା ଦେଇ କହିଛନ୍ତି ଯେ କିଛିଦିନ ତଳେ ଦଳପଡ଼ା ଗ୍ରାମର ଚନ୍ଦନ ବେହେରାଙ୍କ ସହ ଦଡ଼ମାସ୍କା ଗ୍ରାମର ଅନୁଭବ ସୁନାଙ୍କ ସହ ଦ୍ରୁତ ଗାଡ଼ି ଚାଳନାକୁ କେନ୍ଦ୍ର କରି ବଚସା ହୋଇଥିଲା। ଏଥିରେ ଉତ୍ୟକ୍ତ ହୋଇ ଚନ୍ଦନଙ୍କ ପରିବାର ଲୋକେ ଆଜି ଏକାଠି ହୋଇ ଦଡମାସ୍କା ଗ୍ରାମର ଅନୁଭବଙ୍କ ଘରେ ପହଞ୍ଚିଥିଲେ। ସେଠାରେ ଉଭୟ ଗୋଷ୍ଠୀ ମଧ୍ୟରେ ଆକ୍ରମଣ ଓ ପ୍ରତିଆକ୍ରମଣ ଘଟିବା ଫଳରେ ଚନ୍ଦନଙ୍କ ବାପା ଅକୁରଙ୍କର ମୃତ୍ୟୁ ହୋଇଥିଲା। ମା' ଗାୟତ୍ରୀ, ଦାଦା ବାଇଧର ଓ ଖୁଡ଼ି ସୁଜାତା ଆହତ ହୋଇଥିଲେ। ଏହି ଘଟଣାକୁ ନେଇ ଉଭୟ ପକ୍ଷରୁ ଦୁଇଟି ମାମଲା ରୁଜୁ କରାଯାଇଥିଲା। ଆଜି ଉପରୋକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବେଳେ ଆଗାମୀ ଦିନରେ ଆହୁରି କିଛି ଗିରଫଦାରୀ ହେବ ବୋଲି ଏସପି କହିଛନ୍ତି।



ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର

Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ଏଆଇ କ୍ରେଜ୍: ମେଟା ଏବଂ ଟେସ୍‌ଲାକୁ ପଛରେ ପକାଇଲା ମାଇକ୍ରୋନ




ନୂଆଦିଲ୍ଲୀ, ୨୮।୬: ବିଶ୍ୱ ବଜାରରେ ଏବେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (AI) ଦବଦବା ଦେଖିବାକୁ ମିଳୁଛି। ଏଆଇ ଭିତ୍ତିଭୂମି ଏବଂ ଆଧୁନିକ ମେମୋରୀ ଚିପ୍‌ର ଚାହିଦା ଆକାଶଛୁଆଁ ହେବା ସହିତ ଆମେରିକାର ପ୍ରତିଷ୍ଠିତ ସେମିକଣ୍ଡକ୍ଟର କମ୍ପାନି 'ମାଇକ୍ରୋନ ଟେକ୍ନୋଲୋଜି' ର ସେୟାର ମୂଲ୍ୟରେ ଏକ ଅଭୂତପୂର୍ବ ତଥା ଐତିହାସିକ ବୃଦ୍ଧି ଘଟିଛି। ଗୁରୁବାର ବଜାର କାରବାର ସମୟରେ କମ୍ପାନି ଏଭଳି ଏକ ସଫଳତା ପାଇଥିଲା, ଯାହା ସମଗ୍ର ବିଶ୍ୱର ନିବେଶକମାନଙ୍କୁ ଚକିତ କରିଦେଇଛି। କାରବାର ମଝିରେ ମାଇକ୍ରୋନର ମାର୍କେଟ କ୍ୟାପ୍ (ବଜାର ମୂଲ୍ୟ) କିଛି ସମୟ ପାଇଁ ବିଶ୍ୱର ଦୁଇ ପ୍ରମୁଖ ଟେକ୍ ଜାଏଣ୍ଟ 'ମେଟା ପ୍ଲାଟ୍‌ଫର୍ମସ' ଏବଂ ଏଲନ୍ ମସ୍କଙ୍କ 'ଟେସ୍‌ଲା'କୁ ମଧ୍ୟ ଟପି ଯାଇଥିଲା।

କମ୍ପାନି ପକ୍ଷରୁ ଆଗାମୀ ଦିନ ପାଇଁ ଜାରି କରାଯାଇଥିବା ମଜଭୁତ ତ୍ରୟମାସିକ ଆକଳନ ନିବେଶକଙ୍କ ମଧ୍ୟରେ ଉତ୍ସାହ ଭରିଦେଇଛି। ଏହି ସକାରାତ୍ମକ ରିପୋର୍ଟ ପରେ ମାଇକ୍ରୋନ ଉପରେ ନିବେଶକଙ୍କ ଭରସା ବେଶ୍ ବୃଦ୍ଧି ପାଇଥିଲା, ଯାହାଫଳରେ କାରବାର ଚାଲିଥିବା ସମୟରେ କମ୍ପାନିର ସେୟାର ମୂଲ୍ୟ ପ୍ରାୟ ୧୮.୪% ପର୍ଯ୍ୟନ୍ତ ଉପରକୁ ଉଠିଯାଇଥିଲା। ଆନ୍ତର୍ଜାତୀୟ ସମ୍ବାଦ ସଂସ୍ଥା ରୟଟର୍ସର ରିପୋର୍ଟ ଅନୁଯାୟୀ, ଗୁରୁବାର ବଜାର ବନ୍ଦ ହେବା ବେଳକୁ ମାଇକ୍ରୋନ ଟେକ୍ନୋଲୋଜିର ସେୟାର ୧୫.୮% ବୃଦ୍ଧି ସହ ଗ୍ରୀନ୍ ମାର୍କରେ ବନ୍ଦ ହୋଇଥିଲା। ବଜାର ସମାପ୍ତ ହେବା ପରେ କମ୍ପାନିର ମୋଟ୍ ବଜାର ମୂଲ୍ୟ ୧.୩୭ ଟ୍ରିଲିୟନ ଡଲାରରେ ପହଞ୍ଚିଛି। ଯଦିଓ କାରବାର ମଝିରେ ମାଇକ୍ରୋନ ସବୁଠୁ ଆଗକୁ ଚାଲିଯାଇଥିଲା, ତେବେ ବଜାର ବନ୍ଦ ହେବା ବେଳକୁ ଏହା ମେଟା ଏବଂ ଟେସ୍‌ଲାର ସାମାନ୍ୟ ପଛରେ ରହିଥିଲା। ବର୍ତ୍ତମାନ ବିଶ୍ୱ ବଜାରରେ ଏହି ତିନି କମ୍ପାନିର ମାର୍କେଟ କ୍ୟାପ୍ ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳୁଛି। ମାଇକ୍ରୋନ ଟେକ୍ନୋଲୋଜି ୧.୩୭ ଟ୍ରିଲିୟନ ଡଲାର, ମେଟା ପ୍ଲାଟ୍‌ଫର୍ମସ ୧.୩୪ ଟ୍ରିଲିୟନ ଡଲାର, ଟେସ୍‌ଲା ୧.୪୧ ଟ୍ରିଲିୟନ ଡଲାର ଥିଲା। ମାଇକ୍ରୋନର ଏହି ଆଶ୍ଚର୍ଯ୍ୟଜନକ ଅଭିବୃଦ୍ଧି ପଛରେ ରହିଛି କମ୍ପାନିର ଚତୁର୍ଥ ତ୍ରୟମାସିକର ଦମଦାର ଆଭିମୁଖ୍ୟ। ଆକଳନ କରାଯାଉଛି ଯେ ଚଳିତ ଚତୁର୍ଥ ତ୍ରୟମାସରେ କମ୍ପାନି ପ୍ରାୟ ୫୦ ବିଲିୟନ ଡଲାରର ବେଶ୍ ମୋଟା ଅଙ୍କର ରାଜସ୍ୱ ହାସଲ କରିବାକୁ ଯାଉଛି। ବିଶେଷଜ୍ଞଙ୍କ ମତରେ, ଆଗାମୀ ଦିନରେ ଏଆଇ ସେକ୍ଟରର ଅଭିବୃଦ୍ଧି ସହିତ ମାଇକ୍ରୋନ ଭଳି ଚିପ୍ ନିର୍ମାତା କମ୍ପାନିଗୁଡ଼ିକର ଆଧିପତ୍ୟ ବଜାରରେ ଆହୁରି ବଢ଼ିବାର ସମ୍ଭାବନା ରହିଛି।



# ୭୩୦ରୁ କମ୍ ସିବିଲ ସ୍କୋରରେ ମିଳିବନି ଋଣ

ନୂଆଦିଲ୍ଲୀ, ୨୮।୬: ଆଜିକାଲିର ସମୟରେ ଲୋନ୍ (ଋଣ) ନେବା ମଧ୍ୟ ଏକ ବେଶ କଷ୍ଟକର ପ୍ରକ୍ରିୟା ପାଲଟିବାରେ ଲାଗିଛି। ଆସନ୍ତା ବର୍ଷଗୁଡ଼ିକରେ ଘର କିଣିବା, ନୂଆ କାର୍ କିମ୍ବା ଶିକ୍ଷା ଋଣ ନେବା ସେତେଟା ସହଜ ହୋଇ ରହିବ ନାହିଁ, ଯଦି ଆପଣଙ୍କର ସିବିଲ ସ୍କୋର ୭୩୦ରୁ କମ୍ ଥାଏ। ଏବେ ଆରବିଆଇ ପକ୍ଷରୁ ବ୍ୟାଙ୍କିଙ୍ଗ ନିୟମରେ ଏକ ବଡ଼ ଧରଣର ପରିବର୍ତ୍ତନ ହେବାକୁ ଯାଉଛି, ଯାହାଦ୍ୱାରା ଋଣଦାତା ଅର୍ଥାତ୍ ବ୍ୟାଙ୍କଗୁଡ଼ିକ ଏହି କଥାକୁ ନେଇ ଅଧିକ ସତର୍କ ହୋଇଯାଇପାରନ୍ତି ଯେ ସେମାନେ କାହାକୁ ଲୋନ୍ ଦେଉଛନ୍ତି।

ପ୍ରକୃତରେ ରିଜର୍ଭ ବ୍ୟାଙ୍କର ନୂଆ ଏକ୍ସପେକ୍ଟେଡ କ୍ରେଡିଟ ଲସ ବା ଆଶାୟୀ ଋଣ କ୍ଷତି ଢାଞ୍ଚା, ଯାହା ୧ ଏପ୍ରିଲ, ୨୦୨୭ରୁ ଲାଗୁ ହେବ, ତାହା ବ୍ୟାଙ୍କଗୁଡ଼ିକର ଋଣଗ୍ରହିତାଙ୍କୁ ଦେଖିବାର ଦୃଷ୍ଟିକୋଣକୁ ସମ୍ପୂର୍ଣ୍ଣ ରୂପେ ବଦଳାଇ ଦେବ। ଯଦିଓ ଏହି ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ମଜବୁତ ଏବଂ ସୁରକ୍ଷିତ କରିବା, କିନ୍ତୁ ଏହାର ଅର୍ଥ ଲକ୍ଷ ଲକ୍ଷ ଲୋନ୍ ଆବେଦନକାରୀଙ୍କ ପାଇଁ କଡ଼ା ଯାଞ୍ଚର ସାମ୍ନା କରିବା ହୋଇପାରେ।

ପ୍ରକୃତରେ ବ୍ୟାଙ୍କଗୁଡ଼ିକ ସାଧାରଣତଃ ଖରାପ ଋଣ ପାଇଁ ନିୟମ ସେତେବେଳେ ହିଁ ସ୍ଥିର କରନ୍ତି, ଯେତେବେଳେ ଜଣେ ଋଣଗ୍ରହିତା ଦୀର୍ଘ ସମୟ ପର୍ଯ୍ୟନ୍ତ ଅର୍ଥ ପରିଶୋଧ କରିବାରେ ବିଫଳ ହୁଅନ୍ତି ଏବଂ ସେହି ଆକାଉଣ୍ଟଟି ଅଣ-କାର୍ଯ୍ୟକ୍ଷମ ସମ୍ପତ୍ତି ବା ଏନପିଏରେ ପରିଣତ ହୋଇଯାଏ। ଏଭଳି ପରିସ୍ଥିତିରେ, ନୂଆ ଇସିଏଲ ବ୍ୟବସ୍ଥା ଏହି ଦୃଷ୍ଟିକୋଣକୁ ସମ୍ପୂର୍ଣ୍ଣ ରୂପେ ବଦଳାଇ ଦେବ। ଡିଫଲ୍ଟ ହେବାକୁ ଅପେକ୍ଷା କରିବା ବଦଳରେ, ବ୍ୟାଙ୍କଗୁଡ଼ିକୁ ସମ୍ଭାବ୍ୟ କ୍ଷତିର ପୂର୍ବାନୁମାନ ଆଗୁଆ କରିବାକୁ ହେବ ଏବଂ ସେହି ଅନୁଯାୟୀ ଅର୍ଥରାଶି ପୃଥକ କରି ରଖିବାକୁ ପଡ଼ିବ। ଏହାର ଉଦ୍ଦେଶ୍ୟ ହେଉଛି ଆଶଙ୍କା ବା ବିପଦଗୁଡ଼ିକୁ ଶୀଘ୍ର ଚିହ୍ନଟ କରିବା ଏବଂ ବ୍ୟାଙ୍କଗୁଡ଼ିକ ଯେପରି ଭବିଷ୍ୟତର କ୍ଷତି ପାଇଁ ଉତ୍ତମ ଭାବେ ପ୍ରସ୍ତୁତ ରହିବେ, ତାହା ନିଶ୍ଚିତ କରିବା।

# କର୍ମଚାରୀଙ୍କ ବେତନ ଓ ପେନସନଭୋଗୀଙ୍କ ପେନସନ୍ କେତେ ବଢ଼ିବ ?

ନୂଆଦିଲ୍ଲୀ,୨୮।୬:କେନ୍ଦ୍ର ସରକାରଙ୍କ କର୍ମଚାରୀମାନଙ୍କ ବେତନ ଓ ପେନସନଭୋଗୀଙ୍କ ପେନସନ୍ କେତେ ବଢ଼ିବ ତାହା ଉପରେ ଅଷ୍ଟମ ବେତନ କମିସନ୍ ସଂପ୍ରତି ବିଚାରବିମର୍ଶ ଚଳାଇଛି। ଫିଟ୍‌ମେଣ୍ଟ୍ ଫ୍ୟାକ୍ଟର କେତେ ରହିବ ତାହା ଉପରେ କର୍ମଚାରୀମାନଙ୍କର ନଜର ଥିବାବେଳେ କମିସନ ଏହାକୁ ୨.୫୭ ପାଖାପାଖି ରଖିପାରନ୍ତି ବୋଲି କୁହାଯାଉଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଆର୍ଥିକ ବୋଝକୁ ବିଚାରକୁ ନେଇ କମିସନ ଫିଟମେଣ୍ଟ୍ ଫ୍ୟାକ୍ଟରକୁ ସତର୍କତାର ସହିତ ୨.୫୭ ପାଖାପାଖି ରଖିପାରନ୍ତି ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ସପ୍ତମ ବେତନ କମିସନ୍ ଫିଟ୍‌ମେଣ୍ଟ ଫ୍ୟାକ୍ଟରକୁ ୨.୫୭ ରଖିଥିଲେ। ଉଲ୍ଲେଖଯୋଗ୍ୟ, କର୍ମଚାରୀମାନେ ବର୍ତ୍ତମାନ ପାଉଥିବା ମୂଳ ବେତନରେ ଫିଟମେଣ୍ଟ ଫ୍ୟାକ୍ଟରକୁ ଗୁଣିଲେ ଯେଉଁ ସଂଖ୍ୟା ବାହାରିବ ତାହା ହେବ ଅଷ୍ଟମ କମିସନ ଅନୁସାରେ କର୍ମଚାରୀମାନଙ୍କର ନୂଆ ମୂଳ ବେତନ। କର୍ମଚାରୀ ସଂଘଗୁଡ଼ିକ କିନ୍ତୁ ଫିଟମେଣ୍ଟ୍ ଫ୍ୟାକ୍ଟରକୁ ଅଧିକ ରଖିବା ପାଇଁ ଦାବି କରି ଆସୁଛନ୍ତି। କମିସନଙ୍କୁ ସେମାନେ ଦେଇଥିବା ସ୍ମାରକପତ୍ରରେ ଏହାକୁ ୩.୮୩ ରଖିବା ପାଇଁ ଦାବି କରିଛନ୍ତି। ଏହା ହେଲେ କର୍ମଚାରୀମାନଙ୍କ ସର୍ବନିମ୍ନ ମୂଳ ବେତନ ୬୯ ହଜାର ଟଙ୍କା ହେବ। ଅଷ୍ଟମ ବେତନ କମିସନ ବିଭିନ୍ନ ରାଜ୍ୟ ଗସ୍ତ କରି ଅଂଶୀଦାରମାନଙ୍କ ସହିତ ବିଶଦ ଆଲୋଚନା ଚଳାଇଛନ୍ତି। ଆସନ୍ତାମାସରେ କମିସନ ଓଡ଼ିଶା ଆସିବା କାର୍ଯ୍ୟକ୍ରମ ରହିଛି। ବିଚାରବିମର୍ଶ ପ୍ରକ୍ରିୟା ଶେଷ ହେବା ପରେ କମିସନ ସବୁ ତଥ୍ୟକୁ ଏକାଠି କରି ଏକ ଚୂଡ଼ାନ୍ତ ରିପୋର୍ଟ ପ୍ରସ୍ତୁତ କରିବେ। ସେହି ରିପୋର୍ଟ ହିଁ କର୍ମଚାରୀମାନଙ୍କ ବେତନ ଓ ପେନସନଭୋଗୀମାନଙ୍କ ନୂଆ ପେନସନ୍ ନିର୍ଦ୍ଧାରଣ କରିବ। ସପ୍ତମ ବେତନ କମିସନ ଫିଟ୍‌ମେଣ୍ଟ୍ ଫ୍ୟାକ୍ଟରକୁ ୨.୫୭ ରଖିବା ଫଳରେ କର୍ମଚାରୀମାନଙ୍କ ସର୍ବନିମ୍ନ ବେତନ ୭ ହଜାର ଟଙ୍କାରୁ ୧୭୯୦୦ ଟଙ୍କାକୁ ବୃଦ୍ଧି ପାଇଥିଲା। ବେତନ ଓ ପେନସନ ବୃଦ୍ଧି କାରଣରୁ ୨୦୧୬-୧୭ରେ କେନ୍ଦ୍ର ସରକାରଙ୍କ ରାଜସ୍ୱ ବ୍ୟୟ ୯.୯ ପ୍ରତିଶତକୁ ବୃଦ୍ଧି ପାଇଥିଲା। ୨୦୧୫-୧୬ରେ ଏହା ୪.୮ ପ୍ରତିଶତ ରହିଥିଲା।



# ଜୁଲାଇ ୩୧ ପରେ ଇଭି ଲାଗି କେନ୍ଦ୍ର ସରକାରଙ୍କ ସବସିଡି ଶେଷ




ନୂଆଦିଲ୍ଲୀ,୨୮।୬: ଭାରତରେ ଇଲେକ୍ଟ୍ରିକ୍ ବାହନକୁ ପ୍ରୋତ୍ସାହନ ଦେବା ଲାଗି କେନ୍ଦ୍ର ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ସବସିଡି ଏବେ ସମାପ୍ତ ହେବାକୁ ଯାଉଛି। ୩୧ ଜୁଲାଇ ପରେ ଇଲେକ୍ଟ୍ରିକ୍ ବାଇକ୍ ଓ ସ୍କୁଟର କ୍ରେତାଙ୍କୁ ଆଉ ୫ ହଜାର ଟଙ୍କାର କେନ୍ଦ୍ରୀୟ ସବସିଡି ମିଳିବନି। ଏଣୁ ଇଭି କ୍ରୟ ଲାଗି ଲୋକଙ୍କ ବ୍ୟୟ ବଢ଼ିବ। ଏ ପର୍ଯ୍ୟନ୍ତ ଇଲେକ୍ଟ୍ରିକ୍ ଦୁଇ ଚକିଆ ଯାନ କ୍ରୟ ପାଇଁ ଲୋକଙ୍କୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ୫ ହଜାର ଟଙ୍କା ଲେଖାଏଁ ସବସିଡି ସହିତ ରୋଡ ଟ୍ୟାକ୍ସ, ରେଜିଷ୍ଟ୍ରେସନ ଫି, ସ୍ମାର୍ଟ କାର୍ଡ ଆରସି ଶୁଳ୍କ ଓ ଏଚଏସଆରପି ନମ୍ବର ପ୍ଲେଟ୍ ଶୁଳ୍କରେ ରିହାତି ମିଳୁଥିଲା।

ଏଣୁ ଇଭି କ୍ରୟରେ ଲୋକଙ୍କର ପାଖାପାଖି ୧୮,୦୦୦ ଟଙ୍କା ସଞ୍ଚୟ ହେଉଥିଲା। ତେବେ କେନ୍ଦ୍ର ସରକାର ୩୧ ଜୁଲାଇ ପରେ ସବସିଡି ସମାପ୍ତ କରିବା ଯୋଗୁ ଲୋକଙ୍କ ଇଲେକ୍ଟ୍ରିକ ଗାଡ଼ି କ୍ରୟ ବାବଦ ସଞ୍ଚୟ ଏବେ ହ୍ରାସ ହେବ। ଏବେ କେନ୍ଦ୍ରୀୟ ସବସିଡିର ଲାଭ କେବଳ ସେହି ବାହନଙ୍କୁ ମିଳିବ ଯାହାର ପଞ୍ଜିକରଣ ଓ ଇ-ଭାଉଚର ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଜାରି ହୋଇଥିବ। ଦେଶରେ ଏବେ ଇଲୋକ୍ଟ୍ରିକ ବାହନ ପ୍ରତି ଲୋକଙ୍କ ଆଗ୍ରହ ବଢ଼ିଛି। ଏଣୁ ଏପରି ବାହନ ବିକ୍ରି ମଧ୍ୟ ବଢ଼ିଛି। ବାହନ ବିକ୍ରି ସହ ଏଥି ପାଇଁ ଆବଶ୍ୟକ ହେଉଥିବା ଭିତ୍ତିଭୂମି ମଧ୍ୟ ତିଆରି ହେବାରେ ଲାଗିଲାଣି। ଦେଶରେ ଇଭି ଚାର୍ଜିଂ ଭିତ୍ତି ଭୂମି ଏବେ ଦ୍ରୁତ ବଢ଼ିବା ଆରମ୍ଭ ହୋଇଛି। ସାର୍ବଜନିକ ଚାର୍ଜିଂ ଷ୍ଟେସନ ସଂଖ୍ୟା ମଧ୍ୟ ବଢ଼ିଛି। ଏପରି ଚାର୍ଜିଂ ଷ୍ଟେସନ ସ୍ଥାପନା ନିମନ୍ତେ ପିଏମ ଇ-ଡ୍ରାଇଭ ଯୋଜନାରେ ଚାର୍ଜିଂ ଷ୍ଟେସନ ସବୁ ସ୍ଥାପିତ ହେବାରେ ଲାଗିଛି। ଏଣୁ ଆଗକୁ ଦେଶରେ ଇଭି ନିମନ୍ତେ ପେଟ୍ରୋଲ ବାହନଙ୍କ ଭଳି ସୁବିଧା ସବୁସ୍ଥାନରେ ଉପଲବ୍ଧ ହେବାରେ ଲାଗିବ। ଦେଶରେ ଇଭି ଆରଆଣ୍ଡଡି ରେ ମଧ୍ୟ ପରିବର୍ତ୍ତନ ଆସିଛି। ଏବେ ଅଧିକ ଦୂରଗାମୀ ଇଭି ବିକଶିତ ହେଉଥିବା ବେଳେ ଲୋକଙ୍କ ଆବଶ୍ୟକତା ପୂରଣ କରିପାରୁଛି।

# ସାବଧାନତା ସହ କରନ୍ତୁ ଅନଲାଇନ ସପିଙ୍ଗ



ନୂଆଦିଲ୍ଲୀ,୨୮।୬: ଆଜିକାଲି, ଅନଲାଇନ୍ ସପିଂ ଜୀବନକୁ ବହୁତ ସହଜ କରିଦେଇଛି। ଅଧିକାଂଶ ଲୋକ ଅନଲାଇନ୍ ସପିଂ କରିବାକୁ ପସନ୍ଦ କରନ୍ତି ଯାହା ଦ୍ୱାରା ସେମାନେ କୌଣସି ସ୍ଥାନକୁ ଯାତ୍ରା ନକରି ନିଜ ଘରୁ ସହଜରେ ସାମଗ୍ରୀ କିଣିପାରିବେ। ଏହି କାରଣରୁ ଲୋକମାନେ ପୋଷାକ, ମୋବାଇଲ୍ ଫୋନ୍ ଏବଂ ଔଷଧ ମଧ୍ଯ ଅର୍ଡର କରନ୍ତି। କିଛି ଲୋକ, ରିହାତି ଏବଂ କ୍ୟାସବ୍ୟାକ୍ ବାହାନାରେ, ଚିନ୍ତା ନକରି ସପିଂ ଆରମ୍ଭ କରନ୍ତି। ଆଜିକାଲି, ଠକମାନେ ମଧ୍ଯ ଏହି ଅଭ୍ୟାସର ସୁଯୋଗ ନିଅନ୍ତି। ଠକମାନେ ପ୍ରାୟତଃ ନକଲି ୱେବସାଇଟ୍, ନକଲି ଅଫର୍ ଏବଂ ଭ୍ରାମକ ଲିଙ୍କ୍ ମାଧ୍ଯମରେ ଲୋକଙ୍କୁ ଶୋଷଣ କରନ୍ତି। ଏପରି ପରିସ୍ଥିତିରେ, ସାମାନ୍ୟ ଅସାବଧାନତା ମଧ୍ଯ ଆପଣଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଖାଲି କରିପାରେ। ତେଣୁ, ଅନଲାଇନ୍ ସପିଂ କରିବା ସମୟରେ ଆପଣଙ୍କୁ ସତର୍କ ରହିବାକୁ ପଡିବ। ସୋସିଆଲ୍ ମିଡିଆ ଅଫର୍ ପ୍ରତି ସତର୍କ ରୁହନ୍ତୁ: ଆପଣ ପ୍ରାୟତଃ ହ୍ୱାଟ୍ସଆପ୍, ଇନଷ୍ଟାଗ୍ରାମ୍ ଏବଂ ଫେସବୁକ୍ ଭଳି ପ୍ଲାଟଫର୍ମରେ ପୋଷ୍ଟ ହୋଇଥିବା ଅଫର୍ ଏବଂ ଲିଙ୍କ୍ ଦେଖିଥିବେ। ଏହି ଅଫର୍ ଗୁଡିକ ଜିନିଷପତ୍ରର ମୂଲ୍ୟ ବହୁତ କମ୍ ପ୍ରଦର୍ଶନ କରେ, ଯାହା ଲୋକଙ୍କୁ କିଣିବାକୁ ପ୍ରଲୋଭିତ କରିବା। ତଥାପି, ଏହି ଲିଙ୍କଗୁଡ଼ିକ ମଧ୍ଯରୁ ଅନେକ ନକଲି, ଲୋକଙ୍କୁ ଠକିବା ପାଇଁ ଉଦ୍ଦିଷ୍ଟ। ଯାଞ୍ଚ ନକରି ଏପରି କୌଣସି ଅଫର୍ ଲିଙ୍କ୍ ଉପରେ କ୍ଲିକ୍ କରିବା ବିପଦଜନକ ହୋଇପାରେ।

ଅସଲି ଏବଂ ନକଲି ୱେବସାଇଟ୍ ଚିହ୍ନଟ କରିବା: ଅନଲାଇନରେ ସପିଂ କରିବା ସମୟରେ, ସଠିକ୍ ଆପ୍ କିମ୍ବା ୱେବସାଇଟ୍ ବ୍ୟବହାର କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସାଇବର ଅପରାଧୀମାନେ ପ୍ରାୟତଃ ନକଲି ୱେବସାଇଟ୍ ଏବଂ ଆପ୍ ତିଆରି କରି ଲୋକଙ୍କୁ ଠକୁଛନ୍ତି ଯାହା ପ୍ରକୃତ ଜିନିଷ ପରି ଦେଖାଯାଏ। ତେଣୁ, ନକଲି ଆପ୍ ଯୋଗୁଁ ଆପଣଙ୍କ ଆକାଉଣ୍ଟ ଖାଲି ହେବା ଏଡାଇବା ପାଇଁ କେବଳ ବିଶ୍ୱସ୍ତ ଏବଂ ବୈଧ ପ୍ଲାଟଫର୍ମରୁ ସପିଂ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ବ୍ୟାଙ୍କ ସୂଚନା ସେଭ କରନ୍ତୁ ନାହିଁ: ବ୍ୟସ୍ତତା ଯୋଗୁଁ, ଲୋକମାନେ ପ୍ରାୟତଃ ଆପ୍ ଏବଂ ୱେବସାଇଟ୍ ରେ ସେମାନଙ୍କର ଡେବିଟ୍ କିମ୍ବା କ୍ରେଡିଟ୍ କାର୍ଡ ବିବରଣୀ କିମ୍ବା ନେଟ୍ ବ୍ୟାଙ୍କିଂ ସୂଚନା ସେଭ କରନ୍ତି। ଏହା ବିପଦପୂର୍ଣ୍ଣ ହୋଇପାରେ। ଯଦି ୱେବସାଇଟ୍ ସୁରକ୍ଷିତ ନୁହେଁ, ତେବେ ଆପଣଙ୍କ ବ୍ୟାଙ୍କ ବିବରଣୀ ଭୁଲ ହାତରେ ପଡ଼ିପାରେ। ନକଲି ଇମେଲ୍ ଏବଂ ଅଫରଗୁଡ଼ିକୁ ଏଡାନ୍ତୁ: ସାଇବର ଅପରାଧୀମାନେ ପ୍ରାୟତଃ ନକଲି ଅଫର ସହିତ ଇମେଲ ମାଧ୍ଯମରେ ଲୋକଙ୍କୁ ଠକନ୍ତି। ସେମାନେ ପ୍ରଥମେ ଆପଣଙ୍କୁ ଅଫର ଇମେଲ୍ କରନ୍ତି ଯାହା ଆପଣଙ୍କୁ କ୍ୟାସବ୍ୟାକ୍, ରିହାତି କିମ୍ବା ଗିଫ୍ଟ ଭାଉଚରର ପ୍ରଲୋଭନ ଦେଇଥାଏ। ଏହି ଇମେଲରେ ଥିବା ଲିଙ୍କରେ କ୍ଲିକ୍ କରିବା ମାତ୍ରେ, ଆପଣଙ୍କର ଡାଟା ତୁରନ୍ତ ଚୋରି ହୋଇଯାଏ। ତେଣୁ, କୌଣସି ଅଜଣା ଇମେଲ୍ କିମ୍ବା ଲିଙ୍କକୁ ବିଶ୍ୱାସ କରନ୍ତୁ ନାହିଁ; ବରଂ, ଏହାକୁ ତୁରନ୍ତ ଡିଲିଟ୍ କରନ୍ତୁ।



# ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୫,୯୧୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୩,୭୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୫,୯୧୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ହଜାର ୧,୩୩,୭୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୫,୯୧୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୩୩,୭୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୪୩,୦୬୦ ଟଙ୍କା ଓ ୨୨ କ୍ୟାରଟେ ୧,୩୩,୯୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୪୭,୯୩୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୫,୬୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୫,୯୧୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୩୩,୭୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୪୫,୦୦୦ ଟଙ୍କା ହୋଇଛି।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୮୧ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୫୨ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ ଟଙ୍କା ୧୮ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩.୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୭ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା୫୫ ପଇସା ରହିଛି ।



### ବର୍ଷା ଋତୁରେ ବଢ଼ିଲା ଚିନ୍ତା

# ରାହାଣରୁ ବେହେରା ସାହି ରାସ୍ତା ଶୋଚନୀୟ

## ସ୍ଥାୟୀ ମରାମତି ଦାବି

ବାଲିକୁଦା,୨୮।୬ (ସଂଚାର ବ୍ୟୁରୋ): ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ଅନ୍ତର୍ଗତ ରାହାଣ ପଞ୍ଚାୟତର ରାହାଣ ମୁଖ୍ୟ ରାସ୍ତା ଠାରୁ ବେହେରା ସାହି ରାସ୍ତା (୫୦୦ ମିଟର) ସାମାନ୍ୟ ବର୍ଷାରେ ସମ୍ପୂର୍ଣ୍ଣ କାଦୁଅରେ ପରିଣତ ହୋଇପଡ଼ିଛି। ଫଳରେ ଏହି ରାସ୍ତା ଉପରେ ନିର୍ଭରଶୀଳ ସ୍ଥାନୀୟ ଜନ ସାଧାରଣ ଦୈନନ୍ଦିନ ଜୀବନରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ମଧ୍ୟ ଗ୍ରାମବାସୀଙ୍କ ଭାଗ୍ୟରେ ଭଲ ରାସ୍ତାଟିଏ ଜୁଟି ନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଅଳ୍ପ ବର୍ଷା ହେଲେ ରାସ୍ତାରେ ଆଣ୍ଠୁଏ ଆଣ୍ଠୁଏ କାଦୁଅ ଜମିଯାଉଥିବାରୁ ପାଦରେ ଚାଲିବା ମଧ୍ୟ କଷ୍ଟକର ହୋଇପଡୁଛି। ଦୁଇଚକିଆ ଯାନ ଚଳାଚଳ ପ୍ରାୟ ଅସମ୍ଭବ ହୋଇପଡୁଥିବା ବେଳେ ବୃଦ୍ଧ, ମହିଳା, ଛୋଟ ପିଲା ଏବଂ ସ୍କୁଲ୍ ଛାତ୍ରଛାତ୍ରୀମାନେ ସବୁଠାରୁ ଅଧିକ ହଇରାଣ ହେଉଛନ୍ତି। ଜରୁରୀ ପରିସ୍ଥିତିରେ ରୋଗୀଙ୍କୁ ହସ୍ପିଟାଲକୁ ନେବା ମଧ୍ୟ କଷ୍ଟସାଧ୍ୟ ହୋଇପଡୁଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

ସ୍ଥାନୀୟ ଅଂଚଳର ରୂପ ଦଳେଇ, ଗୋପ ଦଳେଇ, ରୂପ ବେହେରା, ବିପ୍ର ବେହେରା, ମାନସ ମହାପାତ୍ର, ମନୋଜ ମହାପାତ୍ର, ତୋଫାନ ବେହେରାଙ୍କ ପ୍ରମୁଖ,ରାସ୍ତାର ସ୍ଥାୟୀ ଉନ୍ନତିକରଣ ପାଇଁ ବହୁବାର ପଞ୍ଚାୟତ ଓ ସମ୍ପୃକ୍ତ ବିଭାଗର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ଫଳପ୍ରଦ ପଦକ୍ଷେପ ନିଆଯାଇନାହିଁ ବୋଲି କ୍ଷୋଭ ପ୍ରକାଶ କରିଛନ୍ତି।

ବର୍ଷା ଋତୁ ଆରମ୍ଭ ହୋଇଥିବାରୁ ଆଗାମୀ ଦିନରେ ରାସ୍ତାର ଅବସ୍ଥା ଆହୁରି ଶୋଚନୀୟ ହେବାର ଆଶଙ୍କା ରହିଛି, ତେଣୁ ଉକ୍ତ ରାସ୍ତାର ତୁରନ୍ତ ମରାମତି କିମ୍ବା ସ୍ଥାୟୀ ପ୍ରତିକାର କରି ଗ୍ରାମବାସୀଙ୍କ ଯାତାୟାତ ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ସ୍ଥାନୀୟ ଲୋକେ ଜିଲ୍ଲା ପ୍ରଶାସନ ଓ ବାଲିକୁଦା ବ୍ଲକ ପ୍ରଶାସନଙ୍କ ନିକଟରେ ଦୃଢ଼ ଦାବି ଜଣାଇଛନ୍ତି।

## ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟ ପରିସରରୁ ରୋଗୀଙ୍କ ମୃତଦେହ ଉଦ୍ଧାର



ଢେଙ୍କାନାଳ,୨୮।୬ (ସଂଚାର ବ୍ୟୁରୋ): ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରୁ ଜଣେ ଡିସଚାର୍ଜ ରୋଗୀଙ୍କ ମୃତଦେହ ଉଦ୍ଧାର ଘଟଣାକୁ ନେଇ ଚର୍ଚ୍ଚା ବଢ଼ିଛି। ପରିବାର ଲୋକ ହତ୍ୟା ଅଭିଯୋଗ ଆଣିଥିବା ବେଳେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ମୃତକ ହେଲେ ଢେଙ୍କାନାଳ ଜିଲ୍ଲା ଗଁଦିଆ ଥାନା ଅନ୍ତର୍ଗତ କାଙ୍କଲୁଣ୍ଡା ଗ୍ରାମର ମନୋରଞ୍ଜନ ପଟ୍ଟନାୟକ। (୩୮) ସୂଚନା ଅନୁଯାୟୀ, ଗତକାଲି ସକାଳେ ଅସୁସ୍ଥ ଅନୁଭବ କରିବାରୁ ସେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ।

ରାତି ପ୍ରାୟ ୯ଟା ସମୟରେ ସେ ଡିସଚାର୍ଜ ଫର୍ମରେ ନିଜେ ଦସ୍ତଖତ କରି ହସ୍ପିଟାଲରୁ ବାହାରିଥିବା କୁହାଯାଉଛି। ତେବେ ଆଜି ସକାଳେ ହସ୍ପିଟାଲ ପରିସରର ଅର୍ଦ୍ଧନିର୍ମିତ ଆଇସିୟୁ କୋଠା ନିକଟରେ ତାଙ୍କର ମୃତଦେହ ପଡ଼ିଥିବା ସୁରକ୍ଷା କର୍ମୀ ଦେଖିଥିଲେ। ପରେ ଘଟଣା ସମ୍ପର୍କରେ ପୋଲିସକୁ ଖବର ଦିଆଯାଇଥିଲା।

ଘଟଣାସ୍ଥଳରେ ଟାଉନ ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅନ୍ୟପଟେ ମୃତକଙ୍କ ପରିବାର ଲୋକ ଏହାକୁ ହତ୍ୟା ଘଟଣା ବୋଲି ଅଭିଯୋଗ କରିଛନ୍ତି ଏବଂ କେହି ମନୋରଞ୍ଜନଙ୍କୁ ହତ୍ୟା କରି ସେଠାରେ ଫିଙ୍ଗି ଦେଇଥିବା ସନ୍ଦେହ ପ୍ରକାଶ କରିଛନ୍ତି। ତେବେ ମୃତ୍ୟୁର ପ୍ରକୃତ କାରଣ ପୋଲିସ ତଦନ୍ତ ଓ ପୋଷ୍ଟମର୍ଟମ ରିପୋର୍ଟ ପରେ ସ୍ପଷ୍ଟ ହେବ ବୋଲି ସୂଚନା ମିଳିଛି।

## ନାବାଳିକା ଅପହରଣ ଓ ଦୁଷ୍କର୍ମ ଅଭିଯୋଗରେ ଦୁଇ ଅଟକ

ବାରିପଦା,୨୮।୬ (ସଂଚାର ବ୍ୟୁରୋ): ଜନୈକ ନାବାଳିକା କୁ ଅପହରଣ ଓ ଦୁଷ୍କର୍ମ ମାମଲାରେ ଦୁଇ ଜଣ ଯୁବକ ଥାନାରେ ଅଟକ। ଏହିଭଳି ଏକ ଲଜ୍ୟାଜନକ ଘଟଣା ଘଟିଅଛି ମୟୂରଭଞ୍ଜ ଜିଲ୍ଲା ଚାନ୍ଦୁଆ ଥାନା ଅଞ୍ଚଳରେ। ଗତକାଲି ରାତ୍ରୀରେ ଉକ୍ତ ଅଞ୍ଚଳରେ ଏକ ବିବାହ ଭୋଜି ଚାଲିଥିବାବେଳେ ନାବାଳିକା ଜଣକ ସେଠାକୁ ଯାଇ ଆଉ ଘରକୁ ଫେରିନଥିଲେ। ଏ ବାବଦରେ ପରିବାରଲୋକେ ଥାନାରେ ଅଭିଯୋଗ କରିଥିଲେ। ଆଜି ନାବାଳିକା ଘରକୁ ଫେରିବାପରେ ସବୁ କଥା କହିଥିଲେ। ପୋଲିସ ନାବାଳିକା ର ବୟାନ କୁ ଭିତ୍ତି କରି ଦୁଇ ଜଣ ଯୁବକକୁ ଥାନାକୁ ଆଣି ଅଟକ ରଖି ଅଧିକ ତଦନ୍ତ କରୁଅଛି।

## ବିଦ୍ୟାଧର ମହାନ୍ତି ଓଡ଼ିଶା ଜନତା କଂଗ୍ରେସର ଯାଜପୁର ଜିଲ୍ଲା ସଭାପତି



ଯାଜପୁର ରୋଡ଼,୨୮।୬ (ସଂଚାର ବ୍ୟୁରୋ): ଓଡ଼ିଶା ଜନତା କଂଗ୍ରେସ ପାର୍ଟିର ସୁପ୍ରିମୋ ତଥା ସଭାପତି ଇଂ ମହମ୍ମଦ ମୋକିମ୍'ଙ୍କ ଅନୁମୋଦନ କ୍ରମେ ପାର୍ଟି ପକ୍ଷରୁ ଯାଜପୁର ଜିଲ୍ଲା ସଭାପତି ଭାବେ ଶ୍ରୀ ବିଦ୍ୟାଧର ମହାନ୍ତି'ଙ୍କୁ ମୋନୋନୀତ କରାଯାଇଛି। ସେ ଜଣେ ଅନୁଭବି ସଂଗ୍ରାମୀ ନେତା ଭାବେ ଜିଲ୍ଲାରେ ବିଭିନ୍ନ ସମସ୍ୟାକୁ ନେଇ ବ୍ଲକ ଠାରୁ ଆରମ୍ଭ କରି ମୁନିସିପାଲିଟି ପର୍ଯ୍ୟନ୍ତ ଦୀର୍ଘ ୪୦ ବର୍ଷ ଧରି ଲଢ଼େଇ କରିବା ସହିତ କୋରାଇ ବିଧାନସଭା ପାଇଁ ସ୍ୱାଧୀନ ପ୍ରାର୍ଥୀଭାବେ ୨୦୦୦ ଓ ୨୦୦୪ ମସିହାରେ ନିର୍ବାଚନ ଲଢ଼ିଥିଲେ। ତାଙ୍କ ଉପରେ ଓଜେସି ପାର୍ଟିର ରାଜ୍ୟସଭାପତି ଶ୍ରୀ ମୋକିମ ବିଶ୍ୱାସ ପ୍ରକଟ କରିଥିବାରୁ ଶ୍ରୀ ମହାନ୍ତି କୃତଜ୍ଞତା ଜଣାଇବା ସହିତ ସରକାରଙ୍କ ବିଫଳତା ବିରୋଧର ସଂଗ୍ରାମ ଜାରୀ ରଖିବାକୁ ଏକ ବିବୃତିରେ ପ୍ରକାଶ କରିଛନ୍ତି। କୋରେଇ ନିର୍ବାଚନ ମଣ୍ଡଳୀରେ ସେ ଜଣେ ବରିଷ୍ଠ ନେତା, ଗ୍ରାଉଣ୍ଡ ଜିରୋ ସଂଗଠକ ଓ ତୃଣମୂଳ ସ୍ତରରେ ଶ୍ରମିକ ନେତା ଭାବେ ଏବେବି ତାଙ୍କ ସଂଗଠନକୁ ସେ ସଶକ୍ତ କରି ରଖିଛନ୍ତି। ଜିଲ୍ଲା ସଭାପତି ହୋଇଥିବାରୁ ତାଙ୍କ ପାଖକୁ ଏବେ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟୁଥିବା ଦେଖିବାକୁ ମିଳିଛି।

## ସରପଞ୍ଚ ବାପିନା ଖଣ୍ଡାୟୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଳିତ



ପଟ୍ଟାମୁଣ୍ଡାଇତା,୨୮।୬ (ସଂଚାର ବ୍ୟୁରୋ):ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ନୀଳକଣ୍ଠପୁର ପଞ୍ଚାୟତର ଯୁବସରପଞ୍ଚ ଦିବଂଗତ ଜ୍ଞାନ ରଞ୍ଜନ ଖଣ୍ଡାୟୀ ୧ମ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି। ସମାଜସେବୀ ଶାନ୍ତନୁ ପରିଡାଙ୍କ ସଂଯୋଜନାରେ ଗୋବିନ୍ଦପୁରରେ ଆୟୋଜିତ ୧ମ ଶ୍ରାଦ୍ଧବାର୍ଷିକୀ ସମାରୋହରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ଲିଳିତା ଦାସ, ଜିଲ୍ଲା ପରିଷଦ ସଭ୍ୟା ମଧୁଛନ୍ଦା ମହାନ୍ତି ଓ ପ୍ରିୟ ଦର୍ଶନୀ ତରାଇ,କେନ୍ଦ୍ରାପଡ଼ା ବ୍ଲକ ପ୍ରାକ୍ତନ ଅଧ୍ୟକ୍ଷ ଦୁର୍ଗାଶିଷ ମହାନ୍ତି, ପଟ୍ଟାମୁଣ୍ଡାଇ ବ୍ଲକ ସରପଞ୍ଚ ସଂଘ ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ଷଡଙ୍ଗୀ, ଗାଙ୍ଗପଡା ସରପଞ୍ଚ ଅଶ୍ୱିନୀ ପାତ୍ର,ପ୍ରାକ୍ତନ ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ଦାସ, ସମିତି ସଭ୍ୟ ଅଭୟ ସ୍ୱାଇଁ, କଖାରୁଣୀ ସରପଞ୍ଚ ରମେଶ ମଲ୍ଲିକ,ଦେବାଶିଷ ମହାନ୍ତି ବିମଳ ଖଣ୍ଡାୟୀ ପ୍ରମୁଖ ଯୋଗ ଦେଇ ନୀଳକଣ୍ଠପୁର ପଂଚାୟତ ବିକାଶ ରେ ଦିବଂଗତ ସରପଞ୍ଚ ଜ୍ଞାନ ରଞ୍ଜନ ଖଣ୍ଡାୟୀଙ୍କ ଅବଦାନ ସମ୍ପର୍କ ରେ ଆଲୋକପାତ କରିବା ସହିତ ତାଙ୍କ ଅମ୍ଳାନ ସ୍ମୃତି ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ତାଙ୍କ ଆତ୍ମାର ସଦଗତି ପାଇଁ ୧ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ପ୍ରମୋଦ ଖଣ୍ଡାୟୀ ଧନ୍ୟବାଦ ଦେଇଥିଲେ।ଏହି କାର୍ଯ୍ୟକ୍ରମକୁ ପ୍ରସନ୍ନ ଖଣ୍ଡାୟୀ , ବିମଳ ଖଣ୍ଡାୟୀ , ରମାକାନ୍ତ ଖଣ୍ଡାୟୀ ପ୍ରମୁଖ ପରିଚାଳନା କରିଥିଲେ।

## ଜଳସୁଆଁ ପଞ୍ଚାୟତରେ ହିତାଧିକାରୀଙ୍କୁ ଅନ୍ନପୂର୍ଣ୍ଣା କାର୍ଡ ବଣ୍ଟନ



ଆନନ୍ଦପୁର,୨୮।୬ (ସଂଚାର ବ୍ୟୁରୋ):ରାଜ୍ୟ ସରକାରଙ୍କ ଦୁଇ ବର୍ଷର କାର୍ଯ୍ୟକାଳ ପୂର୍ତ୍ତି ଅବସରରେ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକର ଜଳସୁଆଁ ପଞ୍ଚାୟତରେ ଆୟୋଜିତ ହୋଇଛି 'ବିକାଶର ଧାରା- ଓଡ଼ିଶା ସାରା' କାର୍ଯ୍ୟକ୍ରମ। ଏହି ଅବସରରେ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରାଯିବା ସହ ସ୍ୱାସ୍ଥ୍ୟ ପରୀକ୍ଷା, ଅନ୍ନପୂର୍ଣ୍ଣା କାର୍ଡ ବଣ୍ଟନ ଓ ଅଙ୍ଗନୱାଡ଼ି କର୍ମୀଙ୍କୁ ମୋବାଇଲ୍ ଫୋନ ପ୍ରଦାନ କରାଯାଇଛି। ଆନନ୍ଦପୁର ବ୍ଲକ ଜଳସୁଆଁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତ ନିର୍ବାହୀ ଅଧିକାରିଣୀ ପୂଜାଶ୍ରୀ ପ୍ରିୟଦର୍ଶିନୀ ରାଉତଙ୍କ ନେତୃତ୍ୱରେ 'ବିକାଶର ଧାରା- ଓଡ଼ିଶା ସାରା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ବିଭାଗ, ମିଶନ ଶକ୍ତି, ଅଙ୍ଗନୱାଡ଼ି ବିଭାଗ ସମେତ ବିଭିନ୍ନ ସରକାରୀ ବିଭାଗର କର୍ମଚାରୀମାନେ ଯୋଗଦେଇ ଗତ ଦୁଇ ବର୍ଷ ମଧ୍ୟରେ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଉପସ୍ଥିତ ଲୋକଙ୍କୁ ସଚେତନ କରିଥିଲେ। ସ୍ଥାନୀୟ ସରପଞ୍ଚ ପ୍ରଶାନ୍ତି ମାଝୀ ଓ ସମିତି ସଭ୍ୟା ସନ୍ଧ୍ୟାରାଣୀ ବିଶ୍ୱାଳ ଯୋଗଦେଇ ସରକାରଙ୍କ ବିଭିନ୍ନ କଲ୍ୟାଣମୂଳକ ଯୋଜନାର ସଫଳ ରୂପାୟନ ଏବଂ ସାଧାରଣ ଲୋକଙ୍କ ପାଖରେ ସେଗୁଡ଼ିକର ସୁବିଧା ପହଞ୍ଚାଇବା ଉପରେ ଗୁରୁତ୍ୱାରୋପ କରିଥିଲେ।

କାର୍ଯ୍ୟକ୍ରମରେ ଶତାଧିକ ମିଶନ ଶକ୍ତି ମହିଳା, ସିଆରପି, ଏମ୍ବିକେ, ୱାର୍ଡ ମେମ୍ବର ଓ ସ୍ଥାନୀୟ ବାସିନ୍ଦା ଯୋଗଦେଇଥିଲେ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଟୋଲଙ୍କପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରିଣୀ ଭଗବତୀ ସାହୁ ଓ ପୁରୁଷ ସ୍ୱାସ୍ଥ୍ୟ କର୍ମୀ ସତ୍ୟବ୍ରତ ସାହୁଙ୍କ ତତ୍ତ୍ୱାବଧାନରେ ଉପସ୍ଥିତ ମହିଳା ଓ ପୁରୁଷଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହି ଅବସରରେ ଅଙ୍ଗନୱାଡ଼ି କର୍ମୀମାନଙ୍କୁ ମୋବାଇଲ୍ ଫୋନ ବଣ୍ଟନ କରାଯାଇଥିବା ବେଳେ ଯୋଗ୍ୟ ହିତାଧିକାରୀଙ୍କୁ ଅନ୍ନପୂର୍ଣ୍ଣା ଯୋଜନାର କାର୍ଡ ମଧ୍ୟ ପ୍ରଦାନ କରାଯାଇଥିଲା।

### କନ୍ଧମାଳରେ ହାତୀ ଆତଙ୍କ

# ଜନସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର



କନ୍ଧମାଳ,୨୮।୬ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲାରେ ହାତୀ ଉପଦ୍ରବ ଏବେ ଜନଜୀବନ ପାଇଁ ଏକ ଗମ୍ଭୀର ଚ୍ୟାଲେଞ୍ଜ ହୋଇଉଠିଛି। ବିଶେଷକରି ଘୁ.ଉଦୟଗିରି, ଟିକାବାଲି ଓ ରାଇକିଆ ବ୍ଲକର ବନାଞ୍ଚଳ ସଂଲଗ୍ନ ଗ୍ରାମଗୁଡ଼ିକରେ ହାତୀ ଏବଂ ବନ୍ୟଶୂକରଙ୍କ ଉପଦ୍ରବ ଯୋଗୁଁ ସାଧାରଣ ଲୋକଙ୍କ ଜୀବନ ଅସୁରକ୍ଷିତ ହୋଇପଡ଼ିଛି। ଜନସାଧାରଣ ଭୟ ଓ ଆତଙ୍କ ମଧ୍ୟରେ ଦିନ କାଟୁଥିବା ବେଳେ ଏହି ସମସ୍ୟାର ସ୍ଥାୟୀ ସମାଧାନ ଦାବିରେ ଆଜି ଘୁ.ଉଦୟଗିରି ତହସିଲଦାର ସମୁଦ୍ର ମିଶ୍ରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ସ୍ଥାନୀୟ ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ, ନିକଟ ଅତୀତରେ ହାତୀ ଆକ୍ରମଣରେ ୫ ଜଣ ଆଦିବାସୀଙ୍କ ମୃତ୍ୟୁ ଘଟିଥିବା ବେଳେ ୧୩ଟି ଗୃହପାଳିତ ପଶୁ ମଧ୍ୟ ପ୍ରାଣ ହରାଇଛନ୍ତି। ଏଥିସହ ଶହ ଶହ ଏକର ଚାଷଜମି ନଷ୍ଟ ହୋଇଥିବା ବେଳେ ଅନେକ ଘରବାଡ଼ି ଭାଙ୍ଗିଯାଇଛି। ସନ୍ଧ୍ୟା ହେଲେ ହାତୀପଲ ଗାଁ ମଧ୍ୟକୁ ପଶି ଆସୁଥିବାରୁ ସ୍କୁଲ ଛାତ୍ରଛାତ୍ରୀଙ୍କ ପାଠପଢ଼ା, ଚାଷୀଙ୍କ ଜୀବିକା ଓ ସାଧାରଣ ଲୋକଙ୍କ ନିତ୍ୟଜୀବନ ବାଧାପ୍ରାପ୍ତ ହେଉଛି। ଅଭିଯୋଗ ସତ୍ତ୍ୱେ ପ୍ରଶାସନ ଓ ବନ ବିଭାଗ ପକ୍ଷରୁ ଆଶାନୁରୂପ ପଦକ୍ଷେପ ଗ୍ରହଣ ହେଉନଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଚାଲିଛି। ତେଣୁ ଜନସୁରକ୍ଷା ଓ ମାନବ-ବନ୍ୟଜନ୍ତୁ ସଂଘର୍ଷ ରୋକିବା ପାଇଁ ନିମ୍ନଲିଖିତ ଦାବିଗୁଡ଼ିକ ଉଠାଯାଇଛି। କନ୍ଧମାଳ ଜିଲ୍ଲା ପାଇଁ ସ୍ୱତନ୍ତ୍ର ର୍ୟାପିଡ୍ ରେସ୍ପନ୍ସ ଟିମ୍ ଗଠନ, ୨୪×୭ ଜରୁରୀକାଳୀନ ହେଲ୍ପଲାଇନ୍ ବ୍ୟବସ୍ଥା, ବନ୍ୟଜନ୍ତୁ ପ୍ରବଣ ଅଞ୍ଚଳରେ ସୋଲାର ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ ଓ ନିୟମିତ ପାଟ୍ରୋଲିଂ, କ୍ଷତିଗ୍ରସ୍ତ ଚାଷୀ ଓ ପରିବାରଗୁଡ଼ିକୁ ତୁରନ୍ତ ଓ ଉଚିତ କ୍ଷତିପୂରଣ, ହାତୀ ଚଳପ୍ରଚଳ ଅଞ୍ଚଳରେ ଆଧୁନିକ 'ଅର୍ଲି ୱାର୍ନିଂ ସିଷ୍ଟମ୍' ଏବଂ ସୁରକ୍ଷା ବାଡ଼ ନିର୍ମାଣ।

ଏହି ଦାବିପତ୍ରର ନକଲ ବନ ଓ ପରିବେଶ ମନ୍ତ୍ରୀ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ, କନ୍ଧମାଳ ଜିଲ୍ଲାପାଳ ଏବଂ ଡିଏଫଓଙ୍କ ନିକଟକୁ ମଧ୍ୟ ପଠାଯାଇଛି। ପ୍ରଶାସନ ତୁରନ୍ତ ଦୃଢ଼ ପଦକ୍ଷେପ ଗ୍ରହଣ ନକଲେ ଆଗାମୀ ଦିନରେ ବୃହତ୍ତର ଗଣଆନ୍ଦୋଳନ ଆରମ୍ଭ କରାଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

## ମେଘଡେଗା ଗ୍ରାମରେ ହତ୍ୟାକାଣ୍ଡ



ସୁନ୍ଦରଗଡ଼,୨୮।୬ (ସଂଚାର ବ୍ୟୁରୋ): ଜୁନ ୨୮ ତାରିଖ ରବିବାର ଅପରାହ୍ନ ୨ଟାରେ ସଦର ଥାନା ଅନ୍ତର୍ଗତ ମେଘଡେଗା ଗ୍ରାମରେ ଦୁଇ ଜଣ ବ୍ୟକ୍ତି ମଧ୍ୟରେ ହଠାତ୍ ଝଗଡ଼ା ଯୋଗୁଁ ଅଭିଯୁକ୍ତ ତରଣି ଦାଶ ପଙ୍କଜ ଧୁଆଁଙ୍କ ମୁଣ୍ଡରେ କୁରାଢ଼ିରେ ଆକ୍ରମଣ କରିଥିଲା, ଯାହା ଫଳରେ ତାଙ୍କ ମୁଣ୍ଡରେ ଅନେକ ଆଘାତ ଲାଗିଥିଲା। ପୀଡିତାଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି ଏବଂ ଅସ୍ତ୍ର ଜବତ କରାଯାଇଛି। ସାଇଣ୍ଟିଫିକ ଦଳ ଘଟଣାସ୍ଥଳ ପରିଦର୍ଶନ କରି ପ୍ରମାଣ ସଂଗ୍ରହ କରିଛି। ପିଏମ୍ ପରୀକ୍ଷା ପରେ ମୃତଦେହ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରାଯାଇଛି। ଜୁଇ ଧୁଆଁଙ୍କ ଅଭିଯୋଗର ରିପୋର୍ଟ ଅନୁଯାୟୀ ସଦର ପିଏସ୍ ମାମଲା ନଂ-୩୪୧ ୧୦୩(୧) ବିଏନ୍ଏସ୍ ରେଜିଷ୍ଟ୍ରେଟ୍ ହୋଇଛି ଏବଂ ପୋଲିସ ଦ୍ୱାରା ତଦନ୍ତ ଚାଲିଛି।

### ଜୁନ ମାସ ସରିବାକୁ ବସିଲାଣି, ବିଲ ରୁଆ ବଦଳରେ ଚରୁଛନ୍ତି ଗୋରୁ

# ଆସନ୍ନ ମରୁଡ଼ି ଆଶଙ୍କାରେ ଚାଷୀକୁଳ



ବୈଶିଙ୍ଗା,୨୮।୬ (ସଂଚାର ବ୍ୟୁରୋ): ଜୁନ୍ ମାସ ସରିବାକୁ ବସିଲାଣି, ଧାନ ତଳି ପକାଇ ଚାଷୀ ରୁଆ କାମ କରିବା କଥା ମାତ୍ର ଚାଷଜମି ଶୁଖିଲା ପଡିଛି, ଗୋରୁ ଗାଈ ଅଟକ ହେବା ବଦଳରେ ଚାଷଜମିରେ ଚରୁଛନ୍ତି। ଜଳସେଚନର କୌଣସି ବ୍ୟବସ୍ଥା ନଥିବାରୁ ବର୍ଷାଜଳ ଉପରେ ଚାଷୀଙ୍କ ଭରସା। ଏପଟେ ମୌସୁମୀର ଲୁଚକାଳି ଖେଳ ସେପଟେ ସୁବର୍ଣ୍ଣରେଖା ଜଳସେଚନ ନାମରେ ଦୀର୍ଘ ୪୦ ବର୍ଷରୁ ଉର୍ଦ୍ଧ ହେବ ସରକାର ଠକିଚାଲିଥିବା ଯୋଗୁ ଚାଷୀମାନେ ଲଘୁଚାପ ବର୍ଷା ଉପରେ ନିର୍ଭର କରି ଆସୁଛନ୍ତି।

ସୁବର୍ଣ୍ଣରେଖା କେନାଲ ନିର୍ମାଣର ମନ୍ଥର ଗତି ଓ ନିମ୍ନମାନର କାର୍ଯ୍ୟ ଯୋଗୁ ଅଧିକାଂଶ ସ୍ଥାନରେ କଂକ୍ରିଟ ଫାଟିଗଲାଣି। ବେତନଟୀ ବ୍ଲକରେ ମୋଟ ସତର ହଜାରରୁ ଉର୍ଦ୍ଧ ବିଭିନ୍ନ କିସମର ଚାଷଜମି ଥିବାବେଳେ ଅଦ୍ୟାବଧି ବିଲରେ ଲଙ୍ଗଳ ମୁନ ବାଜିନାହିଁ। ଏ ଅଞ୍ଚଳର ୮୦ ଭାଗରୁ ଉର୍ଦ୍ଧ ଲୋକ ଖରିଫ ଧାନ ଚାଷ ଉପରେ ନିର୍ଭର କରୁଥିବାରୁ ଚଳିତ ବର୍ଷର ବର୍ଷାକୁ ନେଇ ଦ୍ୱନ୍ଦ୍ୱରେ ଥିବା ଜଣାଯାଇଛି।

ରଜପର୍ବ ସମୟରୁ ଚାଷୀ ତଳିପକା କାମ ସାରିଦେଇ ରଜପରେ ବର୍ଷାକୁ ଅନାଇ ରହିଥାଏ, ବର୍ଷହେଲେ ତଳି ରୁଆ କାମ ଆରମ୍ଭ କରିଥାଏ, ମାତ୍ର ଚଳିତ ବର୍ଷ ବର୍ଷାକୁ ଚାହିଁ ଦିନ କାଟୁଥିଲେ ମଧ୍ୟ ଜୁନ ମାସରେ ବର୍ଷା ଆଦୌ ନହେବା ଫଳରେ ଚାଷୀକୁଳ ଚିନ୍ତାରେ ପଡିଛନ୍ତି। ଏପଟେ ବର୍ଷା ନଥିବା ଯୋଗୁ ଅନ୍ୟାନ୍ୟ ଚାଷ କରିବା ଚାଷୀପକ୍ଷେ ସମ୍ଭବପର ହେଉନାହିଁ।

ସୁବର୍ଣ୍ଣରେଖା କେନାଲ କାମ ସରିବ, ପାଣି ଆସିବ ସେହି ଆଶାନେଇ କେନାଲ ପାଇଁ କମ୍ ଦାମରେ ଜମି ସରକାରଙ୍କୁ ବିକି କ୍ଷତି ସହିଲେ ମାତ୍ର ଫଳ କିଛି ହେଲାନି। କେବେ ମୌସୁମୀ ବର୍ଷାକୁ ଅପେକ୍ଷା ନକରି କେନାଲ ପାଣି ଆସିବ ଉତ୍ତମ ଚାଷହେବ, ଚାଷୀ ମୁହଁରେ ହସ ଫୁଟିବ ସେହି ଆଶାନେଇ ଚାଷୀ ଅନାଇ ବସିଛନ୍ତି।

## ରେତ ଡାହାଣ କେନାଲ ସମ୍ପ୍ରସାରଣ ଦାବି ତେଜିଲା



ଲାଞ୍ଜିଗଡ଼,୨୮।୬ (ସଂଚାର ବ୍ୟୁରୋ): ରେତ ଡାହାଣ କେନାଲ ସମ୍ପ୍ରସାରଣ ପାଇଁ ନର୍ଲା ଓ ଲାଞ୍ଜିଗଡ଼ ବ୍ଲକର ୨୦ଖଣ୍ଡ ଗାଁର ଚାଷୀଙ୍କୁ ନେଇ ଗଠିତ କୃଷକ ବିକାଶ ମଞ୍ଚର ଦ୍ୱିତୀୟ ବୈଠକ ଆଜି ଲାଞ୍ଜିଗଡ଼ ବ୍ଲକ ଗୋବର୍ଦ୍ଧନପୁର ପଞ୍ଚାୟତ ଗୋପାଳପୁରଠାରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଚାଷୀ ଅନୀଲ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରେତ ଡାହାଣ କେନାଲ ସମ୍ପ୍ରସାରଣ ପାଇଁ ଜୋରଦାର ଲଢ଼େଇ ପାଇଁ ଏକସୂତ୍ରୀ ପ୍ରସ୍ତାବ ଗ୍ରହଣ କରାଯାଇଥିଲା।

ଅଞ୍ଚଳର ଚାଷୀମାନଙ୍କ ଏହି ଦାବିକୁ ସରକାର ଓ ପ୍ରଶାସନ ନିକଟରେ ଦୃଢ଼ ଭାବେ ଉପସ୍ଥାପନ ପାଇଁ କୃଷକ ବିକାଶ ମଞ୍ଚର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ସର୍ବସମ୍ମତି କ୍ରମେ ସଭାପତି ଭାବେ ପୂର୍ବତନ ସରପଞ୍ଚ ସୁରେନ୍ଦ୍ର ମାଝୀ, ସାଧାରଣ ସଂପାଦକ

### କୃଷକ ବିକାଶ ମଞ୍ଚର ନୂତନ କମିଟି ଗଠିତ

ଭାବେ ସାମ୍ବାଦିକ ତଥା ସମାଜସେବୀ ସୁଶୀଲ କୁମାର ବାଗଙ୍କୁ ମନୋନୀତ କରାଯାଇଥିଲା। ସେହିପରି ଉପସଭାପତି ଭାବେ ରତ୍ନାକର ପାତ୍ର, ଉମାଶଙ୍କର ବେହେରା, ଯୁଗ୍ମ ସଂପାଦକ ଭାବେ ବଳରାମ ଗଉଡ଼, କୋଷାଧ୍ୟକ୍ଷ ନୀଲେଶ କୁମାର ପାଢ଼ୀ, ସହ କୋଷାଧ୍ୟକ୍ଷ ଭକ୍ତରାମ ସାହୁ ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା। ଉପଦେଷ୍ଟା ମଣ୍ଡଳୀରେ ବିଜୟ ପାଢ଼ୀ, ଅନୀଲ ପାଢ଼ୀ, ପୁରୁଷୋତ୍ତମ ପୁଟେଲ, ରୁଦ୍ରପ୍ରସାଦ ସାହୁ, ଟଙ୍କଧର ମେହେର, କିରଣ ମାଝୀ, ଅଶୋକ ପୁରୋହିତ, ବାଟି ମାଝୀ, କର୍ପୁର ଗଉଡ଼, ବୈବ ପୁଟେଲ, ମନୋଜ ପ୍ରଧାନ, ବିନୋଦ ପ୍ରସାଦ ସାହୁ, ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା।

## ୭୦ କେନ୍ଦ୍ରରେ ୧୦୨୫୩ ଶିଶୁ ଖାଇଲେ ପୋଲିଓ ବୁନ୍ଦା

ବୈଶିଙ୍ଗା,୨୮।୬ (ସଂଚାର ବ୍ୟୁରୋ): ଦେଶରେ ଗୋଟିଏ ହେଲେ ଶିଶୁ ଯେପରି ପୋଲିଓ ଗ୍ରସ୍ତ ନହୁଅନ୍ତି ସେଥିନିମନ୍ତେ ସରକାର ସତର୍କ ଦୃଷ୍ଟି ରଖିବା ସହ ସ୍ୱାସ୍ଥ୍ୟ ବିଭାଗ ଉପରେ ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ଏହି ଅବସରରେ ୨୮ ତାରିଖ ରବିବାରରେ ଏହି ପୋଲିଓ ବୁନ୍ଦା ଶିଶୁ ମାନଙ୍କୁ ଦିଆଯାଇଛି। ଏଥିପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିବା ଜଣାଯାଇଛି। ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ସିପୁନ ପଣ୍ଡା ପୋଲିଓ ବୁନ୍ଦା ପ୍ରଦାନ ନିମନ୍ତେ ୭୦ କେନ୍ଦ୍ରରେ ୨୮୩ କର୍ମଚାରୀ ନିୟୋଜିତ କରିଥିଲେ। ଏଥିରେ ଅଙ୍ଗନବାଡି, ଆଶା, ଏନଏମ, ସିଏଚ ଓ ଡାକ୍ତର ସାମିଲଥିଲେ। ସମୁଦାୟ ଦଶହଜାର ପାଞ୍ଚଶହ ଚଉରାନବେ ଶିଶୁ ଥିବାବେଳେ ଦଶହଜାର ଦୁଇଶହ ତେପନ ଶିଶୁ ଏହି ପୋଲିଓ ବୁନ୍ଦା ଖାଇଥିବା ଡାକ୍ତର ପଣ୍ଡା ପ୍ରକାଶ କରିଥିଲେ। ମୋଟ ହାର ୯୬. ୭୮ ପ୍ରତିଶତ ହୋଇଥିବା ଜଣାଯାଇଛି। ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଏହି ପୋଲିଓ ବୁନ୍ଦା ଖୁଆଯିବ ବୋଲି ସରକାରୀ ନିର୍ଦ୍ଦେଶ ଥିବାବେଳେ ସ୍ୱାସ୍ଥ୍ୟ କର୍ମଚାରୀ ମାନେ ଘର ଘର ବୁଲି ସେମାନଙ୍କୁ ପୋଲିଓ ବୁନ୍ଦା ଖୁଆଇବେ ବୋଲି ଜଣାଯାଇଛି।



## କିରଣବାଳା ସ୍ୱାଇଁଙ୍କ ସ୍ମୃତି ସଭା ଓ ସ୍ମରଣିକା ଉନ୍ମୋଚନ



ମାହାଙ୍ଗା,୨୮।୬ (ସଂଚାର ବ୍ୟୁରୋ): ମାହାଙ୍ଗା ବ୍ଲକ ଅନ୍ତର୍ଗତ ଜଳେଶ୍ୱରପୁର ପଞ୍ଚାୟତ ସ୍ଥିତ ଜଳେଶ୍ୱରପୁର(ମଧୁବନ) ଗ୍ରାମର ଅବସରପ୍ରାପ୍ତ ସୁବେଦାର ମେଜର ପରମାନନ୍ଦ ସ୍ୱାଇଁଙ୍କ ଧର୍ମପତ୍ନୀ ସ୍ୱର୍ଗତା କିରଣବାଳା ସ୍ୱାଇଁଙ୍କ ପ୍ରଥମ ବାର୍ଷିକ ଉତ୍ସବ ତାଙ୍କ ବାସଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି।

ଶିକ୍ଷାବିତ ଅଭୟ ଚରଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅତିଥିଭାବେ ଜଗତପୁର ଚିନ୍ମୟ ମିଶନର ପ୍ରତିଷ୍ଠାତା ସ୍ୱାମୀ ଓମକାର ନାଥ ସରସ୍ୱତୀ, ଅବସରପ୍ରାପ୍ତ ସେନା କର୍ମଚାରୀ ବିଜୟ କୁମାର ବରାଳ, ସାଲେପୁର ଅବସରପ୍ରାପ୍ତ ସେନା ସଂଗଠନ ସଭାପତି ସରୋଜ ରାଉଳ, ସମ୍ପାଦକ ପ୍ରିୟନାଥ ପରିଡ଼ା, ନୟାଗଡ଼ ଅବସରପ୍ରାପ୍ତ ସେନା ସଂଗଠନର ସମ୍ପାଦକ ଉପେନ୍ଦ୍ର କୁମାର ବେହେରା, ନାଟ୍ୟକାର ମନୋଜ କୁମାର ପଣ୍ଡା, ସମାଜସେବୀ ସୁରେଶ ପ୍ରଧାନ, ଅବସରପ୍ରାପ୍ତ ପୋଲିସ ଅଧିକାରୀ ଚନ୍ଦ୍ରମଣି ସାମଲ, ଚିତରଞ୍ଜନ ଷଡଙ୍ଗୀ, ମୀନକେତନ ଦାଶ, ପୂର୍ଣ୍ଣଚନ୍ଦ୍ର ବରାଳ ପ୍ରମୁଖ ଯୋଗଦେଇ ସ୍ୱର୍ଗତା ସ୍ୱାଇଁ ଏକାଧାରାରେ ଜଣେ ଶାନ୍ତ, ସରଳ, ମେଳାପୀ ଓ ଆଧ୍ୟାତ୍ମିକବାଦୀ ମହିଳା ଥିଲେ ବୋଲି କହିବା ସହ ତାଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ସ୍ମରଣିକା "କିରଣ " ପୁସ୍ତକ ଉନ୍ମୋଚନ କରାଯାଇଥିଲା।



# କୋଟଗଡ଼ରେ ବିଏସ୍ଏନ୍ଏଲ୍ ନେଟୱର୍କ ଅଚଳ

## ସରକାରଙ୍କ ଦୃଷ୍ଟି ପଡ଼ିବ କେବେ ?

କନ୍ଧମାଳ,୨୮।୬ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲାର ଉପାନ୍ତ ବ୍ଲକ ହେଡ଼କ୍ୱାଟର ରେ ବିଏସଏନଏଲ ନେଟୱର୍କ କେବେ ରହୁନି। ଭେଲିଡିଟି ରିଚାର୍ଜ ନାମରେ ଲୁଟି ନେଉଛି ମାସିକ ଲକ୍ଷ ଲକ୍ଷ ଟଙ୍କା, ଦିନ ଦ୍ୱିପ୍ରହରରେ ହରିଲୁଟ, ବିଏସଏନଏଲ ଗ୍ରାହକ ହନ୍ତସନ୍ତ। କୋଟଗଡରେ ନେଟୱର୍କ ସମସ୍ୟା ବୁଝିବାକୁ ନାହାନ୍ତି କର୍ମଚାରୀ।

ସୂଚନା ଥାଉକି, କୋଟଗଡ ବଜାରରେ ବହୁ ବାଦ ବିବାଦ ପରେ ପ୍ରାୟ ୨୦୦୭ ମସିହାରେ ବିଏସଏନଏଲ ଏକମାତ୍ର ନେଟୱର୍କ ଭାବେ କାର୍ଯ୍ୟକ୍ଷମ ହୋଇଥିଲା, ଆଉ ସେତେବେଳେ ପ୍ରଥମ ନେଟୱର୍କ ବୋଲି ସମସ୍ତେ ଖୁସି ହୋଇଥିଲେ। କିନ୍ତୁ ଆଜି କୋଟଗଡରେ ହଜାର ହଜାର ବିଏସଏନଏଲ ଉପୋଭୋକ୍ତା ମହରେ ଦୁଃଖୀ। କାରଣ ବିଏସଏନଏଲ ନେଟୱର୍କ ରହୁନଥିବାରୁ ଲୋକେ ହନ୍ତସନ୍ତ ହେଉଛନ୍ତି। ବିଭିନ୍ନ କ୍ଷେତ୍ରରେ ଉକ୍ତ ନେଟୱର୍କର ନମ୍ବର ବହୁଳ ବ୍ୟବହାର ହୋଇସାରିଛି। ଅଦ୍ୟାବଧି ଏହି ନମ୍ବର ପରିବର୍ତ୍ତନ ସମ୍ଭବ ହେଉନି କି ଆଉ କୋଟଗଡରେ ବିକଳ୍ପ ମିଳୁନି। ବିକଳ୍ପ ଭାବରେ ରିଲିଆନ୍ସର ଜିଓ ନେଟୱାର୍କ, ହେଲେ ତା ଅବସ୍ଥା ବି ନ କହିବା ଭଲ। କାରଣ 'ଏଇ ଅଛି, ଏଇ ନାହିଁ' ପରି ଲୁଚକାଳି ଖେଳୁଛି ଜିଓ। ତେଣୁ ଏକ ପ୍ରକାର ହରଡ଼ଘଣାରେ ଜନସାଧାରଣ ଠୁ ଆରମ୍ଭ କରି ସରକାରୀ, ବେସରକାରୀ ଅନୁଷ୍ଠାନର କର୍ମଚାରୀ ଓ ସରକାରୀ କାମ।

ତେଣୁ କୋଟଗଡ ବିଏସଏନଏଲ ନେଟୱାର୍କ ଉପଖଣ୍ଡ ପରିଚାଳନା ଅଧିକାରୀଙ୍କୁ ଅନୁରୋଧ ତୁରନ୍ତ ଏହାର ସ୍ଥାୟୀ ସମାଧାନ କରାଯାଉ, ନଚେତ୍‌ବା କୋଟଗଡ କାର୍ଯ୍ୟରତ ସାମ୍ବାଦିକ ସମୂହ ବିଏଏନଏଲ କାର୍ଯ୍ୟାଳୟ ଘେରାଓ କରିବା ସହ କଂଜୁମର କୋର୍ଟର ଦ୍ୱାରସ୍ତ ହେବା ନେଇ ପ୍ରସ୍ତୁତ ହେଉଥିବା କହିଛନ୍ତି ସ୍ଥାନୀୟ ପ୍ରେସ କ୍ଲବ ସଦସ୍ୟ ସମୂହ।




# ବର୍ଷାଦିନେ ଦେଖାଦିଏ ଫଙ୍ଗାଲ ଇନଫେକ୍ସନ

ପାଣିପାଗର ପରିବର୍ତ୍ତନ ଯୋଗୁଁ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପଡିଥାଏ। ବର୍ଷା ହେବା ମାତ୍ରେ ଅସୁସ୍ଥ ହେବାର ଆଶଙ୍କା ମଧ୍ୟ ବଢିଯାଏ। ଏହି ଋତୁରେ ଅନେକ ସ୍ୱାସ୍ଥ୍ୟ ସମସ୍ୟା ଦେଖିବାକୁ ମିଳିଥାଏ। ଏଥିସହ ସ୍କିନ୍ ଏବଂ ହାର୍ଟ ଉପରେ ମଧ୍ୟ ଅଧିକ ପ୍ରଭାବ ପଡ଼ିଥାଏ। ଆପଣମାନେ ଜାଣିରଖନ୍ତୁ ଯେ, ବର୍ଷା ଋତୁରେ ଫଙ୍ଗାଲ ଇନଫେକ୍ସନର ଆଶଙ୍କା ବଢ଼ିଯାଇଥାଏ। ଏହି ଋତୁରେ ବେଶୀ ଫଙ୍ଗାଲ ସଂକ୍ରମଣ ବୃଦ୍ଧି ପାଇଥାଏ। ଜୋତା, ମୋଜା କିମ୍ବା ପୋଷାକ ପ୍ରାୟତଃ ବର୍ଷାରେ ଓଦା ହୋଇଯାଏ, ଫଳରେ ସଂକ୍ରମଣ ବୃଦ୍ଧି ପାଏ। ଏହି ଆର୍ଦ୍ରତାରେ ସଂକ୍ରମଣ ଶୀଘ୍ର ବ୍ୟାପିଥାଏ। ଚର୍ମ, ନଖ ଏବଂ କେଶ ସଂକ୍ରମଣର କାରଣ ହୋଇପାରେ। ଏହା ବ୍ୟତୀତ, ଓଦାରେ ଚାଲିବା, ସଂକ୍ରମିତ ବ୍ୟକ୍ତିଙ୍କ ବାସନକୁସନ କିମ୍ବା ଗାଧୋଇବା ଜିନିଷ ବ୍ୟବହାର କରିବା ଦ୍ୱାରା ମଧ୍ୟ ଏହା ବ୍ୟାପିଥାଏ। ଏଥିସହ ଦୁର୍ବଳ ରୋଗ ପ୍ରତିରୋଧକ ଶକ୍ତି ପାଇଁ ବୃଦ୍ଧ ଏବଂ ପିଲାମାନଙ୍କୁ ଶୀଘ୍ର ସଂକ୍ରମିତ ହୁଏ। ଯଦି ସମୟ ମଧ୍ୟରେ ଚିକିତ୍ସା ନ କରାଯାଏ, ତେବେ ସଂକ୍ରମଣ ଗୁରୁତର ହୋଇପାରେ। ଫଙ୍ଗାଲ ସଂକ୍ରମଣ ଚର୍ମ, ନଖ, କେଶ ଏବଂ କେତେକ ସମୟରେ ଶରୀରର ଅନ୍ୟାନ୍ୟ ଅଂଶକୁ ପ୍ରଭାବିତ କରିପାରେ। କୁଣ୍ଡାଇ ହେବା, ଲାଲ ପଡିଯିବା ଏବଂ ଚର୍ମରେ ଜଳାପୋଡ଼ା ହେବା ହେଉଛି ସବୁଠାରୁ ସାଧାରଣ ଲକ୍ଷଣ।ନଖରେ ସଂକ୍ରମଣ ହେବା ଦ୍ୱାରା ନଖ ଭାଙ୍ଗିବାର ସମସ୍ୟା ବଢାଇଦିଏ। ଯଦି ସଂକ୍ରମଣର ସମୟ ମଧ୍ୟରେ ଚିକିତ୍ସା ନ କରାଯାଏ, ତେବେ ଏହା ଶରୀରର ଅନ୍ୟ ଅଂଶକୁ ବ୍ୟାପିପାରେ। ଦୁର୍ବଳ ରୋଗ ପ୍ରତିରୋଧକ ଶକ୍ତି ଥିବା ବ୍ୟକ୍ତି କିମ୍ବା ମଧୁମେହ ରୋଗୀଙ୍କ କ୍ଷେତ୍ରରେ ଏହି ସଂକ୍ରମଣ ଗମ୍ଭୀର ରୂପ ନେଇପାରେ। କେତେକ ସମୟରେ ଫଙ୍ଗସ୍ ରକ୍ତ ସଂକ୍ରମଣ କିମ୍ବା ଚର୍ମରେ ଗଭୀର ଫୋଟକା ସୃଷ୍ଟି କରିପାରେ। ତେଣୁ, ବର୍ଷା ଋତୁରେ ସତର୍କ ରହିବା ଏବଂ ପ୍ରାରମ୍ଭିକ ଲକ୍ଷଣ ଦେଖାଯିବା ମାତ୍ରେ ଚିକିତ୍ସା କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ସର୍ବପ୍ରଥମେ, ଚର୍ମରେ କୁଣ୍ଡାଇ ଏବଂ ଜଳାପୋଡ଼ା ଅନୁଭବ ହୁଏ। ଏହା ପରେ, ଲାଲ ଫୋଟକା ଦେଖାଯାଇପାରେ। ପାଦରେ କବକ ସଂକ୍ରମଣ ପ୍ରାୟତଃ ପାଦ ମଧ୍ୟରେ ଧଳା ସ୍ତର କିମ୍ବା ଫାଟ ଦେଖାଏ। ଗୁରୁତର କ୍ଷେତ୍ରରେ, ଚର୍ମରେ ଗଭୀର ଫୋଟକା ସୃଷ୍ଟି ହୋଇପାରେ, ଯାହା ସଂକ୍ରମଣ ଏବଂ ଯନ୍ତ୍ରଣାକୁ ବୃଦ୍ଧି କରେ। ପ୍ରାରମ୍ଭିକ ଲକ୍ଷଣ ଦେଖାଯିବା ମାତ୍ରେ ଉପଯୁକ୍ତ ଚିକିତ୍ସା ଏବଂ ପରିଷ୍କାର ପରିଚ୍ଛନ୍ନତା ଗ୍ରହଣ କରିବା ଗୁରୁତ୍ୱପୂର୍ଣ୍ଣ, ଯାହା ଦ୍ୱାରା ସଂକ୍ରମଣ ବ୍ୟାପିବାରୁ ରୋକାଯାଇପାରିବ। ବର୍ଷାରେ ଓଦା ଜୋତା, ମୋଜା ଏବଂ ପୋଷାକ ପରିବର୍ତ୍ତନ କରନ୍ତୁ ଏବଂ ଆପଣଙ୍କ ପାଦକୁ ଶୁଖାନ୍ତୁ। ଏଥିସହ ଅନ୍ୟମାନଙ୍କର ବାସନକୁସନ, ତଉଲିଆ କିମ୍ବା ଜୋତା ବ୍ୟବହାର କରନ୍ତୁ ନାହିଁ। ଶରୀରକୁ ସଫା ଏବଂ ଶୁଖିଲା ରଖନ୍ତୁ, ନିୟମିତ ସ୍ନାନ କରନ୍ତୁ। ଆପଣମାନେ ଜାଣିରଖନ୍ତୁ ଯେ, ପାଦ ଏବଂ ଚର୍ମର ଓଦା ଅଂଶରେ ଆଣ୍ଟିଫଙ୍ଗାଲ୍ ପାଉଡର କିମ୍ବା କ୍ରିମ୍ ବ୍ୟବହାର କରନ୍ତୁ। ଏଥିସହ ସଂକ୍ରମଣର ଲକ୍ଷଣ ଦେଖାଗଲେ ତୁରନ୍ତ ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ।



# ବର୍ଷାଦିନେ କ୍ଷୀର ପିଇବା ସ୍ୱାସ୍ଥ୍ୟ ପାଇଁ ହାନିକାରକ



ବର୍ଷା ଦିନେ କ୍ଷୀର ପିଇବା ପାଇଁ ଘରର ବୟସ୍କ ବ୍ୟକ୍ତିମାନେ ମନା କରିଥାନ୍ତି। କିନ୍ତୁ ଆପଣ କେବେ ଭାବିଛନ୍ତି କି ଏଭଳି କାହିଁକି କୁହାଯାଇଥାଏ। ବର୍ଷା ଦିନେ କ୍ଷୀର ପିଇବା ଦ୍ୱାରା ପେଟ ସମ୍ବନ୍ଧୀୟ ଅନେକ ସମସ୍ୟା ଦେଖାଯାଇଥାଏ। ଏହା ବ୍ୟତୀତ କ୍ଷୀର ଆପଣଙ୍କ ଡାଇଜେଷ୍ଟିଭ ସିଷ୍ଟମକୁ ଖରାପ କରିଥାଏ। କ୍ଷୀର ଫୁଡ ପଏଜନିଙ୍ଗର କାରଣ ହୋଇପାରେ। କ୍ଷୀର ପିଇବା ଦ୍ୱାରା ଏସିଡିଟି ଏବଂ ପେଟ ଖରାପ ହେବାର ସମ୍ଭାବନା ଥାଏ। ଏହି ବର୍ଷା ଦିନରେ କ୍ଷୀର ପିଇବା ଦ୍ୱାରା ଶରୀରକୁ ଅନେକ କ୍ଷତି ପହଞ୍ଚିଥାଏ।

ଆୟୁର୍ବେଦ ଅନୁଯାୟୀ, ବର୍ଷା ଋତୁରେ କ୍ଷୀର ପିଇବା ଉଚିତ ନୁହେଁ କାରଣ ଏହା ଶରୀରକୁ ଅନେକ ପ୍ରକାରର କ୍ଷତି ପହଞ୍ଚାଏ। ତେବେ ବର୍ଷା ଋତୁରେ କୀଟ ପତଙ୍ଗମାନଙ୍କର ମାତ୍ରା ଅଧିକ ବଢିଯାଏ। ଏପରି ପରିସ୍ଥିତିରେ ଗାଈ ଏବଂ ମଇଁଷି ମାନଙ୍କ ଘାସରେ ବିଷାକ୍ତ କୀଟ ପତଙ୍ଗ ରହିଥାନ୍ତି। ପଶୁ ମାନେ ସେହି ଘାସ ଖାଇବା ପରେ ସେମାନେ ସଂକ୍ରମିତ ହୋଇପାରନ୍ତି। ଯାହା ପରେ ଆପଣ କ୍ଷୀର ପିଇବା ଦ୍ୱାରା ଫୁଡ ପଏଜନିଙ୍ଗର ଶିକାର ହୋଇପାରନ୍ତି। ଏହି ଋତୁରେ କ୍ଷୀର ପିଇବା ଦ୍ୱାରା ଆପଣଙ୍କ ହଜମ ପ୍ରକ୍ରିୟାରେ ସମସ୍ୟା ଦେଖାଯାଇ ପାରେ ଏବଂ ଡାଇଜେଷ୍ଟିଭ ଏନଜାଇମ୍ କୁ କ୍ଷତି ପହଞ୍ଚିଥାଏ। ଏହା ବ୍ୟତୀତ ଶରୀରରେ ଅନେକ ପ୍ରକାରର ପ୍ରତିକ୍ରିୟା ମଧ୍ୟ ହୋଇପାରେ। ଯଦି ଆପଣ କୌଣସି ଜିନିଷ ଖାଉଛନ୍ତି , ତେବେ ଏହା ହଜମ ହେବା ପାଇଁ ସମୟ ଲାଗିଥାଏ ଏବଂ ଏହା ଦ୍ୱାରା ସ୍ଲୋ ମେଟାବୋଲିଜିମ୍ ହୋଇଥାଏ | ବର୍ଷା ଦିନରେ ପଶୁ ମାନଙ୍କୁ ରୋଗ ହେବାର ଆଶଙ୍କା ଅଧିକ ଥାଏ। ଏପରିସ୍ଥିତିରେ କ୍ଷୀର ପିଇବା ଆପଣଙ୍କ ଶରୀର ପାଇଁ ହାନିକାରକ ହୋଇପାରେ। ତେଣୁ ଏହି ଦିନରେ କ୍ଷୀର ପିଇବା ଠାରୁ ଦୂରେଇ ରୁହନ୍ତୁ। କ୍ଷୀର ପିଇବାକୁ ଚାହୁଁଥିଲେ ଏହାକୁ ଭଲ ଭାବେ ଫୁଟାଇବା ପରେ ଏଥିରେ ଅଳ୍ପ ହଳଦୀ ମିଶାଇ ପିଇ ପାରିବେ। ଏହି କ୍ଷୀର ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ହାନିକାରକ ହେବ ନାହିଁ।

# ଲାଇଟ୍ ବନ୍ଦ କରି ଶୋଇଲେ ହୃଦୟକୁ ଲାଭ ମିଳେ

ଆମେ ସମସ୍ତେ ଜାଣିଛେ ସୁସ୍ଥ ଶରୀର ପାଇଁ ନିଦ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କାରଣ ଯେତେବେଳେ ଆମେ ଶୋଇଥାଉ, ଆମର ଶରୀର ଆରାମ କରିଥାଏ । ଶାରିରୀକ ଏବଂ ମାନସିକ ସୁସ୍ଥତା ଆସିଥାଏ । ରୋଗ ପ୍ରତିରୋଧକ ଶକ୍ତି ସହ ମସ୍ତିଷ୍କର କାର୍ଯ୍ୟକୁ ଉନ୍ନତ କରେ । ତେବେ ଆମେ କିପରି ଶୋଇବା, କିମ୍ବା କେଉଁ ପରିବେଶରେ ଶୋଇବା, ତାହା ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ଆପଣ କ'ଣ ଜାଣନ୍ତି ଯେ ସମ୍ପୂର୍ଣ୍ଣ ଅନ୍ଧାର, ଅଳ୍ପ ଆଲୋକ କିମ୍ବା ଅଧିକ ଲାଇଟ୍ରେ ଶୋଇବା ଆପଣଙ୍କ ହୃଦୟ ଉପରେ ମଧ୍ୟ ପ୍ରଭାବ ପକାଇଥାଏ ? ଆସନ୍ତୁ ଜାଣିବା ଏହି ରିପୋର୍ଟ ବିଷୟରେ ।

**ଡିମ୍ ଆଲୋକ:** ଗବେଷଣାରୁ ଜଣାପଡ଼ିଛି ଯେ, ଡିମ୍ ଆଲୋକ ସହିତ ଶୋଇବା ଦ୍ୱାରା ଶରୀରର ପ୍ରାକୃତିକ ସର୍କାଡିଆନ୍ ବାଧାପ୍ରାପ୍ତ ହୁଏ, ଯାହା ଜୈବିକ ପ୍ରକ୍ରିୟାଗୁଡ଼ିକୁ ନିୟନ୍ତ୍ରଣ କରେ । ଶରୀର ଏହି ପ୍ରାକୃତିକ ଜୈବିକ ଚକ୍ରଗୁଡ଼ିକୁ ବ୍ୟବହାର କରି ହୃଦୟ, ମେଟାବୋଲିଜିମ୍ ଏବଂ ରୋଗ ପ୍ରତିରୋଧକ ପ୍ରଣାଳୀ ସମେତ ଏହାର ଅଙ୍ଗଗୁଡ଼ିକୁ ସୁଗମ ଭାବରେ ପରିଚାଳନା କରିଥାଏ । ରାତି ସମୟରେ ଡିମ୍ ଆଲୋକର ସଂସ୍ପର୍ଶରେ ଆସିବା ଦ୍ୱାରା ମେଲାଟୋନିନ୍ ଉତ୍ପାଦନ ହ୍ରାସ ପାଏ, ଯାହା ଫଳରେ ହୃଦସ୍ପନ୍ଦନ ବୃଦ୍ଧି ପାଏ ଏବଂ ରକ୍ତରେ ଶର୍କରା ସ୍ତର ପରିବର୍ତ୍ତନ ହୁଏ ।

**ସମ୍ପୂର୍ଣ୍ଣ ଅନ୍ଧାରର ଲାଭ:** ଆପଣଙ୍କ ଶୟନ କକ୍ଷରେ ଲାଇଟ୍ ଅଫ ନପଡିବା ଆପଣଙ୍କୁ ଅଧିକ ସମୟ ପାଇଁ ନିଦ୍ରା ବଜାୟ ରଖିବା ସହିତ ଶୀଘ୍ର ଶୋଇବାକୁ ସକ୍ଷମ କରିଥାଏ । ଉତ୍ତମ ନିଦ୍ରା ଗୁଣବତ୍ତା ଉନ୍ନତ ମନୋଭାବ, ଚାପ ହ୍ରାସ କରିଥାଏ, ଆପଣଙ୍କ ପ୍ରତିରକ୍ଷା ପ୍ରଣାଳୀକୁ ମଜବୁତ କରିଥାଏ ଏବଂ ଆପଣଙ୍କ ଭୋକ ଏବଂ ହରମୋନକୁ ନିୟନ୍ତ୍ରଣ କରିଥାଏ । ବ୍ଲାକଆଉଟ୍ ପରଦା, ଆଖି ମାସ୍କ ଏବଂ ଇଲେକ୍ଟ୍ରୋନିକ୍ ଆଲୋକ ଉତ୍ସ ଅପସାରଣର ମିଶ୍ରଣ ଏକ ଉପଯୁକ୍ତ ନିଦ୍ରା ପରିବେଶ ସୃଷ୍ଟି କରିଥାଏ । ଲାଇଟ୍ ଅଫ୍ କରି ଅନ୍ଧାରରେ ଶୋଇବା ଦ୍ୱାରା ହୃଦୟକୁ ଲାଭ ମିଳିଥାଏ । ଗବେଷଣାରୁ ଜଣାପଡିଛି କି, ଶୋଇବା ସମୟରେ ଯେକୌଣସି ଆଲୋକ ଉପସ୍ଥିତି ମସ୍ତିଷ୍କ ଚାପ ସୃଷ୍ଟି କରେ । ମସ୍ତିଷ୍କ ଚାପ ପ୍ରତିକ୍ରିୟା ଧମନୀ ପ୍ରବାହ ସୃଷ୍ଟି କରେ, ଯାହା ଦୀର୍ଘ ସମୟ ମଧ୍ୟରେ ହୃଦଘାତ ଏବଂ ଷ୍ଟ୍ରୋକର ବିପଦ ବୃଦ୍ଧି କରେ। ୧୦ ବର୍ଷର ଗବେଷଣା ଅଧ୍ୟୟନରୁ ଜଣାପଡିଛି ଯେ, ଯେଉଁମାନେ ଶୋଇବା ସମୟରେ ଆଲୋକ ସଂସ୍ପର୍ଶରେ ଆସିଥାନ୍ତି, ସେମାନଙ୍କର ହୃଦୟ ଉପରେ ପ୍ରଭାବ ପଡିବା ସମ୍ଭାବନା ଅଧିକ ଥାଏ । ହୃଦୟ ମସ୍ତିଷ୍କ ସହିତ ସିଧାସଳଖ ସମ୍ପର୍କ ବଜାୟ ରଖେ, ତେଣୁ ଧମନୀ କ୍ଷତି ବ୍ୟାପକ ସ୍ୱାସ୍ଥ୍ୟ ପରିଣାମ ସୃଷ୍ଟି କରେ । ଅନ୍ଧାରରେ ଶରୀରରେ ମେଲାଟୋନିନ୍ ସୃଷ୍ଟି ହୁଏ, ଯାହା ରକ୍ତଚାପକୁ କମ୍ କରିବାରେ ସାହାଯ୍ୟ କରେ।



# ସକାଳର ୧୦ଟି ଅଭ୍ୟାସ ଆପଣଙ୍କ ପିଲାଙ୍କୁ କରିବ ସ୍ମାର୍ଟ



ସକାଳ ହେଉଛି ଦିନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ, ବିଶେଷକରି ପିଲାମାନଙ୍କ ପାଇଁ। ଉଠିବା ପରେ ଆପଣଙ୍କ ପିଲା ଯାହା କରେ ତାହା ସାରା ଦିନ ସେମାନଙ୍କର ଚିନ୍ତାଧାରା, ଶିକ୍ଷଣ ଏବଂ ଆଚରଣକୁ ପ୍ରଭାବିତ କରିପାରେ। ବିଶେଷଜ୍ଞମାନେ କୁହନ୍ତି ଯେ ଏକ ସୁନ୍ଦର ସକାଳର ରୁଟିନ୍ ମସ୍ତିଷ୍କର କାର୍ଯ୍ୟକୁ ଉନ୍ନତ, ଆତ୍ମବିଶ୍ୱାସକୁ ବୃଦ୍ଧି ଏବଂ ସୁସ୍ଥ ବିକାଶକୁ ପ୍ରୋତ୍ସାହିତ କରିପାରିବ। ଯଦି ସକାଳ ଶାନ୍ତ, ସଂଗଠିତ ଏବଂ ସୁସ୍ଥ ହୋଇଥାଏ, ତେବେ ପିଲାମାନେ ଆତ୍ମବିଶ୍ୱାସ ଏବଂ ତୀକ୍ଷ୍ଣତାରେ ପୂର୍ଣ୍ଣ ସେମାନଙ୍କର ଦିନକୁ ପ୍ରବେଶ କରନ୍ତି। ତେବେ ଆସନ୍ତୁ ଜାଣିବା ପ୍ରତିଦିନ ଅଭ୍ୟାସ କରିବାକୁ ଥିବା ନିମ୍ନଲିଖିତ ପଦକ୍ଷେପ ଗୁଡ଼ିକ ବିଷୟରେ ଯାହା ପ୍ରମୁଖ ପରିବର୍ତ୍ତନ ଆଣିବ।

**ଶୀଘ୍ର ଉଠିବା:** ଜଲଦି ଉଠିବା ଦ୍ୱାରା ଆପଣଙ୍କ ପିଲାକୁ ଦିନଟି ଶାନ୍ତ ଭାବରେ ଆରମ୍ଭ କରିବା ପାଇଁ ସମୟ ମିଳିଥାଏ। ଏହା ଚାପ ହ୍ରାସ କରେ ଏବଂ ସେମାନଙ୍କୁ ଅଧିକ ସତର୍କ ଏବଂ ଶିଖିବା ପାଇଁ ପ୍ରସ୍ତୁତ ଅନୁଭବ କରାଏ।

**ଗୋଟିଏ ଗ୍ଲାସ ପାଣି ପିଅନ୍ତୁ:** ସକାଳେ ଉଠିବା ମାତ୍ରେ ପାଣି ପିଇବା ଦ୍ୱାରା ମନ ଜାଗ୍ରତ ହୁଏ। ଏକାଗ୍ରତା ଏବଂ ଶକ୍ତି ସ୍ତର ବୃଦ୍ଧି ପାଏ। ଯାହା ପିଲାମାନଙ୍କୁ ସତେଜ ଅନୁଭବ କରାଏ ।

**ହାଲୁକା ବ୍ୟାୟାମ କିମ୍ବା ଷ୍ଟ୍ରେଚିଂ କରନ୍ତୁ:** ହାଲୁକା ଷ୍ଟ୍ରେଚିଂ କିମ୍ବା ହାଲୁକା ଚାଲିବା ଦ୍ୱାରା ମସ୍ତିଷ୍କରେ ରକ୍ତ ସଞ୍ଚାଳନ ବୃଦ୍ଧି ପାଏ। ଏହା ମନୋଭାବ ଏବଂ ସତର୍କତା ମଧ୍ୟ ଉନ୍ନତ କରେ।

**ସୁସ୍ଥ ଜଳଖିଆ ଖାଆନ୍ତୁ:** ସୁସ୍ଥ ଜଳଖିଆ ମସ୍ତିଷ୍କକୁ ଶକ୍ତି ପ୍ରଦାନ କରେ। ଭଲ ଏକାଗ୍ରତା ପାଇଁ ଆପଣଙ୍କ ଖାଦ୍ୟରେ ପ୍ରୋଟିନ୍, ଫାଇବର ଏବଂ ଫଳ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ।

**ଉଠିବା ପରେ ସ୍କ୍ରିନ୍ରୁ ଦୂରେଇ ରୁହନ୍ତୁ:** ସକାଳେ ଅତ୍ୟଧିକ ସ୍କ୍ରିନ୍ ସମୟ ପିଲାମାନଙ୍କୁ କ୍ଲାନ୍ତ କରିପାରେ କିମ୍ବା ସେମାନଙ୍କୁ ବିଚଳିତ କରିପାରେ। ଏହା ବଦଳରେ, ଧ୍ୟାନ ଖେଳ, ଅଧ୍ୟୟନ କିମ୍ବା କଥାବାର୍ତ୍ତା କରି ସମୟ ବିତାନ୍ତୁ।

**ସକାରାତ୍ମକ ଚିନ୍ତାଧାରା ଅଭ୍ୟାସ କରନ୍ତୁ:** ସକାରାତ୍ମକ ମନୋଭାବ ସହିତ ଦିନଟି ଆରମ୍ଭ କରିବା ଦ୍ୱାରା ଆତ୍ମବିଶ୍ୱାସ ଏବଂ ସୁସ୍ଥ ଦୃଷ୍ଟିକୋଣ ବିକାଶ କରିବାରେ ସାହାଯ୍ୟ କରେ। ଆପଣ ଆପଣଙ୍କ ପିଲାକୁ ଏପରି ଏକ ଜିନିଷର ନାମ ଦେବାକୁ କହିପାରିବେ ଯାହା ପାଇଁ ସେ କୃତଜ୍ଞ।

**ଛୋଟ ଛୋଟ ଲକ୍ଷ୍ୟ ସ୍ଥିର କରନ୍ତୁ:** ଆପଣଙ୍କ ପିଲାକୁ ଛୋଟ ଛୋଟ ଲକ୍ଷ୍ୟ ସ୍ଥିର କରିବାକୁ ଉତ୍ସାହିତ କରନ୍ତୁ, ଯେପରିକି ଘର କାର୍ଯ୍ୟ କରିବା କିମ୍ବା ଅନ୍ୟ କାହାକୁ ସାହାଯ୍ୟ କରିବା। ଏହା ଯୋଜନା ଏବଂ ଦାୟିତ୍ୱବୋଧକୁ ବିକଶିତ କରେ।

**ସଙ୍ଗୀତ କିମ୍ବା ପ୍ରକୃତିର ଶବ୍ଦ ଶୁଣନ୍ତୁ:** ଶାନ୍ତିଦାୟକ ସଙ୍ଗୀତ ସ୍ମୃତିଶକ୍ତିକୁ ଉନ୍ନତ କରିବାରେ ଏବଂ ଚିନ୍ତାକୁ ହ୍ରାସ କରିବାରେ ସାହାଯ୍ୟ କରେ। ଏହା ସାରା ଦିନ ଏକ ଶାନ୍ତ ପରିବେଶ ମଧ୍ୟ ବଜାୟ ରଖେ।

**ପଢିବାକୁ ଉତ୍ସାହିତ କରନ୍ତୁ:** ସକାଳେ ଏକ ଛୋଟ କାହାଣୀ କିମ୍ବା ଏହାର କିଛି ପୃଷ୍ଠା ପଢିବା ଦ୍ୱାରା ଶବ୍ଦାବଳୀ ଏବଂ କଳ୍ପନାଶକ୍ତି ବୃଦ୍ଧି ପାଏ। ଏହା ପଢିବା ପ୍ରତି ଆଗ୍ରହ ମଧ୍ୟ ସୃଷ୍ଟି କରେ।

**ଆଲିଙ୍ଗନ କରି ଉତ୍ସାହ ବଢାନ୍ତୁ:** ଆଲିଙ୍ଗନ କିମ୍ବା ଉତ୍ସାହଜନକ ଶବ୍ଦ ପିଲାର ଭାବପ୍ରବଣ ଶକ୍ତିକୁ ବୃଦ୍ଧି କରେ। ପିଲାମାନେ ପ୍ରେମ- ସ୍ନେହ ପାଇଲେ ଅଧିକ ସୁରକ୍ଷିତ ଏବଂ ଶିଖିବା ପାଇଁ ଭଲ ଭାବରେ ପ୍ରସ୍ତୁତ ଅନୁଭବ କରନ୍ତି।

## ଦେବସ୍ନାନ ପୂର୍ଣ୍ଣିମାରେ ମା’ ମଙ୍ଗଳା ହେବେ ‘ଚନ୍ଦନଚର୍ଚ୍ଚିତା ଶାନ୍ତିମୟୀ’



କାକଟପୁର/ଅସ୍ତରଙ୍ଗ,୨୮।୬(ସଂଚାର ବ୍ୟୁରୋ)ଃ “ଯା ଦେବୀ ସର୍ବଭୂତେଷୁ ଶକ୍ତିରୂପେଣ ସଂସ୍ଥିତା” - ସେହି ଆଦ୍ୟାଶକ୍ତି ମା’ ମଙ୍ଗଳା ଆଜି ପବିତ୍ର ଜ୍ୟେଷ୍ଠ ପୂର୍ଣ୍ଣିମା ତଥା ଦେବସ୍ନାନ ପୂର୍ଣ୍ଣିମା ତିଥିରେ ନିଜ ଭକ୍ତଙ୍କୁ ଦିବ୍ୟ ‘ସର୍ବାଙ୍ଗ ଚନ୍ଦନ ବେଶ’ରେ ଦର୍ଶନ ଦେବେ। ପୁରୀ ଜିଲ୍ଲା କାକଟପୁର ଅଧିଷ୍ଠାତ୍ରୀ ଦେବୀ ଜଗତ ଜନନୀ ମା’ ମଙ୍ଗଳାଙ୍କ ପୀଠରେ ଏହା ଏକ ଅପୂର୍ବ ମାନବୀୟ ଲୀଳା।

ଶାସ୍ତ୍ର କହେ, “ଗ୍ରୀଷ୍ମେ ତାପେନ ସନ୍ତପ୍ତା ଦେବୀ ଶୀତଳତାଂ ବ୍ରଜେତ୍”। ଅସହ୍ୟ ଗ୍ରୀଷ୍ମତାପରୁ ଜଗତକୁ ଶାନ୍ତି ଦେବା ସହ ନିଜେ ମଧ୍ୟ ଶୀତଳ ଅନୁଭବ କରିବା ପାଇଁ ମା’ ଏହି ଚନ୍ଦନ ଲେପ ଗ୍ରହଣ କରନ୍ତି। ଆଜି ପୁରୀରେ ମହାପ୍ରଭୁ ଶ୍ରୀଜଗନ୍ନାଥ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରି ଗଜାନନ ବେଶରେ ଭକ୍ତଙ୍କୁ କୃପା କରୁଥିବା ବେଳେ, କାକଟପୁରରେ ମା’ ମଙ୍ଗଳା ସର୍ବାଙ୍ଗରେ ଚନ୍ଦନ ମଣ୍ଡିତ ହୋଇ ଶାନ୍ତିମୟୀ ରୂପ ଧାରଣ କରିବେ। ବ୍ରାହ୍ମମୁହୂର୍ତ୍ତରୁ ମା’ଙ୍କ ଦୈନନ୍ଦିନ ନୀତି ଆରମ୍ଭ। ମଙ୍ଗଳ ଆଳତି, ଅବକାଶ, ପହଡ଼, ସକାଳ ଧୂପ ଓ ଅନ୍ୟାନ୍ୟ ନୀତିକାନ୍ତି ସମାପନ ପରେ ମା’ କ୍ଷଣିକ ବିଶ୍ରାମ ନେବେ। ତତ୍ପରେ ମଧ୍ୟାହ୍ନରେ ସୁଗନ୍ଧିତ ପୁଷ୍ପ ଓ ଚନ୍ଦନ ମିଶ୍ରିତ ଜଳରେ ମା’ଙ୍କୁ ମହାସ୍ନାନ କରାଯିବ। ଏହା ପରେ ଆରମ୍ଭ ହେବ ମୁଖ୍ୟ ଆକର୍ଷଣ - ସର୍ବାଙ୍ଗ ଚନ୍ଦନ ବେଶ।

ସେବାୟତମାନେ ପାଖାପାଖି ୧୦ କିଲୋଗ୍ରାମରୁ ଊର୍ଦ୍ଧ୍ୱ ପବିତ୍ର ଚନ୍ଦନ କାଠକୁ ଘୋରି ସୁଗନ୍ଧିତ ଚନ୍ଦନ ପ୍ରସ୍ତୁତ କରିବେ। ସେହି ଶୀତଳ ଚନ୍ଦନକୁ ମା’ଙ୍କ ମୁଖମଣ୍ଡଳରୁ ଆରମ୍ଭ କରି ପାଦପଦ୍ମ ପର୍ଯ୍ୟନ୍ତ ସମସ୍ତ ଅଙ୍ଗରେ ଲେପନ କରାଯିବ। “ଚନ୍ଦନାଗରୁକସ୍ତୂରୀ କୁଙ୍କୁମାଦି ବିଲେପନାମ୍”- ଏହି ଦିବ୍ୟ ଲେପନ ପରେ ମା’ଙ୍କୁ ନୂଆ ପାଟବସ୍ତ୍ର ପରିଧାନ କରାଯାଇ ସୁବର୍ଣ୍ଣ ଅଳଙ୍କାରରେ ବିଭୂଷିତ କରାଯିବ। ବିବିଧ ସୁଗନ୍ଧିତ ପୁଷ୍ପମାଲ୍ୟ ଲାଗି ହେବା ପରେ ମା’ ଭକ୍ତଙ୍କୁ ଏହି ଦୁର୍ଲଭ ବେଶରେ ଦର୍ଶନ ଦେବେ। ବିଶ୍ୱାସ ରହିଛି, ମା’ଙ୍କ ଏହି ଚନ୍ଦନ ବେଶ ଦର୍ଶନ କଲେ ଭକ୍ତଙ୍କ ସର୍ବ ଦୁଃଖ, ତାପ, ରୋଗ-ବ୍ୟାଧି ଦୂର ହୋଇ ଶାନ୍ତି ମିଳିଥାଏ। “ସର୍ବମଙ୍ଗଳ ମାଙ୍ଗଲ୍ୟେ ଶିବେ ସର୍ବାର୍ଥ ସାଧିକେ” - ମା’ଙ୍କ ଏହି ଚନ୍ଦନ ଚର୍ଚ୍ଚିତ ରୂପ ସମସ୍ତଙ୍କ ମଙ୍ଗଳ କରୁ।

# ଶୋଚନୀୟ ସ୍ଥିତିରେ ପିଲା ସାଲୁଙ୍କି ଡ୍ୟାମ

## ପୁନରୁଦ୍ଧାର ଅଭାବରୁ ଜଳଶୂନ୍ୟ, ମରୁଡ଼ି ଆଶଙ୍କାରେ ୩୯ ଗ୍ରାମର ଚାଷୀ



ଫୁଲବଣୀ,୨୮।୬(ସଂଚାର ବ୍ୟୁରୋ)ଃ କନ୍ଧମାଳ ଜିଲ୍ଲାର କୃଷି ଓ ଚାଷୀଙ୍କ ଭାଗ୍ୟରେଖା କୁହାଯାଉଥିବା ପିଲା ସାଲୁଙ୍କି ଜଳଭଣ୍ଡାର ଆଜି ନିଜର ଅସ୍ତିତ୍ୱ ହରାଇବାକୁ ବସିଛି। ରକ୍ଷଣାବେକ୍ଷଣ ଓ ପୁନରୁଦ୍ଧାର ଅଭାବରୁ ଡ୍ୟାମଟି ଏବେ ପୋତି ହୋଇ ଜଳଶୂନ୍ୟ ହେବା ସହ ଆଗାମୀ ଦିନରେ ଅଞ୍ଚଳରେ ଏକ ବଡ଼ ମରୁଡ଼ି ସ୍ଥିତି ସୃଷ୍ଟି ହେବାର ଆଶଙ୍କା ଦେଖାଦେଇଛି।

ସୂଚନା ଫଳକର ସୂଚନା ଅନୁଯାୟୀ ଫୁଲବାଣୀ ସହର ଠାରୁ ପ୍ରାୟ ୧୭ କିଲୋମିଟର ଦୂର ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ବଲସକୁମ୍ପା ନିକଟସ୍ଥ ସିଦୀଙ୍ଗି ଠାରେ ୧୯୭୪-୭୫ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଦ୍ୱାରା ଏହି ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଥିଲା। ଦୀର୍ଘ ବର୍ଷର ନିର୍ମାଣ କାର୍ଯ୍ୟ ପରେ ୧୯୮୫ରେ ଏହା ସମ୍ପୂର୍ଣ୍ଣ ହେବା ପରେ ତତ୍କାଳୀନ ମୁଖ୍ୟ ମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଏହାର ଶୁଭ ଉଦଘାଟନ କରିଥିଲେ। ଏହି ଜଳ ଭଣ୍ଡାରରୁ କେନାଲ ମାଧ୍ୟମରେ ସ୍ଥାନୀୟ ପ୍ରାୟ ୩୯ଟି ଗ୍ରାମକୁ ଖରିଫ ଓ ରବି ଋତୁ ଚାଷ ପାଇଁ ଜଳ ଯୋଗାଇ ଦିଆଯାଉଥିଲା। ପାଣିର ସୁବିଧା ଥିବାରୁ ଚାଷୀମାନେ ବର୍ଷ ସାରା ବିଭିନ୍ନ ଫସଲ କରି ବେଶ୍ ଦୁଇ ପଇସା ରୋଜଗାର କରୁଥିଲେ ଓ ହସଖୁସିରେ ଚଳୁଥିଲେ।

ତେବେ ଦୁଃଖର ବିଷୟ, ଡ୍ୟାମ ନିର୍ମାଣ ହେବାର ଦୀର୍ଘ ୪୧ ବର୍ଷ ବିତି ଯାଇଥିଲେ ସୁଦ୍ଧା ଏହାର ପୁନରୁଦ୍ଧାର ବା ପଙ୍କୋଦ୍ଧାର କାର୍ଯ୍ୟ ପାଇଁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଫଳରେ ବର୍ଷ ବର୍ଷ ଧରି ଡ୍ୟାମ ଭିତରେ ମାଟି ଓ ବାଲି ଭର୍ତ୍ତି ହୋଇ ଏହାର ଜଳ ଧାରଣ କ୍ଷମତା ଧୀରେ ଧୀରେ ହ୍ରାସ ପାଇବାରେ ଲାଗିଛି।ଯାହା ଫଳରେ

ଚଳିତ ବର୍ଷ ସ୍ଥିତି ଆହୁରି ସଂଗୀନ ହୋଇପଡ଼ିଛି। ଡ୍ୟାମରେ ଜଳସ୍ତର ଏତେ ମାତ୍ରାରେ କମିଯାଇଛି ଯେ ସୁଇଚ୍ ମୁହଁରେ ଆଦୌ ପାଣି ନାହିଁ, ଯାହାଦ୍ୱାରା କେନାଲକୁ ଆଉ ପାଣି ଆସିପାରୁ ନାହିଁ। ଅପରପକ୍ଷେ, ଚଳିତ ବର୍ଷ ନିଘଣ୍ଟିଆ (ଅନିୟମିତ) ବର୍ଷା ଯୋଗୁଁ ଚାଷ ଜମିଗୁଡ଼ିକ ପଡ଼ିଆ ପଡ଼ି ରହିଛି। ସାଧାରଣତଃ ରଜ ପର୍ବ ସରିବା ମାତ୍ରେ ଜମିରେ ଧାନ ତଳି ପଡ଼ିବା କଥା, କିନ୍ତୁ ଏବେ ନା ଅଛି ଡ୍ୟାମରେ ପାଣି, ନା ହେଉଛି ଠିକ୍ ଭାବେ ବର୍ଷା। ତେଣୁ “ଯଦି ଏଭଳି ସ୍ଥିତି ଲାଗି ରହେ, ତେବେ ଚଳିତ ବର୍ଷ ବ୍ୟାପକ ମରୁଡ଼ି ହେବା ଚାଷୀମାନେ ଆଶଙ୍କା କରୁଛନ୍ତି। ଏଣୁ ସରକାର ତୁରନ୍ତ ଏଥିପାଇଁ ସ୍ୱତନ୍ତ୍ର ଆର୍ଥିକ ଅନୁଦାନ ମଞ୍ଜୁର କରି ପିଲା ସାଲୁଙ୍କି ଡ୍ୟାମର ପୁନରୁଦ୍ଧାର କାର୍ଯ୍ୟକଲେ ଏହାର ଜଳ ଧାରଣ କ୍ଷମତା ବୃଦ୍ଧି ପାଇବ ଏବଂ ଆଗାମୀ ଦିନରେ ଚାଷ କାର୍ଯ୍ୟ ସ୍ୱାଭାବିକ ହୋଇପାରିବ।”

ଅଞ୍ଚଳର ହଜାର ହଜାର ଚାଷୀଙ୍କ ଜୀବନ ଜୀବିକାକୁ ଦୃଷ୍ଟିରେ ରଖି ପ୍ରଶାସନ ଓ ସରକାର ଏହି ସମସ୍ୟା ପ୍ରତି ଦୃଷ୍ଟି ଦେବା ପାଇଁ ଚାଷୀ କୂଳ ନିବେଦନ କରିଛନ୍ତି।

## କଷଣଅଣ୍ଟାରେ ମନ-କି-ବାତ କାର୍ଯ୍ୟକ୍ରମ



ପଟ୍ଟାମୁଣ୍ଡାଇ, ୨୮।୬ (ସଂଚାର ବ୍ୟୁରୋ)ଃ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୧୩୫ତମ ଅଧ୍ୟାୟ ମନ-କି-ବାତ୍ କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ନଗର ବିଜେପି ଉପ-ସଭାପତି ମନୋଜ ସ୍ୱାଇଁ ତତ୍ତ୍ୱାବଧାନରେ କଷଣଅଂଟା ୱାର୍ଡ ନଂ-୫ରେ ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ-ରାଜନଗରର ଲଢୁଆନେତା ଲଳିତ ବେହେରା, ପଟ୍ଟାମୁଣ୍ଡାଇ ବିଜେପି ନଗର ପ୍ରଭାରୀ ପ୍ରଫୁଲ୍ଲ ଚନ୍ଦ୍ର ଦାସ , ଯୁବନେତା ସର୍ବେଶ୍ୱର ପ୍ରଧାନ, ବିଜେପି ନଗର ସଂପାଦିକା ତୁଳସୀ ବିଶ୍ୱାଳ , ମନ୍ମଥ ରାଉତ, ଅଭିମନ୍ୟୁ ସାମଲ, କଷଣଅଂଟା ବୁଥ ସଭାପତି ସତ୍ୟବ୍ରତ ସାମଲ, ଭସ୍କର ସାହୁ , ଅଂଶୁମାନ ବାରିକ, ଅନୀଲ ରାଉତ, ଶୁଭାଂଶୁ ଜେନା, ରବିନ୍ଦ୍ର ମଲିକ, ପ୍ରଦୀପ ରାଉତ, ନରେନ୍ଦ୍ର ସାମଲ, ସନ୍ତୋଷ ବିଶ୍ୱାଳ, ସନ୍ତୋଷ ମଳିକ, ରଜତ ଜେନା , ପ୍ରେମାନନ୍ଦ ରାଉତ ପ୍ରମୁଖ ବହୁ ବିଜେପି କର୍ମୀଙ୍କ ସହିତ ଆଖପାଖ ଅଂଚଳର ବହୁ ଲୋକ ଅଂଶଗ୍ରହଣ କରିଥିଲେ ।

# ନଳକୂପରୁ ବାହାରୁନି ପାଣି

## ବିଭାଗୀୟ ଅବହେଳାକୁ ଦାୟୀ କଲେ ଲୋକେ



ମାର୍ଶାଘାଇ, ୨୮।୬ (ସଂଚାର ବ୍ୟୁରୋ)ଃ ନଳକୂପ ଅଛି ହେଲେ ଲୋକେ ପାଣି ପାଇବା ବଦଳରେ ଶରୀରରୁ ଝାଳ ବାହାର କରୁଛନ୍ତି। କଥାଟା ଅଜବ ଲାଗୁଥିଲେ ବି ସତ। ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱହୀନତା ପାଇଁ ଲୋକେ ପାଣି ଟୋପାଏ ପାଇବାରୁ ବଞ୍ଚିତ ହେଉଛନ୍ତି।

ସୂଚନା ମୁତାବକ ମାର୍ଶାଘାଇ ବ୍ଲକ୍ କୁହୁଡ଼ି ପଞ୍ଚାୟତର ପଣ୍ଡା ମଠ ନିକଟରେ ଥିବା ଏହି ନଳକୂପ ଲୋକଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ନଳକୂପ ପାଇପକୁ ମାଡ଼ି ମାଡ଼ି ହାଲିଆ ହେଉଥିଲେ ମଧ୍ୟ ପାଣି ଆସୁନଥିବା ଲୋକେ ଅଭିଯୋଗ କରିଛନ୍ତି। ରାଜ୍ୟ ସରକାର ଗ୍ରୀଷ୍ମ ଋତୁରେ କୌଣସି ଅଞ୍ଚଳରେ ପାନୀୟ ଜଳର ଅଭାବ ନ ରହିବା ପାଇଁ ସମ୍ପୃକ୍ତ ବିଭାଗକୁ କଡ଼ା ନିର୍ଦ୍ଦେଶ ଦେଇଥିବା ବେଳେ ତୃଣମୂଳ ସ୍ତରରେ କିଛୁ ବ୍ୟତିକ୍ରମ ଦେଖିବାକୁ ମିଳୁଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ନଳକୂପଟି ଦୀର୍ଘଦିନ ଧରି ଏମିତି ପରିସ୍ଥିତିରେ ଥିବାବେଳେ ଏହାର ମରାମତି ପାଇଁ ସମ୍ପୃକ୍ତ ବିଭାଗ କୌଣସି ପଦକ୍ଷେପ ନେଇନାହାନ୍ତି। ଏହା ଯୋଗୁଁ ମଠକୁ ଆସୁଥିବା ଭକ୍ତ ଓ ଗ୍ରାମବାସୀମାନେ ବିଶେଷ ଭାବେ ହଇରାଣ ହେଉଛନ୍ତି।

ତେଣୁ ପ୍ରଶାସନ ଘଟଣାର ତଦନ୍ତ କରି ତୁରନ୍ତ ନଳକୂପକୁ ମରାମତି କରି ପାନୀୟ ଜଳ ସୁବିଧା ସୁନିଶ୍ଚିତ କରିବାକୁ ସ୍ଥାନୀୟ ବାସିନ୍ଦାମାନେ ଦାବି କରିଛନ୍ତି।

## ଡେରାବିଶରେ କଂଗ୍ରେସ କାର୍ଯ୍ୟକାରିଣୀ ବୈଠକ




ଡେରାବିଶ,୨୮।୬(ସଂଚାର ବ୍ୟୁରୋ)ଃ ଡେରାବିଶ ବ୍ଲକ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଅନ୍ତର୍ଗତ ବଳଭଦ୍ରପୁର ସାରଳା ମଣ୍ଡପରେ ଡେରାବିଶ ବ୍ଲକ କାର୍ଯ୍ୟକାରିଣୀ ବୈଠକ ଡେରାବିଶ ବ୍ଲକ କଂଗ୍ରେସ ସଭାପତି ରାଜୀବ ଲୋଚନ ମିଶ୍ର ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକ ପାଟକୁରା କଂଗ୍ରେସ ନେତା ଡକ୍ଟର ରତିକାନ୍ତ କାନୁନଗୋ ଯୋଗ ଦେଇ ଡେରାବିଶ ବ୍ଲକ ର ସମସ୍ତ ପଞ୍ଚାୟତ ମାନଙ୍କ ରେ ଥିବା ପ୍ରତି ୱାର୍ଡ ରେ କଂଗ୍ରେସ ଦଳକୁ କିପରି ମଜବୁତ କରାଯାଇ ପାରିବ ସେ ବିଷୟରେ ଆଲୋଚନା କରିବା ସହ ଉପସ୍ଥିତ ଥିବା ସମସ୍ତ କଂଗ୍ରେସ ପଞ୍ଚାୟତ ସଭାପତି ଓ ବ୍ଲକ କମିଟି ସଦସ୍ୟ ମାନଙ୍କ ଠାରୁ ସେମାନଙ୍କ ମତାମତ ଲୋଡି ଏହାକୁ କିପରି କାର୍ଯ୍ୟକାରି ଲଗାଯାଇ ପାରିବ ସେ ବିଷୟରେ ଆଲୋଚନା କରାଯାଇଥିଲା । ଆଗାମୀ ପଞ୍ଚାୟତ ନିର୍ବାଚନ କୁ ଆଖିରେ ରଖି କେଉଁଭଳି ପ୍ରସ୍ତୁତ କରାଗଲେ ତୃଣ ମୂଳ ସ୍ତରରୁ କଂଗ୍ରେସ ଦଳ ଆହୁରି ସୁଦୃଢ଼ ହେବ ସେ ବିଷୟରେ ଆଲୋଚନା କରିଥିଲେ ପାଟକୁରା କଂଗ୍ରେସ ନେତା ରତିକାନ୍ତ କାନୁନଗୋ । ଏହି କାର୍ଯ୍ୟକ୍ରମ ରେ ପାଟକୁରା କଂଗ୍ରେସ ନେତା ରତିକାନ୍ତ କାନୁନଗୋ,ଡେରାବିଶ ବ୍ଲକ ସଭାପତି ରାଜୀବ ଲୋଚନ ମିଶ୍ର,ପୂର୍ବତନ ଡେରାବିଶ ବ୍ଲକ ସଭାପତି ତଥା ଜିଲ୍ଲା ଉପସଭାପତି ଉମେଶ ଚନ୍ଦ୍ର ତ୍ରିପାଠୀ, ଜିଲ୍ଲା କୃଷକ ମୁର୍ଚ୍ଛା ସଭାପତି ଜୟଦେବ ପରିଡା, ରଶ୍ମି ରଞ୍ଜନ ପଣ୍ଡା, ବିଧୁ ଭୁଷଣ ମହାପାତ୍ର, ପ୍ରମୋଦ ରାଉତ, ଅଶୋକ ମୋହନ ଜେନା, ସୁଖଦାନନ୍ଦ ପ୍ରଧାନ, ଗୋଲଖ ସ୍ୱାଇଁ ଙ୍କ ସମେତ ଡେରାବିଶ ବ୍ଲକ ର ସମସ୍ତ ପଞ୍ଚାୟତ ସଭାପତି ଓ ବ୍ଲକ କମିଟି ସଦସ୍ୟ ଉପସ୍ଥିତ ରହିଥିଲେ ।

## ଛେଳି ଚୋରି ମାମଲାରେ ପୁଲିସ ନିଷ୍କ୍ରିୟ

ବାଲିପାଟଣା,୨୮।୬(ସଂଚାର ବ୍ୟୁରୋ)ଃ ବାଲିପାଟଣା ଥାନା ଅଞ୍ଚଳରେ ଆଇନ ଶୃଙ୍ଖଳା ସ୍ଥିତି ସଂଗୀନ ହେବାରେ ଲାଗିଛି। ଗରିବ ଅଭିଯୋଗକାରୀଙ୍କୁ ନ୍ୟାୟ ମିଳିବା କେତେ କଷ୍ଟକର, ତାର ଏକ ଜ୍ୱଳନ୍ତ ଉଦାହରଣ ସାମ୍ନାକୁ ଆସିଛି। ଛେଳି ଚୋରି ମାମଲାରେ ପ୍ରତ୍ୟକ୍ଷଦର୍ଶୀ ଓ ସବୁ ପ୍ରମାଣ ଥାଇ ମଧ୍ୟ ସ୍ଥାନୀୟ ପୋଲିସ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଗତ ୧୩ ତାରିଖରେ କୁଳନ୍ତିରା ଶାସନର ବିଜୟ ମଲ୍ଲିକଙ୍କ ଗୁହାଳରୁ ଛେଳି ଚୋରି ହୋଇଥିଲା। ଚୋରି ସମୟରେ ବିଜୟ ଓ ତାଙ୍କ ପତ୍ନୀ ଅଭିଯୁକ୍ତକୁ ରାତି ୨ଟାରେ ନିଜ ଆଖିରେ ଦେଖିଥିଲେ। ଏ ନେଇ ନ୍ୟାୟ ଆଶାରେ ସେ ଥାନାର ଦ୍ୱାରସ୍ଥ ହେବା ପରେ ୧୬ ତାରିଖରେ ଏଫ୍ଆଇଆର୍ ତ ରୁଜୁ ହେଲା,କିନ୍ତୁ ପରିଣାମ ମିଳିଲା ଶୂନ। ପୋଲିସ ଅଭିଯୁକ୍ତକୁ ଥାନାକୁ ଡାକି କେବଳ ଆନୁଷ୍ଠାନିକ ପଚରାଉଚରା କରି ସହଜରେ ଛାଡ଼ି ଦେଇଥିବା ଅଭିଯୋଗ ହୋଇଛି। ଗରିବ ଅଭିଯୋଗକାରୀ ଯେତେବେଳେ ନ୍ୟାୟ ପାଇଁ ଥାନାକୁ ଯାଉଛନ୍ତି, ତାଙ୍କୁ ଆଶ୍ୱାସନା ବଦଳରେ ରୁକ୍ଷ ବ୍ୟବହାର ମିଳୁଛି। ବାଲିପାଟଣା ପୋଲିସର ଏଭଳି ଉଦାସୀନତା ଯୋଗୁଁ ଅଞ୍ଚଳରେ ଅପରାଧୀଙ୍କ ସାହସ ବଢ଼ିବାରେ ଲାଗିଛି, ଯାହା ସାଧାରଣ ଜନତାଙ୍କ ସୁରକ୍ଷା ପ୍ରତି ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ଚର୍ଚ୍ଚା ହେଉଛି।

## ୪୮୮ ବର୍ଗ ଅଧ୍ୟାପକ-କର୍ମଚାରୀ ସମନ୍ୱୟ ସମିତିର ଆନ୍ଦୋଳନ ପ୍ରସ୍ତୁତି ବୈଠକ

ବାରିପଦା,୨୮।୬(ସଂଚାର ବ୍ୟୁରୋ)ଃ ୪୮୮ ବର୍ଗ ଅଧ୍ୟାପକ - କର୍ମଚାରୀ ସମନ୍ୱୟ ସମିତି ପକ୍ଷ ରୁ ଆସନ୍ତା ୩୦ ତାରିଖରୁ ଭୁବନେଶ୍ୱରର ଲୋୟର ପିଏମଜି ଠାରେ ଏକଆନ୍ଦଲୋନ ଯୁକ୍ତ ସମାବେଶ ଅନୁଷ୍ଠିତ ହେବ। ଏଥିପାଇଁ ମୟୁରଭଞ୍ଜ ଜିଲ୍ଲା ସଂଘର ଏକ ଜରୁରୀ କାଳୀନ ଆଭାସୀ ବୈଠକ ଅନୁଷ୍ଠିତ ହୋଯାଇଅଛି। ଚାକିରି ସର୍ତ୍ତାବଳୀ, ପ୍ରାଧ୍ୟାପକ ଭାବରେ ପଦୋନ୍ନତି, ପେନସନ ଓ ଅଣଶିକ୍ଷା କର୍ମଚାରୀଙ୍କର ଏମ ଏସ ପି ଲାଗୁକରାଇବା ଦାବିରେ ସରକାରଙ୍କର ଟାଳଟୁଳ ନୀତି ଅବଲମ୍ବନ କରୁଥିବା ରାଜ୍ୟ ୪୮୮ବର୍ଗ ଅଧ୍ୟାପକ - କର୍ମଚାରୀ ସମନ୍ୱୟ ସମିତିର ସଭାପତି ପ୍ରଶାନ୍ତ ପ୍ରଧାନଙ୍କର ଆହ୍ୱାନ କ୍ରମେ ୩୦ ତାରିଖରୁ ଭୁବନେଶ୍ୱରର ଲୋୟର ପି ଏମ ଜି ଠାରେ ସମାବେଶ ଅନୁଷ୍ଠିତ ହେବ।

ଏହିପରିପେକ୍ଷୀରେ ୪୮୮ ବର୍ଗ ଅନୁଦାନ ପ୍ରାପ୍ତ ଅଧ୍ୟାପକ - କର୍ମଚାରୀ ସମନ୍ୱୟ ସମିତି ମୟୁରଭଞ୍ଜ ଜିଲ୍ଲାର ଆବାହିକା ଯାଞ୍ଜ୍ୟସେନୀ ରୟଙ୍କ ଦ୍ୱାରା ଜିଲ୍ଲା ସ୍ତରୀୟ ଆଭାଷୀ ବୈଠକ ଅନୁଷ୍ଠିତ ହୋଇ ଆଗାମୀ ୩୦ ତାରିଖଠାରୁ ହେବାକୁ ଥିବା ସମାବେଶକୁ ସଫଳ କରିବାକୁ ପ୍ରମୁଖ ସହମତି ପ୍ରଦାନ କରିଥିଲେ । ୪୮୮ବର୍ଗ କଲେଜ ଗୁଡିକରେ ନିଯୁକ୍ତ ଅଧ୍ୟାପକ ଓ କର୍ମଚାରୀଙ୍କ ଦୁର୍ଦ୍ଦଶା ପ୍ରତି ସରକାର କର୍ଣ୍ଣପାତ ନ କରିବା ଦୁର୍ଭାଗ୍ୟ ଜନକ ବୋଲି କହିଥିଲେ। ଏହି ସଭାରେ ନିକଟ ଅତୀତରେ ଅବସର ଗ୍ରହଣ କରିଥିବା ଅଧ୍ୟାପକ - କର୍ମଚାରୀ ମାନେ ମଧ୍ୟ ଯୋଗ ଦେଇଥିଲେ। ଉକ୍ତ ଆଭାସି ବୈଠକରେ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଧର୍ମପୁରାରୁ ଦେବବ୍ରତ ଦେଓ ସର୍ଦ୍ଦାର, ବିଷ୍ଣୁ ପଦ ରାଉତ୍, ଇନ୍ଦ୍ରଜିତ୍ ଦାସ,ବ୍ରହ୍ମାନନ୍ଦ ମହାନ୍ତି, ସିପ୍ରା ଗିରି, ଗୌର ଚନ୍ଦ୍ର ସୁର, ପ୍ରମୋଦ କୁମାର ସି; କପ୍ତିପଦା କଲେଜରୁ ଅବନ୍ତୀ ଷଡ଼ଙ୍ଗୀ, ଶୁକୁଳି କଲେଜରୁ ବିଜୟ ମିଶ୍ର, ନୂଆସାହି କଲେଜରୁ ସବେଶ୍ୱର ବିଶ୍ୱାଳ, ସନ୍ତୋଷ ମହାନ୍ତି, ଉଦଳା କଲେଜରୁ ଅଶ୍ୱିନୀ ବେହେରା, ବାଇଗଣବାଡ଼ିଆ କଲେଜରୁ ଅନ୍ନପୂର୍ଣ୍ଣା ଧଳ, ସୁଶାନ୍ତ ସାହୁ ବାରିପଦା ଯୁକ୍ତ ଦୁଇ କଲେଜରୁ ଅଟଳ କୁମାର ମହାନ୍ତ, ସଂଯୁକ୍ତା ସୁର,ବାଙ୍ଗିରିପୋଷି କଲେଜରୁ, ଦେବାଶିଷ ସାର୍ ଉମାକାନ୍ତ ପରିଡ଼ା, ଅଁଳା କଲେଜରୁ ରବୀନ୍ଦ୍ର ରାଉଳ, କୁଆମାର କଲେଜରୁ ବିଜୟ ବାରିକ ମୟୁରଭଞ୍ଜ ଜିଲ୍ଲାର ବିଭିନ୍ନ କଲେଜରୁ ଅବସର ନେଇଥିବାକର୍ମଚାରୀଙ୍କ ମଧ୍ୟରେ ଜୀବନ ବାବୁ, ବିଶ୍ୱନାଥ ପଣ୍ଡା,ସମୀର ବାବୁ ବ୍ରଜେନ୍ଦ୍ର ଖଣ୍ଡା, ହରିଶ ପଣ୍ଡା ଆଦି ଯୋଗ ଦେଇଥିଲେ ।

## କୁକୁଡ଼ା ଫାର୍ମର ଦୁର୍ଗନ୍ଧକୁ ନେଇ ଦୁଇ ପଡ଼ୋଶୀଙ୍କ ମଧ୍ୟରେ ଗଣ୍ଡଗୋଳ

ଡେରାବିଶ,୨୮।୬(ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡ଼ା ଜିଲ୍ଲା ନିକିରେଇ ଥାନା ଡେରାବିଶ ବ୍ଲକ ଅନ୍ତର୍ଗତ ମଙ୍ଗଳପୁର ଗ୍ରାମରେ ଥିବା ଏକ କୁକୁଡ଼ା ଫାର୍ମରୁ ବାହାରୁଥିବା ଦୁର୍ଗନ୍ଧ ପାଇଁ ଗ୍ରାମର ଦୁଇ ପଡ଼ୋଶୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟି ଶୁକ୍ରବାର ନିକିରେଇ ଥାନାରେ ପୃଥକ ପୃଥକ ମାମଲା ରୁଜୁ ହୋଇଛି। ଘଟଣାରୁ ପ୍ରକାଶ ଗ୍ରାମର ସୁଶାନ୍ତ ରାଉତ ନାମକ ଜଣେ ବ୍ୟକ୍ତି ଗ୍ରାମରେ ଏକ କୁକୁଡ଼ା ଫାର୍ମ କରିଛନ୍ତି। ଏହି ଫାର୍ମରୁ ବାରମ୍ବାର ଦୁର୍ଗନ୍ଧ ବାହାରୁ ଥିବାରୁ ଗ୍ରାମର ଜ୍ଞାନ ରଞ୍ଜନ ଜେନା ଏ ନେଇ ଜିଲ୍ଲା ପ୍ରଶାସନ ଠାରୁ ଆରମ୍ଭ କରି ସ୍ଥାନୀୟ ତହସିଲଦାର, ନିକିରେଇ ଥାନାରେ ବାରମ୍ବାର ଅଭିଯୋଗ କରି ଆସୁଥିବା ନେଇ ଜ୍ଞାନରଞ୍ଜନଙ୍କ ସ୍ତ୍ରୀ ସ୍ୱାଧୀନବାଳା ସୂଚନା ଦେଇଛନ୍ତି। ତେବେ ଶୁକ୍ରବାର ଫାର୍ମରେ ଥିବା କୁକୁଡ଼ାଙ୍କ ମଳ ଜ୍ଞାନ ରଞ୍ଜନଙ୍କ ଘର ସମ୍ମୁଖରେ ସୁଶାନ୍ତ ଗଦା କରିବାରୁ ସ୍ୱାଧୀନବାଳା ଏହାର ପ୍ରତିବାଦ କରିଥିଲେ। ମାତ୍ର ସୁଶାନ୍ତ ଅତ୍ୟନ୍ତ ଅଶ୍ଳିଳ ଭାଷାରେ ତାଙ୍କୁ ଗାଳିଗୁଲଜ କରିବା ସହ ତାଙ୍କ ସ୍ୱାମୀ ଜ୍ଞାନ ରଞ୍ଜନଙ୍କୁ ଏକ ବାଡ଼ିରେ ବାଡ଼େଇ ଥିଲେ। ଜ୍ଞାନ ଜଣେ କ୍ୟାନସର ରୋଗୀ ହୋଇଥିବାରୁ ତାଙ୍କର ଛାତିରେ ଅସ୍ତ୍ରୋପଚାର କରାଯାଇଥିଲା ଏବଂ ସୁଶାନ୍ତଙ୍କ ଆକ୍ରମଣରେ ସେ ଗୁରୁତର ହୋଇ ପ୍ରଥମେ ଇନ୍ଦୁପୁର ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ସ୍ୱାଧୀନବାଳା କହିଛନ୍ତି। ଏ ନେଇ ସ୍ୱାଧୀନବାଳାଙ୍କ ପକ୍ଷରୁ କରାଯାଇଥିବା ଅଭିଯୋଗକୁ ଭିତିକରି ଥାନାରେ ୨୨୮/୨୬ରେ ଏକ ମାମଲା ରୁଜୁ କରାଯାଇଛି। ଅନ୍ୟପକ୍ଷରେ ସୁଶାନ୍ତଙ୍କୁ ଜ୍ଞାନରଞ୍ଜନଙ୍କ ପରିବାର ଆକ୍ରମଣ କରିଥିବା ନେଇ ସୁଶାନ୍ତଙ୍କ ପକ୍ଷରୁ କରାଯାଇଥିବା ଅନ୍ୟ ଏକ ଅଭିଯୋଗକୁ ଭିତିକରି ଥାନାରେ ୨୨୭/୨୬ରେ ଏକ ମାମଲା ରୁଜୁ କରାଯାଇ ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ବିମଳ ମଲିକ ସୂଚନା ଦେଇଛନ୍ତି।

# ନିମାପଡ଼ା ସାମ୍ବାଦିକ ସଂଘର ପ୍ରଥମ କାର୍ଯ୍ୟକାରିଣୀ ବୈଠକ

## ବିକଶିତ ନିମାପଡ଼ା ଗଠନ ଲକ୍ଷ୍ୟ



ନିମାପଡ଼ା,୨୮।୬(ସଂଚାର ବ୍ୟୁରୋ)ଃ ବିକଶିତ, ସମୃଦ୍ଧ ଓ ଉତ୍କର୍ଷ ନିମାପଡ଼ା ଗଠନର ସଂକଳ୍ପକୁ ଆଧାର କରି ନବଗଠିତ ନିମାପଡ଼ା ସାମ୍ବାଦିକ ସଂଘର ପ୍ରଥମ କାର୍ଯ୍ୟକାରିଣୀ ବୈଠକ ରବିବାର ଦିଘାଳସ୍ଥିତ ମନସା କାନନ ପରିସରରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂଘର ଭବିଷ୍ୟତ କାର୍ଯ୍ୟପନ୍ଥା, ସାମ୍ବାଦିକମାନଙ୍କ ଏକତା, ବୃତ୍ତିଗତ ସୁରକ୍ଷା ଓ ଅଞ୍ଚଳର ସାମଗ୍ରିକ ବିକାଶରେ ଗଣମାଧ୍ୟମର ଭୂମିକା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା।

ବୈଠକରେ ସଂଘର କାର୍ଯ୍ୟକାରିଣୀ କମିଟିକୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଥିଲା। ସରକାରୀ ସ୍ୱୀକୃତିପ୍ରାପ୍ତ ସାମ୍ବାଦିକ ଅକ୍ଷୟ କୁମାର ନାୟକ ସଭାପତି, ଅରୁଣ ମହାପାତ୍ର ଉପସଭାପତି, ଅଶୋକ ବେହେରା ସାଧାରଣ ସମ୍ପାଦକ,ଅଜିତ ରଞ୍ଜନ ସାହୁ ଓ ଶିଶିର ସ୍ୱାଇଁ ସହ-ସମ୍ପାଦକ, ଶାନ୍ତନୁ ମହାନ୍ତି କୋଷାଧ୍ୟକ୍ଷ ଏବଂ ନିବେଦିତା ମିଶ୍ର ସଂଗଠନ ସମ୍ପାଦିକା ଭାବେ ମନୋନୀତ ହୋଇଥିଲେ। ସେହିପରି ସଂଘର ଉପଦେଷ୍ଟା ଭାବେ ଚିତ୍ତରଞ୍ଜନ ମହାନ୍ତି, ରାଜକିଶୋର ଦାଶ, ସୁକାନ୍ତ କର ଓ କେଦାରନାଥ ସାହୁଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଥିଲା। ସାଧାରଣ ପରିଷଦ ବୈଠକରେ ରଞ୍ଜନ ଦାଶ,ବିଭୂତି ମହାପାତ୍ର, ସତ୍ୟମ୍ ଜୋସେଫ ଲେଙ୍କା, ବିବେକାନନ୍ଦ ସେଠୀ, ଅଭୟ ସ୍ୱାଇଁ,ଜୟନ୍ତ ସେଠୀ,ସୁରେଶ ଚନ୍ଦ୍ର ମହାନ୍ତି, ଦୁର୍ଗାପ୍ରସାଦ ମହାପାତ୍ର, ସିଦ୍ଧାର୍ଥ ଶେଖର, ମିଳନ ମହାନ୍ତି ପ୍ରମୁଖ ସାମ୍ବାଦିକ ଉପସ୍ଥିତ ରହି ସଂଘର ସାଂଗଠନିକ ସୁଦୃଢ଼ତା, ସାମ୍ବାଦିକଙ୍କ ବିଭିନ୍ନ ସମସ୍ୟା, ନୈତିକ ସାମ୍ବାଦିକତାର ବିକାଶ ଏବଂ ନିମାପଡ଼ାର ବିକାଶମୂଳକ ପ୍ରସଙ୍ଗଗୁଡ଼ିକୁ ପ୍ରାଥମିକତାର ସହ ଉପସ୍ଥାପନ କରିବା ନେଇ ମତ ବିନିମୟ କରିଥିଲେ।

ନିମାପଡ଼ାର ସାଧାରଣ ଲୋକଙ୍କ ସ୍ୱାର୍ଥ, ବିଭିନ୍ନ ଜନସମସ୍ୟା, ବିକାଶମୂଳକ ପ୍ରସଙ୍ଗ ଓ ସାମାଜିକ ଦାୟିତ୍ୱକୁ ପ୍ରାଥମିକତା ଦେଇ ସଂଘ କାର୍ଯ୍ୟ କରିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ବିକଶିତ, ସମୃଦ୍ଧ ଓ ଉତ୍କର୍ଷ ନିମାପଡ଼ା ଗଠନରେ ଗଣମାଧ୍ୟମ ଏକ ସକାରାତ୍ମକ ସହଯୋଗୀ ଭାବେ କାର୍ଯ୍ୟ କରିବ ବୋଲି ନିମାପଡ଼ା ସାମ୍ବାଦିକ ସଂଘ ପକ୍ଷରୁ ଦୃଢ଼ ସଂକଳ୍ପ ପ୍ରକାଶ କରାଯାଇଥିଲା।

## ବିପ୍ଲବୀ ଆନନ୍ଦ ଜେନାଙ୍କ ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ




କେନ୍ଦ୍ରାପଡ଼ା,୨୮।୬(ସଂଚାର ବ୍ୟୁରୋ)ଃ ବିପ୍ଲବୀ ଆନନ୍ଦ ଚନ୍ଦ୍ର ଜେନାଙ୍କ ୧୪୨ତମ ଜୟନ୍ତୀ ପାଳନ ନିମନ୍ତେ ଗରାପୁରସ୍ଥିତ ଶିବାନନ୍ଦ ଆଶ୍ରମ ପରିସରରେ ବିପ୍ଲବୀ ଆନନ୍ଦ ଚନ୍ଦ୍ର ଜେନା ସ୍ମୃତି କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସ୍ମୃତି କମିଟି ସଭାପତି ବରିଷ୍ଠ ଆଇନଜୀବୀ ବିଚିତ୍ରାନନ୍ଦ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଆସନ୍ତା ଜୁଲାଇମାସ ୧୭ତାରିଖରେ କେନ୍ଦ୍ରାପଡା ସହରର ଆନନ୍ଦମାର୍ଗସ୍ଥିତ ଶ୍ରୀ ଜେନାଙ୍କ ପ୍ରତିମୂର୍ତ୍ତି ନିକଟରେ ଏହି ଉତ୍ସବ ପାଳନ କରାଯିବାକୁ ସ୍ଥିର କରାଯାଇଥିଲା। ଏଥିନିମନ୍ତେ ଆବଶ୍ୟକ ପ୍ରସ୍ତୁତି ପାଇଁ ସବିଶେଷ ଆଲୋଚନା କରାଯିବା ସହ ଉପସ୍ଥିତ କର୍ମକର୍ତ୍ତାମାନଙ୍କ ମଧ୍ୟରେ ଦାୟିତ୍ୱ ବଣ୍ଟନ କରାଯାଇଥିଲା । ଏହି ବୈଠକରେ ଆଶ୍ରମର ଆରାଧ୍ୟା ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ, ସ୍ମୃତି କମିଟି ସମ୍ପାଦକ ରମଣୀରଞ୍ଜନ ରାଉତରାୟ, ମୁକ୍ତାର ଖାଁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଅଧ୍ୟାପକ ପୀତାମ୍ବର ମିଶ୍ରଙ୍କ ଦେହାନ୍ତ



ନିଳଗିରି,୨୮।୬(ସଂଚାର ବ୍ୟୁରୋ)ଃ ନିଳଗିରି ଏନ୍ ଏ ସି ର ୯ନମ୍ବର ୱାର୍ଡ କାହାଳିଆ ନନ୍ଦନାନ୍ଦପୁର ଶାସନର ସ୍ୱର୍ଗତ ମହେଶ୍ୱର ମିଶ୍ରଙ୍କ ପୁଅ ପୀତାମ୍ବର ମିଶ୍ର(୫୭) ଙ୍କ ଲିଭର ଜନିତ ରୋଗରେ ଚିକିତ୍ସିତ ହେଉଥିବା ବେଳେ ଦିଲ୍ଲୀରେ ଏକ ଘରୋଇ ହସ୍ପିଟାଲରେ ଗତ ଶନିବାର ଦିନ ମୃତ୍ୟୁ ଘଟିଛି। ପୀତାମ୍ବର ମିଶ୍ର ରାଇରଙ୍ଗପୁର କଲେଜରେ ଇତିହାସ ବିଭାଗର ଅଧ୍ୟାପକ ଭାବେ କାର୍ଯ୍ୟରତ ଥିବା ବେଳେ ହଠାତ୍ ତାଙ୍କ ମୃତ୍ୟୁ ଖବର ପାଇ କଲେଜ ପରିସରରେ ଶୋକର ଛାୟା ଖେଳିଯାଇଛି। ନିଳଗିରି, କାହାଳିଆ ଗ୍ରାମରେ ମଧ୍ୟ ଶୋକାକୁଳ ପରିବେଶ ଦେଖିବାକୁ ମିଳିଛି। ମରଶରୀରକୁ ଜନ୍ମମାଟିକୁ ଅଣାଯାଇଥିବା ବେଳେ ତାଙ୍କ ଶଶୁର ଘର ନୁଆପୁର ସାସଙ୍ଗ ଗ୍ରାମରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

## ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ କୋଠା ନିର୍ମାଣ ନିମନ୍ତେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ଆଲୋଚନା

ବଲାଙ୍ଗିର,୨୮।୬(ସଂଚାର ବ୍ୟୁରୋ)ଃ ବଲାଙ୍ଗିର ସଦର ବ୍ଲକ ଅନ୍ତର୍ଗତ ଚୁଡାପାଲି ଠାରେ ଥିବା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ର ନୂତନ କୋଠା ନିର୍ମାଣ ନିମନ୍ତେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଯୋଜନାରୁ ପ୍ରାୟ ୧୮ କୋଟି ରୁ ଊର୍ଦ୍ଧ୍ୱ ଟଙ୍କା ଅନୁମୋଦନ ହୋଇଛି ଏବଂ ଟେଣ୍ଡର କାର୍ଯ୍ୟ ମଧ୍ୟ ସରିଛି। ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ମାନ୍ୟବର ସ୍ୱାସ୍ଥ୍ୟ ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗଙ୍କୁ ଜିଲ୍ଲା ସାର୍କିଟ ହାଉସ ଠାରେ ଏକ ପ୍ରତିନିଧି ଦଳ ସାକ୍ଷାତ କରି ଆଲୋଚନା କରିଛନ୍ତି ଏବଂ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପ୍ରାୟ ୧୦ ଏକର ଜାଗାରେ ବଲାଙ୍ଗିର ପାଟଣାଗଡ଼ ରାସ୍ତା ତଥା ଦାଉପାଲି ଠାରେ ନିର୍ମାଣ ହେବ। ତେଣୁ ବଲାଙ୍ଗିର ଜିଲ୍ଲାର ଅନେକ ଲୋକ ଚିକିତ୍ସା ପାଇବା ଅଧିକ ସୁଯୋଗ ପାଇବେ ତଥା ଅନେକ ବିଭାଗ ଖୋଲିବା ନେଇ ଅଞ୍ଚଳବାସୀଙ୍କ ମନରେ ଆଶା ବାନ୍ଧିଛି।

# ଚେଜିଂ ସ୍ୟାଡୋ ଚିତ୍ରକଳା ପ୍ରଦର୍ଶନୀ ଆରମ୍ଭ



ବାଲିଅନ୍ତା,୨୮।୬(ସଂଚାର ବ୍ୟୁରୋ)ଃ ଆଲୋକ, ଛାୟା ଓ ମାନବୀୟ ଅନୁଭୂତିର ନିଆରା କଳାତ୍ମକ ପରିଚୟ ଶକୁନ୍ତଳା ଆର୍ଟ ଗ୍ୟାଲେରୀ, ଉତ୍ତରା ସାସନ, କୌଶଳଗଙ୍ଗଠାରେ ଆୟୋଜିତ ପାଞ୍ଚଦିନିଆ ଚିତ୍ରକଳା ପ୍ରଦର୍ଶନୀ ‘Chasing Shadows’ ଆଜି ପୂର୍ବାହ୍ନ ୧୧ଟାରେ ଗରିମାମୟ ପରିବେଶ ମଧ୍ୟରେ ଉଦ୍ଘାଟିତ ହୋଇଛି। ନ୍ୟୁଜ- ୭ର ସିନିୟର ଆର୍ଟ ଡାଇରେକ୍ଟର ଶ୍ରୀ ସଙ୍ଗ୍ରାମ ମହାରଣା ଏବଂ ବିଶିଷ୍ଟ ଭିଜୁଆଲ ଆର୍ଟିଷ୍ଟ ଶ୍ରୀମତୀ ମମତା ସାମନ୍ତରାୟ ଯୁଗ୍ମ ଭାବେ ପ୍ରଦର୍ଶନୀର ଶୁଭ ଉଦ୍ଘାଟନ କରିଥିଲେ।

କାର୍ଯ୍ୟକ୍ରମରେ ଶକୁନ୍ତଳା ଆର୍ଟ ଗ୍ୟାଲେରୀର ନିର୍ଦ୍ଦେଶକ ଓ ବରିଷ୍ଠ ଚିତ୍ରଶିଳ୍ପୀ ଜନାର୍ଦ୍ଦନ ପରମଗୁରୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସେ କହିଥିଲେ ଯେ, ସମକାଳୀନ ଚିତ୍ରକଳାର ବିଭିନ୍ନ ଭାବଧାରାକୁ ଏକ ମଞ୍ଚରେ ଆଣିବା ସହ ନୂତନ ଓ ପ୍ରତିଷ୍ଠିତ ଶିଳ୍ପୀଙ୍କ ମଧ୍ୟରେ ସୃଜନଶୀଳ ସଂଳାପ ସୃଷ୍ଟି କରିବା ହେଉଛି ଏହି ପ୍ରଦର୍ଶନୀର ମୂଳ ଉଦ୍ଦେଶ୍ୟ।

ଉଦ୍ଘାଟକ ଅତିଥି ଶ୍ରୀ ସଙ୍ଗ୍ରାମ ମହାରଣା ତାଙ୍କ ଅଭିଭାଷଣରେ କହିଥିଲେ ଯେ, କଳା କେବଳ ସୌନ୍ଦର୍ଯ୍ୟର ଅଭିବ୍ୟକ୍ତି ନୁହେଁ, ଏହା ସମାଜ, ସମୟ ଓ ମାନବୀୟ ଚେତନାର ଦର୍ପଣ। ଶ୍ରୀମତୀ ମମତା ସାମନ୍ତରାୟ ଓଡ଼ିଶାର ଚିତ୍ରକଳା ଜଗତରେ ନୂତନ ପିଢ଼ିର ଶିଳ୍ପୀମାନଙ୍କ ସୃଜନଶୀଳ ଅବଦାନକୁ ପ୍ରଶଂସା କରିବା ସହ ଏପରି ପ୍ରଦର୍ଶନୀ କଳାଚର୍ଚ୍ଚାକୁ ସମୃଦ୍ଧ କରିଥାଏ ବୋଲି ମତ ପ୍ରକାଶ କରିଥିଲେ।

‘Chasing Shadows’ ଶୀର୍ଷକ ଅନୁରୂପ ପ୍ରଦର୍ଶନୀରେ ଆଲୋକ ଓ ଛାୟାର ଦାର୍ଶନିକ ସମ୍ପର୍କ, ପ୍ରକୃତିର ରୂପବୈଚିତ୍ର୍ୟ, ମାନବୀୟ ଅନୁଭୂତି, ସାମାଜିକ ପରିବର୍ତ୍ତନ, ଆଧ୍ୟାତ୍ମିକ ଚେତନା ଏବଂ ଓଡ଼ିଆ ସଂସ୍କୃତିର ବିଭିନ୍ନ ଦିଗକୁ ଚିତ୍ରଭାଷାରେ ଉପସ୍ଥାପନ କରାଯାଇଛି। ବାସ୍ତବବାଦ, ଅର୍ଦ୍ଧ-ଅମୂର୍ତ୍ତ ଓ ସମକାଳୀନ ଶୈଳୀର ଅନେକ କଳାକୃତି ଦର୍ଶକମାନଙ୍କୁ ବିଶେଷ ଭାବରେ ଆକର୍ଷିତ କରୁଛି।

ଏହି ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିବା ଶିଳ୍ପୀମାନେ ହେଲେ,ଅରୁଣ ଜେନା, ଅତସୀ ବସୁ ଜେନା, ବିଜୟ ମଲ୍ଲିକ, ଦୀପକ ବିଶ୍ୱାଳ, ଡ଼. ଦୁର୍ଗା ମାଧବ କର, ଡ଼. ପଞ୍ଚାନନ ସାମଲ, ଜନାର୍ଦ୍ଦନ ପରମଗୁରୁ, ଜ୍ୟୋତ୍ସ୍ନାରାଣୀ ବିଶ୍ୱାଳ, ନମିତା ସାହୁ, ନିରୋଦନଳିନୀବେହେରା, ପ୍ରଦୀପକୁମାରପାଣ୍ଡେ, ପ୍ରିୟଦର୍ଶିନୀ ମହାନ୍ତି, ରାଜେଶ ନାୟକ, ଶିବନାରାୟଣ ମହାପାତ୍ର, ସନ୍ତୋଷ ମହାରଣା ଏବଂ ତେଜସ୍ୱିନୀ ସାମନ୍ତସିଂହାର। ପ୍ରଦର୍ଶନୀଟି ୨୮ ଜୁନରୁ ୨ ଜୁଲାଇ ୨୦୨୬ ପର୍ଯ୍ୟନ୍ତ ପ୍ରତିଦିନ ସକାଳ ୧୧ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଖୋଲା ରହିବ। କଳାପ୍ରେମୀ, ସଂଗ୍ରାହକ, ଛାତ୍ରଛାତ୍ରୀ ଓ ସାଧାରଣ ଦର୍ଶକମାନଙ୍କୁ ପ୍ରଦର୍ଶନୀ ପରିଦର୍ଶନ କରିବାକୁ ଆୟୋଜକ ସୁଦର୍ଶନ ପରମଗୁରୁଙ୍କ ପକ୍ଷରୁ ଆମନ୍ତ୍ରଣ ଜଣାଯାଇଛି।

## ଫିରିଙ୍ଗିଆରେ କୁଇ ପୁସ୍ତକ ଉନ୍ମୋଚନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ



ଫୁଲବାଣୀ,୨୮।୬(ସଂଚାର ବ୍ୟୁରୋ)ଃ କନ୍ଧମାଳ ଜିଲ୍ଲାର ଫିରିଙ୍ଗିଆସ୍ଥିତ ଆଦିବାସୀ ସଂସ୍କୃତି ଭବନ ପ୍ରାଙ୍ଗଣରେ ରବିବାର କୁଇ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାର-ପ୍ରସାର ଉଦ୍ଦେଶ୍ୟରେ କୁଇ ପୁସ୍ତକ ଉନ୍ମୋଚନ ଓ ବର୍ଣ୍ଣାଢ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆଡମ୍ବରପୂର୍ଣ୍ଣ ଭାବେ ଅନୁଷ୍ଠିତ ହୋଇଯାଇଛି।କୁଇ ଭାଷା ସାହିତ୍ୟ ସମିତି, ଓଡ଼ିଶା, କୁଇ ସମାଜ ଯୁବ ପରିଷଦ କନ୍ଧମାଳ, କୁଇ ସମାଜ ସେବା ସମିତି ଫୁଲବାଣୀ, ନିଖିଳ ଉତ୍କଳ କୁଇ ସମାଜ ୟୁନିୟନ ଜି.ଉଦୟଗିରି ଏବଂ କୁଇ କୁଳ ସମିତି ବାଲିଗୁଡ଼ା ର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

କାର୍ଯ୍ୟକ୍ରମରେ ପିତାମ୍ବର ଭୋଇ, ଅତିରିକ୍ତ କମିଶନର, ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ କାର୍ଯ୍ୟାଳୟ, ବ୍ରହ୍ମପୁର ମୁଖ୍ୟ ଅତିଥି ଭାବେ ଯୋଗଦେଇ କୁଇ ଭାଷା ଓ ସାହିତ୍ୟର ସଂରକ୍ଷଣ ସହ ନୂତନ ପିଢ଼ି ମଧ୍ୟରେ ଏହାର ପ୍ରସାର ପାଇଁ ସମସ୍ତଙ୍କୁ ଆହ୍ୱାନ କରିଥିଲେ। ମୁଖ୍ୟ ବକ୍ତା ଭାବେ ବିରସେନ ପ୍ରଧାନ, ସଚିବ, ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ କାର୍ଯ୍ୟାଳୟ, ବ୍ରହ୍ମପୁର ଯୋଗଦେଇ ମାତୃଭାଷାର ବିକାଶ ଓ ସଂରକ୍ଷଣର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଗୁଣନିଧି ମଲ୍ଲିକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ବଲାଙ୍ଗୀର, ମନୋଜ କୁମାର ପ୍ରଧାନ, ସଭାପତି, ଆଦିବାସୀ ମହାସଂଘ, କନ୍ଧମାଳ, ନରେଶ କହଁର, ସେକ୍ସନ ଅଫିସର, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଏବଂ ଦେବାଶିଷ କହଁର, ଶ୍ରମ ଅଧିକାରୀ, ଫୁଲବାଣୀ ଯୋଗଦେଇ ଅଭିଭାଷଣ ରଖିଥିଲେ।

କାର୍ଯ୍ୟକ୍ରମରେ କୁଇ କବି ଶ୍ରୀ ଚଙ୍ଗଲା କହଁରଙ୍କ ରଚିତ ‘ତାର୍କାଲି’, କୁଇ କବି ବିଶ୍ରବା ପ୍ରଧାନଙ୍କ ରଚିତ ‘ରଗସି ଆକେ ସା’ଞ୍ଜା ଲୁଙ୍ଗୁରି’, କୁଇ କବି ସୁଦର୍ଶନ କହଁରଙ୍କ ରଚିତ ‘କୁଇ ଦିନା ଗା’ଣି’, ଗଙ୍ଗାଧର ପ୍ରଧାନଙ୍କ ରଚିତ ‘କୁଇ ବାକେଣୀ ଏଙ୍ଗା ଡ’ଗ’ ପୁସ୍ତକ ସହ ‘କୁଇ ଦିନା ଡିଟି’ ପତ୍ରିକାର ମଧ୍ୟ ଉନ୍ମୋଚନ କରାଯାଇଥିଲା।